
# ଧରିତ୍ରୀ
DHARITRI

ପୃଷ୍ଠା-୧୨+୮

ଭୁବନେଶ୍ୱର, ସୋମବାର, ମେ ୨୦/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Monday, May 20/2024 | Page 20 | ₹ 7.00 | BALASORE

୫୦ଶ ଭାଗ ୧୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 175 | ମୂଲ୍ୟ ₹୭/-





## ସଂକ୍ଷେପରେ

### ୟୁକ୍ରେନ୍‌ର ୧୦୩ ଡ୍ରୋନ୍, ୧୨ ମିଶାଇଲ୍ ଖସାଇଲା ରୁଷିଆ

**ମସ୍କୋ,୧୯।୫:** ରୁଷିଆର ଏୟାର ଡିଫେନ୍ସ ଗତ ୨୪ ଘଣ୍ଟା ମଧ୍ୟରେ ୟୁକ୍ରେନ୍‌ର ୧୦୩ଟି ଡ୍ରୋନ୍ ଓ ୧୨ଟି ଆମେରିକା ନିର୍ମିତ ଏଟିଏସିଏମ୍‌ଏସ ମିଶାଇଲ ଖସାଇଥିବା ରବିବାର ଦାବି କରିଛି। ୟୁକ୍ରେନ୍ ସୈନ୍ୟ କ୍ରିମିଆ ଉପରକୁ ୯ଟି କ୍ଷେପଣାସ୍ତ୍ର ମାଡ଼ କରିବା ସହ ରୁଷୀୟ ଅଞ୍ଚଳକୁ ୬୦ଟି ଡ୍ରୋନ୍ ଛାଡ଼ିଥିଲେ ବୋଲି ମସ୍କୋର ଜଣେ ଅଧିକାରୀ ପୂର୍ବରୁ କହିଥିଲେ। ଫଳରେ ଦକ୍ଷିଣ ଭାଗରେ ଥିବା ଏକ ତୈଳ ବିଶୋଧନାଗାରକୁ ରୁଷିଆ ବନ୍ଦ କରିବାକୁ ବାଧ୍ୟ ହୋଇଛି।

### ପ୍ରେମିକାଙ୍କ ପରିବାରର ୫ ଜଣଙ୍କୁ ହତ୍ୟାକରି ଆତ୍ମହତ୍ୟା

**ରାୟପୁର, ୧୯।୫:** ଛତିଶଗଡ଼ର ସାରଙ୍ଗଗଡ଼-ବିଲାଇଗଡ଼ ଜିଲାର ଥରଗାଁଓ ଗ୍ରାମର ମନୋଜ ସାହୁ(୩୦) ମୀରା ସାହୁଙ୍କୁ ଏକତରଫା ଭଲ ପାଉଥିଲେ। ମନୋଜଙ୍କ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାରୁ ରବିବାର ମୀରାଙ୍କ ସମେତ ତାଙ୍କ ଶାଶୁ, ଶ୍ୱଶୁର, ନଣନ୍ଦ ଓ ୫ ବର୍ଷୀୟ ପୁଅ ଆୟୁଷଙ୍କୁ ସେ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ଏହାପରେ ମନୋଜ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଇଞ୍ଜିନ୍‌ରେ ନିଆଁ: ବିମାନର ଜରୁରୀ ଅବତରଣ

**ବେଙ୍ଗାଲୁରୁ,୧୯।୫:** ବେଙ୍ଗାଲୁରୁରୁ ୧୭୯ ଯାତ୍ରୀ ଓ ୬ କ୍ରିଉ ମେମ୍ବରଙ୍କୁ ନେଇ କୋଚିନ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଆଇଏକ୍ସ ୧୧୩୨ ବିମାନର ଗୋଟିଏ ଇଞ୍ଜିନ୍‌ରେ ନିଆଁ ଲାଗିଯାଇଥିଲା। ଶନିବାର ରାତି ୧୦.୪୯ରେ ବିମାନଟି ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦର ଛାଡ଼ିଥିଲା। କିଛି ସମୟ ପରେ ଇଞ୍ଜିନ୍‌ରେ ନିଆଁ ଲାଗିଥିବା ଜଣାପଡ଼ିବାରୁ ପାଇଲଟ୍ ଏହାକୁ ଫେରାଇ ଆଣି ଉକ୍ତ ବିମାନବନ୍ଦରରେ ଜରୁରୀ ଅବତରଣ କରାଇଥିଲେ। ସମସ୍ତ ଯାତ୍ରୀ ଓ କର୍ମଚାରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ବିମାନଟି ଛାଡ଼ିବା ପରେ ପରେ ଏହାର ଡାହାଣ ପାର୍ଶ୍ୱରେ ଥିବା ଇଞ୍ଜିନ୍‌ରେ ନିଆଁ ଲାଗିଥିଲା ବୋଲି ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ମୁଖପାତ୍ର କହିଛନ୍ତି।

# ପ୍ରତ୍ୟର୍ପଣ ନା ମୁକ୍ତି, ଆଜି ନିଷ୍ପତ୍ତି

**ହଟଚମଟ ସୃଷ୍ଟିକାରୀ ୱେବ୍‌ସାଇଟ୍ ୱିକିଲିକ୍ସର ପ୍ରତିଷ୍ଠାତା ଜୁଲିଅନ୍ ଅସାଞ୍ଜ ବ୍ରିଟେନ୍‌ରୁ ଆମେରିକାକୁ ନିଜ ପ୍ରତ୍ୟର୍ପଣ ରୋକିବା ପାଇଁ ଲଢୁଥିବା ମାମଲାର ଶୁଣାଣି ଗତ ଫେବୃଆରୀ ୨୧ରେ ଶେଷ ହୋଇଥିଲା। ଲଣ୍ଡନ୍ ହାଇକୋର୍ଟ ଏହାର ଚୂଡ଼ାନ୍ତ ରାୟ ସୋମବାର ଶୁଣାଇବେ। ୫୨ ବର୍ଷୀୟ ଅସାଞ୍ଜଙ୍କୁ ପ୍ରତ୍ୟର୍ପଣ କରାଯିବ ନା ଅଦାଲତ ଦୋଷମୁକ୍ତ କରିବେ, ତା' ଉପରେ ସାରା ବିଶ୍ୱର ନଜର କେନ୍ଦ୍ରୀଭୂତ ହୋଇଛି। କାରଣ ଆମେରିକା ପକ୍ଷରୁ ଅଣାଯାଇଥିବା ଗୁପ୍ତଚରଗିରି ଅଭିଯୋଗ ପ୍ରମାଣିତ ହେଲେ ୨୪ ଘଣ୍ଟା ମଧ୍ୟରେ ଅସାଞ୍ଜଙ୍କୁ ପ୍ରତ୍ୟର୍ପଣ କରିବାକୁ ପଡ଼ିବ। ଆମେରିକାକୁ ନିଆଗଲେ ସ୍ୱାମୀଙ୍କୁ ସେଠାରେ ହତ୍ୟା କରାଯାଇପାରେ ବୋଲି ତାଙ୍କ ସ୍ତ୍ରୀ ଷ୍ଟେଲା ଅସାଞ୍ଜ ଆଶଙ୍କା ବ୍ୟକ୍ତ କରିଛନ୍ତି।**

ଲଣ୍ଡନ,୧୯।୫


ଜୁଲିଆନ୍ ଅସାଞ୍ଜ

୧୯୭୧ ଜୁଲାଇ ୩ରେ ଜନ୍ମିତ ଅଷ୍ଟ୍ରେଲୀୟ ନାଗରିକ ଜୁଲିଅନ୍ ଅସାଞ୍ଜ ଜଣେ ସମ୍ପାଦକ, ପ୍ରକାଶକ ଓ ଆକ୍ଟିଭିଷ୍ଟ। ୨୦୦୬ରେ ସେ ୱିକିଲିକ୍ସ ପ୍ରତିଷ୍ଠା କରିଥିଲେ। ଯୌନ ଉତ୍ପୀଡ଼ନ ମାମଲାରେ ସୁଇଡେନ୍‌କୁ ପ୍ରତ୍ୟର୍ପଣ ଏଡ଼ାଇବା ପାଇଁ ଅସାଞ୍ଜ ଇକ୍ୱେଡୋରର ଲଣ୍ଡନ ଦୂତାବାସରେ ୭ ବର୍ଷ ରହିଥିଲେ। ସେଠାରୁ ୨୦୧୯ରେ ତାଙ୍କୁ ଗିରଫ କରାଯାଇଥିଲା। ସେହିବର୍ଷ ଏପ୍ରିଲରୁ ଦକ୍ଷିଣପୂର୍ବ ଲଣ୍ଡନସ୍ଥିତ ହାଇସିକ୍ୟୁରିଟି ବେଲମର୍ଶ ଜେଲରେ ବନ୍ଦୀ ଜୀବନ ବିତାଉଛନ୍ତି।

୨୦୧୦ରେ ଜୁଲିଅନ୍ ଅସାଞ୍ଜ ୱିକିଲିକ୍ସରେ ବହୁ ଚାଞ୍ଚଲ୍ୟକର ତଥ୍ୟପ୍ରଘଟ କରିଥିଲେ। ସେଥିରେ ଇରାକ୍ ଓ ଆଫଗାନିସ୍ତାନରେ ଆମେରିକା ନେତୃତ୍ୱାଧୀନ ଯୁଦ୍ଧ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଥିଲା। ୱାଶିଂଟନ୍ ଏହାକୁ ଆମେରିକୀୟ ଗୁପ୍ତଚର ଆଇନର ଉଲ୍ଲଂଘନ ବୋଲି ଦର୍ଶାଇଥିଲା। ଏଥିଯୋଗୁ ବହୁ ଲୋକଙ୍କ ଜୀବନ ବିପନ୍ନ ହୋଇଥିବା ଅଭିଯୋଗ ଆଣି ଆମେରିକା ତାଙ୍କ ବିରୋଧରେ ମାମଲା ଚଳାଇଛି। ଏହାର ଶୁଣାଣି ପାଇଁ ଅସାଞ୍ଜଙ୍କୁ ପ୍ରତ୍ୟର୍ପଣ କରିବାକୁ ବ୍ରିଟେନ୍ ନିକଟରେ ଦାବି କରିଥିଲା। ପ୍ରତ୍ୟର୍ପଣ ଉପରେ ଲଣ୍ଡନର ରୟାଲ କୋର୍ଟ ଅଫ୍ ଜଷ୍ଟିସ୍‌ରେ ଶୁଣାଣି ବେଳେ ଅସାଞ୍ଜ ଅସୁସ୍ଥ ଥିବା ଦର୍ଶାଇ କୋର୍ଟରେ ହାଜର ହୋଇ ନ ଥିଲେ। ଲଣ୍ଡନ୍ ହାଇକୋର୍ଟର ୨ ଜଣିଆ ଖଣ୍ଡପୀଠ ସୋମବାର ରାୟ ଶୁଣାଇବେ। ଆମେରିକାକୁ ପ୍ରତ୍ୟର୍ପଣ କରାଗଲେ ସେଠାରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇପାରେ। ତେବେ ଅସାଞ୍ଜଙ୍କୁ ହାଇକୋର୍ଟ ଦୋଷମୁକ୍ତ ଘୋଷଣା କରିପାରନ୍ତି ବୋଲି ତାଙ୍କ ଓକିଲ ଟିମ୍ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ଅସାଞ୍ଜଙ୍କୁ ପ୍ରତ୍ୟର୍ପଣ କରାଯାଇପାରେ ଅଥବା ମୁକ୍ତ କରାଯାଇପାରେ। ବର୍ତ୍ତମାନ ସ୍ଥିତିରେ କିଛି ମଧ୍ୟ ଘଟିପାରେ ବୋଲି ତାଙ୍କ ସ୍ତ୍ରୀ ଷ୍ଟେଲା କହିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ବେଳେ ଅସାଞ୍ଜ କୋର୍ଟରେ ଉପସ୍ଥିତ ରହିବା ନେଇ ଷ୍ଟେଲା ଆଶାବାଦୀ ଥିବା କହିଛନ୍ତି। ଇତିମଧ୍ୟରେ ଅସାଞ୍ଜଙ୍କ ବିରୋଧରେ ଥିବା ୧୮ଟି ମାମଲା ବନ୍ଦ କରାଯାଉ ବୋଲି ଆମେରିକା ଉପରେ ଆଭ୍ୟନ୍ତରୀଣ ତଥା ଅନ୍ତର୍ଜାତୀୟ ଚାପ ବଢ଼ିବାରେ ଲାଗିଛି। ଭର୍ଜିନିଆର ଫେଡେରାଲ କୋର୍ଟରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳରେ ଏହି ମାମଲା ରୁଜୁ ହୋଇଥିଲା। ପ୍ରମୁଖ ଗଣମାଧ୍ୟମ ଏବଂ ପ୍ରେସ୍ ସ୍ୱାଧୀନତା ପାଇଁ ଓକିଲାତି କରୁଥିବା ଅଷ୍ଟ୍ରେଲୀୟ ସଂସଦ ମଧ୍ୟ ୧୯୭୧ ଗୁପ୍ତଚର ଆଇନ ବଳରେ ରୁଜୁ ମାମଲାଗୁଡ଼ିକରୁ ଅସାଞ୍ଜଙ୍କୁ ମୁକ୍ତ କରିବା ପାଇଁ ଦାବି କରିଆସୁଛି।

### ଜୁଲିଆନ୍ ଅସାଞ୍ଜଙ୍କ ୧୩ ବର୍ଷର ଆଇନଗତ ଲଢ଼େଇ




### ହଷ୍ଟେଲରେ ଏମ୍‌ପିପିଏସ୍‌ସି ନିଯୁକ୍ତି ଆଶାୟୀଙ୍କ ରହସ୍ୟଜନକ ମୃତ୍ୟୁ

ଇନ୍ଦୋର,୧୯।୫

ମଧ୍ୟପ୍ରଦେଶ ଜନସେବା ଆୟୋଗ (ଏମ୍‌ପିପିଏସ୍‌ସି) ନିଯୁକ୍ତି ଆଶାୟୀ ପୁନିତ୍ ଦୁବେ (୨୧)ଙ୍କର ଝୁଲନ୍ତା ମୃତଦେହ ଶୁକ୍ରବାର ରାତିରେ ଇନ୍ଦୋରସ୍ଥିତ ତାଙ୍କ ହଷ୍ଟେଲ ପ୍ରକୋଷ୍ଠରୁ ମିଳିଛି। ସେ ଶାଢ଼ି ପିନ୍ଧିବା ସହ ମହିଳା ବେଶଭୂଷାରେ ଥିଲେ ଓ ତାଙ୍କ ଆଖିରେ ପଟି ବନ୍ଧାଯାଇଥିବା ପୋଲିସ ଦେଖିବାକୁ ପାଇଛି। ପୋଲିସ ମାମଲା ରୁଜୁ କରି ଉଭୟ ମୃତ୍ୟୁ ଓ ଆତ୍ମହତ୍ୟା ଦିଗକୁ ନେଇ ତଦନ୍ତ ଚଳାଇଛି। ୨ ବର୍ଷ ହେଲା ପୁନିତ୍ ଇନ୍ଦୋରରେ ରହି ଏମ୍‌ପିପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ସେ ଇନ୍ଦୋର ରଣଜିତ ସିଂ କଲେଜର ବିଏସ୍‌ସି ଦ୍ୱିତୀୟ ବର୍ଷ ଛାତ୍ର।

### ଆଇସ୍‌କ୍ରିମ ମ୍ୟାନ୍ ରଘୁନନ୍ଦନ କାମାଥଙ୍କ ପରଲୋକ




ମୁମ୍ବାଇ, ୧୯।୫

ଭାରତରେ ଆଇସ୍‌କ୍ରିମ୍ ମ୍ୟାନ୍ ଭାବେ ପରିଚିତ ନାଚୁରାଲ ଆଇସ୍‌କ୍ରିମର ପ୍ରତିଷ୍ଠାତା ରଘୁନନ୍ଦନ କାମାଥ(୭୦)ଙ୍କର ରବିବାର ପରଲୋକ ହୋଇଯାଇଛି। ସେ ମୁମ୍ବାଇର ଏଚ୍.ଏନ୍. ରିଲାଏନ୍ସ ଫାଉଣ୍ଡେଶନ ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। କର୍ଣ୍ଣାଟକର ମାଙ୍ଗାଲୁରସ୍ଥିତ କ୍ୱିଣ୍ଟ ଗ୍ରାମରେ ଜଣେ ଆମ୍ବ ବ୍ୟବସାୟୀଙ୍କ ଘରେ ତାଙ୍କର ଜନ୍ମ। ମାତ୍ର ୧୪ ବର୍ଷ ବୟସରେ ସେ ମୁମ୍ବାଇ ଚାଲିଆସି ନିଜ ଭାଇଙ୍କ ରେଷ୍ଟୁରାଣ୍ଟରେ କାମ କରିବା ଆରମ୍ଭ କରିଥିଲେ। ୧୯୮୪ରେ ମାତ୍ର ୪ ଜଣ କର୍ମଚାରୀ ଓ ୧୨ ପ୍ରକାର ଆଇସ୍‌କ୍ରିମ୍ ଫ୍ଲେଭର ସହ ସେ ନାଚୁରାଲ ଆଇସ୍‌କ୍ରିମ୍‌ର ପ୍ରତିଷ୍ଠା କରିଥିଲେ। ଉତ୍କୃଷ୍ଟ ସ୍ୱାଦ ହେତୁ ଏହି ଆଇସ୍‌କ୍ରିମ୍‌କୁ ଲୋକେ ବେଶ୍ ପସନ୍ଦ କରିଥିଲେ ଏବଂ ସମୟକ୍ରମେ ନାଚୁରାଲ ଆଇସ୍‌କ୍ରିମ୍‌ର ଲୋକପ୍ରିୟତା ବୃଦ୍ଧି ପାଇଥିଲା।

## ରାହୁଲ, ଅଖିଳେଶଙ୍କ ସଭାରେ ଦଳାଚକଟା ସ୍ଥିତି


ଉତ୍ତରପ୍ରଦେଶର ଫୁଲପୁରରେ ରବିବାର ଅନୁଷ୍ଠିତ ରାଲିରେ ରହୁଲ ଗାନ୍ଧୀଙ୍କ ସହ ଅଖିଳେଶ ଯାଦବ।

ପ୍ରୟାଗରାଜ,୧୯।୫(ପି.ଟି.)

### ଭାଷଣ ନ ଦେଇ ଫେରିଗଲେ ୨ ନେତା

ଉତ୍ତରପ୍ରଦେଶ ଫୁଲପୁର ନିର୍ବାଚନମଣ୍ଡଳୀର ପଡ଼ିଲାଠାରେ ରବିବାର କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଓ ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ମିଳିତ ନିର୍ବାଚନୀ ରାଲିରେ ପ୍ରବଳ ଜନସମାଗମ ଯୋଗୁ ଦଳାଚକଟା ସ୍ଥିତି ଉପୁଜିଥିଲା। ଫଳରେ ଏହି ୨ ନେତାଙ୍କୁ ଭାଷଣ ନ ଦେଇ ସଭାସ୍ଥଳ ଛାଡ଼ିବାକୁ ପଡ଼ିଛି। ସମର୍ଥକମାନେ ବ୍ୟାରିକେଡ୍ ଭାଙ୍ଗି ମଞ୍ଚ ପାଖରେ ପହଞ୍ଚିବାକୁ ଉଦ୍ୟମ କରିବାରୁ ସୁରକ୍ଷାକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ପୋଲିସ କହିବା ଅନୁଯାୟୀ, ଅଖିଳେଶ ମଞ୍ଚରେ ପହଞ୍ଚିବା ମାତ୍ରେ ଲୋକେ ବ୍ୟାରିକେଡ୍ ଭାଙ୍ଗି ତାଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ କରିଥିଲେ। ଫଳରେ ଦଳାଚକଟା ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଲୋକମାନଙ୍କୁ ଫେରିଯିବା ପାଇଁ ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ ସେମାନେ ଶୁଣି ନ ଥିଲେ। ସୁରକ୍ଷା ଅଧିକାରୀମାନଙ୍କ ପରାମର୍ଶକ୍ରମେ ରାହୁଲ ଏବଂ ଅଖିଳେଶ ପରସ୍ପର କଥା ହୋଇ ମଞ୍ଚ ଛାଡ଼ିଥିଲେ। ସୁରକ୍ଷା କର୍ମୀମାନେ ସେମାନଙ୍କୁ ଚାରିପଟୁ ଘେରି ସୁରକ୍ଷିତ ଭାବେ ନେଇଯାଇଥିଲେ। ଫୁଲପୁର ଆସନର ଏସ୍‌ପି ପ୍ରାର୍ଥୀ ଅମରନାଥ ମୌର୍ଯ୍ୟଙ୍କ ସମର୍ଥନରେ ଉକ୍ତ ରାଲିର ଆୟୋଜନ ହୋଇଥିଲା। ପରେ ଉଭୟ ନେତା ପ୍ରୟାଗରାଜର ଅନ୍ୟ ଏକ ରାଲିରେ ଯୋଗ ଦେଇଥିଲେ।

### ଶିକ୍ଷକଙ୍କ ଚାପୁଡ଼ାରେ ଆଂଶିକ ଶ୍ରବଣ ଶକ୍ତି ହରାଇଲେ ଛାତ୍ର

ବଲିଆ, ୧୯।୫

ଉତ୍ତରପ୍ରଦେଶର ବଲିଆ ଜିଲା ପିପ୍ରାଉଲି ବରହଗାଁଓସ୍ଥିତ ଏକ ଘରୋଇ ସ୍କୁଲରେ ଶିକ୍ଷକଙ୍କ ମାଡ଼ରେ ପ୍ରତୀକ(୧୪) ନାମକ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଶ୍ରବଣ ଶକ୍ତି ଆଂଶିକ ନଷ୍ଟ ହୋଇଛି। ସ୍କୁଲରେ ଗଣିତ ପଢ଼ାହେଉଥିବାବେଳେ ସହପାଠୀଙ୍କ ସହ କଥା ହେଉଥିବା ପ୍ରତୀକଙ୍କ କାନକୁ ଶିକ୍ଷକ ଚାପୁଡ଼ା ମାରିଥିଲେ। ଫଳରେ ପ୍ରତୀକଙ୍କ ଡାହାଣ କାନର ପରଦା ଫାଟି ଯାଇଛି ଏବଂ ତାଙ୍କୁ ଶୁଣିବାରେ ଅସୁବିଧା ହେଉଛି ବୋଲି ରବିବାର ପ୍ରତୀକଙ୍କ ବାପା ପ୍ରବୀଣ କୁମାର ଥାନାରେ ଅଭିଯୋଗ କରିଛନ୍ତି। ପ୍ରବୀଣଙ୍କ ଅଭିଯୋଗ ଆଧାରରେ ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ବୃଦ୍ଧଙ୍କୁ ଉଲଗ୍ନକରି ବାଇକ୍‌ରେ ଘୋଷାଡ଼ିଲେ

ଗରହ୍ୱା,୧୯।୫

### ଗୋରୁ ଚୋରାଚାଲାଣ ଅଭିଯୋଗ

ଝାଡ଼ଖଣ୍ଡର ଗରହ୍ୱା ଜିଲାରେ ଗୋରୁ ଚୋରାଚାଲାଣ ସନ୍ଦେହରେ ଜଣେ ୬୦ ବର୍ଷୀୟ ବ୍ୟକ୍ତିଙ୍କୁ ଉଲଗ୍ନ କରାଯାଇ ମୋଟରସାଇକେଲରେ ବାନ୍ଧି ଘୋଷାଡ଼ିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ୩ ଅଭିଯୁକ୍ତ ବୃଦ୍ଧଙ୍କୁ କିଛିବାଟ ଘୋଷାଡ଼ିବା ପରେ ରାସ୍ତାରେ ଛାଡ଼ିଦେଇ ପଳାଇଥିଲେ। ରାଜଧାନୀ ରାଞ୍ଚିଠାରୁ ୨୭୫ କିଲୋମିଟର ଆମ୍ରୋରା ଗ୍ରାମ ନିକଟରେ ଏହି ଘଟଣା ଘଟିଛି। ସୁରସ୍ୱାତି ରାମ ନାମକ ବ୍ୟକ୍ତି ଶୁକ୍ରବାର ଅପରାହ୍ନରେ ନିଜର ଗୋରୁଙ୍କୁ ନେଇ ବଂଶୀଧରନଗର ଉନ୍ତାରୀ ଯାଉଥିବାବେଳେ ସେ ଗୋରୁ ଚୋରାଚାଲାଣ କରୁଥିବା ସନ୍ଦେହ କରି ୩ ଜଣ ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ ଏତଲା ଦାଏର ହୋଇଥିବା ବଂଶୀଧରନଗର ଉନ୍ତାରୀ ଏସ୍‌ଡିପିଓ କହିଛନ୍ତି। ସୁରସ୍ୱାତୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଅନ୍ୟମାନଙ୍କୁ ଖୋଜୁଛି।

## କିର୍ଗିଜସ୍ତାନରେ ଫସିଛନ୍ତି ଭାରତୀୟ ଛାତ୍ର, ଘରେ ବନ୍ଦ ରଖାଯାଇଛି

ପୁଣେ/ହାଇଦ୍ରାବାଦ,୧୯।୫

କିର୍ଗିଜସ୍ତାନ ରାଜଧାନୀ ବିଶ୍‌କେକ୍‌ରେ ସ୍ଥାନୀୟ ଲୋକଙ୍କ ହିଂସାର ଶିକାର ହୋଇଥିବା ଭାରତୀୟ ଛାତ୍ରମାନେ ସେମାନଙ୍କ ଅସୁବିଧା ବର୍ଣ୍ଣନା କରିଛନ୍ତି। ସେମାନଙ୍କୁ ନିଜ କୋଠରିରେ ବନ୍ଦକରି ରଖାଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକ ପରୀକ୍ଷାକୁ ସ୍ଥଗିତ ରଖିଥିବାବେଳେ ଅଧିକାଂଶ ଛାତ୍ର ସ୍ୱଦେଶ ଫେରିଆସିବାକୁ ମନବଳାଇଛନ୍ତି। କିର୍ଗିଜସ୍ତାନରେ ପ୍ରାୟ ୧୦,୦୦୦ ଛାତ୍ରୀଛାତ୍ର ପଢୁଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଡାକ୍ତରୀ ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରୁଛନ୍ତି। ମହାରାଷ୍ଟ୍ର ବିଡ୍ ଅଞ୍ଚଳର ଜଣେ ଦ୍ୱିତୀୟ ବର୍ଷ ଏମ୍‌ବିବିଏସ୍ ଛାତ୍ର କହିଛନ୍ତି, ଶୁକ୍ରବାର ରାତିରେ ତାଙ୍କ ଘରଠାରୁ ୨.୫ କି.ମି. ଦୂରରେ ଥିବା ଏକ ହଷ୍ଟେଲରେ ଆକ୍ରମଣ ହୋଇଥିଲା। ଆକ୍ରମଣର ଭିଡିଓ କ୍ଲିପ୍ ପ୍ରସାରିତ କରାଇ ଭୟର ବାତାବରଣ ସୃଷ୍ଟି କରାଯାଇଛି। ୨୪ ଘଣ୍ଟା ହେଲା ସେମାନଙ୍କ ହଷ୍ଟେଲ ଅନ୍ଧାରରେ ରହିଥିବା ଇନ୍ଦୋରର ଜଣେ ତୃତୀୟ ବର୍ଷ ଏମ୍‌ବିବିଏସ୍ ଛାତ୍ର କହିଛନ୍ତି। ସେମାନେ ଜଳଖିଆ ଖାଇବାକୁ କ୍ୟାଣ୍ଟିନ୍ ମଧ୍ୟ ଯାଇପାରୁ ନାହାନ୍ତି। କଲେଜ ପ୍ରଶାସନ ହଷ୍ଟେଲକୁ ଖାଦ୍ୟ ପଠାଉଛନ୍ତି। ପିଲାମାନଙ୍କୁ ଘରୁ ନ ବାହାରିବାକୁ କୁହାଯାଇଛି। ସ୍ଥିତିରେ ଶୀଘ୍ର ଉନ୍ନତି ନ ଆସିଲେ ସେମାନେ ଭୋକରେ ମରିବେ ବୋଲି କହିଛନ୍ତି। ଜଣେ ଛାତ୍ର ଉପରେ ଆକ୍ରମଣ ପରେ ଅନ୍ୟମାନେ ହଷ୍ଟେଲରୁ କଲେଜ ଯିବାକୁ ଡରୁଛନ୍ତି। ଆମେ ଭାରତ ଫେରିଯିବାକୁ ଚାହୁଁ ବୋଲି ଇନ୍ଦୋର ଛାତ୍ର ଜଣକ କହିଛନ୍ତି। ସୂଚନାଯୋଗ୍ୟ, ସ୍ଥାନୀୟ ଯୁବକ ଓ ଇଜିପ୍ଟ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ପରେ ପାକିସ୍ତାନୀ ଓ ଭାରତୀୟ ଛାତ୍ର ସ୍ଥାନୀୟ ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲେ। ପିଲାଙ୍କ ରଙ୍ଗକୁ ନେଇ ସେମାନଙ୍କୁ ଟାର୍ଗେଟ କରାଯାଇଥିଲା। ଶନିବାର ହେବାକୁ ଥିବା ସେମିଷ୍ଟର ପରୀକ୍ଷାକୁ ସ୍ଥଗିତ ରଖାଯାଇଥିବା ଦ୍ୱିତୀୟ ବର୍ଷ ଏମ୍‌ବିବିଏସ୍ ଛାତ୍ର ଇନ୍‌ସିୟା ହୁସେନ କହିଛନ୍ତି। ପ୍ରାଇଭେଟ ଘରେ ରହୁଥିବା ଛାତ୍ରୀମାନଙ୍କୁ ସୁରକ୍ଷା ଦୃଷ୍ଟିରୁ ୟୁନିଭର୍ସିଟି ହଷ୍ଟେଲକୁ ନିଆଯାଇଥିବା ତେଲଙ୍ଗାନା ନାଲଗୋଣ୍ଡାର ଜଣେ ଛାତ୍ରୀ କହିଛନ୍ତି।

## ଫୁରସତ୍

# ସ୍କୁଲରେ ପଢୁଛନ୍ତି ୮ ଯୋଡ଼ା ଯାଆଁଳା



**ଆଇଜଲ:** ସାଧାରଣତଃ ଯାଆଁଳା ଭାଇ ଓ ଭଉଣୀଙ୍କ ଚେହେରା ସମାନ ହୋଇଥିବା ସମସ୍ତେ ଜାଣିଛନ୍ତି। କିନ୍ତୁ ଯଦି ଗୋଟିଏ କିମ୍ବା ଦୁଇଟି ନୁହେଁ, ବରଂ ଆଠ ଯୋଡ଼ା ଯାଆଁଳା ଛାତ୍ରୀଛାତ୍ରଙ୍କୁ ଏକ ବିଦ୍ୟାଳୟରେ ଏକାଠି ଦେଖାଯାଏ, ତେବେ ଏହାକୁ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଜନକ ଘଟଣା କୁହାଯିବ। ମିଜୋରାମର ରାଜଧାନୀ ଆଇଜଲର ସରକାରୀ କଲେଜ ଭେଙ୍ଗ ପ୍ରାଥମିକ ବିଦ୍ୟାଳୟରେ ମୋଟ୍ ୮ ଯୋଡ଼ା ଯାଆଁଳା ଛାତ୍ରୀଛାତ୍ର ପଢୁଥିବା ଜଣାପଡ଼ିଛି, ଯାହା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। ସୋସିଆଲ ମିଡିଆରେ ଏହି ୮ ଯୋଡ଼ା ଯାଆଁଳାଙ୍କ ଫଟୋ ଏବେ ଭାଇରାଲ ହେଉଛି।

ଏତେ ସଂଖ୍ୟକ ଯାଆଁଳା ଛାତ୍ରୀଛାତ୍ରଙ୍କୁ ପାଇ ବିଦ୍ୟାଳୟରେ ସମସ୍ତେ ବେଶ୍ ଖୁସି ଥିବା ପ୍ରଧାନଶିକ୍ଷକ ଏଚ୍ ଲାଲଭେଣ୍ଟଲୁଆଙ୍ଗା କହିଛନ୍ତି। ପୂର୍ବରୁ ମଧ୍ୟ ଏହି ବିଦ୍ୟାଳୟରେ ଯାଆଁଳା ଛାତ୍ରୀଛାତ୍ର ପଢୁଥିବା ବେଳେ ଚଳିତ ବର୍ଷର ନାମ ଲେଖା ପରେ ସର୍ବାଧିକ ଯୋଡ଼ା ଯାଆଁଳା ଛାତ୍ରୀଛାତ୍ର ପଢୁଥିବା ମାମଲାରେ ଏହି ବିଦ୍ୟାଳୟ ରେକର୍ଡ ସୃଷ୍ଟି କରିଛି। ଗତବର୍ଷ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ୪ ଯୋଡ଼ା ଯାଆଁଳା ଛାତ୍ରୀଛାତ୍ର ପଢୁଥିବାବେଳେ ଚଳିତବର୍ଷର ନାମଲେଖା ପରେ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀଗୃହରେ ୮ ଯୋଡ଼ା ଯାଆଁଳା ଛାତ୍ରୀଛାତ୍ର ପଢୁଥିବା ଲାଲଭେଣ୍ଟଲୁଆଙ୍ଗା କହିଛନ୍ତି।

ତେବେ ଏହି ସ୍କୁଲରେ ପଢୁଥିବା ୮ ଯୋଡ଼ା ଯାଆଁଳାମାନଙ୍କ ମଧ୍ୟରେ ଏକ ଭଲ ଲିଙ୍ଗଗତ ସନ୍ତୁଳନ ମଧ୍ୟ ରହିଥିବା ପ୍ରଧାନଶିକ୍ଷକ ଲାଲ୍‌ଭେଣ୍ଟଲୁଆଙ୍ଗା କହିଛନ୍ତି। ଯେଉଁଥିରେ ଗୋଟିଏ ଯୋଡ଼ା ଯାଆଁଳା ଭାଇ ଭଉଣୀ, ୪ ଯୋଡ଼ା ଯାଆଁଳା ଭଉଣୀ ଏବଂ ୩ ଯୋଡ଼ା ଯାଆଁଳା ଭାଇ ରହିଛନ୍ତି। ସ୍କୁଲର କେଜି-୧ ଶ୍ରେଣୀରେ ଦୁଇ ଯୋଡ଼ା ଯାଆଁଳା ଭାଇ, ଗୋଟିଏ ଯୋଡ଼ା ଯାଆଁଳା ଭାଇ ଭଉଣୀ ଓ ଗୋଟିଏ ଯୋଡ଼ା ଯାଆଁଳା ଭଉଣୀ ପଢୁଛନ୍ତି। ସେହିପରି କେଜି-୨ ଶ୍ରେଣୀରେ ଗୋଟିଏ ଯୋଡ଼ା ଯାଆଁଳା ଭାଇ ପଢୁଛନ୍ତି। ପ୍ରଥମ ଶ୍ରେଣୀରେ ଗୋଟିଏ ଯୋଡ଼ା ଯାଆଁଳା ଭାଇ ଓ ଆଉ ଏକ ଯୋଡ଼ା ଯାଆଁଳା ଭଉଣୀ ପଢୁଥିବାବେଳେ ଦ୍ୱିତୀୟ ଶ୍ରେଣୀରେ ଗୋଟିଏ ଯୋଡ଼ା ଯାଆଁଳା ଭଉଣୀ ପଢୁଥିବା ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି।

## କଲେଜରେ ବିଶୃଙ୍ଖଳିତ ଥିଲେ ଅକ୍ଷୟ



**ମୁମ୍ବାଇ:** ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଚଳଚ୍ଚିତ୍ର ଯେତିକି ମଜାଦାର, ବାସ୍ତବ ଜୀବନରେ ସେ ସେତେମାତ୍ରାରେ ଅନୁଶାସିତ ହୋଇଥିବା ସମସ୍ତେ ଜାଣିଛନ୍ତି। ସେ ସକାଳୁ ଉଠି ନିୟମିତ ବ୍ୟାୟାମ ଓ କସରତ କରିବା ସହ ଠିକ୍ ସମୟରେ ଶୁଟିଂ ସେଟ୍‌ରେ ପହଞ୍ଚିବା ଏବଂ ଠିକ୍ ସମୟରେ କାର୍ଯ୍ୟ ଶେଷ କରିଥାନ୍ତି ବୋଲି ସମସ୍ତେ ଜାଣନ୍ତି। କିନ୍ତୁ ଅକ୍ଷୟ ତାଙ୍କ ଛାତ୍ର ଜୀବନରେ ଏତେ ମାତ୍ରାରେ ଅନୁଶାସିତ ନ ଥିଲେ। ସେତେବେଳେ ସେ ଅନ୍ୟ ଛାତ୍ରମାନଙ୍କ ପରି ମଉଜମସ୍ତି କରିବାକୁ ପସନ୍ଦ କରୁଥିଲେ ବୋଲି ନିକଟରେ ଏକ ସାକ୍ଷାତ୍‌କାର ଦେବା ସମୟରେ ଅକ୍ଷୟ କହିଛନ୍ତି।

ଅକ୍ଷୟଙ୍କୁ ଏକ ସାକ୍ଷାତ୍‌କାରରେ ତାଙ୍କ କଲେଜ ଜୀବନ ବିଷୟରେ ପଚରାଯାଇଥିଲା। ଏହାର ଉତ୍ତରରେ ସେ ତାଙ୍କ କଲେଜ ଜୀବନରେ ଅନେକ ବାର ଲଢ଼େଇ ଝଗଡା କରିଥିବା କହିଛନ୍ତି। ଅମୃତସରର ଖାଲସା କଲେଜରେ ପଢୁଥିବାବେଳେ ସହପାଠୀ ଓ ଅନ୍ୟ ଛାତ୍ରମାନଙ୍କ ସହ ତାଙ୍କର ବିଭିନ୍ନ ପ୍ରସଙ୍ଗକୁ ନେଇ ଯୁକ୍ତିତର୍କ, ଝଗଡ଼ା ଓ ମାରପିଟ ଆଦି ହେଉଥିବା ଅକ୍ଷୟ କହିଛନ୍ତି। ବେଳେବେଳେ ଯଦି କେହି ତାଙ୍କ ବନ୍ଧୁଙ୍କୁ ଖରାପ କଥା କହିଲା କିମ୍ବା ତାଙ୍କ ବନ୍ଧୁଙ୍କ ପ୍ରେମିକାଙ୍କୁ କମେଣ୍ଟ ମାରିଲା ଏପରି ସ୍ଥଳେ ସେ ରାଗିଯାଇ କଲେଜ ମଧ୍ୟରେ ବହୁ ଯୁକ୍ତିତର୍କ ଓ ଝଗଡ଼ା କରୁଥିଲେ। କଲେଜରେ ପଢୁଥିବା ବେଳେ ସେ ମାର୍ଶଲ ଆର୍ଟ ଶିଖୁଥିଲେ ବୋଲି ଅକ୍ଷୟ ଏହି ସାକ୍ଷାତ୍‌କାରରେ କହିଛନ୍ତି। ସେ ଦ୍ୱାଦଶ ଶ୍ରେଣୀ ପଢ଼ା ସାରିବା ପରେ ମାର୍ଶଲ ଆର୍ଟରେ ତାଲିମ ନେବା ପାଇଁ ଥାଇଲାଣ୍ଡ ଚାଲିଯାଇଥିଲେ। ଏହାପରେ ସେ ମୁମ୍ବାଇ ଫେରି ମଡେଲିଂ ଜଗତରେ ପ୍ରବେଶ କରିଥିବା ଅକ୍ଷୟ କହିଛନ୍ତି। ଏହି ସମୟରେ ସେ ବିଭିନ୍ନ ଶୁଟ୍‌ରେ ଭାଗ ନେଉଥିଲେ ଏବଂ ଏହାରି ଭିତରେ ତାଙ୍କୁ ପ୍ରଥମ ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ସୂଚନାଯୋଗ୍ୟ, କିଛି ଦିନ ତଳେ ଅକ୍ଷୟଙ୍କୁ ଅଭିନେତା ଟାଇଗର ଶ୍ରଫଙ୍କ ସହ ବଡେ ମିୟାଁ ଛୋଟେ ମିୟାଁ ଫିଲ୍ମରେ ଦେଖିବାକୁ ମିଳିଥିଲା।

ଧରିତ୍ରୀ 50 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ମେ ୨୦/୨୦୨୪ | Bhubaneswar, Monday, May 20/2024 | ପୃଷ୍ଠା-୧



ବଲାଙ୍ଗୀର ଲୋକ ସଭା ଆସନରେ ସୋମବାର ଭୋଟ ଗ୍ରହଣ ହେବାକୁ ଥିବାବେଳେ ରବିବାର ଏକ 'ସଖୀ' ବୁଥ୍‌କୁ ମହିଳା ପୋଲିଂ କର୍ମଚାରୀମାନେ ବାହାରିଛନ୍ତି।

# ଆଜି ୩୦୫ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

**ଭୁବନେଶ୍ୱର, ୧୯।୫(ଅସମାପିକା ସାହୁ)**

ଦେଶରେ ୫ମ ଏବଂ ରାଜ୍ୟରେ ୨ୟ ପର୍ଯ୍ୟାୟ ନିର୍ବାଚନ ସୋମବାର ଅନୁଷ୍ଠିତ ହେବ। ୫ ଲୋକ ସଭା ଆସନ ବରଗଡ଼, ବଲାଙ୍ଗୀର, ସୁନ୍ଦରଗଡ଼, ଆସିକା ଏବଂ କନ୍ଧମାଳ ଏବଂ ଏହି ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ୩୫ ବିଧାନସଭା ଆସନରେ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସମସ୍ତ ବୁଥ୍‌ରେ ପ୍ରିଜାଇଡିଂ ଏବଂ ପୋଲିଂ ଅଧିକାରୀ ପହଞ୍ଚି ଯାଇଛନ୍ତି। ସକାଳ ୭ଟାରୁ ମତଦାନ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ୫ଟି ସଂସଦୀୟ କ୍ଷେତ୍ରରେ ୪୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ୩୫ ବିଧାନସଭା ଆସନ ପାଇଁ ୨୬୫ ପ୍ରାର୍ଥୀ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୪୧ ମହିଳା ପ୍ରାର୍ଥୀ ଥିବା ବେଳେ ୨୨୪ଜଣ ପୁରୁଷ ପ୍ରାର୍ଥୀ ରହିଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୭୯,୬୯,୮୮୭ ମତଦାତା ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୪୦,୩୩,୯୯୨ ପୁରୁଷ, ୩୯,୩୫,୦୪୪ ମହିଳା ଓ ୮୫୧ ତୃତୀୟଲିଙ୍ଗୀ ଭୋଟର ରହିଛନ୍ତି। ଏମାନଙ୍କ ମଧ୍ୟରେ ୨,୧୩,୧୨୯ ଜଣ ୧୮-୧୯ ବର୍ଷ ବୟସର ପ୍ରଥମଥର ମତଦାତା, ୨୦-୨୯ ବର୍ଷ ବୟସର ୧୬,୯୮,୫୧୬ ଜଣ ଯୁବ ମତଦାତା ରହିଛନ୍ତି। ସେହିଭଳି ୫୫,୮୮୨ ଜଣ ☞ପୃଷ୍ଠା-୨

| ଲୋକ ସଭା | ବିଧାନସଭା |
|---|---|
| ବରଗଡ଼ | ପଦମ୍‌ପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲୀ, ବ୍ରଜରାଜନଗର, ଝାରସୁଗୁଡ଼ା |
| ସୁନ୍ଦରଗଡ଼ | ତଳସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲ୍ଲୀ, ରାଉରକେଲା, ରାଜଗାଙ୍ଗପୁର, ବଣାଇ |
| ବଲାଙ୍ଗୀର | ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ଼, ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାବାଞ୍ଜି |
| କନ୍ଧମାଳ | ବାଲିଗୁଡ଼ା, ଜି.ଉଦୟଗିରି, ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା, ଭଞ୍ଜନଗର |
| ଆସିକା | ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି,ହିଞ୍ଜିଳି |

ଆଜିର ସମ୍ପାଦକୀୟ ସଙ୍କୁଚିତ ସ୍ୱାଧୀନତା







**ଆଜିର ମନ୍ତବ୍ୟ**

"ବିରୋଧୀ ଦଳ ନେତାମାନେ ଭୋଟ ବ୍ୟାଙ୍କ ହରାଇବା ଭୟରେ ଅଯୋଧ୍ୟା ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ଗଲେ ନାହିଁ। କିନ୍ତୁ ଭାଜପା ତୁଷ୍ଟୀକରଣ ରାଜନୀତିରେ ବିଶ୍ୱାସ କରେନାହିଁ। **-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୧୩ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ଜଳଯାତ୍ରା ଓ ଅଗ୍ନି ସ୍ଥାପନ, ସ୍ଥାନ: ବାଲିଅନ୍ତା ବ୍ଲକ ପାରିବାସୁଦେଇପୁର ଗ୍ରାମର ନୃସିଂହନାଥ ମନ୍ଦିର ପରିସର, ସମୟ: ସକାଳ ୯ଟା।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପ୍ରଫେସର କରୁଣାସାଗର ବେହେରାଙ୍କ ୧୬ଶ ବାର୍ଷିକ ଶ୍ରାଦ୍ଧୋତ୍ସବ, ସ୍ଥାନ: ପ୍ରତିଷ୍ଠାନ ପରିସର, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟାର୍ଚ୍ଚନା ପକ୍ଷରୁ ଗୁରୁ ଦେବପ୍ରସାଦ ଦାସ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଉଦୟରାଗ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଭାଜପାର ପରିବର୍ତ୍ତନ ଆହ୍ୱାନ ସମାବେଶ, ସ୍ଥାନ: କଟକ ଉପରବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ପୁରୀ
- ତାରିଣୀ ମା'ଙ୍କ ୧୮ତମ ଜନ୍ମ ବାର୍ଷିକୋତ୍ସବ, ସ୍ଥାନ: ଗଡ଼ନିଆଁଗୋରଡ଼ା, ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ପ୍ରଧାନମନ୍ତ୍ରୀଙ୍କ ଶ୍ରୀ ମନ୍ଦିର ପରିଦର୍ଶନ ସହ ରୋଡ଼ ଶୋ' କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ମନ୍ଦିର, ସମୟ: ସକାଳ ୭ଟା।
- ମୋଦିଙ୍କ ଗସ୍ତ ଅବସରରେ ମାଗଣା ଚା' ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପୌରସଦନ ଛକ, ସମୟ: ସକାଳ ୮ଟା।
- ମା' କୋଶଳେଇଙ୍କ ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ ଏବଂ ନଗର କୀର୍ତ୍ତନ, ସ୍ଥାନ: ଝାମ୍ପୁଲାକୁଦ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନୀ ସଭା, ସ୍ଥାନ: ପଞ୍ଚସଖା ଖେଳପଡ଼ିଆ, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା
- ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଷଡ଼ବିଂଶତମ ବାର୍ଷିକୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞର କଳସ ଯାତ୍ରା, ସ୍ଥାନ: ଶ୍ରୀଶ୍ରୀଜଗନ୍ନାଥଙ୍କ ଦାରୁ ପ୍ରାପ୍ତିସ୍ଥଳ, ଦଧିମାଛଗାଡ଼ିଆ, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଶନିଶ୍ଚର ଦେବଙ୍କ ପୀଠରେ ବାର୍ଷିକୋତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବେଗୁନିଆ ଉପକଣ୍ଠ କୋଦୁଅବେରେଣୀ, ସମୟ: ସକାଳ ୯ଟା ଏବଂ ପୂର୍ଣ୍ଣାହୁତି, ସମୟ: ଅପରାହ୍ନ ୪ଟା।

ଶ୍ରୀରାମ ଲୀଳା ନାଟକ ଉତ୍ସବ, ସ୍ଥାନ: ରାମଲୀଳା ସ୍ଥଳୀ, ଛତ୍ରପଡ଼ା (ବେଗୁନିଆ), ସମୟ: ସନ୍ଧ୍ୟା ୮ଟା।

## ଭଦ୍ରକ
- ବିଜେଡିର ବାଇକ୍ ଶୋଭାଯାତ୍ରା ଓ ଆଶୀର୍ବାଦ ସମାବେଶ, ସ୍ଥାନ: ଭାଟପଡ଼ା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ କର୍ମୀ ବୈଠକ, ସ୍ଥାନ: ରହଣିଆ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ବିଜେଡିର ଆଶୀର୍ବାଦ ସମାବେଶ, ସ୍ଥାନ: ସିନ୍ଦୋଳ, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ବିଜେଡିର ଆଶୀର୍ବାଦ ସମାବେଶ, ସ୍ଥାନ: ମୁକୁନ୍ଦପୁର, ତିହିଡ଼ି, ସମୟ: ରାତି ୮ଟା।

## କେନ୍ଦୁଝର
- କେନ୍ଦ୍ର କୃଷିମନ୍ତ୍ରୀ ତଥା ଭାଜପା ନେତା ଅର୍ଜୁନ ମୁଣ୍ଡାଙ୍କ ନିର୍ବାଚନୀସଭା, ସ୍ଥାନ: କେନ୍ଦ୍ରୀୟ ଖେଳପଡ଼ିଆ, ବାମେବାରି, ଯୋଡ଼ା, ସମୟ: ସକାଳ ୯ଟା।
- ବିଜେଡିର ବିଭିନ୍ନ ପଞ୍ଚାୟତରେ ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ବିଡିଓଙ୍କ ବିଭିନ୍ନ ବୁଥ୍‌ରେ ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ହାଟଡିହୀ, ସମୟ: ଅପରାହ୍ନ ୩ ଟା।
- ବିଜେଡିର ଆଦିବାସୀ ଅଞ୍ଚଳରେ ଘରକୁ ଘର ବୁଲି ନିର୍ବାଚନ ପ୍ରଚାର ଏବଂ ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ : ଅପରାହ୍ନ ୪ଟା।

## ମୟୂରଭଞ୍ଜ
- କଂଗ୍ରେସର ବୁଥ୍‌ସ୍ତରୀୟ କର୍ମୀ ବୈଠକ,ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଗଡିଗାଁ ପଞ୍ଚାୟତ, ସମୟ:ସକାଳ ୮ଟା।
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ବିଇଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ, ସ୍ଥାନ: ମାନସ ଭବନ, ସମୟ-ଅପରାହ୍ନ ୫ଟା।

## ରାୟଗଡ଼ା
- ଘଣ୍ଟ ପର୍ବରେ ଗ୍ରାମଦେବତା ରାତ୍ନା ଲାମାଙ୍କ ଗ୍ରାମ ପରିକ୍ରମା, ସ୍ଥାନ: ଝିଞ୍ଜିଲିବାଡ଼ି, ପେଣ୍ଟା ପଞ୍ଚାୟତ, ରାୟଗଡ଼ା, ସମୟ: ଅପରାହ୍ନ ୫ଟା।

## କୋରାପୁଟ
- ମକା ସଂଗ୍ରହ ନେଇ ବୈଠକ, ସ୍ଥାନ: ବୋରିଗୁମ୍ମା ବ୍ଲକର ସାନମାଝିଗୁଡା ଗ୍ରାମ,ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ସ୍କୁଲ ପରିସର, ସମୟ: ସକାଳ ୮ଟା। ସ୍ଥାନ : ପୁରୁଣା ମୁନିସିପାଲିଟୀ କାର୍ଯ୍ୟାଳୟ ପରିସର, ସମୟ : ସକାଳ ୯ଟା।
- ଚନ୍ଦ୍ରଶେଖର ବେହେରା ଜୟନ୍ତୀ -ଓଡ଼ିଶା ସାଂସ୍କୃତିକ ସମାଜ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ୩୦। -କୁଲୁଥକାନୀ ନାଗରିକ କମିଟି ସ୍ଥାନ : କୁଲୁଥକାନୀ କମ୍ୟୁନିଟି ସେଣ୍ଟର, ସମୟ : ସନ୍ଧ୍ୟା ୭ଟା।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା।

## ବରଗଡ଼
- ଶ୍ରୀ ଶ୍ରୀ ନୃସିଂହନାଥଙ୍କ ଜନ୍ମୋତ୍ସବ ଓ ବୈଶାଖ ମେଳା, ସ୍ଥାନ: ନୃସିଂହନାଥ ମନ୍ଦିର, ପାଇକମାଳ, ସମୟ: ସକାଳ ୭ଟା।
- ନବଦିନାତ୍ମକ ରାମାୟଣ ପାରାୟଣ, ସ୍ଥାନ: ସରଣ୍ଡା ଶିବ ମନ୍ଦିର ପ୍ରାଙ୍ଗଣ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ତାରିଣୀ ମନ୍ଦିର ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ମଠ ସାହି, ଦେବଗଡ଼ ସହର, ସମୟ: ସକାଳ ୯ଟା।
- ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଜୟ ସଂକଳ୍ପ ସମାବେଶ, ସ୍ଥାନ: ବାରକୋଟ ବ୍ଲକ, ବମପରଡ଼ା, ସମୟ: ମଧ୍ୟାହ୍ନ ୧୨ଟା୩୦।

## କଳାହାଣ୍ଡି
- କର୍ତ୍ତବ୍ୟ ଅନୁଷ୍ଠାନ ପକ୍ଷରୁ ଉନ୍ନତ ଚାଷ ସମ୍ପର୍କରେ କର୍ମଶାଳା, ସ୍ଥାନ: ଜୁନାଗଡ଼, ହୋଟେଲ ଓରିଅନ, ସମୟ: ପୂର୍ବାହ୍ନ ୧୦ଟା।
- ଧବଳେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: ନୂଆଗୁଡା, ଜୁନାଗଡ଼ ବ୍ଲକ, ସମୟ: ପୂର୍ବାହ୍ନ୧୦ଟା ୩୫।
- ଚନ୍ଦନ ଯାତ୍ରା ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମସ୍ଥିତ ଆୟୁର୍ବେଦ ସେବାସଦନ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା
- ଷୋହଳପ୍ରହର ନାମଯଜ୍ଞ ଭୋଗ ଅର୍ପଣ, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାମକେଡା ଗାଁ, ସମୟ: ପ୍ରାତଃ ୫ଟା ୩୦।
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳପ୍ରହର ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡ଼ିଆଳ ବ୍ଲକ ଗଡ଼ରାମୁଣ୍ଡା, ସମୟ: ସକାଳ ୭ଟା।
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ କାଣ୍ଡେତାରା ଗାଁ, ସମୟ: ଅପରାହ୍ନ ୨ଟା ୧୫।
- ଷୋହଳପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: ଖଡ଼ିଆଳ ବ୍ଲକ ସାନମମେଶ୍ୱରର ତିଖାଲି ଗ୍ରାମ, ସମୟ: ଅପରାହ୍ନ ୫ଟା।

## ଅନୁଗୋଳ
- ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଅନୁଗୋଳ, ସମୟ: ସକାଳ ୮ ଟା।
- ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ, ବନ୍ତଳା, ସମୟ: ସକାଳ ୯ଟା।
- ନିର୍ବଚନ ପାଇଁ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ସଭା, ସ୍ଥାନ: ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନାଲ୍‌କୋ, ସମୟ : ପୂର୍ବାହ୍ନ ୧୦ଟା ୫।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା, ସ୍ଥାନ: ଅନୁଗୋଳ ସର୍କିଟ୍ ହାଉସ୍, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ନିର୍ବାଚନ ପ୍ରଚାର, ସ୍ଥାନ: ଛେଣ୍ଡିପଦା, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରଘୁନାଥପୁର ବ୍ଲକ ଗୁଆଲିପୁର ପଞ୍ଚାୟତ ବନବିହାରି ମହାପୁରୁଷ ଗଜା ଗୋସେଇଁ ପବିତ୍ର ପୀଠ, ସମୟ: ସକାଳ ୬ଟା।
- ମା'ଦଖିଣେଶ୍ୱରୀ ଦେବୀ ପୀଠରେ ଚାରିଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରଘୁନାଥପୁର ବ୍ଲକ ପୂରଣ ଓଡ଼ପଡାସ୍ଥିତ ଦଖିଣେଶ୍ୱରୀ ମନ୍ଦିର, ଅଙ୍କୁରାରୋପଣ ସମୟ: ରାତି ୮ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ବାରମାଣିଆ ବଟମହାପୁରୁଷ ପୀଠ, ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ:ଅପରାହ୍ନ ୫ଟା।

## ଯାଜପୁର
- ବିସ୍ଥାପିତ ଜମିହରା କ୍ଷତିଗ୍ରସ୍ତ ବିଚାର ମଞ୍ଚ ପକ୍ଷରୁ କଳିଙ୍ଗନଗର ଟାଟା ଷ୍ଟିଲ ଏବଂ ନୀଳାଚଳ କାରଖାନା ସମ୍ମୁଖରେ ଅର୍ଥନୈତିକ ଅବରୋଧ ଆନ୍ଦୋଳନ, ସ୍ଥାନ : କାରଖାନା ସମ୍ମୁଖ, ସମୟ : ସକାଳ ୬ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା,ସ୍ଥାନ : ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ,ସମୟ : ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା,ସ୍ଥାନ : ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ,ସମୟ : ସକାଳ ୭ଟା।
- ବିଜେଡି ଯୁବ ଛାତ୍ର ସମାବେଶ,ସ୍ଥାନ : ଯାଜପୁର ରୋଡ ଚୋର୍ଦ୍ଦା କାଳିମେଲଣ ପଡ଼ିଆ, ସମୟ : ଅପରାହ୍ନ ୫ଟା।
- ୧୮ତମ ସପ୍ତସତୀ ଚଣ୍ଡୀ ମହାଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ମା' ପଳାଶବୁଡ଼ି ପୀଠ, ସମୟ: ରାତି ୮ଟା।

## ନୟାଗଡ଼
- କଣ୍ଟିଲୋ ନୀଳମାଧବ ଜୀଉଙ୍କର ଚନ୍ଦନ ଯାତ୍ରାର ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ଏକାଦଶ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ:ଅପରାହ୍ନ ୫ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ଏକାଦଶ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀରାମ ସାଗର,ସମୟ:ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ଏକାଦଶ ଦିବସ, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ:ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ସକାଶେ ଅନ୍ୟମନସ୍କତା ଯୋଗୁ କେତେକ ବ୍ୟତିକ୍ରମ ଆଶଙ୍କା ରହିଛି। ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ। ପାରିବାରିକ କ୍ଷେତ୍ରରେ ଆର୍ଥିକ ଅଭାବକୁ ପୂରଣ କରିବା ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଅପରିଚିତ ବ୍ୟକ୍ତି ଜଣକ ସକାଶେ କିମ୍ବା ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ।

**ବୃଷ** ଅନ୍ୟମାନଙ୍କ ଭୁଲ ସକାଶେ ନିଜକୁ ଦାୟୀ ହେବାକୁ ପଡ଼ିପାରେ, କିନ୍ତୁ ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। କୃତ୍ତିକା ନକ୍ଷତ୍ର ଅଭାବ ପୂରଣ ଦିଗରେ ସହକର୍ମୀଙ୍କୁ ଅନୁରୋଧ କରିପାରନ୍ତି। ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଆଲୋଚନା ଅବକାଶରେ ବନ୍ଧୁମାନଙ୍କ ଗହଣରେ ଅପ୍ରିୟ ସତ୍ୟ କହି ସମାଲୋଚିତ ହେବେ।

**ମିଥୁନ** ଆଜି ଦିନର ପ୍ରଥମାର୍ଦ୍ଧଟି ଭଲରେ କଟିବା ବେଳେ ଦ୍ୱିତୀୟାର୍ଦ୍ଧରେ ସମସ୍ୟା ଆସିବ। ପଡ଼ୋଶୀ ସହଯୋଗର ହାତ ବଢ଼ାଇବେ। ପୁରାତନ ରୋଗ ପୀଡ଼ା ବୃଦ୍ଧି ପାଇପାରେ। ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। କରଜ, ଭଡ଼ାସୂତ୍ରରୁ କିମ୍ବା ବନ୍ଧୁଙ୍କ ନିକଟରେ ରହିଥିବା ବକେୟା ଟଙ୍କା ପାଇପାରନ୍ତି।

**କର୍କଟ** ସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହୋଇପାରିବ। ଅଶ୍ଳେଷା ନକ୍ଷତ୍ର ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଶିଳ୍ପ, ବ୍ୟବସାୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବାକୁ ପଡ଼ିପାରେ।

**ସିଂହ** ପରିସ୍ଥିତିର ବିଷମତାକୁ ନେଇ ନକାରାତ୍ମକ ଚିନ୍ତାଧାରା ସୃଷ୍ଟିହେବ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇ ଗଲେ ମଧ୍ୟ ନୂତନବନ୍ଧୁ ଓ ସହଯୋଗ କିଛି କମିବନାହିଁ। ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ସାହିତ୍ୟଚର୍ଚ୍ଚା, ସଭାସମିତି, ସାମ୍ବାଦିକତା ଦିଗରୁ ସଫଳତା ମିଳିବ।

**କନ୍ୟା** କୌଣସି ବ୍ୟକ୍ତି ଫୁସୁଲାଫୁସୁଲି କରି ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିପାରନ୍ତି। ଆଲୋଚନା କିମ୍ବା ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ନିଜର ଅବହେଳାରୁ ଅନ୍ୟ ବାଟରେ ବ୍ୟୟ ହେବ। ଚିତ୍ରା ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ତୁଳା** ଗତକାଲିର ଅସମ୍ପୂର୍ଣ୍ଣ ଘରକାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲାଭଳି କାମ କରିବେ। ଅନ୍ୟର ଅସୁବିଧା ଦୂର କରିବା ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। ସ୍ୱାତୀ ନକ୍ଷତ୍ରର ପ୍ରକାଶନ, ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା** ଆଜି ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଜ୍ୟେଷ୍ଠା ନକ୍ଷତ୍ରର କାମଗୁଡ଼ିକ ସୁବିଧାରେ ନ ହେବା କାରଣରୁ ମାନସିକ ବ୍ୟଥା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ଚାତୁର୍ଯ୍ୟତା ବଳରେ କିମ୍ବା କୂଟନୀତି ପ୍ରୟୋଗ କରି ଅସାଧ୍ୟ ସାଧନ କରିବେ।

**ଧନୁ** ପାରିବାରିକ ଜୀବନରେ ବୁଝାମଣାର ଅଭାବ ଅଶାନ୍ତିର କାରଣ ହେବ। ମୂଳା ନକ୍ଷତ୍ର ସକାଶେ ଅବକାରୀ ବେପାରରେ ସମସ୍ୟା ଆଶଙ୍କା ଅଛି। ଖର୍ଚ୍ଚ ପରିମାଣ ବୃଦ୍ଧିପାଇଲେ ମଧ୍ୟ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ନ୍ୟାୟୋଚିତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ।

**ମକର** ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଶ୍ରବଣା ନକ୍ଷତ୍ରର ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ରାଜନୈତିକ କିମ୍ବା ସାଂସ୍କୃତିକ କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ।

**କୁମ୍ଭ** ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଶତଭିଷା ନକ୍ଷତ୍ରର ବ୍ୟବସାୟ କିମ୍ବା ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** ଆଜି ଉତ୍ତରଭାଦ୍ରବ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ପିଠି ଥାପୁଡ଼େଇ କାମ ହାସଲ କରିବେ। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ,ଏଣୁ ସତର୍କତା ଅବଲମ୍ବନ କରିବା ଭଲ। ଅନ୍ୟର କଥାକୁ ସତ ମନେକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

ଆଜି ମେ' ୨୦ ତାରିଖ, ବୈଶାଖ ଶୁକ୍ଳ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ସୋମବାର, ରାଶିନକ୍ଷତ୍ର- ଚିତ୍ରା/କନ୍ୟା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୮।୪୧ଗତେ, ଘ.୧୦।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା, ଦିବା ଘ.୦୬।୫୦ ଗତେ, ଘ.୦୮।୨୮ ମଧ୍ୟେ ରାହୁକାଳ।

# ନୂଆ ଆପରାଧିକ ଆଇନ ବିରୋଧରେ ପିଟିଶନ ଶୁଣାଣି ଆଜି

**ନୂଆଦିଲ୍ଲୀ,୧୯।୫(ପି.ଟି.)**

ଭାରତୀୟ ଦଣ୍ଡ ସଂହିତା ବଦଳରେ କେନ୍ଦ୍ର ସରକାର ଆଣିଥିବା ନୂଆ ଆପରାଧିକ ଆଇନକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନର ଶୁଣାଣି ସୋମବାର ହେବାକୁ ଯାଉଛି। ନୂଆ ଆଇନରେ ଅନେକ ତ୍ରୁଟି ଓ ପକ୍ଷପାତିତା ରହିଥିବା ପିଟିଶ୍‌ରେ ଦର୍ଶାଯାଇଥିଲା। ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ ଏବଂ ପଙ୍କଜ ମିଥାଲଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଆବେଦନର ଶୁଣାଣି କରିପାରନ୍ତି। ଗତବର୍ଷ ଡିସେମ୍ବର ୨୧ରେ ୩ ଆପରାଧିକ ବିଧେୟକ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ବିଲ୍ ଲୋକ ସଭାରେ ଗୃହୀତ ହୋଇ ୨୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମଞ୍ଜୁରୀ ପରେ ଆଇନରେ ପରିଣତ ହୋଇଥିଲା। ଭାରତୀୟ ଦଣ୍ଡ ସଂହିତା (ଆଇପିସି), ଆପରାଧିକ ପ୍ରକ୍ରିୟା ସଂହିତା (ସିଆର୍‌ପିସି) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ସ୍ଥାନରେ ତାହା ଲାଗୁ ହେବାକୁ ଯାଉଛି। ଉକ୍ତ ୩ ନୂଆ ଆଇନର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲାଗୁ କରିବା ପାଇଁ ଆଇନଜୀବୀ ବିଶାଳ ତିୱାରୀ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। ପାର୍ଲାମେଣ୍ଟର ଉଭୟ ଗୃହର ବହୁ ବିରୋଧୀ ସଦସ୍ୟ ନିଲମ୍ବିତ ଥିବାବେଳେ ଉପଯୁକ୍ତ ଆଲୋଚନା ବିନା ଉକ୍ତ ଆଇନ ଗୃହୀତ ହୋଇଥିବା ସେ ଦର୍ଶାଇଥିଲେ। ନୂଆ ଆପରାଧିକ ଆଇନର ବ୍ୟବହାର୍ଯ୍ୟତା ଆକଳନ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ ନିମନ୍ତେ ନିର୍ଦ୍ଦେଶ ଦେବାକୁ ଅଦାଲତଙ୍କୁ ନିବେଦନ କରାଯାଇଛି। ନୂଆ ଆପରାଧିକ ଆଇନ ଅଧିକ କଠୋର ଏବଂ ଏହା ବାସ୍ତବରେ ଏକ ପୋଲିସ ରାଷ୍ଟ୍ର ପ୍ରତିଷ୍ଠା କରିବା ସହ ଲୋକମାନଙ୍କ ମୌଳିକ ଅଧିକାରର ପ୍ରତ୍ୟେକ ବ୍ୟବସ୍ଥାର ଉଲ୍ଲଂଘନ କରିବ ବୋଲି ପିଟିଶନରେ ଉଲ୍ଲେଖ କରାଯାଇଛି।

# ଇଣ୍ଡିଆ ସ୍କିଲ୍ସ: ଓଡ଼ିଶାକୁ ୫୨ ପଦକ, ୧୫ ସ୍ୱର୍ଣ୍ଣ




**ଭୁବନେଶ୍ୱର, ୧୯।୫(ଅସମାପିକା ସାହୁ)**

ଜାତୀୟ ପ୍ରତିଯୋଗିତା 'ଇଣ୍ଡିଆ ସ୍କିଲ୍ସ-୨୦୨୪'ରେ ଓଡ଼ିଶାର ପ୍ରତିଯୋଗୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଟିମ୍ ଓଡ଼ିଶା ଏହି ପ୍ରତିଯୋଗିତାରେ ମୋଟ ୫୨ଟି ପଦକ ପାଇଛି। ରବିବାର ନୂଆଦିଲ୍ଲୀର ଯଶୋଭୂମିଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଫଳ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। କଠିନ ପରିଶ୍ରମ, ତ୍ୟାଗ ଫଳରେ ପ୍ରତିଯୋଗୀମାନେ ଏହି ସଫଳତା ପାଇଛନ୍ତି। ଏହି ବିଜୟ ସାରା ଓଡ଼ିଶାକୁ ଗୌରବାନ୍ୱିତ କରିଛି। ଭବିଷ୍ୟତରେ ସେମାନେ ଆହୁରି ସଫଳତା ଛୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ଦକ୍ଷତା ବିକାଶ

### ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ପ୍ରାଧିକରଣ ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଲକା ମିଶ୍ର ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମଶୀଳତା ମନ୍ତ୍ରଣାଳୟ ଅଧୀନ ଜାତୀୟ ଦକ୍ଷତା ବିକାଶ ନିଗମ(ଏନ୍‌ଏସ୍‌ଡିସି) ଦ୍ୱାରା ମେ ୧୫ରୁ 'ଇଣ୍ଡିଆ ସ୍କିଲ୍ସ' ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଚଳିତବର୍ଷ ଦେଶର ୯ଟି କେନ୍ଦ୍ରରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସହିତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ୯୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। 'ଓଡ଼ିଶା ସ୍କିଲ୍ସ'ରୁ ଶ୍ରେଷ୍ଠ ବିବେଚିତ ହୋଇଥିବା ୬୪ଜଣ ପ୍ରତିଯୋଗୀ 'ଇଣ୍ଡିଆ ସ୍କିଲ୍ସ-୨୦୨୪'ରେ ସାମିଲ ହୋଇଥିଲେ। ସେମାନଙ୍କ ଭିତରୁ ୫୨ଜଣ ଇଣ୍ଡିଆ ସ୍କିଲ୍ସରେ ପଦକ ପାଇଛନ୍ତି। ୧୫ଜଣ ସ୍ୱର୍ଣ୍ଣ ପାଇଥିବାବେଳେ ୧୬ଜଣ ରୌପ୍ୟ ଓ ୯ଜଣଙ୍କୁ ବ୍ରୋଞ୍ଜ ପଦକ ମିଳିଥିବାବେଳେ ୧୨ ଜଣଙ୍କୁ ମେଡାଲିୟନ ଅଫ୍ ଏକ୍ସଲେନ୍ସ ପୁରସ୍କାର ପ୍ରଦାନ କରାଯାଇଛି। 'ଇଣ୍ଡିଆ ସ୍କିଲ୍ସ'ରେ ମୋବାଇଲ ରୋବୋଟିକ୍ସ, ଇନ୍‌ଫରମେଶନ ନେଟ୍‌ୱର୍କ କେବଲିଂ, ଇଣ୍ଡଷ୍ଟ୍ରିଆଲ କଣ୍ଟ୍ରୋଲ, ମୋବାଇଲ ଆପ୍ଲିକେଶନ ଡେଭଲପ୍‌ମେଣ୍ଟ, ସାଇବର ସିକ୍ୟୁରିଟି ଆଦି ୪୮ଟି ସ୍କିଲ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର ସେପ୍ଟେମ୍ବରରେ ଫ୍ରାନ୍ସରେ ହେବାକୁ ଥିବା 'ୱାର୍ଲ୍ଡ ସ୍କିଲ୍ସ' ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇବେ।

**ପ୍ରଥମ ପୃଷ୍ଠାରୁ...**

## ଆଜି ୩୦୫ ପ୍ରାର୍ଥୀଙ୍କ ...

୮୫ ବର୍ଷରୁ ଉର୍ଦ୍ଧ୍ୱ ମତଦାତା, ୧,୮୧୨ ଜଣ ୧୦୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ମତଦାତା, ୧,୦୭,୮୨୩ ଜଣ ଭିନ୍ନକ୍ଷମ ମତଦାତା, ୪୬ ଜଣ ପ୍ରବାସୀ ମତଦାତା ଓ ୧୦,୬୩୦ ଜଣ ସର୍ଭିସ ଭୋଟର ରହିଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୯,୧୪୮ଟି ମତଦାନ କେନ୍ଦ୍ର ଓ ୧୪ଟି ଅତିରିକ୍ତ ମତଦାନ କେନ୍ଦ୍ର ରହିଛି। ୯,୧୪୮ ମତଦାନ କେନ୍ଦ୍ର ମଧ୍ୟରୁ ୧,୦୯୦ଟି ସହରାଞ୍ଚଳ ଓ ୮,୦୫୮ଟି ଗ୍ରାମାଞ୍ଚଳରେ ରହିଛି। ଏହା ମଧ୍ୟରେ ୧,୦୪୧ଟି ସମ୍ପୂର୍ଣ୍ଣ ରୂପେ ମହିଳା କର୍ମଚାରୀ ପରିଚାଳିତ 'ସଖୀ' ମତଦାନ କେନ୍ଦ୍ର, ୨୫ଟି 'ସମ୍ପୂର୍ଣ୍ଣ ରୂପେ ଭିନ୍ନକ୍ଷମ କର୍ମଚାରୀ ପରିଚାଳିତ ମତଦାନ କେନ୍ଦ୍ର ରହିଛି। ଏହି ପର୍ଯ୍ୟାୟରେ ମୋଟ ୧,୫୪୧ଟି ଆଦର୍ଶ ମତଦାନ କେନ୍ଦ୍ର (ମଡେଲ ବୁଥ) ରହିଛି। ଏହି ପର୍ଯ୍ୟାୟରେ ପ୍ରାୟ ୬୦ ହଜାରରୁ ଅଧିକ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ହିଞ୍ଜିଳି, କଣ୍ଟାବାଞ୍ଜି ଆସନରେ ହେବ ଭୋଟ

**ଭୁବନେଶ୍ୱର, ୧୯।୫(ଅସମାପିକା ସାହୁ):** ରାଜ୍ୟରେ ୨ୟ ପର୍ଯ୍ୟାୟ ନିର୍ବାଚନ ସୋମବାର ଅନୁଷ୍ଠିତ ହେବ। ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ଟି ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାରମ୍ପରିକ ଆସିକା ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ହିଞ୍ଜିଳି ନିର୍ବାଚନମଣ୍ଡଳୀ ସହିତ ବଲାଙ୍ଗୀର ଲୋକ ସଭା ଅନ୍ତର୍ଗତ କଣ୍ଟାବାଞ୍ଜି ବିଧାନସଭା ଆସନରୁ ପ୍ରଥମ ଥର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉଭୟ ଆସନରେ ଗୋଟିଏ ଦିନରେ ମତଦାନ ହେବାକୁ ଯାଉଛି। ହିଞ୍ଜିଳି ଆସନରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଭାଜପାରୁ ଶିଶିର ମିଶ୍ର ଏବଂ କଂଗ୍ରେସରୁ ରଜନୀକାନ୍ତ ପାଢ଼ୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି କଣ୍ଟାବାଞ୍ଜି ଆସନରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଭାଜପାରୁ ଲକ୍ଷ୍ମଣ ବାଗ୍ ଏବଂ କଂଗ୍ରେସରୁ ସନ୍ତୋଷ ସିଂ ସାଲୁଜା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

# ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

**ହାଇକୋର୍ଟରେ ପ୍ରଧାନମନ୍ତ୍ରୀ ଆବାସ ମାମଲା**

**କଟକ,୧୯।୫ (କାର୍ତ୍ତିକ ସାହୁ)**

ନୟାଗଡ଼ ଜିଲାରେ ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁ ନ ଥିବା ଅଭିଯୋଗକରି ରୁଜୁ ମାମଲାରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଆସନ୍ତା ୮ ସପ୍ତାହ ମଧ୍ୟରେ ଏନେଇ ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ, ନୟାଗଡ଼ ଜିଲାପାଳ, ଖଣ୍ଡପଡ଼ା ଓ ଗଣିଆ ବିଡିଓଙ୍କୁ ଉକ୍ତ ଗାଁଗୁଡ଼ିକର ମୌଳିକ ସମସ୍ୟା ସମାଧାନ ପାଇଁ କି ପ୍ରକାର ପଦକ୍ଷେପ ନେଇଛନ୍ତି ସତ୍ୟପାଠ ମାଧ୍ୟମରେ ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ଗଡ଼ିଆସାହି ପଞ୍ଚାୟତର ସାଧୁଆପଲି ଗ୍ରାମ ଏବଂ ଗଣିଆ ବ୍ଲକ ବଡ଼ସିଲିଙ୍ଗା ପଞ୍ଚାୟତର ମୁସିଗୁଡ଼ା, ସଲପଗଣ୍ଡା ଗ୍ରାମରେ ରାସ୍ତା, ବିଦ୍ୟୁତ୍ ଓ ଅଙ୍ଗନୱାଡ଼ି କେନ୍ଦ୍ରର ସୁବିଧା ଉପଲବ୍ଧ ନ ଥିବା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁ ନ ଥିବା ସଂକ୍ରାନ୍ତରେ ମାମଲାରେ ଦର୍ଶାଯାଇଛି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ ସଚିବ, ଶକ୍ତି ସଚିବ, ରାଜସ୍ୱ କମିଶନର, ନୟାଗଡ଼ ଜିଲାପାଳ, ଖଣ୍ଡପଡ଼ା ବିଡିଓ, ଗଣିଆ ବିଡିଓଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।

# ଭାରତୀୟ ବଂଶୋଦ୍ଭବ ଗୋପୀଚାନ୍ଦ ବ୍ରିଟେନ୍‌ର ଶ୍ରେଷ୍ଠ ଧନୀ


**ଲଣ୍ଡନ,୧୯।୫**



ଭାରତୀୟ ବଂଶୋଦ୍ଭବ ତଥା ହିନ୍ଦୁଜା ଗ୍ରୁପ୍‌ର ଅଧ୍ୟକ୍ଷ ଗୋପୀଚାନ୍ଦ ହିନ୍ଦୁଜା ବ୍ରିଟେନ୍‌ର ସନ୍‌ଡେ ଟାଇମ୍ସ ରିଚ୍ ଲିଷ୍ଟର ଶୀର୍ଷରେ ରହିଛନ୍ତି। ଉକ୍ତ ତାଲିକାରେ ବ୍ରିଟେନର ୧,୦୦୦ ସବୁଠୁ ଧନୀ ବ୍ୟକ୍ତି ତଥା ପରିବାରକୁ ସ୍ଥାନିତ କରାଯାଇଛି। କ୍ରମାଗତ ୬ ବର୍ଷ ହେଲା ହିନ୍ଦୁଜା ପରିବାର ବ୍ରିଟେନର ସବୁଠୁ ଧନୀ ପରିଚୟ ହାସଲ କରି ଆସିଛନ୍ତି। ୨୦୨୪ରେ ଗୋପୀଚାନ୍ଦଙ୍କ ସମ୍ପତ୍ତି ୨.୧୯୬ ବିଲିୟନ ପାଉଣ୍ଡ ବୃଦ୍ଧି ପାଇ ୩୭.୧୯୬ ବିଲିୟନ ପାଉଣ୍ଡରେ ପହଞ୍ଚିଛି। ଧନୀ ତାଲିକାର ଦ୍ୱିତୀୟ ସ୍ଥାନରେ ବ୍ରିଟିଶ ଆମେରିକୀୟ ବ୍ୟବସାୟୀ ଲିଓନାର୍ଡ ବ୍ଲାଭାଟ୍‌ନିକ୍ ରହିଛନ୍ତି। ତାଙ୍କ ସମ୍ପତ୍ତି ୬୨୧ ନିୟୁତ ପାଉଣ୍ଡ ବଢ଼ି ୨୯.୨୪୬ ବିଲିୟନ ପାଉଣ୍ଡରେ ପହଞ୍ଚିଛି। ଉକ୍ତ ରିପୋର୍ଟ ଅନୁଯାୟୀ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ଓ ତାଙ୍କ ସ୍ତ୍ରୀ ଅକ୍ଷତା ମୂର୍ତ୍ତିଙ୍କ ବ୍ୟକ୍ତିଗତ ସମ୍ପତ୍ତି ରାଜା ଚାର୍ଲ୍‌ସଙ୍କଠାରୁ ଅଧିକ ବୋଲି ଦର୍ଶାଯାଇଛି। ୬୧୦ ନିୟୁତ ପାଉଣ୍ଡ ସମ୍ପତ୍ତି ସହ ବ୍ରିଟେନ ରାଜା ଚାର୍ଲ୍ସ ତାଲିକାର ୨୫୮ତମ ସ୍ଥାନରେ ଥିବାବେଳେ ୬୫୧ ନିୟୁତ ପାଉଣ୍ଡ ସହ ସୁନକ ଦମ୍ପତି ୨୪୫ତମ ସ୍ଥାନରେ ରହିଛନ୍ତି।

# ସ୍ପେନ୍, ପର୍ତ୍ତୁଗାଲ ଆକାଶରେ ଉଲ୍‌କାପାତର ବିରଳ ଜାଗତିକ ଦୃଶ୍ୟ

**ନୂଆଦିଲ୍ଲୀ,୧୯।୫**



ଉଲ୍‌କାପାତ ଯୋଗୁ ଶନିବାର ରାତିରେ ସ୍ପେନ୍ ଓ ପର୍ତ୍ତୁଗାଲ ଆକାଶରେ ବିରଳ ଜାଗତିକ ଦୃଶ୍ୟ ଦେଖିବାକୁ ମିଳିଥିଲା, ଯାହା ଲୋକଙ୍କୁ ବିସ୍ମିତ କରିଛି। ରଙ୍ଗିନ ଆକାଶର ବିଭିନ୍ନ ଫଟୋ ଓ ଭିଡିଓକୁ ଜନସାଧାରଣ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ହଠାତ୍ ରାତି ଆକାଶ ଦୀପ୍ତିମାନ ଓ ଉଜ୍ଜ୍ୱଳ ନୀଳରଙ୍ଗରେ ଉଦ୍ଭାସିତ ହୋଇଉଠିଥିଲା। ଏହା ଜୀବନକାଳରେ ଏକ ନୂଆ ଅନୁଭୂତି ବୋଲି ସ୍ପେନ୍ ଓ ପର୍ତ୍ତୁଗାଲ ଜନସାଧାରଣ କହିଛନ୍ତି। ଯେଉଁମାନେ ଏହି ଦୃଶ୍ୟ ଦେଖିବାର ସୁଯୋଗ ପାଇଛନ୍ତି, ସେମାନେ ଏହାକୁ କ୍ୟାମେରାରେ କଏଦ କରି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଉଲ୍‌କାପାତ ଯୋଗୁ ରାତି ଆକାଶ ଶହ ଶହ କିଲୋମିଟର ପର୍ଯ୍ୟନ୍ତ ଉଜ୍ଜ୍ୱଳ ଓ ରଙ୍ଗିନ ଆଲୋକରେ ଆଲୋକିତ ହୋଇଯାଇଥିଲା। ଉକ୍ତ ଉଲ୍‌କାପିଣ୍ଡ କାଷ୍ଟ୍ରୋ ଡାୟାର ସହର ନିକଟରେ ପଡ଼ିଥାଇପାରେ ବୋଲି କେତେଜଣ କହୁଥିବାବେଳେ ତାହା ପୃଥିବୀ ପୃଷ୍ଠରେ ଖସିଛି କି ନାହିଁ, ସ୍ପଷ୍ଟ ହୋଇନାହିଁ। ଉଲ୍‌କାପାତ ହେବା ନେଇ ୨ ସପ୍ତାହ ପୂର୍ବରୁ ପୂର୍ବାନୁମାନ କରାଯାଇଥିଲା।

# କର୍ତ୍ତବ୍ୟରତ ପୋଲିଂ ଅଫିସରଙ୍କ ମୃତ୍ୟୁ

## ୧୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ଘୋଷଣା

**ଭୁବନେଶ୍ୱର, (ଅସମାପିକା ସାହୁ)/ଲୋଇସିଂହା, (ସୁଶାନ୍ତ ବାରିକ)/ ବଲାଙ୍ଗୀର, ୧୯।୫ (ବୀରେନ୍ଦ୍ର ଝାଙ୍କର)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ପାଇଁ ନିୟୋଜିତ ଜଣେ ପୋଲିଂ ଅଧିକାରୀ ସୁଶୀଲ କୁମାର ଆଚାର୍ଯ୍ୟଙ୍କର ରବିବାର ମୃତ୍ୟୁ ହୋଇଛି। ସୋମବାର ମତଦାନ ଥିବାରୁ ସେ ଏହି ସମ୍ପର୍କିତ କାର୍ଯ୍ୟ ନିମନ୍ତେ ଟିଟିଲାଗଡ଼ ଡିସ୍‌ପର୍ସାଲ ସେଣ୍ଟର ରେଜିଷ୍ଟ୍ରେଶନ କାଉଣ୍ଟର ନିକଟରେ ଥିବାବେଳେ ହଠାତ୍ ମୂର୍ଚ୍ଛା ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ଟିଟିଲାଗଡ଼ସ୍ଥିତ ଉପଖଣ୍ଡ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ବଲାଙ୍ଗୀର ସଦର ହସ୍ପିଟାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ହେଲେ ରାସ୍ତାରେ ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଘୋଷଣା କରିଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏହି ଦୁଃଖଦ ଘଟଣାରେ ଗଭୀର ଶୋକପ୍ରକାଶ କରିବା ସହ ସ୍ୱର୍ଗତ ଆଚାର୍ଯ୍ୟଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ଆଚାର୍ଯ୍ୟ ବିଧାନସଭା କ୍ଷେତ୍ର ନଂ. ୭୦ କଣ୍ଟାବାଞ୍ଜିର ୧୭୦ ନମ୍ବର ବୁଥ୍ ପାଇଁ ପୋଲିଂ ଅଧିକାରୀ ରୂପେ କାର୍ଯ୍ୟ କରିବା ନିମନ୍ତେ ନିୟୋଜିତ ହୋଇଥିଲେ। ତେଣୁ ତାଙ୍କ ପରିବାରଙ୍କୁ ବିଧି ମୁତାବକ ଭାରତ ନିର୍ବାଚନ ଆୟୋଗଙ୍କ ଘୋଷଣା ଅନୁସାରେ ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଧଳ କହିଛନ୍ତି। ଏଥିପାଇଁ ଶୀଘ୍ର ସମସ୍ତ ପ୍ରକ୍ରିୟା ଶେଷକରି ଆବଶ୍ୟକ ପଦକ୍ଷେପ ନେବାକୁ ବଲାଙ୍ଗୀର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ସୁଶୀଲ କୁମାର ଆଚାର୍ଯ୍ୟ

ସ୍ୱର୍ଗତ ସୁଶୀଲ ଆଚାର୍ଯ୍ୟ ଆଗଲପୁର ବ୍ଲକ ପଟୁଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପୈତୃକ ଗ୍ରାମ ବକଟି ଓ ପଟୁଆପାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ଅପରାହ୍ନରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ସ୍ୱର୍ଗତ ଆଚାର୍ଯ୍ୟଙ୍କ ସ୍ତ୍ରୀ ଓ ଏକମାତ୍ର ପୁଅ ଅଛନ୍ତି। ସେ ପରିବାର ସହ ଲୋଇସିଂହାରେ ରହୁଥିଲେ।

# ଆଣ୍ଡାମାନ ଛୁଇଁଲା ମୌସୁମୀ

## ଜୁନ୍ ୧ରେ କେରଳ, ୧୦ବେଳକୁ ଓଡ଼ିଶାରେ ପ୍ରବେଶ ସମ୍ଭାବନା

**ଭୁବନେଶ୍ୱର, ୧୯।୫ (ଅସମାପିକା ସାହୁ)**

ଦକ୍ଷିଣ-ପଶ୍ଚିମ ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଛୁଇଁଛି। ଏ ନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ବିଭାଗ କହିଛି, ମୌସୁମୀ ସ୍ୱାଭାବିକ ସମୟରେ ଦକ୍ଷିଣ ବଙ୍ଗୋପସାଗର, ନିକୋବର ଦ୍ୱୀପ, ଦକ୍ଷିଣ ଆଣ୍ଡାମାନ ସାଗରରେ ପ୍ରବେଶ କରିସାରିଛି। ଗତ ୨୪ ଘଣ୍ଟା ହେଲା ନିକୋବର ଦ୍ୱୀପରେ ପ୍ରବଳ ବର୍ଷା ଲାଗି ରହିଛି। ୨୦୨୩ରେ ବି ମୌସୁମୀ ମେ’ ୧୯ରେ ନିକୋବର ଦ୍ୱୀପ ଛୁଇଁଥିଲା। ମୌସୁମୀର ଏପରି ଅଗ୍ରଗତି ରହିଲେ ଆସନ୍ତା ଜୁନ୍‌୧ରେ ଏହା କେରଳ ଛୁଇଁବା ସହ ଭାରତର ମୁଖ୍ୟ ଭୂଭାଗରେ ପ୍ରବେଶ କରିବ। ଏଥର ମୌସୁମୀ କେରଳକୁ ସ୍ୱାଭାବିକ ସମୟଠାରୁ ପୂର୍ବରୁ ପହଞ୍ଚିବାର ରହିଛି। ଏହାର ୧୦-୧୨ ଦିନ ପରେ ଅର୍ଥାତ୍ ଜୁନ ୧୦ରୁ ୧୨ ତାରିଖ ମଧ୍ୟରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିବାର ସମ୍ଭାବନା ରହିଛି। ତେଣୁ ରଜ ପର୍ବ ସମୟରେ ଓଡ଼ିଶାରେ ମୌସୁମୀ ବର୍ଷା ହେବ ବୋଲି ଅନୁମାନ କରାଯାଉଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସାଧାରଣତଃ ଜୁନ୍ ୧୨ରୁ ୧୬ ମଧ୍ୟରେ ଓଡ଼ିଶା ଛୁଇଁଥାଏ। ସେପଟେ ୨୨ ତାରିଖରେ ଲଘୁଚାପ ସମ୍ଭାବନା ଥିବାରୁ ଆଗକୁ ବାତ୍ୟା ହେବ ବୋଲି ଚର୍ଚ୍ଚା ହେଉଥିବା ବେଳେ ପାଣିପାଗ ବିଭାଗ କିନ୍ତୁ ଏ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ। ଭୁବନେଶ୍ୱର ଆଞ୍ଚଳିକ ପାଣପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଏପର୍ଯ୍ୟନ୍ତ ଲଘୁଚାପ ହୋଇନାହିଁ। ତେଣୁ ବାତ୍ୟା ହେବା ନେଇ କୌଣସି ଆକଳନ କରାଯାଇନାହିଁ। ଲଘୁଚାପ ହେବାର ସମ୍ଭାବନା ରହିଛି। ଲଘୁଚାପ ହେବା ପରେ ଯାଇ ଯାହା କୁହାଯାଇପାରିବ। ତେଣୁ ଲୋକେ ବାତ୍ୟାକୁ ନେଇ ଭୟଭୀତ ନ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ତେବେ ୨୫ରୁ ରାଜ୍ୟରେ ବର୍ଷା ହେବା ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

ଅପରପକ୍ଷେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଆସନ୍ତା୨୪ ଘଣ୍ଟା ରାଜ୍ୟର ବହୁ ସ୍ଥାନରେ ଆର୍ଦ୍ରତା ଅଧିକ ରହୁଥିବାରୁ ଗୁଳୁଗୁଳି ଅଧିକ ହେବାର ସମ୍ଭାବନା ରହିଛି। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି କାଳବୈଶାଖୀ ନେଇ ମଧ୍ୟ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଦେଇଛି। ୨୧ ଓ ୨୨ ତାରିଖରେ ରାଜ୍ୟର କିଛି ସ୍ଥାନରେ ପବନର ବେଗ ଘଣ୍ଟାପ୍ରତି ୩୦ରୁ ୪୦କି.ମି. ରହିବ। ୨୩ ତାରିଖରେ ଘଣ୍ଟାପ୍ରତି ପବନର ବେଗ ୪୦ରୁ ୫୦କି.ମି. ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

# ୧୦ ଦିନରେ ୧୮ଲକ୍ଷରୁ ଉର୍ଦ୍ଧ୍ୱ ବେଆଇନ ଅର୍ଥ ଜବତ

**କଟକ,୧୯।୫ (କାର୍ତ୍ତିକ ସାହୁ)**

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କଟକ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାରର ଯାଞ୍ଚ, ତଦାରଖ କାର୍ଯ୍ୟ ଜାରି ରହିଛି। ନିର୍ବାଚନକୁ ଅବାଧ, ମୁକ୍ତ ତଥା ସ୍ୱଚ୍ଛ ଭାବେ ପରିଚାଳନା କରିବା ନିମନ୍ତେ ଅବୈଧ ଅର୍ଥ କାରବାର ରୋକିବାକୁ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଯାଞ୍ଚ ଟିମ୍ ମୁତୟନ କରାଯାଇଛି। ଯାଞ୍ଚବେଳେ ଜିଲାରେ ଅଦ୍ୟାବଧି ୧୮,୨୩,୯୪୦ ଟଙ୍କାର ବେଆଇନ ଅର୍ଥରାଶି ଶନିବାର ସୁଦ୍ଧା ଜବତ କରାଯାଇଛି। ଜବତ ଅର୍ଥରାଶି ମଧ୍ୟରେ ବଡ଼ମ୍ବା ବିଧାନସଭା ନିର୍ବାଚନମଣ୍ଡଳୀର ସୁନାପାଳ ଛକଠାରେ ଯାଞ୍ଚବେଳେ ୧,୪୪,୦୦୦ ଟଙ୍କା, ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ଅଂଶୁପା ଛକ ନିକଟରୁ ୩,୫୦,୦୦୦ ଟଙ୍କା ଜବତ କରାଯାଇଛି। ସେହିପରି ବାଙ୍କୀ ବିଧାନସଭା ନିର୍ବଚନମଣ୍ଡଳୀର ସୁନାଦେଇ ମୁଣ୍ଡିଆଠାରେ ୮ ଲକ୍ଷ ଟଙ୍କା, ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ନୂଆପାଟଣା ଛକଠାରେ ୩,୨୯,୯୪୦ ଟଙ୍କା ଏବଂ ବିରୂପା ବ୍ୟାରେଜ ଛକଠାରେ ୨ ଲକ୍ଷ ଟଙ୍କା ଜବତ କରାଯାଇଛି। ଗତ ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ଅର୍ଥ ରାଶି ଜବତ କରାଯାଇଛି।

# ୨ୟ ପର୍ଯ୍ୟାୟ ଭୋଟ ପାଇଁ ୩୩ ହଜାର ପୋଲିସ

## ନିର୍ବାଚନୀ ହିଂସାକୁ ବରଦାସ୍ତ କରାଯିବ ନାହିଁ: ଡିଜିପି

**ଭୁବନେଶ୍ୱର,୧୯।୫ (ସତ୍ୟଜିତ୍ ରାଉତ)**

ରାଜ୍ୟରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ। ଏଥିପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ୧୧ ପୋଲିସ ଜିଲାରେ ଶୃଙ୍ଖଳିତ ତଥା ସୁରକ୍ଷିତ ନିର୍ବାଚନ କରିବାକୁ ବିଭିନ୍ନ ର୍‍ୟାଙ୍କ୍‌ର ୩୩ ହଜାର ପୋଲିସ ନିୟୋଜିତ ହୋଇଛନ୍ତି। ଏଥିରେ ୧୦୨ କମ୍ପାନୀ ଅର୍ଦ୍ଧ ସାମରିକ ବାହିନୀ ଓ ୬୬ ପ୍ଲାଟୁନ୍ ସଶସ୍ତ୍ର ବାହିନୀ ରହିଛନ୍ତି। ବିଶେଷକରି ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ରହିଥିବା ୫୫୬ଟି ମତଦାନ କେନ୍ଦ୍ରକୁ କଡ଼ା ସୁରକ୍ଷା ବଳୟରେ ରଖାଯାଇଛି। ଯେକୌଣସି ସ୍ଥାନରେ ପ୍ରାକ୍ ନିର୍ବାଚନୀ ହିଂସାକୁ ବରଦାସ୍ତ କରାଯିବ ନାହିଁ ଏବଂ ଗଣ୍ଡଗୋଳକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସେବା ଭବନରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜିପି ଅରୁଣ ଷଡ଼ଙ୍ଗୀ କହିଛନ୍ତି। ସେ କହିଲେ, ରାଜନୈତିକ ହିଂସାକାଣ୍ଡ ମାମଲାରେ ତଦନ୍ତ କରି ଶୀଘ୍ର ଚାର୍ଜଶିଟ ପ୍ରସ୍ତୁତ କରାଯିବା ସହ ଦୋଷୀ ସାବ୍ୟସ୍ତ କରିବାକୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ଯେକୌଣସି ପରିସ୍ଥିତିକୁ ସାମ୍ନା କରିବାକୁ ପୋଲିସ ବାହିନୀ ସବୁବେଳେ ପ୍ରସ୍ତୁତ। ୧୧ ପୋଲିସ ଜିଲାରେ ୭ ହଜାର ୩୩୯ ସ୍ଥାନରେ ୯ ହଜାର ୧୬୩ ମତଦାନ କେନ୍ଦ୍ର ମଧ୍ୟରୁ ୫୫୬ଟି ବୁଥ୍ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ରହିଛି। ୪୭ଜଣ ଅତିରିକ୍ତ ଏସ୍‌ପି, ୮୮ ଡିଏସ୍‌ପି, ୨୩୬ ଇନ୍ସପେକ୍ଟର, ୨ ହଜାର ଏସ୍‌ଆଇ/ଏଏସ୍‌ଆଇ, ୧୧ ହଜାର ୮୦୦ କନ୍‌ଷ୍ଟେବଲ/ହାବିଲଦାର, ୫ ହଜାର ୮୦୦ ହୋମ୍‌ଗାର୍ଡ ଓ ଗ୍ରାମରକ୍ଷୀ ନିୟୋଜିତ ହୋଇଛନ୍ତି। ସେହିପରି ୬୫୫ ମୋବାଇଲ ପାଟ୍ରୋଲିଂ ପାର୍ଟି ସୁରକ୍ଷା ତଦାରଖ କରୁଛନ୍ତି। ଗୋଇନ୍ଦା ବ୍ୟବସ୍ଥାକୁ ସକ୍ରିୟ କରାଯିବା ସହ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ଫ୍ଲାଇଂସ୍କ୍ୱାଡ୍ ଗଠନ କରାଯାଇଛି। ନିର୍ବାଚନ ପାଇଁ ସିଏପିଏଫ୍‌ର ୧୧୭ଟି ଅପରେଶନ ପାର୍ଟି ଓ ୩୮ ୟୁନିଟ୍ ଏସ୍‌ଓଜି ଓ ଡିଭିଏଫ୍ ଜଙ୍ଗଲରେ ମାଓବାଦୀ ଦମନ ଅଭିଯାନ ଚଳାଇଛନ୍ତି। ଛତିଶଗଡ଼ର ୪ଟି ସୀମାବର୍ତ୍ତୀ ସ୍ଥାନରେ ଅପରେଶନ ଚାଲିଛି। ଆଇନ ଶୃଙ୍ଖଳା ରକ୍ଷା ଓ ନିର୍ବାଚନ ପରିଚାଳନା ପାଇଁ ଏସବୁ ପୋଲିସ ଜିଲାରେ ୧୪୧ଟି ଚେକପୋଷ୍ଟ ରହିଛି। ୨୫୭ଟି ଫ୍ଲାଇଂସ୍କ୍ୱାଡ୍ ଟିମ୍ ଓ ୨୫୧ଟି ଷ୍ଟାଟିକ ସର୍ଭେଲାନ୍ସ ଟିମ୍ ନିୟୋଜିତ ହୋଇଛନ୍ତି। ୧୮ଟି ଇଭିଏମ୍ ଷ୍ଟ୍ରଙ୍ଗରୁମ ରହିଥିବା ବେଳେ ଦୁଇସ୍ତରରେ ସୁରକ୍ଷା ଦାୟିତ୍ୱ ବିଭକ୍ତ କରାଯାଇଛି ବୋଲି ଡିଜିପି ଷଡ଼ଙ୍ଗୀ କହିଛନ୍ତି।



ଅରୁଣ ଷଡ଼ଙ୍ଗୀ





E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

**NARAYANI MOTORS**
**BHUBANESHWAR: RASULGARH:** 9583022019,7440019592,9583022013. **JAGATSINGHPUR:** 9583022090. **PURI:** 9583022035. **NIMAPARA:** 7381094851. **PARADEEP:** 9583022034/48. **PURI HIGHWAY PIPLI:** 9583022013. **TIRTOL:** 7381000159.

**ODYSSEY MOTORS**
**ANGUL:** 7752076136, 9776901481, **PALLAHARA:** 7873565435, 9437831123.

**TUSHI MOTORS**
**CUTTACK:** 9078076450. **PANIKOILI:** 9078076450. **ATHAGARH:** 9078076450.

**JYOTE MOTORS**
**BHUBANESWAR: LEWIS ROAD:** 9798190190. **NAYAPALLI:** 9798190190. **TAMANDO:** 9798190190. **KEONJHAR:** 9798190190. **NAYAGARH:** 9798190190. **BALUGAON:** 9798190190. **ANANDPUR:** 9798190190. **KENDRAPARA:** 9798190190. **PATTAMUNDAI:** 7440016539. **BALASORE:** 9798190190. **BHADRAK:** 9798190190. **BARIPADA:** 9798190190. **UDALA:** 7064499950. **RAIRANGPUR:** 9853446906. **JALESWAR:** 7064499950. **BASUDEVPUR:** 9798190190.

**SKY AUTOMOBILES**
**BHUBANESWAR: PATIA** : 7381045356. **CUTTACK:** 9776677771, 7381873818. **DHENKANAL:** 7381045357. **NARSHINGPUR:** 7381045357. **KAMAKHYANAGAR:** 7381045357. **JAJPUR:** 9776900777, **SALEPUR:** 9583544555, **CHANDIKHOL:** 9776900777, **TANGI:** 7381045356.

*Offer includes consumer offer, exchange bonus, Spot booking offer, institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. ^Up to 100% on road funding is provided by select financiers only. +Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. **+Terms and conditions apply. Terms and conditions are subject to change without any prior notice. For more details, please contact your nearest ARENA dealership. Accessories and features shown in the pictures may not be a part of standard equipment and may vary according to the variant. Black glass shade on the vehicle is due to the lighting effect. Images used are for illustration purposes only. ##As certified by Test agency under Rule 115(G) of CMVR 1989. ^^Claim supported by independent research agency-JATO Dynamics Limited and is applicable in the petrol category. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st May, 2024.

ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା



# ସଙ୍କୁଚିତ ସ୍ୱାଧୀନତା

ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ଦିଲ୍ଲୀ ପୋଲିସ ୭ ମାସ ତଳେ ନ୍ୟୁଜ୍‌କ୍ଲିକ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ପ୍ରବୀର ପୁରକାୟସ୍ଥଙ୍କୁ ଗିରଫ କରିବା ଘଟଣା ସେତେବେଳେ ଦେଶବ୍ୟାପୀ ଚର୍ଚ୍ଚାକୁ ଆସିଥିଲା। ନିକଟରେ ସୁପ୍ରିମକୋର୍ଟ ତାଙ୍କ ଗିରଫକୁ ବେଆଇନ କହିବା ସହ ତାଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରିବା ନେଇ ରାୟ ଦେବା ପରେ ପୋଲିସ ବ୍ୟବସ୍ଥା ଉପରେ ସନ୍ଦେହ ଆସୁଛି। ସର୍ବୋଚ୍ଚ ଅଦାଲତ ଯେଉଁ ପ୍ରସଙ୍ଗଟି ଉଠାଇଛନ୍ତି, ତାହା ଏଠାରେ ପ୍ରଣିଧାନଯୋଗ୍ୟ। ସମ୍ବିଧାନର ଅନୁଚ୍ଛେଦ ୨୦, ୨୧ ଓ ୨୨ରେ ବ୍ୟକ୍ତିଙ୍କ ମୌଳିକ ଅଧିକାର ଅଧୀନ ଜୀବନ ଧାରଣ ଓ ବ୍ୟକ୍ତିଗତ ସ୍ୱାଧୀନତା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଉଲ୍ଲେଖ କରାଯାଇଛି। ତେଣୁ ୟୁଏପିଏ ହେଉ ବା ଅନ୍ୟ କୌଣସି ଅପରାଧ ଅଭିଯୋଗରେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ କାହିଁକି ଗିରଫ କରାଯାଉଛି, ସେ ସଂକ୍ରାନ୍ତରେ ଲିଖିତ ଭାବେ ଅବଗତ କରିବା ଉଚିତ। ଏଠାରେ ଉଲ୍ଲେଖଯୋଗ୍ୟ, ସାଧାରଣରେ ଗିରଫ ପୂର୍ବରୁ ପୋଲିସ କେବେହେଲେ ଗିରଫ ହେଉଥିବା ବ୍ୟକ୍ତିଙ୍କୁ କୌଣସି ତଥ୍ୟ ଜଣାଏ ନାହିଁ। ଏହା ଭାରତୀୟ ପୋଲିସ ବ୍ୟବସ୍ଥାର ଏକ ତ୍ରୁଟିପୂର୍ଣ୍ଣ ପ୍ରଥା। ତେବେ ପ୍ରବୀରଙ୍କ ମାମଲାକୁ ଦେଖିଲେ ୪ ଅକ୍ଟୋବର ୨୦୨୩ରେ ଦିଲ୍ଲୀ ପୋଲିସ ରିମାଣ୍ଡରେ ନେବା ପୂର୍ବରୁ ତାଙ୍କୁ କୌଣସି ଲିଖିତ କାଗଜପତ୍ର ପ୍ରଦାନ କରି ନ ଥିଲା। ଏହି ବିନ୍ଦୁକୁ ବିଚାର କରି ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଚାରିଆଡ଼େ ସ୍ୱାଗତ କରାଯାଉଛି।

ପ୍ରବୀର ଜଣେ ଜଣାଶୁଣା ସାମ୍ବାଦିକ। ଚାଇନା ସପକ୍ଷରେ ପ୍ରୋପାଗଣ୍ଡା ବା ପ୍ରଚାର କରିବା ଅଭିଯୋଗ ଆଣି ଦିଲ୍ଲୀ ପୋଲିସ ତାଙ୍କୁ ଗିରଫ କରିଥିବା କୁହାଯାଉଛି। ଅବଶ୍ୟ ୟୁଏପିଏ ଆଇନକୁ ଯେଭଳି ଢଙ୍ଗରେ ଗଢ଼ାଯାଇଛି, ତାହାକୁ ଶାସକ ବର୍ଗ ଚାହିଁଲେ ଯେକୌଣସି ବ୍ୟକ୍ତିଙ୍କୁ ଆତଙ୍କବାଦୀ ସଜାଇ ଦେବାରେ କିଛି ଅସମ୍ଭବ ନୁହେଁ। ଆଜି ଭାରତର ସ୍ଥିତି ଦେଖିଲେ ଯେଉଁମାନେ ସରକାରଙ୍କ ବିରୋଧରେ ମୁହଁ ଖୋଲୁଛନ୍ତି, ସେମାନଙ୍କୁ କୌଣସି ନା କୌଣସି ମାମଲାରେ ଛନ୍ଦି ଦେବା ଲାଗି ଫନ୍ଦିଫକର କରାଯାଉଛି। ଏପରି କି ନିର୍ବାଚିତ ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଆକ୍ରୋଶରୁ ବାଦ୍ ପଡୁନାହାନ୍ତି। ସଦ୍ୟ ଦୃଷ୍ଟାନ୍ତ ଭାବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଗିରଫଦାରି ବିଷୟରୁ ସ୍ପଷ୍ଟ ଅନୁମେୟ।

> **ଚାଇନା ଭଳି କମ୍ୟୁନିଷ୍ଟ ରାଷ୍ଟ୍ରରେ ବାକ୍ ସ୍ୱାଧୀନତା ଉପରେ ପ୍ରତିବନ୍ଧକ ଲାଗିଛି। ହେଲେ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଓ ଏଠାକାର ଶାସନ ପଦ୍ଧତି ସ୍ୱଚ୍ଛ ବୋଲି ଯେଉଁ ଡିଣ୍ଡିମ ପିଟାଯାଉଛି, ବାସ୍ତବରେ ତାହାକୁ ତଳେଇ କରି ଦେଖିଲେ ବିରୋଧାଭାସ ପରିଲକ୍ଷିତ ହେଉଛି। କିଛି ବର୍ଷ ହେବ ଭାରତରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଏକଜିଦିଆପଣ କାବୁ କରିଦେଇଥିବାରୁ ଅନେକଙ୍କୁ ମୁହଁ ଖୋଲିବା ପୂର୍ବରୁ ବହୁ ଥର ଚିନ୍ତା କରିବାକୁ ପଡୁଛି। ଏଥିରୁ ବୁଝିବାକୁ ହେବ ଯେ, ଭାରତବାସୀ ଏକ ସଙ୍କୁଚିତ ସ୍ୱାଧୀନତା ଦେଇ ଗତି କରୁଛନ୍ତି।**

ଦୀର୍ଘମାସ ପ୍ରବୀର ଗିରଫ ହୋଇରହିବା ପରେ ତାହା ବେଆଇନ ଥିଲା ବୋଲି ସୁପ୍ରିମକୋର୍ଟ କହିଥିବାରୁ ଦିଲ୍ଲୀ ପୋଲିସର ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କି ପ୍ରକାର ଦଣ୍ଡବିଧାନ କରାଯିବା ଉଚିତ, ସେ ସମ୍ପର୍କରେ ବିତର୍କ ହେବାର ସମୟ ଆସିଲାଣି। ଏବେ ଦେଶରେ ଅଷ୍ଟାଦଶ ଲୋକ ସଭା ଲାଗି ନିର୍ବାଚନ ଚାଲିଛି। ଏ ସମୟରେ ନିର୍ବାଚନ ଅପେକ୍ଷା ଅନ୍ୟ ଯେଉଁ ପ୍ରସଙ୍ଗ ଲୋକଙ୍କ ମଧ୍ୟରେ ଚର୍ଚ୍ଚାକୁ ଆସିଛି, ତାହା ହେଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ବ୍ୟବହାର। ବିପକ୍ଷ ଦଳକୁ ଦୁର୍ବଳ କରିବା ଲାଗି ଅନେକ ଘଟଣାରେ ଶାସକ ଦଳ ଇଡିକୁ ହାତବାରିସି କରିବା ଓ ସର୍ବସମ୍ମୁଖରେ ଏପରି ଖୋଲାଖୋଲି କାର୍ଯ୍ୟାନୁଷ୍ଠାନ ନିଆଯିବା, ଆଇନ କେଉଁ ବାଟରେ ଚାଲିଛି ଲୋକେ ହୃଦୟଙ୍ଗମ କରିପାରୁଥିବେ। ଏସବୁ ଜାଣି ମଧ୍ୟ ଅନେକେ ଏହାର ପ୍ରତିବାଦ କରିବାରୁ ବିରତ ରହୁଛନ୍ତି, କାରଣ କାଳେ ସେମାନଙ୍କୁ ଆଇନ ଜାଲରେ ଛନ୍ଦି ଦିଆଯାଇପାରେ। ନିକଟ ଅତୀତରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଓ ଆୟକର ବିଭାଗ (ଆଇଟି)କୁ ବ୍ୟବହାର କରାଯାଇ ଅନେକଙ୍କ ବିରୋଧରେ ମାମଲା ହୋଇଥିବା ନଜରକୁ ଆସିଛି।

କୁହାଯାଇଥାଏ, ଚାଇନା ଭଳି କମ୍ୟୁନିଷ୍ଟ ରାଷ୍ଟ୍ରରେ ବାକ୍ ସ୍ୱାଧୀନତା ଉପରେ ପ୍ରତିବନ୍ଧକ ଲାଗିଛି। ହେଲେ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଓ ଏଠାକାର ଶାସନ ପଦ୍ଧତି ସ୍ୱଚ୍ଛ ବୋଲି ଯେଉଁ ଡିଣ୍ଡିମ ପିଟାଯାଉଛି, ବାସ୍ତବରେ ତାହାକୁ ତଳେଇ କରି ଦେଖିଲେ ବିରୋଧାଭାସ ପରିଲକ୍ଷିତ ହେଉଛି। କିଛି ବର୍ଷ ହେବ ଭାରତରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଏକଜିଦିଆପଣ କାବୁ କରିଦେଇଥିବାରୁ ଅନେକଙ୍କୁ ମୁହଁ ଖୋଲିବା ପୂର୍ବରୁ ବହୁ ଥର ଚିନ୍ତା କରିବାକୁ ପଡୁଛି। ଏଥିରୁ ବୁଝିବାକୁ ହେବ ଯେ, ଭାରତବାସୀ ଏକ ସଙ୍କୁଚିତ ସ୍ୱାଧୀନତା ଦେଇ ଗତିକରୁଛନ୍ତି।

# ଭୋଟଦେବା ଓ ନିର୍ବାଚନ ଅଲଗା କଥା



ସହଦେବ ସାହୁ

ଆମ ଦେଶର ରାଜନୈତିକ ଦଳଗୁଡ଼ିକ ଭୋଟରମାନଙ୍କୁ ବୋକା ବନେଇ ଦେଲେଣି, ଗୋଡ଼ତଳେ ଚୋରାବାଲି ଆମକୁ ପାଣିରେ ବୁଡ଼େଇଦେଲାଣି, ତଥାପି ଆମେ (ଭୋଟରମାନେ) କହୁଛୁ ଆମ ଗଣତନ୍ତ୍ର ଏକ ସଫଳ ଓ ବଳିଷ୍ଠ ଡିମୋକ୍ରାସି। ପୋଲିଂ (ଭୋଟଦେବା) ଇଲେକ୍ସନ୍ (ପ୍ରାର୍ଥୀ ବାଛିବା) ନୁହେଁ, ଭୋଟ ଦେଉଛୁ, ପ୍ରତିନିଧି ବାଛୁନୁ। ରାଜନୈତିକ ଦଳ ପ୍ରତିନିଧି ବାଛି ସାରିଛି, ଦଳର ଛବି ଉପରେ ମୋହର ମାର– ତାହାହିଁ ହେବ ତୁମର ଭୋଟିଂ। ପୋଲିଂ ଷ୍ଟେସନ ବା ପୋଲିଂ ବୁଥ୍ ଶବ୍ଦଗୁଡ଼ିକ ଭୋଟ ଗ୍ରହଣକୁ ବୁଝାଏ, ତାହା ଇଲେକ୍ସନ୍ ବା ନିର୍ବାଚନ ନୁହେଁ, ପ୍ରାର୍ଥୀମାନଙ୍କ ଭିତରେ କିଏ ମୋ ପସନ୍ଦ ତା ବଛାବଛି କରିବା ତ ନିର୍ବାଚନର ଅର୍ଥ, ଇଲେକ୍ଟ କ୍ରିୟାର ବିଶେଷ୍ୟ ଇଲେକ୍ସନ୍। ଏବେ ଆମେ ବାଲଟ ପେପରରେ ଥିବା ବିଭିନ୍ନ ଦଳର ଛବି ଭିତରୁ ଗୋଟିଏ ଦଳର ଛବିରେ ମୋହର ମାରୁଛୁ, ସେ କାଗଜଟି ଭୋଟବାକ୍ସରେ ପକାଉଛୁ ଏ ତ ପ୍ରାର୍ଥୀଙ୍କ ଭିତରୁ ଜଣକୁ ବାଛିବା ନୁହେଁ। ନିର୍ବାଚନ ପ୍ରଚାର ସମୟରେ ଦଳଗୁଡ଼ିକ ବି କହୁଛନ୍ତି ତୁମେ ଦୁଇଟା ଭୋଟ ଦିଅ, ଗୋଟିଏ ଏମ୍‌ପି ପାଇଁ, ଆଉ ଗୋଟିଏ ଏମ୍‌ଏଲ୍‌ଏ ପାଇଁ। ବିଜେଡି କହୁଛି ଯୋଡ଼ି ଶଙ୍ଖରେ, ଭାଜପା କହୁଛି ଯୋଡ଼ି ପଦ୍ମଫୁଲରେ, ଆଉ କଂଗ୍ରେସ କହୁଛି ଦୁଇଥର ହାତରେ ଭୋଟଦିଅ (ମୋହର ମାର)। ଦଳର ମୁଖ୍ୟମାନେ ପ୍ରାର୍ଥୀଙ୍କ ନାଁ କହୁନାହାନ୍ତି, ତାଙ୍କ ଯୋଗ୍ୟତା ବା ଗ୍ରହଣୀୟତା ଉପରେ କିଛି କହୁନାହାନ୍ତି, କେବଳ ଦଳର ସଂକେତରେ ଭୋଟ ଦିଅ ବୋଲି କହୁଛନ୍ତି। ପ୍ରାର୍ଥୀ ତା' ନିର୍ବାଚନମଣ୍ଡଳୀରେ ଭୋଟରମାନଙ୍କ ସ୍ୱାର୍ଥ କି ପ୍ରକାରରେ ହାସଲ କରିବ କହୁନାହିଁ, ସାରା ରାଜ୍ୟ କଥା କହୁଛି। ନିର୍ବାଚନ ଜନାଦେଶ ପ୍ରତିଫଳିତ କରୁନାହିଁ, ଦଳାଦେଶ (ଦଳର ଘୋଷଣା)ର ପ୍ରତିଫଳନ କରୁଛି: କୌଣସି ପ୍ରାର୍ଥୀ ପସନ୍ଦ ନ ହେଲେ 'ନୋଟା' ଉପରେ ମୋହର ମାର ବୋଲି କେହି କହୁନାହିଁ। ପ୍ରତ୍ୟେକ ଦଳ ରାଜ୍ୟର ରାଜକୋଷକୁ ଦଳର ପାଣ୍ଠି ମଣୁଛି। କେତେ ଟଙ୍କା, କେତେ ଜିନିଷ ଓ କେତେ ମୂଲ୍ୟର ମାଗଣା ଦେଲେ ଅଭାବୀ ଲୋକଙ୍କ ଭୋଟ କିଣିହେବ ତା' ଭାବୁଛି।

ଦେଶର ଆୟତନ ଓ ଲୋକସଂଖ୍ୟା ଦୃଷ୍ଟିରୁ ଗଣଙ୍କ ତନ୍ତ୍ର ସମ୍ଭବ ନୁହେଁ ବୋଲି ପ୍ରତ୍ୟକ୍ଷ ଗଣତନ୍ତ୍ର ସ୍ଥାନରେ ପ୍ରତିନିଧିମୂଳକ ଶାସନକୁ ଗଣତାନ୍ତ୍ରିକ (ଡିମୋକ୍ରାଟିକ୍) ଧରିନିଆଯାଉଛି ଏବଂ ରାଷ୍ଟ୍ରର ସର୍ବୋଚ୍ଚ କର୍ତ୍ତା ନିର୍ବାଚିତ ହେଉଥିବାରୁ ଆମ ଦେଶର ଶାସନ ବ୍ୟବସ୍ଥାକୁ ରିପବ୍ଲିକ୍ କୁହାଯାଉଛି। ତେଣୁ ଆମ ସମ୍ବିଧାନର ମୁଖବନ୍ଧ (ପ୍ରିଆମ୍ବଲ)ରେ ଡିମୋକ୍ରାଟିକ୍ ରିପବ୍ଲିକ୍ ଉଲ୍ଲେଖ ଅଛି। କିନ୍ତୁ ସାମ୍ବିଧାନିକ ସଭା ଡକା ନ ଯାଇ ଆମ ଶାସନର ରୂପରେଖ ବଦଳାଇଦେଲେ ରାଜନୈତିକ ଦଳଗୁଡ଼ିକ– ୧୯୮୫ର ୫୨ତମ ସମ୍ବିଧାନ ସଂଶୋଧନ ଆଇନ ଆଣି 'ଗଣ'କୁ ଗୌଣ କରି 'ଦଳ'କୁ ପ୍ରାଧାନ୍ୟ ଦେଲେ,



ଲୋକପ୍ରତିନିଧି ଆଇନ (ରିପ୍ରେଜେଣ୍ଟେଶନ୍ ଅଫ୍ ପିପୁଲ୍‌ସ ଆକ୍ଟ)କୁ ୧୯୮୭ରେ ସଂଶୋଧନ କରି ସେକ୍ସନ '୨୯ଏ' ଯୋଡ଼ି ରାଜନୈତିକ ଦଳଗୁଡ଼ିକୁ ସ୍ୱୀକୃତି ଦେଲେ, ନିର୍ବାଚନ କମିଶନ ସେମାନଙ୍କୁ ତାଲିକାଭୁକ୍ତ (ରେଜିଷ୍ଟ୍ରି) କଲେ ଏବଂ ଦଳ କରୁଥିବା ଖର୍ଚ୍ଚକୁ ପ୍ରାର୍ଥୀର ନିର୍ବାଚନୀ ଖର୍ଚ୍ଚ–ସୀମା ବାହାରେ ରଖିଲେ ଯେପରି ଘରେ ଘରେ ପଇସା ପଠାଇ ମତ କିଣି ହେବ। ପ୍ରାର୍ଥୀ ଆସେମ୍ବ୍ଲି ବା ସଂସଦରେ ଶପଥ ନେଲା ପରେ ଲେଜିସ୍ଲେଚର ପାର୍ଟିର ମେମ୍ବର ରୂପେ ଗଣାଯିବେ ଓ ଦଳର ଅନୁଶାସନ ମାନିବେ। ଆଗରୁ ପ୍ରାର୍ଥୀ ହେବା ପାଇଁ ଯୋଗ୍ୟତା ଉଲ୍ଲେଖ ଥିଲା, ୨୦୦୩ର ୯୧ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ବିଜୟୀ ପ୍ରାର୍ଥୀର ଅଯୋଗ୍ୟତା ଯୋଡ଼ାଗଲା, ଦଳପତିଙ୍କ ଛାଟ (ହ୍ୱିପ୍) ନ ମାନିଲେ ପଦସ୍ଥ ପ୍ରତିନିଧି ଦଳରୁ ବହିଷ୍କାର ହୋଇପାରିବେ ଏବଂ ଏ ଶାସ୍ତିକୁ ବାଚସ୍ପତିଙ୍କ ସ୍ୱୀକୃତି ମିଳିଲେ ପଦ ହରାଇବେ, ଅର୍ଥାତ୍ ଏମ୍‌ଏଲ୍‌ଏ/ଏମ୍‌ପି ହୋଇ ରହିପାରିବେ ନାହିଁ; ଅର୍ଥାତ୍ ଦଳର ମନୋନୟନ ଏକ ଆଡ୍‌ମିଟ୍ କାର୍ଡ, ଲୋକଙ୍କ ଭୋଟ ଏକ ପ୍ରାରମ୍ଭିକ ପରୀକ୍ଷା, ପରୀକ୍ଷାରେ ପାସ୍ କଲେ (ବିଜୟୀ ହେଲେ) ଏମ୍‌ଏଲ୍‌ଏ ବା ଏମ୍‌ପି ଭାବେ ଶପଥ ନେବେ, ଶପଥ ନେଲା କ୍ଷଣି ସେ ଲେଜିସ୍ଲେଚର ପାର୍ଟିର ମେମ୍ବର ଭାବେ ଗଣାଯିବେ ଏବଂ ଦଳର ଅନୁଶାସନ ତାଙ୍କ ପ୍ରତି ଲାଗୁ ହେବ। ଦଳ ଛାଡ଼ିଲେ ବା ଦଳର ଅନୁଶାସନ ନ ମାନିଲେ ଦଳ ତାଙ୍କୁ ବହିଷ୍କାର କରିପାରିବ, କିନ୍ତୁ ବିଧାୟକ ବା ସାଂସଦ ପଦ ରହିବ, ଠିକ୍ ଯେମିତି ଓଏଏସ୍ ବା ଆଇଏଏସ୍ ରହନ୍ତି 'ଅଫିସର୍ ୱିଦାଉଟ୍ ଡ୍ୟୁଟି'। ଦଳପତିଙ୍କ ହ୍ୱିପ୍ (ଛାଟ) ନ ମାନିଲେ ତାଙ୍କୁ ଦଳରୁ ବହିଷ୍କାର କରିବା ସହ ପଦ ପାଇଁ ଅଯୋଗ୍ୟ ଘୋଷଣା କରିବାକୁ ବାଚସ୍ପତିଙ୍କୁ ସୁପାରିସ କରିପାରିବେ ଏବଂ ବାଚସ୍ପତି ଦଳପତିଙ୍କ ସୁପାରିସକୁ ଗ୍ରହଣ କରିନେଲେ ସମ୍ପୃକ୍ତ ବ୍ୟକ୍ତି ଏମ୍‌ଏଲ୍‌ଏ/ଏମ୍‌ପି ପଦ ଓ ତତ୍‌ସଂଲଗ୍ନ ସବୁ ପଦ ହରାଇବେ। ଅର୍ଥାତ୍ ଲୋକଙ୍କ ଭୋଟ ନିରର୍ଥକ।

ଏବେ ବୁଝିହେଉଛି କାହିଁକି (୧) ଲୋକଟିଏ ଦଳର ପ୍ରାର୍ଥୀ ହୋଇ ନ ପାରିଲେ କାନ୍ଦି ପକାଉଛି ଓ କାହିଁକି କୋଟିପତିମାନେ ଦଳପତିଙ୍କ ଅନୁଗ୍ରହ ପ୍ରାର୍ଥୀ ହେଉଛନ୍ତି ଏବଂ ଦଳପତି ସଙ୍ଗିନ୍ ଅପରାଧରେ ଜଡ଼ିତ ଲୋକଙ୍କୁ ବି ପ୍ରାର୍ଥୀ କରୁଛନ୍ତି ଓ (୨) ପ୍ରତିନିଧିମାନେ ଲୋକଙ୍କ ଇଚ୍ଛା ପ୍ରତି ଉଦାସୀନ ଓ ଦଳର ନୀତି ପ୍ରତି ମୂକ ସମର୍ଥକ ହେଉଛନ୍ତି ଏବଂ (୩) ନିର୍ବାଚନ ଦଳମତ ପ୍ରକାଶ କରୁଛି, ଜନାଦେଶ ନୁହେଁ। ଆମ ପ୍ରଦେଶରେ ଲୋକେ ବିଶେଷତଃ ମହିଳାମାନେ ଖୋଲା ବଜାରରେ ମଦ ବିକ୍ରି ବନ୍ଦ ହେଉ ଚାହୁଁଥିଲେ ବି ମଦବେପାରୀମାନଙ୍କ ଲବି ଯୋଗୁ ଶାସକ ଦଳ ତିଳେମାତ୍ର କଟକଣା ଜାରି କରୁନାହିଁ ଏବଂ ଆମ ଦେଶରେ ଭିଡ଼ହିଂସାକୁ କଡ଼ାକଡ଼ି ରୋକାଯାଉ ବୋଲି ଲୋକେ ଚାହୁଁଥିଲେ ବି ସେ ପ୍ରକାରର ଅପରାଧ ଉପରେ ଦୃଷ୍ଟାନ୍ତମୂଳକ ଦଣ୍ଡ ଜାରି ହେଉନାହିଁ। (ଯେପରି ଆମେରିକାରେ ଲୋକେ ଖୋଲା ବଜାରରେ ବନ୍ଧୁକ କିଣିବାର ଅଧିକାରକୁ ଉଚ୍ଛେଦ କରାଯାଉ ଚାହୁଁଥିଲେ ବି ମାର୍କିନ୍ ରାଜନୈତିକ ଦଳଗୁଡ଼ିକ ସେପରି ଆଇନ କରୁନାହାନ୍ତି।) ନିର୍ବାଚନୀ ଖର୍ଚ୍ଚ ଯୋଗାଉଥିବା ବ୍ୟବସାୟୀମାନଙ୍କ ଲବି ଦଳପତିକୁ ହାତରେ ରଖି ସରକାରଙ୍କ ନୀତି ନିର୍ଦ୍ଧାରଣ କରୁଛି, ଜନମତ ନୁହେଁ। ଦଳ ଯାହା ଚାହୁଁଛି, ସେମିତି ଆଇନ କରିନେଉଛି। ବିରୋଧୀ ଦଳ ଭାବେ ଥିଲାବେଳେ ଯେଉଁସବୁ କଥା ଆଦର୍ଶସ୍ତରୀୟ ବୋଲି କହିହେଉଛନ୍ତି, ଥରେ ଶାସନକୁ ଆସିଗଲେ ସ୍ୱଚ୍ଛତା ହରାଉଛନ୍ତି: ଧୀରେ ଧୀରେ ଜଙ୍ଗଲୀ ଶାସନ ଚାଲୁ କରିଦେଉଛନ୍ତି, ଆଇନକୁ ତା' ବାଟରେ ଯିବାକୁ ଛାଡୁନାହାନ୍ତି, ଅର୍ଥାତ୍ ରେଗୁଲେଟରି ଅଥରିଟି ବା ଅଫିସରଙ୍କୁ ସେମାନଙ୍କ ଡ୍ୟୁଟି କରିବା ଉପରେ ଚାପ ପକାଇ ବା ବଦଳି କରି ଆଇନକୁ ଦଳର ମେମ୍ବରମାନଙ୍କ ସ୍ୱାର୍ଥରେ କଢ଼େଇ ନେଉଛନ୍ତି।

ରାଜନୈତିକ ଦଳଗୁଡ଼ିକ ଦେଶରେ ଆଦର୍ଶ ଗଣତନ୍ତ୍ର ଚାହୁଁନାହାନ୍ତି ଭଳି ମନେହୁଏ। ପ୍ରକୃତରେ ଲୋକଙ୍କ ପ୍ରତିନିଧି ଭଳି କାମ ନ କରୁଥିଲେ ବି ଦଳର ମନୋନୀତ ପ୍ରାର୍ଥୀ ଆଇନ ପ୍ରଣୟନ ସଂସ୍ଥା (ଆସେମ୍ବ୍ଲି ବା ସଂସଦ)ର ମେମ୍ବର ହୋଇ ରାଜ୍ୟ ବା ଦେଶ କିପରି ଚାଲିବ ତାହାର ଆଇନ ତିଆରି କରିବେ ବୋଲି ବଛାଯିବା କଥା। ଅତୀତର ଘଟଣାବଳୀ ଯାହା ଜଣାଏ, ଦଳର ପ୍ରତିନିଧିମାନେ ଏକ୍‌ଜିକ୍ୟୁଟିଭ୍ ବା ପ୍ରଶାସନ କାମ କରିବାକୁ ବା ସେଥିରେ ହାତ ପୂରେଇବାକୁ ଇଚ୍ଛା କରନ୍ତି। ସେମାନେ ଆଇନ ବିରୋଧରେ କାମ କରିବା ସହ ନିଜେ ତିଆରି କରିଥିବା ଆଇନ ବି ମାନନ୍ତି ନାହିଁ। ଏଭଳି ଲୋକେ ଯେପରି ଆଉ ଥରେ ପ୍ରାର୍ଥୀ ନ ହୁଅନ୍ତି, ଅର୍ଥାତ୍ ଲ–ବ୍ରେକର୍‌ମାନେ ଯେପରି ଲ' ମେକର୍ ନ ହୁଅନ୍ତି; ତାହା ଦଳଗୁଡ଼ିକ ଲକ୍ଷ୍ୟ ରଖିବାକୁ ସୁପ୍ରିମ୍‌କୋର୍ଟ ୨୦୧୮ରେ ଓ ୨୦୨୦ରେ ଦୁଇଥର ରାୟ ଦେଇଛନ୍ତି ଯେ ଦଳଗୁଡ଼ିକ କାହିଁକି ଆଇନଭଙ୍ଗକାରୀଙ୍କୁ ପ୍ରାର୍ଥୀ କରୁଛନ୍ତି ଓ ସ୍ୱଚ୍ଛ ଲୋକଙ୍କୁ ମନୋନୀତ କରୁନାହାନ୍ତି ତାହା ଜଣାଇବେ ଏବଂ ପ୍ରାର୍ଥୀର ଆପରାଧିକ ଚରିତ୍ର ସମ୍ବାଦପତ୍ରରେ ଓ ଟିଭିରେ ବିଜ୍ଞାପନ ଜରିଆରେ ଜଣାଇବେ। ଦଳଗୁଡ଼ିକ ତାହା କରୁନାହାନ୍ତି ଏବଂ କାରଣ ଦର୍ଶାଉଛନ୍ତି ଯେ ଆଉ ଭଲ ପ୍ରାର୍ଥୀ ମିଳୁନାହାନ୍ତି। ଜଣାଶୁଣା ଦାଗୀର ମୁହଁ ଭୋଟରମାନଙ୍କ ଉପରେ ଚାପ ବା ଡର ଆଣେ, ତେଣୁ ସେମାନଙ୍କ ୱିନେବିଲିଟି (ଜିତିବାର ସମ୍ଭାବନା) ବେଶି। ନିରପରାଧ ପ୍ରତିନିଧିଙ୍କ ସଂଖ୍ୟା କମ୍ ହୋଇଆସିଲାଣି, ସେମାନେ ଶାସକ ଦଳରେ ପଛବେଞ୍ଚିଆ ହୋଇ ରହୁଛନ୍ତି। ଦିନେ କ'ଣ ଆମ ଗଣତନ୍ତ୍ର ଦ୍ୱାରକାର ଶେଷକାଳ ଭଳି ପରସ୍ପର ଗୋଷ୍ଠୀ କଳିରେ ବଳିପଡ଼ିଯିବ!

–sahadevas@yahoo.com

# ଆଦିବାସୀ ମହିଳା ସଶକ୍ତୀକରଣ ଓ ଏଆଇ



ଡ. ଅନ୍ତର୍ଜିତା ନାୟକ

ଆମେ ସମସ୍ତେ ଜାଣୁ ଯେ ଆଦିବାସୀ ସମ୍ପ୍ରଦାୟ ନିଜର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟ ଲାଗି ସଦାସର୍ବଦା ଆଗରେ ଓ ବେଶ୍ ପରିଚିତ। ହେଲେ ସେଇ ଆଦିବାସୀ ସମ୍ପ୍ରଦାୟ ସମାଜର ପ୍ରାୟତଃ ସମସ୍ତ ଉତ୍ସ, ସୁବିଧା ଓ ସୁଯୋଗଠାରୁ ବହୁତ ଦୂରରେ, ନ ହେଲେ ବହୁତ ପଛରେ। ବିଶେଷକରି ଆଦିବାସୀ ମହିଳାମାନଙ୍କ କଥା ଯଦି କହିବା,ତେବେ ସେମାନଙ୍କୁ ଅଧିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ଆଦିବାସୀ ମହିଳାଙ୍କର କାର୍ଯ୍ୟଦକ୍ଷତା ଓ କ୍ଷମତା, କଷ୍ଟ ସହିଷ୍ଣୁତା, ଉଦ୍‌ଯୋଗିତା ଓ ପରିଶ୍ରମୀ ପ୍ରକୃତି ସାମ୍ନାରେ ସେମାନଙ୍କ ସରଳତା, ନିରୀହତା ଓ ଶିକ୍ଷା ଅଭାବ ବାଧକ ସାଜେ। ବହୁ ସମୟରେ ସେମାନେ ଶୋଷଣ, ଅବହେଳା ଓ ଠକାମିର ଶିକାର ହୁଅନ୍ତି। ଆଦିବାସୀ ମହିଳାଙ୍କ ସାମଗ୍ରିକ ବିକାଶ ପାଇଁ ସେମାନଙ୍କୁ ସଶକ୍ତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେଉଁଥିରେ ସେମାନଙ୍କ ଦ୍ୱାରା ଅନୁସରଣ କରାଯାଉଥିବା ପାରମ୍ପରିକ ପନ୍ଥା ପଛରେ ପଡିଯାଉଛି। ଏହି ଡିଜିଟାଲ ଯୁଗରେ ଆଦିବାସୀ ମହିଳା ସଶକ୍ତୀକରଣରେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ) ଏକ ପରିବର୍ତ୍ତନଶୀଳ ସୁଯୋଗ ଉପସ୍ଥାପନ କରିପାରିବ। କୃତ୍ରିମ ବୁଦ୍ଧିମତ୍ତାର ସାଧନ ଏବଂ କୌଶଳଗୁଡିକୁ ଉପଯୋଗ କରି ଆମେ ଆଦିବାସୀ ମହିଳା ସମ୍ମୁଖୀନ ହେଉଥିବା ସମସ୍ୟାର ନିର୍ଦ୍ଦିଷ୍ଟ ସମାଧାନ କରିପାରିବା। ସେମାନଙ୍କୁ ସେମାନଙ୍କର ସାମର୍ଥ୍ୟକୁ ପରିପ୍ରକାଶ କରାଇବା ସହିତ ଦେଶର ଅର୍ଥନୀତିରେ ଯୋଗଦାନ କରିବାକୁ ସକ୍ଷମ ମଧ୍ୟ କରିପାରିବା।

କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ଆଦିବାସୀ ମହିଳା ସଶକ୍ତୀକରଣକୁ ଅନୁଧ୍ୟାନ କରିବା ପୂର୍ବରୁ ବିଶ୍ୱବ୍ୟାପୀ ଲିଙ୍ଗଗତ ସମାନତାର ସ୍ଥିତିକୁ ବୁଝିବା ଏକାନ୍ତ ଆବଶ୍ୟକ। ବିଶ୍ୱ ଆର୍ଥିକ ମଞ୍ଚର ବିଶ୍ୱ ଲିଙ୍ଗଗତ ବ୍ୟବଧାନ ବିବରଣୀ ୨୦୨୧ ଅନୁଯାୟୀ, ଆର୍ଥିକ ଅଂଶଗ୍ରହଣ ଏବଂ ସୁଯୋଗରେ ବିଶ୍ୱର ଲିଙ୍ଗଗତ ବ୍ୟବଧାନରେ ମାତ୍ର ୫୮%ହ୍ରାସ ପାଇଛି। ଆର୍ଥିକ ନେତୃତ୍ୱ ପଦବୀରେ ମହିଳାମାନେ ଅଳ୍ପ ଉପସ୍ଥାପିତ। ହାରାହାରି ପୁରୁଷଙ୍କ ତୁଳନାରେ ମହିଳାମାନେ କମ୍ ରୋଜଗାର କରୁଛନ୍ତି ଏବଂ ଅର୍ଥନୈତିକ ସୁଯୋଗ ପାଇବାରେ ଅନେକ ପ୍ରତିବନ୍ଧକର ସାମ୍ନା ମଧ୍ୟ କରୁଛନ୍ତି। ଶିକ୍ଷା କ୍ଷେତ୍ରରେ ଲିଙ୍ଗଗତ ବ୍ୟବଧାନକୁ ହ୍ରାସ କରିବାରେ ଅଗ୍ରଗତି ହୋଇଥିବାବେଳେ ବିଶେଷତଃ ବିଜ୍ଞାନ,ପ୍ରଯୁକ୍ତିବିଦ୍ୟା,ଇଞ୍ଜିନିୟରିଂ ଏବଂ ଗଣିତ(STEM)କ୍ଷେତ୍ରରେ ଲିଙ୍ଗଗତ ପାର୍ଥକ୍ୟ ରହିଯାଉଛି। ୟୁନେସ୍କୋ ରିପୋର୍ଟ ଅନୁଯାୟୀ, ସର୍ବଭାରତୀୟ ସ୍ତରରେ ମହିଳାମାନେ କେବଳ ୩୫% ଷ୍ଟେମ୍ ଛାତ୍ର। ଏହି କ୍ଷେତ୍ରରେ ମହିଳାମାନଙ୍କ ପାଇଁ ଅଧିକ ଅନ୍ତର୍ଭୁକ୍ତ ଏବଂ ସହାୟତାର ଆବଶ୍ୟକତା ରହିଛି। ତାହା ସହିତ ମାତୃ ମୃତ୍ୟୁ ହାର, ପରିବାର ଯୋଜନା ସେବା ତଥା ମହିଳାଙ୍କ ସ୍ୱାସ୍ଥ୍ୟସେବା ଏବଂ ପ୍ରଜନନ ଅଧିକାରରେ ମଧ୍ୟ ସନ୍ତୋଷଜନକ ସ୍ଥିତି ପରିଲକ୍ଷିତ ହେଉ ନାହିଁ। ମହିଳା ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ଓ ଅସମାନତାକୁ ଦୂର କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଗୁରୁତ୍ୱ ଦେଉଛି। ତାହାଛଡ଼ା ମହିଳାମାନେ କେବଳ ୨୫% ସଂସଦୀୟ ଆସନ ପାଇପାରୁଛନ୍ତି। ରାଜନୈତିକ ପ୍ରତିନିଧିତ୍ୱରେ ଲିଙ୍ଗଗତ ବ୍ୟବଧାନକୁ ହ୍ରାସ କରି, ମହିଳାଙ୍କ ସ୍ୱରକୁ ପ୍ରାଧାନ୍ୟ ଦେଇ, ନିଷ୍ପତ୍ତି ପ୍ରକ୍ରିୟାରେ ସେମାନଙ୍କର ମତକୁ ସ୍ଥାନ ଦେଇ, ସକ୍ରିୟ ରାଜନୀତିରେ ଯୋଗ ଦେବା ଲାଗି ଉତ୍ସାହିତ କରିବା ଅତ୍ୟନ୍ତ ଜରୁରୀ। ଯଦି ଗଭୀର ଅନୁଧ୍ୟାନ କରାଯାଏ, ତେବେ ଅନ୍ୟ



ମହିଳାଙ୍କ ତୁଳନାରେ ଆଦିବାସୀ ମହିଳାଙ୍କ ସ୍ଥିତି ଅଧିକ ଶୋଚନୀୟ। ୧୯୫୦ ମସିହାରେ ଭାରତର ସମ୍ବିଧାନ ଦ୍ୱାରା ଆଦିବାସୀ ଜନସଂଖ୍ୟାକୁ ଦିଆଯାଇଥିବା ସୁରକ୍ଷା ସତ୍ତ୍ୱେ,ଅନୁସୂଚିତ ଜନଜାତିମାନେ ପଛୁଆ ଗୋଷ୍ଠୀ ହୋଇ ରହିଛନ୍ତି। ସେମାନେ କେବଳ ସାଧାରଣ ଜନତାଙ୍କ ତୁଳନାରେ ନୁହେଁ, ଅନୁସୂଚିତ ଜାତିଙ୍କ ତୁଳନାରେ ମଧ୍ୟ ସମ୍ବେଦନଶୀଳ ସ୍ଥିତିରେ। ଅଶିକ୍ଷା ଏବଂ ଅଜ୍ଞତା ହେତୁ ଭାରତରେ ଆଦିବାସୀ ମହିଳାମାନେ ଅନ୍ୟ ମହିଳାଙ୍କ ତୁଳନାରେ ବହୁମୁଖୀ ଅସୁବିଧାର ସାମ୍ନା କରୁଛନ୍ତି। ପରିସଂଖ୍ୟାନ ତଥ୍ୟରୁ ଜଣାପଡୁଛି ଯେ, ଆଦିବାସୀ ମହିଳାମାନଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ଆନୁଷ୍ଠାନିକ ଶିକ୍ଷା ପାଇପାରୁନାହାନ୍ତି, ଯାହାଦ୍ୱାରା ଦାରିଦ୍ର୍ୟଚକ୍ର ସେଇ ଆଦିବାସୀଙ୍କ ଲାଗି ଚିରସ୍ଥାୟୀ ହୋଇ ରହୁଛି। ଏହା ମଧ୍ୟ ପରିଲକ୍ଷିତ କରାଯାଇଛି ଯେ ଆଦିବାସୀ ମହିଳାଙ୍କ ମଧ୍ୟରେ ମାତୃ ମୃତ୍ୟୁ ହାର ଅଧିକ। ଅଧିକାଂଶ ଆଦିବାସୀ ମହିଳା ପୁଷ୍ଟିହୀନତାର ଶିକାର। ପୁଷ୍ଟିହୀନତାଜନିତ ଆଦିବାସୀ ମହିଳାମାନେ କମ୍ ଓଜନ ବିଶିଷ୍ଟ ଶିଶୁଙ୍କୁ ଜନ୍ମ ଦେଉଛନ୍ତି,ଯାହା ମାତୃ ମୃତ୍ୟୁ ହାର ଓ ଶିଶୁ ମୃତ୍ୟୁ ହାରକୁ ବଢ଼ାଇ ଥାଏ। ତାହା ସହିତ ସେମାନେ ନିଜ ପିଲାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଏବଂ ପର୍ଯ୍ୟାପ୍ତ ଯତ୍ନ ଯୋଗାଇବାରେ ସକ୍ଷମ ମଧ୍ୟ ହୁଅନ୍ତି ନାହିଁ। ତାହା ପରବର୍ତ୍ତୀ ସମୟରେ ବଢୁଥିବା ଶିଶୁଙ୍କ ମଧ୍ୟରେ ପୁଷ୍ଟିହୀନତା ଓ କୁପୋଷଣର କାରଣ ହୋଇଥାଏ, ଯାହା ଶିଶୁଙ୍କର ଶାରୀରିକ ଓ ମାନସିକ ବିକାଶକୁ ବାଧା ଦେଇଥାଏ। ଆଦିବାସୀ ମହିଳାଙ୍କ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟଜନିତ ସମସ୍ୟା ସେମାନଙ୍କ ଘରର ଆର୍ଥିକ ଅବସ୍ଥା ଉପରେ ମଧ୍ୟ କୁପ୍ରଭାବ ପକାଇ ଥାଏ। ସରକାରୀ ତଥ୍ୟ ଅନୁଯାୟୀ,ରୋଜଗାର ଏବଂ ଉଦ୍ୟୋଗ ପାଇଁ ସୀମିତ ସୁଯୋଗ ସହିତ ଆଦିବାସୀ ମହିଳାମାନେ ଆର୍ଥିକ ଅଭାବ ଓ ଅସମାନତା ଦ୍ୱାରା ଅଧିକ ପ୍ରଭାବିତ। ଆଦିବାସୀ ମହିଳାଙ୍କ ପାଖରେ ଅନ୍ୟ ମହିଳାଙ୍କ ତୁଳନାରେ ଶିକ୍ଷା,ସ୍ୱାସ୍ଥ୍ୟ ଓ ସାମାଜିକ ଉତ୍ଥାନ ଲାଗି ଲୋଡ଼ା ସୁଯୋଗ ଅତି ସୀମିତ। ସେଇ ସୀମିତତା ଭିତରେ କେତେବେଳେ ବାଧା ସାଜେ ଅନ୍ଧବିଶ୍ୱାସ ତ କେତେବେଳେ ଅଜ୍ଞତା,କେତେବେଳେ ପ୍ରକୃତି ତ କେତେବେଳେ ସାମାଜିକ ପରିବେଶ,କେତେବେଳେ ଅର୍ଥ ତ କେତେବେଳେ ଅର୍ଥହୀନ ସାମାଜିକ ସମସ୍ୟା,କେତେବେଳେ ରାଜନୀତି ତ କେତେବେଳେ ଭୌଗୋଳିକ ପରିସ୍ଥିତି। ଏଇସବୁ ବାଧାବିଘ୍ନ ଓ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ବାଟ କାଟି ଆଗେଇ ଆସିବାଟା ଆଦିବାସୀ ମହିଳାଙ୍କ ଲାଗି ଏକ ପାହାଡ଼ ସଦୃଶ। ତାହା ସତ୍ତ୍ୱେ ଆଦିବାସୀ ମହିଳାମାନେ ସଂଘର୍ଷ ଜାରି ରଖି ଆଗେଇ ଆସୁଛନ୍ତି ଓ ଆହୁରି ଆଗକୁ ଯିବାର ଚିନ୍ତନ ମଧ୍ୟ କରୁଛନ୍ତି। ଆବଶ୍ୟକ କେବଳ ସାହାଯ୍ୟ, ସହଯୋଗ,ସମ୍ମାନ ଓ ଉଦ୍‌ବୋଧନ।

ଆଦିବାସୀ ମହିଳା ସଶକ୍ତୀକରଣ କହିଲେ, କେବଳ ସାମାଜିକ ବା ଅର୍ଥନୈତିକ ଅଭିବୃଦ୍ଧିକୁ ବୁଝାଇବା ପରିବର୍ତ୍ତେ, ଆଦିବାସୀ ମହିଳାଙ୍କ ପୂର୍ଣ୍ଣ ବିକାଶ, ଆତ୍ମନିର୍ଭରଶୀଳତା,ଗୁଣାତ୍ମକ ଶିକ୍ଷା ତଥା ଉତ୍ତମ ସ୍ୱାସ୍ଥ୍ୟ, ନିଷ୍ପତ୍ତି ନେବା ପ୍ରକ୍ରିୟାରେ ଅଂଶୀଦାର ସହିତ ସାଂସ୍କୃତିକ,ଐତିହ୍ୟ ଏବଂ ନିଜସ୍ୱ ପରିଚୟର ସଂରକ୍ଷଣ ସମେତ ସଶକ୍ତୀକରଣର ଏକାଧିକ ଦିଗକୁ ମଧ୍ୟ ଅନ୍ତର୍ଭୁକ୍ତ କରିବାରେ ଗୁରୁତ୍ୱ ମଧ୍ୟ ରହିଛି। ଏହି ପରିପ୍ରେକ୍ଷୀରେ, କୃତ୍ରିମ ବୁଦ୍ଧିମତ୍ତା ଆଦିବାସୀ ମହିଳା ସଶକ୍ତୀକରଣକୁ ଅଗ୍ରଗତି କରିବା ପାଇଁ ଏକ ସମ୍ଭାବ୍ୟ ଅନୁକ୍ରମଣିକା ଭାବରେ ଉଭା ହୋଇପାରିବ। କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ସ୍ୱାସ୍ଥ୍ୟ ସେବା ଯେପରି ପ୍ରେଡିକ୍ଟିଭ ଆନାଲିଟିକ୍ସ, ଟେଲିମେଡିସିନ, ଡାଇଗ୍ନୋଷ୍ଟିକ ଆଲଗୋରିଦମ, ସୁଦୂର ଆଦିବାସୀ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ଉନ୍ନତ କରିପାରିବ, ଯାହାଫଳରେ ରୋଗର ଶୀଘ୍ର ଚିହ୍ନଟ, ଚିକିତ୍ସାର ପ୍ରଭାବ ଏବଂ ମାନ ବୃଦ୍ଧି ପାଇବ।

ମୋ:୬୩୭୦୯୦୫୯୪୭

## ଏଇ ଭାରତରେ

ସୁନାଗହଣା ପ୍ରତି ସମସ୍ତଙ୍କର ରହିଥାଏ ଭିନ୍ନ ଏକ ଆକର୍ଷଣ। ବର୍ତ୍ତମାନ ପରିସ୍ଥିତିରେ ସୁନାର ମୂଲ୍ୟ ଯେଉଁଭଳି ବୃଦ୍ଧି ପାଉଛି ସେତେବେଳେ ସୁନା କିଣିଏ ପାଇଁ ଲୋକଙ୍କ ମନରେ ପ୍ରବଳ ଲୋଭ। ଏହି କାରଣରୁ ତ ବିଭିନ୍ନ ସ୍ଥାନରେ ଲୁଟେରାମାନେ ସୁନାଗହଣା ଲୁଟ କରିବାର ନୂଆ ନୂଆ କୌଶଳ ଆପଣାଇବାରେ ଲାଗିଛନ୍ତି। କିନ୍ତୁ ଏମିତି ଏକ ସମୟରେ ଜଣେ ଭିନ୍ନ ମଣିଷର ଉଦାହରଣ ପାଲଟିଛନ୍ତି ମୁମ୍ବାଇର ସଫେଇ କର୍ମଚାରୀ ସୁନୀଲ କୁମ୍ଭାର। ରାସ୍ତା ସଫା କରିବା ସମୟରେ ସେ ୧୫୦ ଗ୍ରାମ୍‌ର ସୁନା ପାଇଥିଲେ ବି ତାକୁ ନେଇ ପୋଲିସ ଜିମା ଦେଇଛନ୍ତି। ମୁମ୍ବାଇର କେନେଡି ପୁଲ୍ ନିକଟରେ ରାସ୍ତା ସଫା କରିବା ସମୟରେ ସେ ଏହି ସୁନା ପାଇଥିଲେ। ଏତେଗୁଡିଏ ସୁନା ଦେଖି ସୁନୀଲ ଆଦୌ ଲୋଭ କରି ନ ଥିଲେ। ପ୍ରଥମେ ସେ ସୁନା ତକ ନେଇ ନିଜ ସୁପରଭାଇଜରଙ୍କୁ ଦେଖାଇଥିଲେ। ଏହାପରେ ଉଭୟେ ଏହି ସୁନାକୁ ନେଇ ପୋଲିସ ଜିମା ଦେଇଥିଲେ। ସୁନୀଲଙ୍କର ଏହି ମହାନତା ଏବେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛି। ଜଣେ ଗ୍ରୁପ ଡି କର୍ମଚାରୀ ହୋଇଥିଲେ ବି ଲୋଭଶୂନ୍ୟ ହୋଇ ସେ ମାନବିକତାର ପରିଚୟ ଦେଇଛନ୍ତି। ତାଙ୍କର ଏଭଳି ମହାନତା ପାଇଁ ତାଙ୍କୁ ମୁମ୍ବାଇ ନଗର ନିଗମ ପକ୍ଷରୁ ପୁରସ୍କୃତ ବି କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ମେ ୧୯୭୫

- ଧାମରାଠାରେ ମାଛଧରା ବନ୍ଦର ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫୬ ଲକ୍ଷ ଟଙ୍କା ମଞ୍ଜୁର।
- ଭୁବନେଶ୍ୱର–କଟକ ମଧ୍ୟରେ ରାଜ୍ୟରେ ପ୍ରଥମ କରି ନିର୍ମିତ ଏକ ନୂତନ ଧରଣର ବସ୍ 'ରୋଡ ଟ୍ରେନ୍'ର ଚଳାଚଳ ଆରମ୍ଭ।
- ପାକିସ୍ତାନ ଅଧିକୃତ ଆଜାଦ କଶ୍ମୀର ବିଧାନସଭାର ୪୦ଟି ଆସନ ଓ ସଭାପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ।

## ଚିରନ୍ତନୀ

ପତାରେ ତାର ସ୍ୱର୍ଣ୍ଣ ତବ
ଅଞ୍ଜନ ହେ ଅଞ୍ଜନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ!

–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନେତାଙ୍କ ରୋଡ୍ ଶୋ

ମହାଶୟ,

ବର୍ତ୍ତମାନ ଆମ ରାଜ୍ୟରେ ବିଭିନ୍ନ ଦଳର ନେତ୍ରୀନେତାଗଣ ବିଶାଳ ରୋଡ୍ ଶୋ' କରୁଛନ୍ତି। ଏଥିରେ ଲକ୍ଷ ଲକ୍ଷ ଟଙ୍କା ଦିଆଯାଇ ସିନେ ଅଭିନେତା ଓ ଅଭିନେତ୍ରୀଙ୍କୁ ସାମିଲ କରାଯାଉଛି। ପ୍ରତି ପଞ୍ଚାୟତର କେତେଜଣ କୁଜିନେତାଙ୍କୁ ଲକ୍ଷ ଲକ୍ଷ ଟଙ୍କା ଦିଆଯାଇ ସେମାନଙ୍କ ମାଧ୍ୟମରେ ଗାଁ–ଗହଳି ଓ ସହରାଞ୍ଚଳର ସରଳ ଲୋକଙ୍କୁ ରାଲିରେ ସାମିଲ କରାଯାଉଛି। ଏହି ସମୟରେ ରାଲିରେ ସାମିଲ ମାତାଲ ଯୁବକଙ୍କ ଜିନ୍ଦାବାଦ ରଡିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହେଉଛି। ଟ୍ରାଫିକ ନିୟନ୍ତ୍ରଣ କଷ୍ଟକର ହୋଇପଡୁଛି। ସଭାସ୍ଥଳରେ ସାଂସଦ ଓ ବିଧାୟକ ପ୍ରାର୍ଥୀଗଣ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ବିରୋଧରେ ସତମିଛ ଭାଷଣ ଦେଉଛନ୍ତି। ହଜାର ହଜାର ଲୋକ ମଦମାଂସ ଖାଇ, ହାତଖର୍ଚ୍ଚ ନେଇ ଯୋଗ ଦେଉଛନ୍ତି। ଗୋଟିଏ ରୋଡ ଶୋ' ଓ ସଭା ପାଇଁ ପ୍ରାୟ ୩୦/୪୦ ଲକ୍ଷ ଖର୍ଚ୍ଚ କରାଯାଉଛି। ଜିଲାରେ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅଧିକାରୀବୃନ୍ଦ ଏହି କ୍ଷମତାପାଗଳ ନେତ୍ରୀନେତାଗଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ।

–ରାଇଚରଣ ବିଶ୍ୱାଳ, ପୀରହାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 5 | 4 |
| | 3 | | | 5 | | 2 | | |
| 9 | | 4 | | 3 | | | | |
| 8 | 9 | | | 7 | | | | 5 |
| | | 3 | | | 4 | | | 8 |
| 1 | | | | | | 9 | | |
| 7 | | | | | | 4 | | |
| | | | 1 | | 9 | | 6 | |
| 3 | | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 2 | 9 | 4 | 7 | 3 | 8 | 5 |
| 7 | 4 | 5 | 3 | 2 | 8 | 9 | 1 | 6 |
| 8 | 9 | 3 | 6 | 1 | 5 | 7 | 4 | 2 |
| 6 | 1 | 8 | 2 | 9 | 3 | 4 | 5 | 7 |
| 2 | 5 | 7 | 4 | 8 | 1 | 6 | 3 | 9 |
| 9 | 3 | 4 | 5 | 7 | 6 | 8 | 2 | 1 |
| 5 | 8 | 6 | 1 | 3 | 9 | 2 | 7 | 4 |
| 3 | 2 | 1 | 7 | 6 | 4 | 5 | 9 | 8 |
| 4 | 7 | 9 | 8 | 5 | 2 | 1 | 6 | 3 |

ଗତକାଲିର ଉତ୍ତର

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


### ଯେବେ ଆଣିବୁ ଅରଜି, ତେବେ ଖାଇବୁ ଗରଜି।

ମଣିଷ ସ୍ୱାବଲମ୍ବୀ ହେବା ଉଚିତ। ନିଜ ରୋଜଗାରରେ ନିଜ ପେଟ ପୋଷିବା ମଣିଷ ପକ୍ଷେ ଗର୍ବ ଓ ଗୌରବର ବିଷୟ ହୋଇଥାଏ। ଯିଏ ଆୟକ୍ଷମ ନ ହୋଇ ପର ଉପରେ ନିର୍ଭର କରି ଚଳୁଥାଏ ତାକୁ ଅନେକ ସମୟରେ କଟୁ କଥା ଶୁଣିବାକୁ ପଡ଼ିଥାଏ, ବେଳ ଅବେଳରେ ନିନ୍ଦିତ ହେବାକୁ ମଧ ପଡ଼ିଥାଏ। କିନ୍ତୁ ଯିଏ ରୋଜଗାର କରି ନିଜ ଖର୍ଚ୍ଚ ନିଜେ ତୁଲାଇବାକୁ ସମର୍ଥ ହୋଇଥାଏ ସେ ମୁଣ୍ଡ ଉଠାଇ ବାଟ ଚାଲିଥାଏ, ଘର ସଂସାରକୁ ସୁରୁଖୁରୁରେ ଚଳାଇପାରିଥାଏ। ଅର୍ଜନକାରୀ ବ୍ୟକ୍ତି ନିଜ ପସନ୍ଦକୁ ଚାହିଁ ଖର୍ଚ୍ଚ କରିବାରେ କୌଣସି ବାଧା ଉପୁଜୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

### ଯାହାର ମନ ଯେଡ଼େ, ତାହାର ପ୍ରଭୁ ସେଡ଼େ।

ଯାଦୃଶୀ ଭାବନା ଯସ୍ୟ, ସିଦ୍ଧିର୍ଭବତିତାଦୃଶୀ। ମନ ଘେନି ଫଳ। ମନ ଉଚ୍ଚ ହେଲେ ଭଲ ଫଳ ମିଳିଥାଏ। ନିଷ୍ଠା, ଆନ୍ତରିକତା ତଥା ମନୋଭାବ ଅନୁସାରେ ମଣିଷ ଫଳ ପାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

**ପାରଳାଖେମୁଣ୍ଡି, ୧୯।୫(ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଶରଧାପୁର ଶ୍ମଶାନ ନିକଟରେ ଶନିବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭିନ୍ନଳା ଗ୍ରାମର ପ୍ରଶାନ୍ତ ଜେନା(୨୪)। ତାଙ୍କୁ ଗ୍ରାମର କେତେଜଣ ଯୁବକ କାଠଫାଳିଆ, ଲୁହାଛଡ ଏବଂ କାତିରେ ଆକ୍ରମଣ କରିଥିଲେ। ପ୍ରଶାନ୍ତ ଗୁରୁତର ଅବସ୍ଥାରେ ପଡ଼ିଥିବା ଖବର ପାଇ ପରିବାର ଲୋକେ ଓ ଗ୍ରାମବାସୀ ସେଠାରେ ପହଞ୍ଚି ଘଟଣା ସମ୍ପର୍କରେ ଗୁରାଣ୍ଡି ପୋଲିସକୁ ଜଣାଇ ତୁରନ୍ତ ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ପ୍ରଶାନ୍ତଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ସଦଳବଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ସହ ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବା ନନ୍ଦ ନାୟକ ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ପୂର୍ବଶତ୍ରୁତା ତଥା ପ୍ରେମବ୍ୟାପାରକୁ ନେଇ ପ୍ରଶାନ୍ତଙ୍କୁ ସଂଘବଦ୍ଧ ଆକ୍ରମଣ କରାଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି।

# ଭାଜପା କର୍ମୀଙ୍କୁ ହତ୍ୟା ଘଟଣାରେ ଆଉ ୨ ଗିରଫ

**ଛତ୍ରପୁର, ୧୯।୫(ସନ୍ତୋଷ ପାଢ଼ୀ)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ରାଜନୈତିକ ପୋଷ୍ଟର ମରାକୁ କେନ୍ଦ୍ରକରି ଭାଜପା କର୍ମୀଙ୍କୁ ହତ୍ୟା ଘଟଣାରେ ପୋଲିସ ରବିବାର ଆଉ ୨ଜଣଙ୍କୁ ଗିରଫ କରିଛି। ଗିରଫ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ଏ ନେଇ ଖବରଦାତା ସମ୍ମିଳନୀ କରି ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଶ୍ରୀକୃଷ୍ଣଶରଣପୁର ଗାଁର ସୁଦର୍ଶନ ପାହାନ ଓ ପପୁ ତରେଇ। ଏହି ଦୁଇଜଣ ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଇଛି। ପୂର୍ବରୁ ଏହି ମାମଲାରେ ୯ ଜଣ ଗିରଫ ହୋଇଥିଲେ। ଏବେ ଘଟଣାର ଏସ୍‌ଆଇଟି ତଦନ୍ତ କରୁଛି। ଏହି ଘଟଣାରେ ଯଦି ଆଉ କାହାର ସମ୍ପୃକ୍ତି ଥିବା ଜଣାପଡ଼େ ତେବେ ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

ସୂଚନାଯୋଗ୍ୟ, ବୁଧବାର ରାତି ପ୍ରାୟ ୮ଟା ସମୟରେ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ କେତେଜଣ ଭାଜପା କର୍ମୀ ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନିର୍ବାଚନୀ ପୋଷ୍ଟର ମାରୁଥିଲେ। ଏହି ସମୟରେ କେତେଜଣ ବିଜେଡି କର୍ମୀ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଉଭୟ ପକ୍ଷ ଖଣ୍ଡାରେ ହଣାହଣି ହୋଇଥିଲେ। ଏଥିରେ ୬ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଭାଜପା କର୍ମୀ ଦିଲୀପ ପାହାନଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।


## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No.RDM-LAA-MBJ-0003-2024-7863/ R&DM,** **Dated: 15.03.2024**

No.XXI-06: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଓ ଶଶା ସବମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ଶଶା, ଥାନା: ବେତନଟୀ ନଂ. ୧୧୭, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ୧୫.୦୯ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଓ ଶଶା ସବ୍‌ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ଶଶା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୪୭.୮୦ | ଏ. ୧୫.୦୯ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା: ୪୫/ ୨୦୨୨
ଏ.୧୫.୦୯ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଓ ଶଶା ସବ୍-ମାଇନର ନିମନ୍ତେ**

**ମୌଜା- ଶଶା, ଥାନା: ବେତନଟୀ ନଂ. ୧୧୭, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 1 | 1069 | 0.36 | 0.03 | ଶାରଦ ଦୁଇ | ଅକ୍ଷୟ ମହାନ୍ତ, ପି. ଶଙ୍କର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 4 | 297 | 0.37 | 0.10 | ଶାରଦ ଦୁଇ | ଅର୍ଜ୍ଜୁନ ମହାନ୍ତ, ବୈଶାଖୀ ମହାନ୍ତ, ଶମ୍ଭାରୀ ମହାନ୍ତ, ଫୁଟି ମହାନ୍ତ, ପି.: ଦିନା ମହାନ୍ତ, ଜା: କୁଡୁମି, ବା: ନିଜଗାଁ, କୁଲ ମହାନ୍ତ, ପି.: ଘନା ମହାନ୍ତ, ଜା: କୁଡୁମି, ବା: ଆମ୍ବଗଡ଼ିଆ ସାମିଲ ଟିକିରାମୁଣ୍ଡୁଳି, ଥା: ବଇଶିଙ୍ଗ |
| 12 | 16 | 0.58 | 0.24 | ଶାରଦ ଦୁଇ | ଆନନ୍ଦ ମହାନ୍ତ, ପି.: ଦୁଃଖୁ ମହାନ୍ତ, ଜା: କୁଡୁମି, ବା: ପୁରିନ୍ଦା |
| 35 | 1160 | 0.83 | 0.04 | ଡାହି ଏକ | କାହ୍ନୁ ବେହେରା, ଯୋଗେନ୍ଦ୍ର ବେହେରା, ସୁରେନ୍ଦ୍ର ବେହେରା, ପରମାନନ୍ଦ ବେହେରା, ନଳିନ ବେହେରା, ସରୋଜ ବେହେରା, ପି.: ମହେଶ୍ୱର ବେହେରା, ଚେମି ବେହେରା, ସ୍ୱା.: ମହେଶ୍ୱର ବେହେରା, ଜା: କାଉଁଆ, ବା: ନିଜଗାଁ |
| 48 | 347 | 0.27 | 0.09 | ଶାରଦ ଦୁଇ | ଗଦାଧର ଦେହୁରୀ, ପି.: ଟୁରି ଦେହୁରୀ, ଜା: ଅମାନ୍ତ, ବା: ନିଜଗାଁ |
| | 348 | 0.46 | 0.24 | ଶାରଦ ଦୁଇ | |
| | 342 | 0.86 | 0.44 | ଶାରଦ ତିନି | |
| | 340 | 0.31 | 0.10 | ପତିତ | |
| 49 | 1158 | 0.18 | 0.06 | ଡାହି ଏକ | ଗନି ବେହେରା, ଚନ୍ଦନା ବେହେରା, ସହଦେବ ବେହେରା, ପି.: ମଦନ ବେହେରା, ଜା: କାଉଁଆ, ବା: ନିଜଗାଁ |
| 53 | 1090 | 0.21 | 0.16 | ଶାରଦ ଦୁଇ | ଗୋକୁଳ ମହାନ୍ତ, ଖୁସାଲ ମହାନ୍ତ, ପି.: ଭରତ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 1095 | 0.32 | 0.20 | ଶାରଦ ଦୁଇ | |
| 54 | 1089 | 0.11 | 0.02 | ଶାରଦ ଦୁଇ | ଗୋକୁଳ ମହାନ୍ତ, ସୁଫଲ ମହାନ୍ତ, ଖୁସାଲ ମହାନ୍ତ, ପି: ବୁକା ଓରଫ ଭରତ ମହାନ୍ତ, ବା: ମହେନ୍ଦ୍ର ମହାନ୍ତ, ରବିନ୍ଦ୍ର ମହାନ୍ତ, କଙ୍କି ମହାନ୍ତ, ପି.: ଲାଲ ମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 1091 | 0.22 | 0.04 | ଡାହି | |
| | 1093 | 0.13 | 0.04 | ଡାହି ଏକ | |
| | 1094 | 0.10 | 0.10 | ଡାହି ଏକ | |
| 58 | 238 | 0.27 | 0.17 | ଶାରଦ ଦୁଇ | ଗୋପୀନାଥ ମହାପାତ୍ର, ପି.: ସୀତାରାମ ମହାପାତ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| 66 | 1163 | 0.49 | 0.02 | ଶାରଦ ଦୁଇ | ଗୌରୀ ମହାନ୍ତ, ସ୍ୱା.: ଝଗୁଡୁ ମହାନ୍ତ, ଜା: କୁଡୁମି, ବା: ପୁରିନ୍ଦା |
| 67 | 189 | 1.52 | 0.38 | ଶାରଦ ଦୁଇ | ଚାଡ୍ରା ମାଝୀ, ଉଗାନ ମାଝୀ, ଚଞ୍ଚା ମାଝୀ, ପି.: ବୁଢ଼ାନ ମାଝୀ, ଜା: ସାନ୍ତାଳ, ବା: ଅଙ୍ଗାରିଆ, ଥା: ମୁରୁଡ଼ା |

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 69 | 262 | 0.57 | 0.23 | ଶାରଦ ଦୁଇ | ଚାମୁ ମହାନ୍ତ, ପି.: ହାଡ଼ିଆ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 76 | 240 | 0.67 | 0.24 | ଶାରଦ ଦୁଇ | ଜଗେନ ମହାନ୍ତ, ମହେନ୍ଦ୍ର ମହାନ୍ତ, ରାଣୀ ମହାନ୍ତ, ସରବ ମହାନ୍ତ, ପଦୁ ମହାନ୍ତ, ଜାତ୍ରୀ ମହାନ୍ତ, ପି.: ବାଉରୀ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 83 | 190 | 0.04 | 0.04 | ଶାରଦ ଦୁଇ | ଡମାନ ମହାନ୍ତ, ପି.: ମଙ୍ଗଲା ମହାନ୍ତ, ଜା: କୁଡୁମି, ବା: ବେଣାପୁରା, ଥା.: ବଇଶିଙ୍ଗା |
| 84 | 188 | 0.10 | 0.04 | ଶାରଦ ଦୁଇ | ତ୍ରିଲୋଚନ ମହାପାତ୍ର, ପି.: ଶ୍ୟାମ ସୁନ୍ଦର ମହାପାତ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | 986 | 0.41 | 0.34 | ଶାରଦ ଦୁଇ | |
| | 207 | 2.00 | 0.22 | ଶାରଦ ଦୁଇ | |
| 86 | 299 | 0.17 | 0.12 | ଶାରଦ ଦୁଇ | ଦନାର୍ଦ୍ଦନ ମହାନ୍ତ, ପି.: ରାଜାରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 87 | 196 | 0.18 | 0.03 | | ଦାନର୍ଦ୍ଦନ ପାତ୍ର, ପି.: ରଘୁ ପାତ୍ର, ଜା: ସୁଣ୍ଢି, ବା: ନିଜଗାଁ |
| | 193 | 0.51 | 0.02 | ଶାରଦ ଦୁଇ | |
| 92 | 1055/ 1418 | 0.05 | 0.02 | ଶାରଦ ଦୁଇ | ଦିନେଶ କୁମାର ମହାନ୍ତ, ପି.: ଗୋପାଳ ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ, ଜବର ଦଖଲ, ବା: ବୈଦ୍ୟନାଥ ମହାନ୍ତ, ପି.: ସିଦା ମହାନ୍ତ, ଜା: କୁଡୁମି, ବା: ରାଉତରା |
| 96 | 1052 | 0.44 | 0.09 | ଶାରଦ ଦୁଇ | ଦେବେନ୍ଦ୍ର ମହାନ୍ତ, ପି.: ନରସିଂହ ମହାନ୍ତ, ଜା: କୁଡୁମି, ବା: ରାଉତରା |
| 99 | 239 | 0.50 | 0.20 | ଶାରଦ ଦୁଇ | ଧୁନ୍ଦି ମହାନ୍ତ, ପି.: ସାନ ହାଡ଼ିଆ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 104 | 1054 | 0.15 | 0.11 | ଶାରଦ ଦୁଇ | ନବ ମହାନ୍ତ, ଗୁଞ୍ଜରୀ ମହାନ୍ତ, ପି.: ମହନି ମହାନ୍ତ, ଦୁର୍ଗା ମହାନ୍ତ, ବିଷ୍ଣୁ ମହାନ୍ତ, ପି.: ରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 105 | 1013 | 0.64 | 0.33 | ଶାରଦ ଏକ | ନବଘନ ମହାନ୍ତ, ଡମନ ମହାନ୍ତ, ପି.: ରଥୁ ମହାନ୍ତ, ମଥୁରା ମହାନ୍ତ, ସତୁରା ମହାନ୍ତ, ପି.: ସହରାଇ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 1013/ 1419 | 0.38 | 0.14 | ଶାରଦ ଏକ | |
| 111 | 236 | 0.21 | 0.10 | ଶାରଦ ଦୁଇ | ନିରଞ୍ଜନ ମହାପାତ୍ର, ପି.: ବନମାଳି ମହାପାତ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | 988 | 1.36 | 0.49 | ଶାରଦ ଦୁଇ | |
| 134 | 1055 | 1.26 | 0.03 | ଶାରଦ ଦୁଇ | ବୈଦନାଥ ମହାନ୍ତ, ପି.: ସିଦାମ ମହାନ୍ତ, ଜା: କୁଡୁମି, ବା: ରାଉତରା |
| | 1060 | 0.20 | 0.12 | ଶାରଦ ଦୁଇ | |
| 135 | 249 | 1.43 | 0.10 | ଶାରଦ ଦୁଇ | ବୈଦ୍ୟନାଥ ମହାନ୍ତ, ନନ୍ଦ କିଶୋର ମହାନ୍ତ, ସୁରୁ ମହାନ୍ତ, ଛତିଳ ମହାନ୍ତ, ପି.: ଆକୁଲ ମହାନ୍ତ, ଲାବନ ମହାନ୍ତ, ସ୍ୱା.: ଆକୁଲ ମହାନ୍ତ, ଜା: କୁଡୁମି, ବା: ପୁରିନ୍ଦା |
| 140 | 17 | 0.35 | 0.01 | ଶାରଦ ଦୁଇ | ଭନ୍ଦ ମହାନ୍ତ, ପି.: ବାଉରୀ ମହାନ୍ତ, ଜା: କୁଡୁମି, ବା: ରାଉତରା |
| 155 | 1162 | 0.27 | 0.23 | ଡାହି ଦୁଇ | ମହେଶ୍ୱର ବେହେରା, ପି.: ଗିରିଧାରୀ ବେହେରା, ଜା: କାଉଁଆ, ବା: ନିଜଗାଁ |
| 159 | 1049 | 0.56 | 0.16 | ଶାରଦ ଦୁଇ | ମୋଚିରାମ ମହାନ୍ତ, ପି.: ଲେଙ୍ଗା ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 1155 | 0.13 | 0.01 | ଶାରଦ ଏକ | |
| | 1058 | 0.36 | 0.04 | ଶାରଦ ଦୁଇ | |
| 167 | 1064 | 0.09 | 0.03 | ଶାରଦ ଦୁଇ | ରାଖାଲ ମହାନ୍ତ, ମୋତିଲାଲ ମହାନ୍ତ, ପି.: ଶିବ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 1065 | 0.11 | 0.11 | ଶାରଦ ଦୁଇ | |
| 170 | 15 | 1.43 | 0.20 | ଶାରଦ ଦୁଇ | ରାମକୃଷ୍ଣ ପାତ୍ର, ଜୟକୃଷ୍ଣ ପାତ୍ର, ଅନନ୍ତ ପାତ୍ର, ଲକ୍ଷ୍ମୀ ପାତ୍ର, ସରସ୍ୱତୀ ପାତ୍ର, ଦୁର୍ଗା ପାତ୍ର, କଟି ପାତ୍ର, ପି.: ହର ମୋହନ ପାତ୍ର, ଉମାମଣୀ ପାତ୍ର, ସ୍ୱା.: ହର ମୋହନ ପାତ୍ର, ମଧୁ ସୂଦନ ପାତ୍ର, ସାଧୁ ଚରଣ ପାତ୍ର, ପି.: ଚନ୍ଦ୍ର ମୋହନ ପାତ୍ର, ଜା: ପାଟରା, ବା: ବାରିପଦା, ୱାର୍ଡ଼ ନଂ. ୮ |
| 180 | 1011 | 0.79 | 0.06 | ଶାରଦ ଏକ | ଲକ୍ଷ୍ମୀଧର ପଟ୍ଟନାୟକ, ପି.: ବାଇଧର ପଟ୍ଟନାୟକ, ଜା: କରଣ, ବା: ନିଜଗାଁ |
| | 1053 | 0.51 | 0.34 | ଶାରଦ ଦୁଇ | |
| 195 | 1063 | 0.13 | 0.10 | ଶାରଦ ଦୁଇ | ସମୁଲ ମହାନ୍ତ, ସୁଗୁ ମହାନ୍ତ, ମୋଟକୀ ମହାନ୍ତ, ମେନକା ମହାନ୍ତ, ପି.: ସନା ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 196 | 1066 | 0.035 | 0.035 | ଶାରଦ ଦୁଇ | ସାମୁଲ ଓରଫ ବା ସମୁଲୁ ମହାନ୍ତ, ମୁଗୁଲାଇ ମହାନ୍ତ, ପି.: ସନା ମହାନ୍ତ, ଜା: କୁଡୁମି, ବା: ନିଜଗାଁ, ଲବିନ ମହାନ୍ତ, ପି.: ରଇନା ମହାନ୍ତ, ଜା: କୁଡୁମି, ବା: କାପୋଇ, ଥା: ମୁରୁଡ଼ା |
| 200 | 333 | 0.27 | 0.09 | ଶାରଦ ଦୁଇ | ସହରାଇ ମହାନ୍ତ, ପି.: ଦୁବରାଜ ମହାନ୍ତ, କୃପା ମହାନ୍ତ, ନୃପ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ପି.: ସନା ମହାନ୍ତ, ଜା: କୁଡୁମି, ବା: ରାଉତରା |
| | 332 | 0.63 | 0.22 | ପତିତ | |
| 211 | 346 | 0.33 | 0.01 | ଶାରଦ ଦୁଇ | ଶ୍ରୀପତି ମହାନ୍ତ, କାନ୍ଦୁରା ମହାନ୍ତ, ବାରିଶୀ ମହାନ୍ତ, ପି.: ଭରତ ମହାନ୍ତ, ସାର ମହାନ୍ତ, ସ୍ୱା.: ଭରତ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 212 | 1067 | 0.19 | 0.01 | ଶାରଦ ଦୁଇ | ଶ୍ରୀନାଥ ମହାନ୍ତ, ପି.: ସନା ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 217 | 985 | 0.19 | 0.12 | ଶାରଦ ଦୁଇ | ସୁଧିର ମହାପାତ୍ର, ସୁନିଲ ମହାପାତ୍ର, ଅନିଲ ମହାପାତ୍ର, ଶାନ୍ତିଲତା ମହାପାତ୍ର, ପି.: ଦେବେନ୍ଦ୍ର ମହାପାତ୍ର, ନିଶାମଣି ମହାପାତ୍ର, ସ୍ୱା.: ଦେବେନ୍ଦ୍ର ମହାପାତ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| 218 | 984 | 0.20 | 0.02 | ଶାରଦ ଦୁଇ | ସୁରେନ୍ଦ୍ର ମହାପାତ୍ର, ପି.: ମିନକେତନ ମହାପାତ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| 222 | 260 | 0.82 | 0.11 | ଶାରଦ ଦୁଇ | ହରେକୃଷ୍ଣ ବଗୁଡ଼େଇ, ପି.: ଯୋଗେନ୍ଦ୍ର ବଗୁଡ଼େଇ, ଜା: ଖଣ୍ଡାୟତ, ବା: ନିଜଗାଁ |
| | 263 | 0.31 | 0.13 | ଶାରଦ ଦୁଇ | |
| 223 | 268 | 0.70 | 0.18 | ଶାରଦ ଦୁଇ | ହରେକୃଷ୍ଣ ବେହେରା, ପି.: ନୀଳମଣି ବେହେରା, ଜା: ସୁଣ୍ଢି, ବା: ନିଜଗାଁ |

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 224 | 19 | 1.12 | 0.30 | ଶାରଦ ଦୁଇ | ହଳଧର ମହାନ୍ତ, ପି.: ମୁଚିରାମ ମହାନ୍ତ, ଦୀନବନ୍ଧୁ ମହାନ୍ତ, ଅର୍ଜ୍ଜୁନ ମହାନ୍ତ, ପି.: ଗଙ୍ଗାଧର ମହାନ୍ତ, ଜା: କୁଡୁମି, ବା: ରାଉତରା |
| 225 | 1050 | 0.49 | 0.30 | ଶାରଦ ଦୁଇ | ହାଡ଼ିଆ ମହାନ୍ତ, ପି.: ନେଙ୍ଗା ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 1059 | 0.16 | 0.13 | ଶାରଦ ଦୁଇ | |
| | 1062 | 0.38 | 0.25 | ଶାରଦ ଦୁଇ | |
| 231 | 1014 | 1.13 | 0.32 | ଶାରଦ ଏକ | ହେମ ମହାନ୍ତ, ପି.: ଧର୍ମୁ ମହାନ୍ତ, ଜା: କୁଡୁମି, ବା: ଅଙ୍ଗାରିଆ |
| | 267 | 0.63 | 0.27 | ଶାରଦ ଦୁଇ | |
| 232 | 211 | 1.68 | 0.29 | ଶାରଦ ଦୁଇ | ହେମେନ୍ଦ୍ର ନାଥ ମହାପାତ୍ର, ପି.: ନଛମନ ମହାପାତ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| 232/ 11 | 15/ 1461 | 0.69 | 0.20 | ଶାରଦ ଦୁଇ | ସଦାନନ୍ଦ ମହାନ୍ତ, ବ୍ରହ୍ମାନନ୍ଦ ମହାନ୍ତ, ବିଘ୍ନେଶ ମହାନ୍ତ, ଚନ୍ଦ୍ରମୋହନ ମହାନ୍ତ, ପି.: ଭଗିରଥ ମହାନ୍ତ, ଜା: କୁଡୁମି, ବା: ରାଉତରା |
| 232/ 33 | 19/ 1488 | 0.47 | 0.08 | ଶାରଦ ଦୁଇ | ଡମ୍ବରୁଧର ମହାନ୍ତ, ପି.: ରାଧାମୋହନ ମହାନ୍ତ, ଜା: କୁର୍ମୀ କ୍ଷତ୍ରୀୟ, ବା: ନିଜଗାଁ |
| 232/ 34 | 19/ 1489 | 0.46 | 0.10 | ଶାରଦ ଦୁଇ | ସୁବାସ ଚନ୍ଦ୍ର ମହାନ୍ତ, ପି.: ରାଧାମୋହନ ମହାନ୍ତ, ଜା: କୁର୍ମୀ କ୍ଷତ୍ରୀୟ, ବା: ନିଜଗାଁ |
| 232/ 35 | 266/ 1488 | 0.35 | 0.23 | ଶାରଦ ଦୁଇ | ଦୁର୍ଯ୍ୟୋଧନ ମହାନ୍ତ, ବିଭିଷଣ ମହାନ୍ତ, ପି.: ଶ୍ରୀହରି ମହାନ୍ତ, ଜା: କୁଡୁମି, ବା: ଶଶା (ନିଜଗାଁ) |
| 232/ 37 | 191/ 1430 | 0.30 | 0.05 | ଶାରଦ ଦୁଇ | ଭାଗିରଥି ମହାନ୍ତ, ପି.: ମହେଶ୍ୱର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 269 | 0.34 | 0.34 | ଶାରଦ ଦୁଇ | |
| 232/ 43 | 217 | 0.42 | 0.30 | ଶାରଦ ଦୁଇ | ଗୌରା ମହାନ୍ତ, ପି.: ବନମାଳୀ ମହାନ୍ତ, ଜା: କୁଡୁମି, ବା: ରାଉତରା |
| | 221 | 0.77 | 0.01 | ଶାରଦ ଏକ | |
| 232/ 45 | 194 | 0.45 | 0.04 | ଶାରଦ ଦୁଇ | ମଗୁଲାଲ ମହାନ୍ତ, ପି.: ସନାତନ ମହାନ୍ତ, ଜା: କୁଡୁମି, ବା: ଶଶା |
| 232/ 70 | 195 | 0.26 | 0.04 | ଶାରଦ ଦୁଇ | ପ୍ରତାପ ଚନ୍ଦ୍ର ମହାନ୍ତ, ପି.: ଗୋସେଇଁ ମହାନ୍ତ, ଜା: କୁଡୁମି, ବା: ପଳାସବଧା, ଥା: ରାସଗୋବିନ୍ଦପୁର |
| 232/ 79 | 333/ 1459 | 0.38 | 0.19 | ଶାରଦ ଦୁଇ | ମହେନ୍ଦ୍ରନାଥ ମହାନ୍ତ, ପି.: ହରମୋହନ ମହାନ୍ତ, ଜା: କୁଡୁମି, ବା: ରାଉତରା |
| | 335 | 0.20 | 0.07 | ଶାରଦ ଏକ | |
| 232/ 82 | 261 | 0.66 | 0.28 | ଶାରଦ ଦୁଇ | ସୁରୁବାଲି ମହାନ୍ତ, ସ୍ୱା.: ଯୁଜେଷ୍ଠି ମହାନ୍ତ, ବା: କୁଡୁମି, ବା: ନିଜଗାଁ |
| 232/ 96 | 237 | 0.20 | 0.10 | ଶାରଦ ଦୁଇ | ଅମୃତ ରଞ୍ଜନ ମହାପାତ୍ର, ପି.: ଜଗନ୍ନାଥ ମହାପାତ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | 989 | 0.49 | 0.16 | ଶାରଦ ଦୁଇ | |
| 232/ 118 | 216 | 0.56 | 0.03 | ଶାରଦ ଦୁଇ | ଛତିଶ ଚନ୍ଦ୍ର ମହାନ୍ତ, ପି.: ସୃଷ୍ଟିଧର ମହାନ୍ତ, ଜା: କୁଡୁମି, ବା: ଶଶା |
| | 211/ 1377 | 0.55 | 0.25 | ଶାରଦ ଦୁଇ | |
| 232/ 119 | 196/ 1560 | 0.08 | 0.01 | ଶାରଦ ଦୁଇ | ଉର୍ମିଳା ବେହେରା, ସ୍ୱା.: ଅରୁଣ କୁମାର ବେହେରା, ଜା: ଶୁଣ୍ଢି, ବା: ମାଝିଆଣି, ଥାନା: ବେତନଟୀ |
| 232/ 120 | 190/ 1561 | 0.19 | 0.11 | ଶାରଦ ଦୁଇ | ଉତ୍ତମ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, କୃପାସିନ୍ଧୁ ମହାନ୍ତ, ପି.: ଲକ୍ଷ୍ମୀଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 191 | 0.18 | 0.14 | ଶାରଦ ଦୁଇ | |
| 232/ 132 | 19/ 1460 | 0.40 | 0.09 | ଶାରଦ ଦୁଇ | ଭୀଷ୍ମରାମ ମହାନ୍ତ, ପି.: ସୁରେନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ରାଉତରା |
| 232/ 142 | 212/ 1578 | 0.31 | 0.11 | ଶାରଦ ଦୁଇ | କ୍ଷେତ୍ରମୋହନ ମହାନ୍ତ, ପି.: ସାଗର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 232/ 144 | 987 | 0.30 | 0.02 | ଶାରଦ ଦୁଇ | ଆଶିଷ କୁମାର ମହାପାତ୍ର, ପି.: ନିରଞ୍ଜନ ମହାପାତ୍ର, ଜା: ବ୍ରାହ୍ମଣ, ବା: ବାରିପଦା |
| 232/ 145 | 990 | 0.36 | 0.15 | ଶାରଦ ଦୁଇ | ମାଳତୀ ମହାନ୍ତ, ସ୍ୱା.: ଧନଞ୍ଜୟ ମହାନ୍ତ, ଜା: କୁଡୁମି, ବା: ନଜଗାଁ |
| | 212/ 1579 | 0.71 | 0.38 | ଶାରଦ ଦୁଇ | |
| 232/ 148 | 190/ 1428 | 0.07 | 0.03 | ଶାରଦ ଦୁଇ | ତ୍ରିଲୋଚନ ମହାନ୍ତ, ପି.: ଶ୍ୟାମସୁନ୍ଦର ମହାନ୍ତ, ଜା: କୁଡୁମି, ବା: ବେଣାପୁରା |
| | 191/ 1429 | 0.32 | 0.20 | ଶାରଦ ଦୁଇ | |
| 232/ 151 | 210 | 0.55 | 0.28 | ଶାରଦ ଦୁଇ | ଅନିଲ କୁମାର ମହାପାତ୍ର, ପି.: ଦେବେନ୍ଦ୍ର ମହାପାତ୍ର, ଜା: ବ୍ରାହ୍ମଣ, ବା: ବାରିପଦା |
| 232/ 152 | 202 | 0.28 | 0.08 | ଶାରଦ ଦୁଇ | ଜ୍ୟୋତିଷ କୁମାର ମହାପାତ୍ର, ପି.: ତ୍ରିଲୋଚନ ମହାପାତ୍ର, ଜା: ବ୍ରାହ୍ମଣ, ବା: ଶଂଶା |
| | 212/ 1586 | 0.41 | 0.12 | ଶାରଦ ଦୁଇ | |
| 232/ 157 | 212 | 0.69 | 0.28 | ଶାରଦ ଦୁଇ | ଅନିଲ କୁମାର ମହାପାତ୍ର, ପି.: ଦେବେନ୍ଦ୍ର ମହାପାତ୍ର, ଜା: ବ୍ରାହ୍ମଣ, ବା: ବାରିପଦା |
| 232/ 163 | 1066/ 1598 | 0.015 | 0.015 | ଶାରଦ ଦୁଇ | ବିଦ୍ୟାଧର ମହାନ୍ତ, ପି.: ସମୁଲୁ ମହାନ୍ତ, ଝାଡ଼େଶ୍ୱର ମହାନ୍ତ, ଡାକ୍ତର ମହାନ୍ତ, ସମରେନ୍ଦ୍ର ମହାନ୍ତ, ସୁଲୋଚନା ମହାନ୍ତ, ଅନ୍ନପୂର୍ଣ୍ଣା ମହାନ୍ତ, ପି.: ମୁଗୁଲାଲ ମହାନ୍ତ, ସିପୁନ୍ ମହାନ୍ତ, ପି.: କାଳିଚରଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 232/ 171 | 246/ 1606 | 0.35 | 0.16 | ଶାରଦ ଦୁଇ | ନେତ୍ରାମଣି ମହାନ୍ତ, ସ୍ୱା.: ମକରା ମହାନ୍ତ, ଜା: କୁର୍ମି କ୍ଷତ୍ରିୟ, ବା: ନିଜଗାଁ |
| 232/ 190 | 212/ 1583 | 0.69 | 0.19 | ଶାରଦ ଦୁଇ | କ୍ଷେତ୍ରମୋହନ ମହାନ୍ତ, ପି.: ସାଗର ମହାନ୍ତ, ଜା: କୁଡୁମି, ବା: ଶଂଶା, ଥା: ବେତନଟୀ |
| 232/ 201 | 1161 | 0.42 | 0.30 | ଡାହି ଏକ | ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି.: ଦୈତ୍ୟାରି ମହାନ୍ତ, ଜା: କୁର୍ମି କ୍ଷତ୍ରିୟ, ବା: ଶଶା, ଥା: ବେତନଟୀ |
| | 1157 | 1.07 | 0.40 | ଶାରଦ ଦୁଇ | |
| ମୋଟ | ୧୦୨ ପ୍ଲଟକୁ | ଏ. ୪୭.୮୦ ଡେ.ମି. | ଏ. ୧୫.୦୯ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

OIPR-24001/ 14/ 0012/ 2425

# ରାଜ୍ୟର ବିକାଶ ପାଇଁ କରାଯାଇଛି ବହୁ ଯୋଜନା: ନବୀନ

**କେନ୍ଦୁଝର/ହାଟଡିହୀ(ନରେଶ ଚନ୍ଦ୍ର ପଟ୍ଟନାୟକ/ ଶୁଭକାନ୍ତ ନାୟକ),୧୯।୫**



ଭଦ୍ରକ ଜିଲା ଧାମନଗର ଛକରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କ ସହ ବିଜେଡି ପ୍ରାର୍ଥୀ ଓ ଅନ୍ୟମାନେ।

ଆସନ୍ତା ଜୁଲାଇରୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ଛାଡ଼ ହେବ ଓ ସମସ୍ତ ମିଶନ ଶକ୍ତି ମା'ମାନଙ୍କୁ ଭତ୍ତା ପ୍ରଦାନ କରାଯିବ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। କେନ୍ଦୁଝର ଜିଲା ସଦର ବ୍ଲକ୍ ଅଧୀନ ରାଇସୁଆଁ, ଆନନ୍ଦପୁର ବିଧାନସଭା କ୍ଷେତ୍ରର ହାଟଡିହୀ ବ୍ଲକ୍ ଛେନାପଦୀଠାରେ ଅନୁଷ୍ଠିତ ନିର୍ବାଚନୀ ସଭା ଓ ବୈଠକରେ ଯୋଗଦେଇ ନବୀନ ଏହା କହିଛନ୍ତି। ଏଥିସହ ବିଏସ୍‌କେୱାଇ କାର୍ଡରେ ସମସ୍ତ ଚିକିତ୍ସା ସୁବିଧା ପ୍ରଦାନ କରାଯିବ। ମମତା ଯୋଜନା, ଲକ୍ଷ୍ମୀ ବସ୍, କାଳିଆ ଯୋଜନା ପରି ବିଭିନ୍ନ ଉନ୍ନତିମୂଳକ ଯୋଜନା କରାଯାଇଛି। ବିରୋଧୀ ଦଳ କେବଳ ମିଛ କହୁଛନ୍ତି, କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି କହି ନବୀନ ଆକ୍ଷେପ କରିଛନ୍ତି।

ଏହି ଅବସରରେ ଉପସ୍ଥିତ କର୍ମକର୍ତ୍ତା ଓ ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଜନକଲ୍ୟାଣ ଯୋଜନା ବିଷୟରେ ପଚାରିଥିଲେ। ପ୍ରଥମେ ସଭାରେ ଭଉଣୀ, ଭାଇମାନେ ବୋଲି ସମ୍ବୋଧନ କରି ବିଏସ୍‌କେଓାଇ ଯୋଜନା ଭଲ କି ବୋଲି ପଚାରିଥିଲେ। ମିଶନ ଶକ୍ତି, ଲକ୍ଷ୍ମୀ ବସ ସେବା ସ୍କିମ, କାଳିଆ ସ୍କିମ, ୫-ଟି ସ୍କୁଲ, ପାନୀୟ ଜଳ ଯୋଜନା, ମଧୁବାବୁ ଯୋଜନା, ଚାଉଳ କାର୍ଡ, ପୁରୀ ମନ୍ଦିର ଓ ମା' ସମଲେଇ ମନ୍ଦିର ପ୍ରକଳ୍ପ କାର୍ଯ୍ୟ ଭଲ କି ଏବଂ ନବୀନ ପଟ୍ଟନାୟକ ଓ ଶଙ୍ଖ ଚିହ୍ନ ଭଲ କି ବୋଲି ପଚାରିବାରୁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଜୁଲାଇରୁ ବିଜୁଳି ବିଲ ଆସିବ ନାହିଁ। ଆପଣ ମାନେ ଖୁସି ତ। ବିଜେଡିର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରନ୍ତୁ ଏବଂ ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ ବୋଲି କହିଥିଲେ। ଏହି ଅବସରରେ ଉଭୟ ମଞ୍ଚରେ ଉପସ୍ଥିତ ଥିବା ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଇ କେନ୍ଦୁଝରରେ ଧରଣୀଧର ମେଡିକାଲ କଲେଜ, ଧରଣୀଧର ବିଶ୍ୱବିଦ୍ୟାଳୟ, ସରକାରୀ ଇଞ୍ଜିନିୟରିଂ କଲେଜ କିଏ କରିଛନ୍ତି ବୋଲି ପଚାରିଥିଲେ। ୧୯,୫୦୦ କୋଟି ଟଙ୍କାର କାନପୁର ଜଳସେଚନ ପ୍ରକଳ୍ପ, ୩,୫୦୦ କୋଟି ଟଙ୍କାର ଆନନ୍ଦପୁର ବ୍ୟାରେଜ, ୫୦ କୋଟି ଟଙ୍କାରେ ମା' ତାରିଣୀ ମନ୍ଦିରର ରୂପାନ୍ତରୀକରଣ, ୧୨୫୦ କୋଟି ଟଙ୍କାର ଦେଓ ଜଳସେଚନ ପ୍ରକଳ୍ପ, କାଳିଆ ଯୋଜନା, ଲକ୍ଷ୍ମୀ ଯୋଜନା କିଏ କରିଛନ୍ତି, ମଧୁବାବୁ ଭତ୍ତା କିଏ ଦେଇଛନ୍ତି, ମିଶନ ଶକ୍ତି କାର୍ଯ୍ୟକ୍ରମ, ସ୍କଲାରଶିପ ଯୋଜନା କିଏ କରିଛି ବୋଲି ପଚାରିବା ସହ ନବୀନ ବାବୁଙ୍କ ଚିହ୍ନ କେଉଁଟା ବୋଲି ପଚାରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ହୃଦୟରେ ଆଦିବାସୀ ଭଉଣୀଭାଇମାନେ ଅଛନ୍ତି। ଆଦିବାସୀଙ୍କ କଳା, ସଂସ୍କୃତି, ପୂଜାସ୍ଥଳୀ, ଦେବସ୍ଥଳୀର ରକ୍ଷଣାବେକ୍ଷଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଇଛନ୍ତି। ଆଦିବାସୀ ଭଉଣୀଭାଇଙ୍କ ଉପରେ ଥିବା ୫୦ ହଜାର ମାମଲାକୁ ରଦ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଜଙ୍ଗଲଜାତ ଦ୍ରବ୍ୟ ଉପରେ ଠିକ୍ ମୂଲ୍ୟ ଦେବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ସେମାନଙ୍କର ପିଲାମାନଙ୍କ ରହିବା ପାଇଁ ହଷ୍ଟେଲ ବ୍ୟବସ୍ଥା କରିଛନ୍ତି। ରାଜ୍ୟକୁ ଆସୁଥିବା ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସେମାନଙ୍କ ରାଜ୍ୟରେ ଏଭଳି କେତେ ବ୍ୟବସ୍ଥା କରିଛନ୍ତି ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଭାଜପା କ୍ଷମତାକୁ ଆସିଲେ ଦରଦାମ କମାଇବ କହୁଛି। ୧୦ବର୍ଷ ହେଲା କେନ୍ଦ୍ରରେ ଭାଜପା ସରକାର ରହିଛି। ପେଟ୍ରୋଲ, ଡାଲି, ଏଲ୍‌ପିଜି ଦର କମାଇଲେ କି ବୋଲି ପ୍ରଶ୍ନ କରିଥିଲେ। ଏହି ଅବସରରେ ଯୋଡ଼ି ଶଙ୍ଖରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରିବାକୁ ପାଣ୍ଡିଆନ ନିବେଦନ କରିଥିଲେ। ସଦର ବ୍ଲକ୍ ଅଧୀନ ରାଇସୁଆଁ ସଭାରେ ଏମ୍‌ପି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ଘସିପୁରା ବିଧାୟକ ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ଼, ପାଟଣା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାୟକ, ସଦର ବିଧାୟକ ପ୍ରାର୍ଥୀ ମୀନା ମାଝୀ, କରଞ୍ଜିଆ ବିଧାୟକ ପ୍ରାର୍ଥୀ ବାସନ୍ତୀ ହେମ୍ବ୍ରମ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ହାଟଡିହୀ ବ୍ଲକ୍ ଛେନାପଦୀଠାରେ ଅନୁଷ୍ଠିତ ସଭାରେ ଲୋକ ସଭା ପ୍ରାର୍ଥୀ, ଘସିପୁରାର ବିଧାୟକ ପ୍ରାର୍ଥୀ, ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ଉପସ୍ଥିତ ରହି ନିଜ ନିଜର ଅଭିଭାଷଣ ରଖି ଭୋଟ ଭିକ୍ଷା କରିଥିଲେ। ଜିଲାପରିଷଦ ସଭ୍ୟ ଆଶିଷ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨୪ ଘଣ୍ଟା କାମ କରୁଛନ୍ତି: ପାଣ୍ଡିଆନ୍

**ଭଦ୍ରକ/ଧାମନଗର/ବନ୍ତ,୧୯।୫ (ସନାତନ ରାଉତ/ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଦିଆ/ହରିନାରାୟଣ ମହାନ୍ତି)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଭଦ୍ରକ ସଂସଦୀୟ କ୍ଷେତ୍ର ଗସ୍ତରେ ଆସି ବିଜେଡି ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ଧାମନଗର ଛକ ଧରଣୀ ସୁଗାର ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ବିଏସ୍‌କେୱାଇ ଯୋଜନା, ମିଶନ ଶକ୍ତି, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ, କାଳିଆ ଯୋଜନା, ଚାଉଳ କାର୍ଡ, ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ନବୀନ ପଟ୍ଟନାୟକ, ଶଙ୍ଖ ଚିହ୍ନ ଏବଂ ବିଜୁ ଜନତା ଦଳ ଭଲ କି ବୋଲି ନବୀନ ଉପସ୍ଥିତ କର୍ମୀ ଓ ଜନତାଙ୍କୁ ପ୍ରଶ୍ନ ପଚାରିଥିଲେ। ଏଥିସହ ବିଜେଡିର ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଆଶୀର୍ବାଦ କରନ୍ତୁ ବୋଲି କହି ନବୀନ ଭୋଟ ମାଗିଥିଲେ। ଏହି ସଭାରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ କହିଛନ୍ତି, ଭଦ୍ରକ ରିଙ୍ଗ୍‌ରୋଡ୍ ପାଇଁ ୪୦୫ କୋଟି ଟଙ୍କା, ଭଦ୍ରକାଳୀ ରାସ୍ତା ଲାଗି ୪୦ କୋଟି ଟଙ୍କା, ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ଉନ୍ନତି ନିମନ୍ତେ ଅନୁଦାନ ରାଜ୍ୟ ସରକାର ଦେଇଛନ୍ତି। ସେହିପରି ମମତା ଯୋଜନା, ମିଶନ ଶକ୍ତି ଓ ଯୁବପିଢ଼ିମାନଙ୍କ ପାଇଁ ନୂଆ-ଓ ଯୋଜନା ରାଜ୍ୟ ସରକାର ଆଣିଛନ୍ତି। ଆସନ୍ତା ଜୁନ୍ ୯ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ବିଜୁଳି ବିଲ୍ ଛାଡ଼ ପାଇଁ ପ୍ରଥମ ଦସ୍ତଖତ କରିବେ ମୁଖ୍ୟମନ୍ତ୍ରୀ। ରାଜ୍ୟବାସୀଙ୍କ ମୁହଁରେ ହସ ଫୁଟାଇବାକୁ ମୁଖ୍ୟମନ୍ତ୍ରୀ ୨୪ ଘଣ୍ଟା କାମ କରୁଛନ୍ତି। ଆସାମ ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାରରେ ଆସି ଓଡ଼ିଶାକୁ ୧ ନମ୍ବର କରିବେ ବୋଲି କହୁଛନ୍ତି। ତା'ହେଲେ ତାଙ୍କ ରାଜ୍ୟକୁ କେତେ ନମ୍ବର କରିବେ ବୋଲି ପାଣ୍ଡିଆନ କଟାକ୍ଷ କରିଥିଲେ।

ଭଦ୍ରକ ଲୋକ ସଭା ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ, ଧାମନଗର ବିଧାୟକ ପ୍ରାର୍ଥୀ ଡା. ସଞ୍ଜୟ ଦାସ, ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ଡ. ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ, ସିମୁଳିଆ ବିଧାନସଭା ଆସନ ପ୍ରାର୍ଥିନୀ ସୁବାସିନୀ ସାହୁ, ସୋର ବିଧାୟକ ପ୍ରାର୍ଥୀ ମାଧବ ଧଡ଼ା, ଭଦ୍ରକ ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା ପ୍ରମୁଖ ମଞ୍ଚାସୀନ ରହି ଯୋଡ଼ି ଶଙ୍ଖରେ ଭୋଟ୍ ଦେବାକୁ ଅନୁରୋଧ କରିଥିଲେ। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଣ୍ଡାରିପୋଖରୀ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ପୂର୍ବତନ ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକ, ଧାମନଗର ଏବଂ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରୁ ହଜାର ହଜାର ମହିଳା ଓ ପୁରୁଷ ସଭାରେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ତତ୍ତ୍ୱାବଧାନରେ ପୋଲିସ ଅଫିସରଙ୍କ ସହ ଫୋର୍ସ ମୁତୟନ ରହିଥିଲେ। ସଭା ମଝିରେ ବନ୍ତ ବ୍ଲକ ଚକ୍ରାପାଢ଼ୀ ଗ୍ରାମର ଚିତ୍ରଶିଳ୍ପୀ ନମିତା ବେହେରା ନିଜେ ଆଙ୍କିଥିବା ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ଦେଖାଇଥିଲେ। ପାଣ୍ଡିଆନ ତାଙ୍କ ପାଖକୁ ଆସି ଫଟୋଚିତ୍ର ନେବା ସହ ତାଙ୍କୁ ମଞ୍ଚ ଉପରକୁ ନେଇଥିଲେ। ମଞ୍ଚରେ ନମିତା ମୁଖ୍ୟମନ୍ତ୍ରୀଙ୍କୁ ଫଟୋଚିତ୍ର ପ୍ରଦାନ କରିଥିଲେ।

# ସରକାର ପରିବର୍ତ୍ତନ ଆହ୍ୱାନ ଦେଲେ ଧର୍ମେନ୍ଦ୍ର

**ବଇଣ୍ଡା,୧୯।୫ (ପରିକ୍ଷିତ ସାହୁ)**

### କିଶୋରନଗର ବ୍ଲକ ସଞ୍ଜାମୁରାରେ ବିଜୟ ସଂକଳ୍ପ ସମାବେଶ

ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ଅନୁଗୋଳ ଜିଲାର କିଶୋରନଗର ବ୍ଲକ ସଞ୍ଜାମୁରା ଗ୍ରାମରେ ରବିବାର ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଭାଜପା ଏମ୍‌ପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ୨୫ ବର୍ଷ ଧରି ରାଜ୍ୟବାସୀଙ୍କୁ ଠକିଥିବା ବିଜେଡି ସରକାର ପରିବର୍ତ୍ତନ ପାଇଁ ଭୋଟରମାନଙ୍କୁ ଆହ୍ୱାନ ଦେଇଥିଲେ।

ଭାଜପା ଆଠମଲ୍ଲିକ ବିଧାନସଭା ସଂଯୋଜକ ଡ. ଅଲେଖ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦେଇଥିଲେ। ଏକ ବିରାଟ ଶୋଭାଯାତ୍ରାରେ ସମାବେଶ ସ୍ଥଳରେ ପହଞ୍ଚିବା ପରେ କେନ୍ଦ୍ରମନ୍ତ୍ରୀ କହିଲେ, ଓଡ଼ିଶାରେ ରାଜକୋଷ ଅର୍ଥ ଲୁଟ ହୋଇଛି। ଫଳରେ ଓଡ଼ିଆ ଲୋକଙ୍କ ମନରେ ପରିବର୍ତ୍ତନ ଚିନ୍ତା ଆସିଛି। ୨୫ ବର୍ଷ ଧରି ଦୁର୍ନୀତିରେ ଲିପ୍ତ ଥିବା ବିଜେଡି ସରକାରକୁ ୨୦୨୪ରେ ଓଡ଼ିଶାବାସୀ ବିଦା କରିବେ। ଭୋଟରମାନଙ୍କ ଆଶୀର୍ବାଦ ରହିଲେ ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀରୁ ଏମ୍‌ପି ହୋଇ ଦିଲ୍ଲୀ ଯିବେ। ଆଠମଲ୍ଲିକ ଅଞ୍ଚଳରେ ଅନେକ ସମସ୍ୟା ରହିଛି। ବିଶେଷକରି ଏହା କୃଷି ବହୁଳ ଅଞ୍ଚଳ ହୋଇଥିଲେ ମଧ୍ୟ ଚାଷୀଙ୍କ ପାଇଁ ଜଳସେଚନ ବ୍ୟବସ୍ଥା ନାହିଁ। ଶୀତଳଭଣ୍ଡାର ମଧ୍ୟ ନିର୍ମାଣ ହୋଇନାହିଁ। ଅନେକ ବିଦ୍ୟାଳୟରେ ଶିକ୍ଷକ ଓ ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ଆଦିବାସୀଙ୍କ ଜମିକୁ ହଡପ କରିବାକୁ ବିଜେଡି ସରକାର ଯୋଜନା କରିଥିଲେ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ହେଲେ ଭତ୍ତା ଅର୍ଥ ୩୦୦୦ ଟଙ୍କା ସହ କେନ୍ଦୁପତ୍ର ବିଡ଼ା ୨ ଟଙ୍କା, ଧାନ କୁଇଣ୍ଟାଲ ୩,୧୦୦ ଟଙ୍କା ଓ ମହିଳାଗୋଷ୍ଠୀର ସଦସ୍ୟାମାନଙ୍କୁ ସୁଭଦ୍ରା ଯୋଜନା ମାଧ୍ୟମରେ ୫୦ ହଜାର ଟଙ୍କା ଯୋଗାଇ ଦିଆଯିବ। ସମସ୍ତ ପରିବାରକୁ ଶୌଚାଳୟ, ପକ୍କା ଘର ଦିଆଯିବ। ତେଣୁ ଆସନ୍ତା ୨୫ ତାରିଖରେ ଯୋଡ଼ି ଫୁଲରେ ଭୋଟ ଦେବାକୁ ଧର୍ମେନ୍ଦ୍ର ଅନୁରୋଧ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ଭାଜପା ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ ଯୋଗଦେଇ ତାଙ୍କୁ ଆଶୀର୍ବାଦ କଲେ ଆଠମଲ୍ଲିକକୁ ଆହୁରି ବିକାଶ ପଥରେ ପହଞ୍ଚାଇବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଆଠମଲ୍ଲିକ ଭାଜପା ବିଧାନସଭା ପ୍ରଭାରୀ ସୀମାଞ୍ଚଳ ଖଟେଇ, ଜିଲା ଉପସଭାପତି ଅର୍ଜୁନ ସାହୁ, ପୂର୍ବତନ ଜିଲା ପରିଷଦ ସଭାପତି ଅଞ୍ଜଳି ପ୍ରଧାନ, ଭାଜପା ନେତା ପରେଶ ଦେଓ, ଅର୍ଜୁନ ପାଣ୍ଡେ, ଅରବିନ୍ଦ ସାହୁ, ଲୁଲୁ ସାହୁ, ଅଜିତ ପ୍ରଧାନ, ଶଙ୍କର ହୋତା ପ୍ରମୁଖ ଯୋଗ ଦେଇଥିଲେ। ରଣିଆକଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅନିତା ଦାସ ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିଲେ।



ମଞ୍ଚରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଠମଲ୍ଲିକ ଭାଜପା ପ୍ରାର୍ଥୀ ଓ ବିଧାୟକ।

# ବିଜେଡି ଛାଡ଼ି ଭାଜପାରେ ସମୀର

**ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)**

ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ରବିବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ଅପରାହ୍ନରେ ଭାଜପାରେ ଯୋଗଦେଇଛନ୍ତି। ସମୀର ପ୍ରଥମେ ଏକ ଭିଡିଓ ବାର୍ତ୍ତା ଜାରିକରି କହିଥିଲେ, ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଚଳିତ ନିର୍ବାଚନରେ ଟିକେଟ ଦେଲେ ନାହିଁ। ଅର୍ଥାତ୍ ଦଳର ନେତୃତ୍ୱ ତାଙ୍କ ଉପରୁ ଆସ୍ଥା ହରାଇଛନ୍ତି। ଏହାପରେ ଦଳରେ ରହିବା ଆଉ ଠିକ୍ ନୁହେଁ । ତେଣୁ ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଉଥିବା କହିଛନ୍ତି। ଏହାପରେ ସମୀର ତାଙ୍କ ସମର୍ଥକମାନଙ୍କ ସହ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚି ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି।

ସମୀରଙ୍କ ସମେତ ନିମାପଡ଼ା ଏନ୍‌ଏସିର ପୂର୍ବତନ ସଭାପତି ଜୀବନାନନ୍ଦ ମହାପାତ୍ର, ରାଜ୍ୟ ପୂର୍ବତନ ଯୁବ ସମ୍ପାଦକ ଅକ୍ଷୟ କୁମାର ବେହେରା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସନାତନ ପ୍ରଧାନ, ପୂର୍ବତନ ରାଜ୍ୟ କାଉନସିଲ୍ ସଦସ୍ୟ ଅଶୋକ କୁମାର ମହାନ୍ତି, ଗୋପ ବ୍ଲକ ବିଜେଡି ସଦସ୍ୟ ପୁରେଶ କୁମାର ସେନାପତି, ବିଜେଡିର ବରିଷ୍ଠ ନେତା ପ୍ରକାଶ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସୁମନ୍ତ କୁମାର ଦାସ, ବିଜେଡିର ବରିଷ୍ଠ ନେତା ବିଷ୍ଣୁଚରଣ ମହାନ୍ତି, ପୂର୍ବତନ ସରପଞ୍ଚ ଅମୂଲ୍ୟ କୁମାର ରଥ, ବ୍ଲକ ଅଧ୍ୟକ୍ଷ ଶଙ୍କର, ଜିଲା ପରିଷଦ ପ୍ରଦୀପ୍ତ ଖଟୁଆ, ବ୍ଲକ ସଭାପତି ଅଶୋକ ସାହୁ ପ୍ରମୁଖ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ ସମୀର କହିଛନ୍ତି, ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ ତାହାକୁ ସେ ନିଷ୍ଠାର ସହ ପାଳନ କରିବେ। ସେ ପୂର୍ବରୁ ଭାଜପାରେ ଥିଲେ, ବର୍ତ୍ତମାନ ସେ ତାଙ୍କ ଘରକୁ ଫେରିଛନ୍ତି। ନିମାପଡ଼ାରେ ଭାଜପା ବହୁ ଭୋଟରେ ବିଜୟୀ ହେବ ବୋଲି ସମୀର କହିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର, ନିମାପଡ଼ା ବିଧାୟକ ପ୍ରାର୍ଥୀ ପ୍ରଭାତୀ ପରିଡ଼ା, ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା ପ୍ରମୁଖ ଉତ୍ତରୀୟ ପିନ୍ଧାଇ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି, ଓଡ଼ିଶାରେ ଚାଲିଥିବା ଅଣଓଡ଼ିଆ ଶାସନକୁ ସମୂଳେ ଧ୍ୱଂସକରି ଭାଜପା ସରକାର ଗଠନ କରିବା ରାଜ୍ୟବାସୀଙ୍କ ଲକ୍ଷ୍ୟ। ବିଜେଡି ୨୫ ବର୍ଷ ଧରି ଅନ୍ୟାୟ, ଅନୀତି, ଦୁର୍ନୀତି, ଭ୍ରଷ୍ଟାଚାର ଚଳାଇଛି। ବ୍ୟଭିଚାରୀ ଶାସନକୁ ହଟାଇବା ପାଇଁ ଓଡ଼ିଶା ଲୋକେ ସଚେତନ ହୋଇଛନ୍ତି। ଚଳିତ ନିର୍ବାଚନ ଲଢ଼ିବାର ଦାୟିତ୍ୱ ସାଧାରଣ ଲୋକମାନେ ନେଇଛନ୍ତି ବୋଲି ମନମୋହନ କହିଛନ୍ତି।



ଭାଜପା ନେତୃମଣ୍ଡଳୀଙ୍କ ଗହଣରେ ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ରବିବାର ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଭାଜପାରେ ଯୋଗ ଦେଇଛନ୍ତି।

## ଆସନ୍ତା ସପ୍ତାହରେ ଆସିବେ ରାହୁଲ, ଖାର୍ଗେ

**ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆସନ୍ତା ୨୬, ୨୭ ଏବଂ ୨୮ ମଧ୍ୟରେ ଓଡ଼ିଶା ଆସିବେ ବୋଲି କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି। ସେମାନେ ବାଲେଶ୍ୱର ଏବଂ ଭଦ୍ରକ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏହି ଦୁଇଟି ଯାକ ଆସନ କଂଗ୍ରେସ ସପକ୍ଷରେ ଥିବା ଦଳ ଅନୁମାନ କରୁଛି। ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଶନିବାର ବାଲେଶ୍ୱର ଗସ୍ତକରି ସାଧାରଣ ସଭାରେ ଯୋଗ ମଧ୍ୟ ଦେଇଥିଲେ। ତେଣୁ ଆଗକୁ ରାହୁଲ ବାଲେଶ୍ୱରରେ ଏକ ରୋଡ୍ ଶୋ କରିପାରନ୍ତି ବୋଲି ସୂଚନା ମିଳିଛି।

## ନିମ୍ନରୁଚିର ମନ୍ତବ୍ୟ ଦେଉଛନ୍ତି ଭାଜପା ନେତା: ବିଜେଡି

**ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)**

ଚଳିତ ନିର୍ବାଚନରେ ଶୋଚନୀୟ ଭାବେ ହାରିବାକୁ ଯାଉଥିବା ଭାଜପା ନେତା ବିଚଳିତ ଆଉ ବିବ୍ରତ ହୋଇ ଅତି ନିମ୍ନରୁଚିର ମନ୍ତବ୍ୟ ଦେଉଛନ୍ତି। ଖଲ୍ଲିକୋଟ ପ୍ରସଙ୍ଗରେ ଭାଜପା ନେତା ପୀତାମ୍ବର ଆଚାର୍ଯ୍ୟ ରବିବାର ଅତି ତଳସ୍ତରକୁ ଚାଲିଗଲେ। ରାଜନୀତିରେ ଏହାଠାରୁ ନିମ୍ନସ୍ତର ଆଉ କିଛି ନ ଥିବ ବୋଲି ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ତମ୍ବୁନାଥ କହିଛନ୍ତି, ସର୍ବସାଧାରଣରେ ମନ୍ତବ୍ୟ ଦେବା ବେଳେ ଭଦ୍ରାମି ଓ ସଞ୍ଜମତା ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ୨ଦିନ ତଳେ କହିଥିଲେ। ହେଲେ ଲାଗୁଛି ଅଶାଳୀନ ଓ ଅରୁଚିକର ମନ୍ତବ୍ୟ ଦେବାକୁ ସତେ ଯେମିତି ଭାଜପା ନେତା ସଂକଳ୍ପ ନେଇଯାଇଛନ୍ତି। ଆଚାର୍ଯ୍ୟ କହିଛନ୍ତି, ଖଲ୍ଲିକୋଟ ଉଆସରେ ହତ୍ୟାକାଣ୍ଡର ଷଡଯନ୍ତ୍ର ହୋଇଥିଲା। ଏଭଳି ବୟାନ ଦେଇ ଆଚାର୍ଯ୍ୟ କେବଳ ଭାଜପାର ହୀନମନ୍ୟତା ପଦାରେ ପକାଇ ନାହାନ୍ତି ବରଂ ଖଲ୍ଲିକୋଟ ରାଣୀ ସ୍ୱର୍ଗତ ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଅମର ଆତ୍ମାକୁ ଅପମାନିତ କରିଛନ୍ତି। ସେହିଭଳି ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଉତ୍ତରାଧିକାରୀଙ୍କ ପ୍ରତି ମଧ୍ୟ ଆଚାର୍ଯ୍ୟ ଦେଇଥିବା ଅପମାନସୂଚକ ଟିପ୍ପଣୀକୁ ନେଇ ସମସ୍ତେ ଆଚମ୍ବିତ। ଆଚାର୍ଯ୍ୟ ଜାଣି ରଖିବା ଦରକାର କେବଳ ଖଲ୍ଲିକୋଟ ଅଞ୍ଚଳରେ ନୁହେଁ, ବରଂ ସମଗ୍ର ଗଞ୍ଜାମ ତଥା ରାଜ୍ୟ ରାଜନୀତିରେ ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଯଥେଷ୍ଟ ସମ୍ମାନ ରହିଥିଲା। ତାଙ୍କ ପ୍ରତି ଯେଭଳି ଅରୁଚିକର ମନ୍ତବ୍ୟ ସେ ଦେଇଛନ୍ତି, ତାର ଜବାବ ଖଲ୍ଲିକୋଟବାସୀ ଦେବେ। କେବଳ ଏତିକି ନୁହେଁ, ଆଚାର୍ଯ୍ୟ ନିଜ ପ୍ରତିକ୍ରିୟାରେ କିଛି ନିର୍ଦ୍ଦିଷ୍ଟ ଅଫିସରଙ୍କ ନାଁ ନେଇ ଯେଉଁଭଳି ଧମକ ଦେଇଛନ୍ତି ଆଉ ଟିପ୍ପଣୀ ମାନ କରିଛନ୍ତି, ଏଥିରୁ ସ୍ପଷ୍ଟ ହେଉଛି, ଭାଜପା ଅତି ଶୋଚନୀୟ ଭାବେ ନିର୍ବାଚନ ହାରିବାକୁ ଯାଉଛି। ଅଫିସରଙ୍କୁ ଧମକ ଦେଇ ନିର୍ବାଚନକୁ ପ୍ରଭାବିତ କରିବାକୁ ସେ କରୁଥିବା ଉଦ୍ୟମର ଜବାବ ଖଲ୍ଲିକୋଟବାସୀ ଦେବେ ବୋଲି ତୁମ୍ବନାଥ କହିଛନ୍ତି।

# ଗୁପ୍ତରେ ରଣନୀତି ଚଳାଇଛନ୍ତି ବିଭିନ୍ନ ଦଳର ପ୍ରାର୍ଥୀ

**ଝାରସୁଗୁଡ଼ାରୁ ଅନିଲ ଦାସ,୧୯।୫**

### ବୁଥ୍ ପ୍ରସ୍ତୁତ, ଭୋଟରଙ୍କୁ ଅପେକ୍ଷା

ପୋଲିଂ ପାର୍ଟି ଗନ୍ତବ୍ୟସ୍ଥଳରେ ପହଞ୍ଚି ସାରିଛନ୍ତି। ବୁଥ୍ ମଧ୍ୟ ପ୍ରସ୍ତୁତ ହୋଇସାରିଛି। ସୋମବାର ସକାଳ ୭ଟାରୁ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆରମ୍ଭ ହେବ। ନିର୍ବାଚନ ପ୍ରଚାର ଶେଷ ହୋଇଯାଇଥିବାରୁ ପୂର୍ବଭଳି କୋଳାହଳ ନାହିଁ କି ଗାଁ ଗାଁ, ସାହି ସାହିରେ ଆଉ ପ୍ରଚାର ଗାଡ଼ି ବୁଲୁନାହିଁ। ପ୍ରାର୍ଥୀମାନେ ବିଭିନ୍ନ ଗାଁ ଗସ୍ତ କରି ନିଜ ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ସୁନ୍ଦରଗଡ଼ ଓ ବରଗଡ଼ ନିର୍ବାଚନମଣ୍ଡଳୀରେ ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଇଛି। ପ୍ରାର୍ଥୀମାନେ ନିଜର କର୍ମୀମାନଙ୍କୁ ଧରି ନିଜ ନିର୍ବାଚନମଣ୍ଡଳୀର ଅନେକ ଦୂରରେ ଥିବା ଗାଁଗଣ୍ଡାରେ କର୍ମୀ ଓ ସ୍ଥାନୀୟ ଭୋଟରଙ୍କୁ ମନାଇବା ପାଇଁ ଜୋର୍‌ଦାର ଉଦ୍ୟମ କରୁଛନ୍ତି। ବିଭିନ୍ନ ଦଳର ପ୍ରାର୍ଥୀମାନେ ଗୁପ୍ତ ଭାବେ ଭୋଜିଭାତ ଆୟୋଜନ କରି ଭୋଟରମାନଙ୍କୁ ନିଜ ସପକ୍ଷରେ ପ୍ରସ୍ତୁତି କରୁଛନ୍ତି। ତେବେ ଏସବୁ ଉପରେ ଜିଲା ନିର୍ବାଚନ ଅଧିକାରୀ, ପର୍ଯ୍ୟବେକ୍ଷକ, ପୋଲିସ ପ୍ରଶାସନ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ସୁନ୍ଦରଗଡ଼ ଓ ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୧୪ଟି ବିଧାନସଭାର ପ୍ରାର୍ଥୀମାନେ ଭୋଟ୍‌ର ଅବ୍ୟବହିତ ପୂର୍ବରୁ ମତଦାତାଙ୍କୁ ପ୍ରଲୋଭିତ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି।

ଭୋଟରମାନେ ମଧ୍ୟ ପ୍ରାର୍ଥୀମାନଙ୍କଠାରୁ ଫାଇଦା ନେବା ପାଇଁ ଚାହିଁ ରହିଛନ୍ତି। ଏପରିକି କେତେକ ସ୍ଥାନରେ ଭୋଟରମାନେ ରାସ୍ତାରେ କିମ୍ବା ନିଜ ଗାଁରେ ମେଳି ହୋଇ ପ୍ରାର୍ଥୀମାନଙ୍କୁ ଅପେକ୍ଷା କରିଥିବା ଦେଖିବାକୁ ମିଳୁଛି। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ମୁଖ୍ୟତଃ ୩ ଦଳଙ୍କ ମଧ୍ୟରେ ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତା ହେଉଛି। ବିଜେଡିରୁ ଦୀପାଳି ଦାସ, ଭାଜପାରୁ ଟଙ୍କଧର ତ୍ରିପାଠୀ ଏବଂ କଂଗ୍ରେସରୁ ଅମିତା ବିଶ୍ୱାଳଙ୍କ ମଧ୍ୟରେ କଡ଼ା ଟକ୍କର ହେଉଛି। ତେବେ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି କେତେକ ଭୋଟର ମତ ଦେଇଛନ୍ତି। ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଅଳକା ମହାନ୍ତି, ଭାଜପା ପ୍ରାର୍ଥୀ ସୁରେଶ ପୂଜାରୀ ଏବଂ କଂଗ୍ରେସ ପ୍ରାର୍ଥୀ କିଶୋର ଚନ୍ଦ୍ର ପଟେଲଙ୍କ ମଧ୍ୟରେ କଡ଼ା ଟକ୍କର ହେଉଛି। ଏଠାରେ ବିଜେଡି ବିଧାନସଭା ଆସନ ଦଖଲ କରିଥିବା ବେଳେ ବରିଷ୍ଠ ପ୍ରାର୍ଥୀ ସୁରେଶ ପୂଜାରୀ ଓ କଂଗ୍ରେସର କିଶୋର ପଟେଲ ମଧ୍ୟ ବିଜେଡିକୁ କଡ଼ା ଟକ୍କର ଦେଉଛନ୍ତି। ଅନ୍ୟପକ୍ଷରେ ପଦ୍ମପୁର, ବିଜେପୁର, ବରଗଡ଼, ଭଟ୍‌ଲି, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲ୍ଲୀ, ରାଉରକେଲା, ରାଜଗାଙ୍ଗପୁର, ବଣାଇ ଆସନରେ ମଧ୍ୟ ବିଜେଡି-ଭାଜପା ମଧ୍ୟରେ ଓ କେତେକ ସ୍ଥାନରେ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀଙ୍କ ମଧ୍ୟରେ ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତା ହେଉଛି। ତେବେ ଏହି ନିର୍ବାଚନରେ କେଉଁ ଦଳ ଫାଇଦା ନେବ ତାହା ଜୁନ୍ ୪ ଭୋଟଗଣତି ପରେ ଜଣାପଡ଼ିବ।

## ବିଜେଡିର ୪ ଜଣଙ୍କୁ ମିଳିଲା ନୂଆ ଦାୟିତ୍ୱ

ଭୁବନେଶ୍ୱର, (ସୁନିତ୍ ମିଶ୍ର): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଦଳର କେତେଜଣଙ୍କୁ ସାଂଗଠନିକ ନିଯୁକ୍ତି ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ଜିଲା ସମ୍ପାଦକ ଭାବେ ପ୍ରିୟନାଥ ମାରାଣ୍ଡି, ବିଶ୍ୱନାଥ ହେମ୍ବ୍ରମ, ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର ନିର୍ବାଚନ ସଂଯୋଜକ ଭାବେ ସୁନୀଲ ଦାସ ଏବଂ କୁଳିଆଣ ବ୍ଲକର ନିର୍ବାଚନ ସଂଯୋଜକ ଭାବେ ନରେନ୍ଦ୍ର ହାଁସଦାଙ୍କୁ ଦାୟିତ୍ୱ ଦେଇଛନ୍ତି। ଏନେଇ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଏକ ବିଜ୍ଞପ୍ତି ରବିବାର ଜାରି କରାଯାଇଛି।

# ମୋଦି ଭାରତର ପ୍ରତିଛବି ବଦଳାଇଛନ୍ତି: ରାଜନାଥ

ନାକଟିଦେଉଳ, ୧୯।୫
(ବୈକୁଣ୍ଠନାଥ ସାହୁ)

ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ସମଗ୍ର ବିଶ୍ୱରେ ଭାରତର ଛବି ବଦଳିଛି। ଏବେ ଅନ୍ତର୍ଜାତୀୟ ମଞ୍ଚରେ ଭାରତ କହିଲେ ସମସ୍ତେ ଧ୍ୟାନ ଦେଇ ଶୁଣୁଛନ୍ତି। ରୁଷ-ୟୁକ୍ରେନ ସଂଘର୍ଷ ଟାଳିବାରେ ଭାରତ ସକ୍ରିୟ ଭୂମିକା ଗ୍ରହଣ କରୁଛି। ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନ ରେଢାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନାକଟିଦେଉଳରେ ରବିବାର ଭାଜପାର ବିଜୟ ସଂକଳ୍ପ ସମାବେଶରେ ଏହା କହିଛନ୍ତି ବରିଷ୍ଠ ଭାଜପା ନେତା ତଥା ଦେଶର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ।

ନାକଟିଦେଉଳ ଜଗନ୍ନାଥ ପ୍ରସାଦସ୍ଥିତ ଷ୍ଟାଡିୟମରେ ଆୟୋଜିତ ସଂକଳ୍ପ ସମାବେଶରେ ବକ୍ତବ୍ୟ ରଖି ରାଜନାଥ କେନ୍ଦ୍ରରେ ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ଭାଜପା ସରକାରର ସଫଳତା ବଖାଣିବା ସହ ରାଜ୍ୟରେ ବିଜେଡି ସରକାରର ବିଫଳତା ଉପରେ ସରକାରଙ୍କୁ ଟାର୍ଗେଟ କରିଥିଲେ। ରାଜ୍ୟରେ ଦୀର୍ଘ ୫୦ବର୍ଷ ଧରି କଂଗ୍ରେସ ସରକାର ଏବଂ ୨୫ ବର୍ଷ ଧରି ବିଜେଡି ସରକାର ଶାସନ କରି ଆସିଛନ୍ତି। ହେଲେ ଓଡ଼ିଶା ଯେଉଁ ଶିଖରରେ ପହଞ୍ଚିବା କଥା ପହଞ୍ଚି ପାରିନାହିଁ। ଏପରି କି ରାଜ୍ୟ ସରକାର ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଚାବି ହଜାଇ ଦେଇଛନ୍ତି। ଯେଉଁଦିନ ରାଜ୍ୟରେ ଭାଜପା ସରକାର ଆସିବ କିଏ ରତ୍ନଭଣ୍ଡାର ଚାବି ହଜାଇଲା ତାହାର ତଦନ୍ତ କରାଯିବ। ବିଜେଡି ସରକାର ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ କରୁନାହିଁ ବୋଲି ଅଭିଯୋଗ କରିଥିଲେ ରାଜନାଥ। ଓଡ଼ିଶାରେ ଭାଜପା ସରକାର ଆସିଲେ ଆବାସ ଯୋଜନାରେ ଘର ପାଇ ନ ଥିବା ସମସ୍ତଙ୍କୁ ଘର ଯୋଗାଇ ଦିଆଯିବ। ଏଣୁ କେନ୍ଦ୍ରରେ ତୃତୀୟ ଥର ପାଇଁ ମୋଦିଙ୍କ ନେତୃତ୍ୱାଧୀନ ସରକାର ଏବଂ ରାଜ୍ୟରେ ଭାଜପା ସରକାର ଗଠନ ପାଇଁ ଉଭୟ ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବାକୁ ସମାବେଶରେ ନିବେଦନ କରିଥିଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ।

ଏହି ସମାବେଶରେ ସମ୍ବଲପୁରର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡ଼ିଶାର ୩କୋଟି ୨୬ ଲକ୍ଷରୁ ଅଧିକ ଲୋକ ଉପକୃତ ହେଉଛନ୍ତି ବୋଲି କହିଥିଲେ। ଦୀର୍ଘ ୨୫ ବର୍ଷ ଧରି ଯେଉଁମାନେ ରାଜ୍ୟରେ ଶାସନ କରୁଛନ୍ତି ସେମାନଙ୍କୁ ଶାସନ ଗାଦିରୁ ହଟାଇବାର ସମୟ ଆସିଛି। କାରଣ ନିରବଚ୍ଛିନ୍ନ ସରକାର ରହିବା ପରେ ମଧ୍ୟ ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶା ଯେଉଁଭଳି ସ୍ଥିତିରେ ରହିବା କଥା ସେହି ସ୍ଥିତିରେ ଆଜି ନାହିଁ। ଜଳ ଜୀବନ ମିଶନରେ ମୋଦି ସରକାର ୧୦ହଜାର କୋଟି ଦେବା ପରେ ବି ଆଜି ସୁଦ୍ଧା ଘରେ ଘରେ ପିଇବା ପାଣି ପହଞ୍ଚି ପାରିନାହିଁ। ଭାଜପା ସରକାର ଆସିଲେ ଓଡ଼ିଶାରେ ମୁକ୍ତ ବିଜୁଳି ଯୋଜନା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରୀ କରାଯିବ। ସୁଭଦ୍ରା ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ୫୦ହଜାର ଟଙ୍କାର ଭାଉଚର ଦିଆଯିବ। ସବୁ ଗରିବ ଲୋକଙ୍କୁ ପଟ୍ଟା ସହ ପକ୍କାଘର ଯୋଗାଇ ଦିଆଯିବ। ରାଜ୍ୟରେ ପ୍ରତ୍ୟେକ ଘରକୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ। ଶୌଚାଳୟ ଏବଂ ଉଜ୍ଜଳା ଗ୍ୟାସ ସହ ସବୁପ୍ରକାରର ସୁବିଧା ଯୋଗାଇ ଦିଆଯିବ। କେନ୍ଦୁପତ୍ର ବିଡ଼ା ୧.୬୦ ପଇସାରୁ ୨ଟଙ୍କାକୁ ବୃଦ୍ଧି କରାଯିବ ବୋଲି ଘୋଷଣା କରି ସମ୍ବଲପୁର ଜିଲାକୁ ସମଗ୍ର ଦେଶରେ ଏକ ବିକଶିତ ଜିଲା ଭାବେ ଗଢି ତୋଳିବା ଦିଗରେ ପଦକ୍ଷେପ ନିଆଯିବ। ଆପଣମାନଙ୍କ ସେବକ ହେବାକୁ ଚାହେଁ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରକାଶ କରି ଡବଲ ଇଞ୍ଜିନ ସରକାର ଆସିଲେ ପ୍ରଗତି ହୋଇପାରିବ ବୋଲି କହିଥିଲେ। ଭାଜପା ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ରେଢାଖୋଲ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ଡ. ପ୍ରମୋଦ କୁମାର ମହାପାତ୍ର, ଲୋକ ସଭା ପ୍ରଭାରୀ ମୁକ୍ତା ସାହୁ, ବିଧାନସଭା ପ୍ରଭାରୀ ଅର୍ଜ୍ଜୁନ ପଟ୍ଟନାୟକ, ରେଢାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ନାକଟିଦେଉଳ ମଣ୍ଡଳ ସଭାପତି ପ୍ରମୋଦ ସାହୁ, ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ଜିଲା ପରିଷଦ ସଭ୍ୟ ଶରତ କୁମାର ସାହୁ, ସୁଷମା ମୁଣ୍ଡା, ସୁରଥ ବିଶ୍ୱାଳ ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ବକ୍ତବ୍ୟ ରଖିଥିଲେ।



ସମ୍ବଲପୁର ଲୋକ ସଭା କ୍ଷେତ୍ରର ନାକଟିଦେଉଳଠାରେ ଅନୁଷ୍ଠିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ‘କଂଗ୍ରେସ ଲୋକତନ୍ତ୍ରକୁ ହତ୍ୟା କରିଛି’

କେନ୍ଦୁଝର/ପାଟଣା/ଚମ୍ପୁଆ/ ଝୁମ୍ପୁରା(ନରେଶ ଚନ୍ଦ୍ର ପଟ୍ଟନାୟକ/ ବୀର କିଶୋର ଦାଶ/ ମହେଶ୍ୱର ଦାସ/ ଶଶିଭୂଷଣ ସାହୁ), ୧୯।୫

କଂଗ୍ରେସ ଦଳ ମିଛ ପ୍ରଚାର କରି କହୁଛି ଭାଜପାକୁ ବହୁମତ ମିଳିଲେ ସମ୍ବିଧାନ ବଦଳାଇଦେବେ। ସମ୍ବିଧାନର ମୁଖବନ୍ଧରେ ଉଲ୍ଲେଖ ରହିଛି ଯେ, ଏହାକୁ ବଦଳା ଯାଇପାରିବ ନାହିଁ। ସଂରକ୍ଷଣ ବ୍ୟବସ୍ଥାକୁ ଠିକ୍ ଭାବରେ ଆମ ସରକାର କାର୍ଯ୍ୟକାରୀ କରୁଛି। କଂଗ୍ରେସ ନିଜେ ଲୋକତନ୍ତ୍ରକୁ ହତ୍ୟା କରି ମିଥ୍ୟା ପ୍ରଚାର କରୁଛି ବୋଲି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କେନ୍ଦୁଝର ଲୋକ ସଭା କ୍ଷେତ୍ର ଝୁମ୍ପୁରା ବ୍ଲକ୍ ଅସନପାଟଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶ ସଭାରେ ଯୋଗଦେଇ ଏହା କହିଛନ୍ତି।

ଏଥିସହ ରାଜନାଥ କହିଛନ୍ତି, ଭାଜପା କ୍ଷମତାକୁ ଆସିଲେ ୨ ବର୍ଷ ମଧ୍ୟରେ ରାଜ୍ୟରେ ସମସ୍ତଙ୍କୁ ପକ୍କାଘର, ଆୟୁଷ୍ମାନ୍ ଯୋଜନା କାର୍ଡ, ଗ୍ୟାସ ସିଲିଣ୍ଡର ମିଳିବ। କାଠ ଜଳାଇ ମା' ଭଉଣୀମାନେ ରୋଷେଇ କରୁଥିଲେ। ସେମାନଙ୍କ ଆଖିର ଲୁହକୁ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଖି ଉଜ୍ଜ୍ୱଳା ଯୋଜନା କରିଥିଲେ। ଆଦିବାସୀଙ୍କ କଲ୍ୟାଣ ଓ ବିକାଶ ହେବା ଜରୁରୀ। ସେମାନଙ୍କ ବିକାଶ ପାଇଁ ଆମ ପ୍ରଧାନମନ୍ତ୍ରୀ ଚିନ୍ତା କରୁଛନ୍ତି। ଯଦି ଏନ୍‌ଡିଏ ୪୦୦ ପାର କରିଦେବ, ଲୋକତନ୍ତ୍ରକୁ ହତ୍ୟା କରିଦେବେ ବୋଲି କଂଗ୍ରେସ କହୁଛି। କଂଗ୍ରେସ ସରକାର ସମୟରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏମର୍ଜେନ୍ସି ଲାଗୁ କରି ଗଣତନ୍ତ୍ରର ତଣ୍ଟି ଚିପି ଦେବା ଭଳି କାମ କରିଥିଲେ। ଲକ୍ଷାଧିକ ସଂଖ୍ୟାରେ ଆମକୁ ଜେଲରେ ଭର୍ତ୍ତି କରିଥିଲେ। ସେ ସମୟରେ ମୋ ମା'ଙ୍କ ମୃତ୍ୟୁ ହୋଇଗଲା। କିନ୍ତୁ ମୋତେ ପାରୋଲରେ ଛଡ଼ାଗଲା ନାହିଁ। ଏବେ ସେମାନେ କହୁଛନ୍ତି ଗଣତନ୍ତ୍ରର ହତ୍ୟା ହୋଇଯିବ। ଆଉ ପାକିସ୍ତାନ ସହିତ କଂଗ୍ରେସର ଲିଙ୍କ୍ ଥିବା ପ୍ରସଙ୍ଗ ଉଠାଇ ସେ କହିଥିଲେ, ପାକିସ୍ତାନର ଜଣେ ମନ୍ତ୍ରୀ ରାହୁଲ ଗାନ୍ଧୀଙ୍କୁ ତାରିଫ୍ କରୁଛନ୍ତି। ଏଣୁ କିଏ କ୍ଷମତାରେ ବସିବା ଆବଶ୍ୟକ ବୋଲି ପ୍ରଶ୍ନ କରିଥିଲେ। ସେହିପରି ପାକିସ୍ତାନର ଆଉ ଜଣେ ଫଜରୁଲ ରହମାନ ସଂସଦରେ ପାକିସ୍ତାନ ବିରୋଧରେ ଆଲୋଚନା କରି ମୋଦିଙ୍କ ନେତୃତ୍ୱରେ ଭାରତ ବିକାଶ କରୁଥିବା କହିଥିବା ପ୍ରସଙ୍ଗକୁ ଉଠାଇଥିଲେ। ଭାରତ ବିଶ୍ୱର ମହାଶକ୍ତି ହେବାକୁ ବସିଛି ବୋଲି ଖୋଦ ପାକିସ୍ତାନର ମନ୍ତ୍ରୀ ଆଲୋଚନା କରୁଥିବା କହିଥିଲେ। ଆଦିବାସୀଙ୍କ ବଳିଦାନକୁ ସେ ମନେ ପକାଇଥିଲେ। କରୋନା ବିଶ୍ୱରେ ଭୟ ସୃଷ୍ଟି କରିଥିବା ବେଳେ ଭାରତରେ ଲୋକେ ୨ରୁ ୩ ଡୋଜ ଭ୍ୟାକସିନ ପାଇପାରିଛନ୍ତି। ଏହି କାମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରି ଦେଖାଇଛନ୍ତି। ଏଥିରେ କୌଣସି ତ୍ରୁଟି ନାହିଁ। ସେହିପରି ସଙ୍କଟ ସମୟରେ ୫ କିଲୋ ରାସନ ଦେବା ବ୍ୟବସ୍ଥା କରିଥିଲେ। ଏଣୁ ଭାଜପାର ଲୋକ ସଭା ଓ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇ ଦେବେ କି ବୋଲି ପ୍ରଶ୍ନ କରି ଲୋକଙ୍କୁ ତାଳି ମାରି ଜବାବ ଦେବାକୁ କହିଥିଲେ। କେନ୍ଦୁଝର ଲୋକ ସଭା ପ୍ରାର୍ଥୀ ଅନନ୍ତ ନାୟକ, ପାଟଣା ବିଧାୟକ ପ୍ରାର୍ଥୀ ଅଖିଳ ନାୟକ ଓ ଚମ୍ପୁଆ ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମା, ଜିଲା ଭାଜପା ସଭାପତି ଅଂଶୁମାନ୍ ସବୁଜ ମହାନ୍ତ ବର୍ମା ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏଠାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜନସମାଗମ ହୋଇଥିଲା।

## ନକାରାତ୍ମକ ଟିପ୍ପଣୀ ନ କରନ୍ତୁ ପାଣ୍ଡିଆନ୍: ଅପରାଜିତା

ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)

ବିଜେଡିର ବରିଷ୍ଠ ନେତା ତଥା ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ବିରୋଧରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଅପରାଜିତା କହିଛନ୍ତି, ତାଙ୍କ କାମକୁ ନେଇ ପାଣ୍ଡିଆନ୍‌ବାବୁ ସନ୍ତୁଷ୍ଟ ନୁହନ୍ତି ବୋଲି ନିର୍ବାଚନୀ ପ୍ରଚାରରେ କହୁଛନ୍ତି। ହେଲେ ତାଙ୍କ ରାଜନୈତିକ ଭବିଷ୍ୟତ ପାଣ୍ଡିଆନ୍‌ଙ୍କ ମତାମତ ଉପରେ ନିର୍ଭର କରେନାହିଁ। ପ୍ରତିବର୍ଷ ରିପୋର୍ଟ କାର୍ଡ ଦେଉଛି, ଯାହାକି ପବ୍ଲିକ ଡୋମେନ୍‌ରେ ଉପଲବ୍ଧ ରହିଛି। ପାଣ୍ଡିଆନ୍‌ବାବୁ ତାହାକୁ ସେଠାରୁ ପଢ଼ି ନିଅନ୍ତୁ। ପାଣ୍ଡିଆନ୍‌ଙ୍କୁ ପ୍ରଶ୍ନ କରୁଛି, ରାଜନୀତିରେ ମର୍ଯ୍ୟାଦାପୂର୍ଣ୍ଣ ମନ୍ତବ୍ୟ ବ୍ୟବହାର କରାଯାଏ। ଜଣେ ପୂର୍ବତନ ପ୍ରଶାସନିକ ଅଧିକାରୀ ହିସାବରେ ପ୍ରଧାନମନ୍ତ୍ରୀଙ୍କ କାମକୁ ନେଇ ପାଣ୍ଡିଆନ୍‌ବାବୁ ନକାରାତ୍ମକ ଟିପ୍ପଣୀ ନ କରନ୍ତୁ। ପ୍ରଧାନମନ୍ତ୍ରୀଙ୍କୁ ଟୁରିଷ୍ଟ ବୋଲି ଟିପ୍ପଣୀ ନ ଦିଅନ୍ତୁ। ଖାଲି ସେତିକି ନୁହେଁ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ଔକାତ୍ ଓ ଦମ୍ ଶବ୍ଦର ବ୍ୟବହାର କରିବା ଏବଂ ତାଙ୍କ ଯୋଗ୍ୟତାକୁ ନେଇ ପ୍ରଶ୍ନ କରିବା ଜଣେ ପ୍ରଶାସନିକ ଅଧିକାରୀଙ୍କୁ ଶୋଭାପାଉନାହିଁ। ପାଣ୍ଡିଆନ୍ ନିଜ ସୀମା ଭିତରେ ରହିବା ସହ ମର୍ଯ୍ୟାଦାପୂର୍ଣ୍ଣ କଥା କହିବା ଉଚିତ। ୫ ବର୍ଷରେ କ'ଣ କରିଛି ବୋଲି ପଚାରୁଛନ୍ତି। ମାତ୍ର ବିଜେଡିର ୧୨ ଜଣ ଏମ୍‌ପିଙ୍କ ରିପୋର୍ଟ କାର୍ଡ ପବ୍ଲିକ୍ ଡୋମେନ୍‌ରେ ପାଣ୍ଡିଆନବାବୁ ରଖନ୍ତୁ। ପ୍ରସନ୍ନ ପାଟଶାଣୀ ୨୫ ବର୍ଷ ସାଂସଦ ଥିଲେ। ପାଟଶାଣୀଙ୍କ ସବୁ ବର୍ଷର ରିପୋର୍ଟ କାର୍ଡ ପବ୍ଲିକ୍ ଡୋମେନ୍‌ରେ ରଖିପାରିବେ କି ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି। ୨୦୧୯ରୁ ୨୦୨୪ ମଧ୍ୟରେ ୧୨ ଜଣ ଏମ୍‌ପି ବିଜେଡିର ଲୋକ ସଭାରେ ଥିଲେ। ସେମାନଙ୍କ ରିପୋର୍ଟ କାର୍ଡ ପବ୍ଲିକ୍ ଡୋମେନ୍‌ରେ ରଖନ୍ତୁ। ବିଜେଡିର ମାତ୍ର ୩ ଜଣକୁ ଛାଡ଼ିଦେଲେ ଅନ୍ୟ କୌଣସି ସାଂସଦ ଲୋକ ସଭାରେ ପ୍ରଶ୍ନ କରିବା ତ ଦୂରର କଥା ସେମାନଙ୍କୁ ଦେଖିବାକୁ ମିଳୁ ନ ଥିଲା। ଆଶ୍ଚର୍ଯ୍ୟର କଥା ପାଣ୍ଡିଆନ୍ ନିଜେ ୱାର୍ଡମେମ୍ବର ନିର୍ବାଚନ ମଧ୍ୟ ଲଢ଼ିନାହାନ୍ତି। ସେ ପଚାରୁଛନ୍ତି ଅପରାଜିତା ଷଡ଼ଙ୍ଗୀ କ'ଣ କରିଛନ୍ତି।

### ପ୍ରସନ୍ନ ପାଟଶାଣୀଙ୍କ ପ୍ରତିକ୍ରିୟା

ଭୁବନେଶ୍ୱର, ୧୯।୫(ଅସମାପିକା ସାହୁ)

ଅପରାଜିତାଙ୍କୁ ଜବାବ ଦେଇଛନ୍ତି ପ୍ରସନ୍ନ ପାଟଶାଣୀ। ଅପରାଜିତା ବିବୃତ୍ତି ଦେବା ବେଳେ ଶାଳୀନତା ରକ୍ଷା କରନ୍ତୁ। ଅନେକ ସମୟରେ ଅପ୍ରାସଙ୍ଗିକ ଓ ଭିତ୍ତିହୀନ ବିବୃତି ଦିଅନ୍ତୁ ନାହିଁ ବୋଲି ପାଟଶାଣୀ କହିଛନ୍ତି। ସେ କହିଛନ୍ତି, ଭୁବନେଶ୍ୱର ଏମ୍‌ପି ମୋ'ଠାରୁ ବୟସ ଏବଂ ଅନୁଭବରେ ବହୁତ ସାନ। ଖବରଦାତା ସମ୍ମିଳନୀରେ ମୋ ବିଷୟରେ ଯେଉଁ ଟିପ୍ପଣୀ ରଖିଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ। ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ। ଲୋକସେବା ସରକାରୀ ଚାକିରୀ ନୁହେଁ ଯେ, ବର୍ଷ ଶେଷରେ ଗୋଟିଏ ରିପୋର୍ଟ କାର୍ଡ ଡିଜାଇନ କରି ଉପରିସ୍ଥ ଅଧିକାରୀରଙ୍କୁ ଦେବାକୁ ପଡ଼ିବ। ମୋର ରିପୋର୍ଟ କାର୍ଡ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଥିବା ବିଧାନସଭା କ୍ଷେତ୍ରର ଲୋକମାନେ ଦିଅନ୍ତି, ଯାହା ପ୍ରତି ନିର୍ବାଚନରେ ଭୋଟ ବ୍ୟବଧାନରେ ପ୍ରତିଫଳିତ ହୁଏ ବୋଲି ପାଟଶାଣୀ କହିଛନ୍ତି।

## ପରାଜୟ କଥା ଜାଣି କ୍ରୋଧିତ ହେଉଛନ୍ତି ଅପରାଜିତା: ସସ୍ମିତ

ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)

ଚଳିତ ନିର୍ବାଚନରେ ଅପରାଜିତା ଷଡ଼ଙ୍ଗୀ ନିଶ୍ଚିତ ପରାଜୟର ସମ୍ମୁଖୀନ ହେଉଛନ୍ତି ଏବଂ ସେଥିପାଇଁ ନିରାଶ ଓ କ୍ରୋଧିତ ହୋଇପଡ଼ିଛନ୍ତି। ଏଥିଲାଗି ନିଜ କ୍ରୋଧ ପାଇଁ ସେ ଗତ କିଛିଦିନ ହେବ ଅପମାନଜନକ ଭାଷା ଓ ମିଥ୍ୟା ଅଭିଯୋଗ କରିଆସୁଛନ୍ତି ବୋଲି କହିଛନ୍ତି ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର। ଗଣମାଧ୍ୟମକୁ ସୂଚନା ଦେଇ ସସ୍ମିତ କହିଛନ୍ତି, ଆମେ ଅପରାଜିତାଙ୍କୁ କ୍ରୋଧିତ ନ ହେବାକୁ ଅନୁରୋଧ କରୁଛୁ। ସେ ଏଭଳି ଅପମାନଜନକ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ବୟସ, ଅଭିଜ୍ଞତା ଓ ତାଙ୍କ ଉପରେ ଥିବା ଲୋକଙ୍କ ବିଶ୍ୱାସକୁ ଅସମ୍ମାନ କରି ଭାଜପା ନେତାମାନେ ନିୟମିତ ଭାବେ କେଉଁ ପ୍ରକାର ଅପମାନଜନକ ଭାଷା ବ୍ୟବହାର କରୁଛନ୍ତି ତାହା ଓଡ଼ିଶାବାସୀ ଜାଣନ୍ତି। ଏହା ରାଜ୍ୟବାସୀଙ୍କୁ ଦୁଃଖ ଦେଇଛି। ସମସ୍ତେ ଜାଣନ୍ତି ଯେ ବିଜେଡି ସର୍ବସାଧାରଣରେ ଶାଳୀନତା ବଜାୟ ରଖିଛି। ଅପରାଜିତା ଏବଂ ଆପଣଙ୍କ ନେତାମାନେ ଯେପରି ଆମ ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ସମାଲୋଚନା କରୁଛନ୍ତି, ତାହା ସୁସ୍ଥ ରାଜନୈତିକ ଆଲୋଚନା ନୁହେଁ। ରାଜଧାନୀର ଏମ୍‌ପି ଭାବେ ଆପଣଙ୍କ ଅବଦାନକୁ ନେଇ ସେ ନମ୍ରତାର ସହ ପ୍ରଶ୍ନ ପଚାରିଛନ୍ତି। ଭୁବନେଶ୍ୱର ପାଇଁ କ'ଣ କରିଛନ୍ତି ତାହା କହିବା ପରିବର୍ତ୍ତେ ରାଗିଯାଉଛନ୍ତି କାହିଁକି।

## ମୋଦି ଯେତେ ଓଡ଼ିଶା ଆସିବେ କଂଗ୍ରେସ ସେତିକି ବଢ଼ିବ: ଅଜୟ


ଭୁବନେଶ୍ୱର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଓ ଅନ୍ୟମାନେ।

ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ୨ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ତେବେ ତାଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ ମୋଦିଙ୍କୁ ବହୁ ପ୍ରଶ୍ନ ପଚାରି ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଟାର୍ଗେଟ କରିଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଜୟ କୁମାର କହିଛନ୍ତି, ପ୍ରଧାନମନ୍ତ୍ରୀ ମିଥ୍ୟାର ଶେହେନଶାହା, ଅସତ୍ୟର ମହାରାଜ ଓ ଜୁମ୍‌ଲାର ବାଦଶାହା। ମିଥ୍ୟା ଓ ଜୁମ୍‌ଲାର ସବୁ ସୀମା ପ୍ରଧାନମନ୍ତ୍ରୀ ପାର କରିସାରିଲେଣି। ନିର୍ବାଚନୀ ସଭାରେ ବଡ଼ ପାଟିରେ ସେ ମିଛ କୁହନ୍ତି। ପ୍ରତି ବ୍ୟାଙ୍କ ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଆସିବା, କୃଷକଙ୍କ ଆୟ ଦ୍ୱିଗୁଣିତ କରିବା, ପ୍ରତି ଘରକୁ ପକ୍କାଘର ଓ ବିଜୁଳି ସଂଯୋଗ, ସ୍ମାର୍ଟ ସିଟି ନିର୍ମାଣ, ବର୍ଷକୁ ୨ କୋଟି ଯୁବକଙ୍କୁ ନିଯୁକ୍ତି, ବୁଲେଟ ଟ୍ରେନ୍ ଚଲାଇବା ଏ ସମସ୍ତ କଥା ମୋଦିଙ୍କ ମିଛର ଅଂଶବିଶେଷ। ଭାଜପା ଭକ୍ତଙ୍କ ମିଥ୍ୟା ଦାବି ଅନୁସାରେ ସେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ବନ୍ଦ କରିପାରନ୍ତି , କିନ୍ତୁ ମଣିପୁରରେ ହିଂସା ରୋକିବାରେ ଅସମର୍ଥ ହୁଅନ୍ତି। ମୋଦି ଅବ୍‌କି ବାର୍ ପ୍ରତିଦିନ ମିଛ କହିବାରେ ୪୦୦ ପାର। ୪୫ ବର୍ଷରେ ଦେଶରେ ସର୍ବାଧିକ ବେରୋଜଗାର ହୋଇଥିବା ବେଳେ ଦରଦାମ ବୃଦ୍ଧି ଦେଶବାସୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ପ୍ରଧାନମନ୍ତ୍ରୀ ଯେତେଥର ଓଡ଼ିଶା ଆସିବେ ଭାଜପା କମିବ ଏବଂ କଂଗ୍ରେସ ବଢ଼ିବ ବୋଲି ଅଜୟ କୁମାର କହିଛନ୍ତି।

ସେ ଆହୁରି କହିଛନ୍ତି, ଦେଶର ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଦର କମ୍ କରିବାରେ ବିଫଳ ମୋଦି ୬୦ ହଜାର କୋଟି ଟଙ୍କା ବିନିମୟରେ ସମଗ୍ର ଦେଶରେ ନିଜର ଦଳୀୟ କାର୍ଯ୍ୟାଳୟ ପାଇଁ ଜାଗା କିଣିବା ଏବଂ ଘର କରିବାରେ ଖର୍ଚ୍ଚ କରିବା ସାଧାରଣ ଜନତାଙ୍କ ପ୍ରତି ନିଷ୍ଠୁର ଉପହାସ। ମୋଦି ଯେଉଁ ରାଜ୍ୟକୁ ଯାଉଛନ୍ତି ସେ ରାଜ୍ୟକୁ ୧ ନମ୍ବର କରିବା ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। ଏକଥା ରାଜ୍ୟବାସୀ ଭଲଭାବେ ଜାଣିଛନ୍ତି ଯେ, ଯେଉଁ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଓ ରାଜ୍ୟରେ ଭାଜପା ଶାସନ ଦୀର୍ଘବର୍ଷ ଧରି ରହିଆସିଛି ସେସବୁ ରାଜ୍ୟକୁ ୧ ନମ୍ବର କରାଇବାରେ ମୋଦି ଅସମର୍ଥ। ତେଣୁ ଯେତେ ଅଧିକ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ ଭାଜପା କମିବ କଂଗ୍ରେସ ବଢ଼ିବ। ଭାଜପା ଏବେ ‘ଭାଗ୍‌ତିହୁଇ ଜୁମୁଲା ପାର୍ଟି’। ଦେଶର ଜନସାଧାରଣ ସେମାନଙ୍କୁ ଭଗେଇବା ପାଇଁ ପଣ କରିଛନ୍ତି। ସେମାନେ ଯେଉଁ ଜାଗାକୁ ଯାଉଛନ୍ତି ତାଙ୍କୁ ଜନତା ଭଗାଉଛନ୍ତି। ୪ଟି ପର୍ଯ୍ୟାୟ ନିର୍ବାଚନ ସରିଥିଲା ବେଳେ ଦେଶର ଜନତାଙ୍କ ମୁଡ୍ ଦେଖି ମୋଦି ଏବେ ଭୟଭୀତ ଅଛନ୍ତି। ନିଜର ଚେୟାର ବଞ୍ଚାଇବା ପାଇଁ ବିଦ୍ୱେଷର ବିଷମଞ୍ଜି ବୁଣିବାରେ ଲାଗିଛନ୍ତି। ମୋଦି ଦେଇଥିବା ପ୍ରତିଶ୍ରୁତି ଯଥା ସବୁ ଘରକୁ ଅପ୍ଟିକାଲ ଫାଇବର ଯୋଗେ ସଂଯୋଗ କରିବା ତାହା ବର୍ତ୍ତମାନ ପାଣିର ଗାର ରୂପେ ସାବ୍ୟସ୍ତ ହୋଇଛି। ଓଡ଼ିଶାରେ ନବୀନବାବୁଙ୍କ ସରକାର ଚାହିଁଥିଲେ ତାମିଲନାଡୁ ଢାଞ୍ଚାରେ ରାଜ୍ୟର ସବୁଠାରୁ ବଡ଼ ବର୍ଗ ଓବିସିଙ୍କ ପାଇଁ ୫୦%ରୁ ଉପରକୁ ଯାଇ ସଂରକ୍ଷଣ ବ୍ୟବସ୍ଥା କରିପାରିଥାନ୍ତେ। ସମ୍ବିଧାନର ନବମ ଅନୁଚ୍ଛେଦର ସାହାଯ୍ୟ ନେଇ ଏ କାର୍ଯ୍ୟ ସମ୍ପୂର୍ଣ୍ଣରୂପେ ଓଡ଼ିଶାର ଓବିସି ବର୍ଗଙ୍କୁ ତାଙ୍କର ସଂଖ୍ୟା ଆଧାରରେ ସଂରକ୍ଷଣ ବ୍ୟବସ୍ଥା ଦିଆଯାଇପାରିବ। କିନ୍ତୁ ଓଡ଼ିଶା ବିଜେଡି ସରକାରଙ୍କ ଉଦାସୀନ ମନୋଭାବ ଯୋଗୁ ଏହା ଲାଗୁ କରାଯାଇପାରୁନାହିଁ। ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ ହେଲେ ମଧ୍ୟ ଆଦିବାସୀଙ୍କ ଜଙ୍ଗଲ ଜମି ଉପରେ ଥିବା ଅଧିକାରକୁ ଛଡ଼ାଇନେବା ପାଇଁ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସରକାର ଏକ ଆଇନ ଆଣିଥିଲେ ଯାହାକି ଅତ୍ୟନ୍ତ ନିନ୍ଦନୀୟ। ଉଭୟ ମୋଦି ଏବଂ ନବୀନ ସମଗ୍ର ଦେଶ ଏବଂ ରାଜ୍ୟରେ ଆଦିବାସୀ ବର୍ଗଙ୍କୁ ଦିଆଯାଇଥିବା ସୁବିଧା ସୁଯୋଗ କ୍ରମାଗତ ଭାବରେ ସଙ୍କୁଚିତ କରିବାରେ ଲାଗିଛନ୍ତି ବୋଲି ଅଜୟ କୁମାର କହିଛନ୍ତି।

## ପ୍ରଚାର ପାଇଁ ଆସିଥିବା ପ୍ରାର୍ଥୀଙ୍କୁ ବିରୋଧକଲେ ଗ୍ରାମବାସୀ

### ପାନୀୟ ଜଳ ସମସ୍ୟା ନେଇ ତାତିଲେ

ପଟ୍ଟାମୁଣ୍ଡାଇ, ୧୯।୫(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀରେ ବିଜେଡି ପୁଣିଥରେ ଧ୍ରୁବ ଚରଣ ସାହୁଙ୍କୁ ବିଧାୟକ ପ୍ରାର୍ଥୀ କରିଛି। ସେ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ପଞ୍ଚାୟତ ବୁଲି ରୋଡ ଶୋ କରୁଛନ୍ତି । ହେଲେ ପାଣି ସମସ୍ୟାକୁ ନେଇ ଶ୍ରୀରାମପୁର, ଖଣତା ପଞ୍ଚାୟତରେ ଲୋକେ ତାଙ୍କୁ ବିରୋଧ କରିଛନ୍ତି । ସେମାନେ ଖାଲି ମାଠିଆ ଓ ହାଣ୍ଡି ଗାଁ ଦାଣ୍ଡରେ ରଖି ପ୍ରଚାର ପାଇଁ ଆସିଥିବା ବିଧାୟକ ପ୍ରାର୍ଥୀ ସାହୁଙ୍କୁ ନିଜ ସମସ୍ୟା ଜଣାଇଛନ୍ତି। ଏପରି କି ରବିବାର ଭେଡିସାହି ଗ୍ରାମର ଲୋକମାନେ ବିଧାୟକଙ୍କୁ ଗାଁକୁ ନ ଆସିବାକୁ କହିଥିଲେ । ବିଜେଡି କର୍ମୀମାନେ ସେମାନଙ୍କୁ ବୁଝାଶୁଝା କରିବାରୁ ପ୍ରଚାର ଆଗକୁ ବଢିଥିଲା।

ଶୁକ୍ରବାର ବି ସେମିତି ଘଟଣା ଦେଖିବାକୁ ମିଳିଥିଲା । ବିଧାୟକ ପ୍ରାର୍ଥୀ ସାହୁ ଓ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ରୋଡ ଶୋ କରି ପଟ୍ଟାମୁଣ୍ଡାଇ ବ୍ଲକର ଧୋୟାଞ୍ଚଳ ଭାବେ ପରିଚିତ ଶ୍ରୀରାମପୁର ପଞ୍ଚାୟତ ଉଦୟପୁର ଗ୍ରାମରେ ପ୍ରବେଶ କରିବା ମାତ୍ରେ ଗ୍ରାମର ମହିଳାମାନେ ପାନୀୟ ଜଳ ସମସ୍ୟା ନେଇ ଖାଲି ମାଠିଆ ଓ ହାଣ୍ଡି ଗାଁ ଦାଣ୍ଡରେ ରଖି ପ୍ରଚାରକୁ ଆସିଥିବା ବିଧାୟକଙ୍କୁ ବିରୋଧ କରିଥିଲେ । ସେହିପରି ଶନିବାର ରାଜନଗର ନିର୍ବାଚନମଣ୍ଡଳୀ ଅଧୀନ ପଟ୍ଟାମୁଣ୍ଡାଇ ବ୍ଲକର ଉତିକଣ ଅଞ୍ଚଳ ଭାବେ ପରିଚିତ ଖଣତା ପଞ୍ଚାୟତ ବାଲିଝରି ଗ୍ରାମରେ ବିଜେଡି ବିଧାୟକ ପ୍ରାର୍ଥୀ ସାହୁ ଓ ସାଂସଦ ପ୍ରାର୍ଥୀ ମହାନ୍ତିଙ୍କୁ ହାଣ୍ଡିମାଠିଆ ରଖି ନିଜ ଦୁଃଖ ଜଣାଇଥିଲେ । ଭେଡିସାହିର କେତେଜଣ ବ୍ୟକ୍ତି ପ୍ରାର୍ଥୀମାନଙ୍କୁ ଗ୍ରାମକୁ ନ ଆସିବାକୁ କହିଥିବା ସୂଚନା ମିଳିଛି ।


ପାଣି ସମସ୍ୟାକୁ ନେଇ ରାଜନଗର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ଚରଣ ସାହୁଙ୍କୁ ଶ୍ରୀରାମପୁର, ଖଣତା ପଞ୍ଚାୟତରେ ଲୋକେ ବିରୋଧ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଜୁହି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୪୩,୦୦୦କୋଟି ନିବେଶକରିବ ଟାଟା ମୋଟର୍ସ

### ଉତ୍ପାଦ ଏବଂ ପ୍ରଯୁକ୍ତିବିଦ୍ୟାରେ ବିନିଯୋଗ

ନୂଆଦିଲ୍ଲୀ,୧୯ା୫ (ଅଭୟ ଦାଶ)

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ ସଂସ୍ଥା ଟାଟା ମୋଟର୍ସ ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରାୟ ୪୩,୦୦୦ କୋଟି ଟଙ୍କା ନିବେଶକରିବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ଏହି ନିବେଶ ବ୍ରାଣ୍ଡର ଉତ୍ପାଦ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିନିଯୋଗ କରିବ। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀ ପ୍ରାୟ ୪୧,୨୦୦ କୋଟି ଟଙ୍କା ବିନିଯୋଗ କରିଥିଲାବେଳେ ଚଳିତ ଆର୍ଥିକ ବର୍ଷର ବିନିଯୋଗ ୨୦୦୦ କୋଟି ଅଧିକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କାରଣ କମ୍ପାନୀ ବ୍ରିଟିଶ ଆର୍ମ ଜାଗୁଆର ଲ୍ୟାଣ୍ଡ ରୋଭର (ଜେଏଲ୍‌ଆର୍) କ୍ଷେତ୍ରରେ ପ୍ରାୟ ୩୫,୦୦୦କୋଟି ଟଙ୍କା ବିନିଯୋଗ ହେବ। ଏହା ମୋଟ ବିନିଯୋଗର ସିଂହ ଭାଗ ହେବ ବୋଲି ଆଶା କରାଯାଉଛି। ସେହିପରି ୨୦୨୩-୨୪ ଆର୍ଥିକ




ବର୍ଷରେ ଜେଏଲ୍‌ଆର୍‌ର ବିନିଯୋଗ ପ୍ରାୟ ୩୩,୦୦୦କୋଟି ଟଙ୍କା ହୋଇଥିବାବେଳେ ଟାଟା ମୋଟର୍ସରେ ପ୍ରାୟ ୮୦୦୦ କୋଟି ଟଙ୍କା ବିନିଯୋଗ ହୋଇଥିଲା। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷରେ ଜେଏଲ୍‌ଆର୍‌ରେ ନିବେଶ ପ୍ରାୟ ୬% ବୃଦ୍ଧି ପାଇବାକୁ ଥିବାବେଳେ ଟାଟା ମୋଟର୍ସରେ ସମାନ(ଫ୍ଲାଟ୍) ପରିମାଣରେ ବିନିଯୋଗ ହେବ ବୋଲି ଟାଟା ମୋଟର୍ସର ଗ୍ରୁପ୍ ସିଏଫ୍‌ଓ ପି.ବି.ବାଲାଜୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି କମ୍ପାନୀର ଉତ୍ପାଦ ଯୋଜନା ଏକାଠି ହେଉଥିବାରୁ ଜେଏଲ୍‌ଆର୍‌ର ନିବେଶ ଏକ ପ୍ରମୁଖ ଭାଗ ହାସଲ କରିବ। ଏପରିକି ସେ କହିଛନ୍ତି, ବିନିଯୋଗ ହେଉଛି ଜେଏଲ୍‌ଆର୍ ଏବଂ ଟାଟା ମୋଟର୍ସ ପାଇଁ ଉତ୍ପାଦ ଏବଂ ପ୍ରଯୁକ୍ତିବିଦ୍ୟା ବିଷୟରେ ବିକଶିତ କରିବା ସହ ଜେଏଲ୍‌ଆର୍ ଚଳିତ ବର୍ଷ ବଜାରରେ ରେଞ୍ଜ ରୋଭର ବିଇଭି ଏବଂ ଡିଫେଣ୍ଡର ଅକ୍ଟା ଭଳି ମଡେଲ ଲଞ୍ଚ କରିବ। ଅପରପକ୍ଷରେ ଶେରେଖାନ୍ ବିଶ୍ଳେଷକମାନେ କହିଛନ୍ତି, ଚଳିତ ଆର୍ଥିକ ବର୍ଷରେ କାପେକ୍ସ ୩.୫ ବିଲିୟନ ହେବ ବୋଲି ଆଶା କରାଯାଉଛି। ବର୍ତ୍ତମାନର ନେଟ୍ ରଣ ତୁଳନାରେ ଜେଏଲ୍‌ଆର୍ ନେଟ୍ ରଣମୁକ୍ତ ହେବ ବୋଲି ଆଶା କରାଯାଉଛି। ଏପରିକି ଜେଏଲ୍‌ଆର୍ ଚଳିତ ଆର୍ଥିକ ବର୍ଷର ପ୍ରଥମ ତୈମାସିକ ମଧ୍ୟରେ ପୁଞ୍ଜି ଲାଭ ବ୍ରେକ୍‌ଭେନ୍ ସ୍ତରରେ ମାଗଣା ନଗଦ ଦେଖିପାରିଛନ୍ତି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ଜେଏଲ୍‌ଆର୍‌ର ନେଟ୍ ରଣ ୧.୫୭ ବିଲିୟନରୁ ୭୩୨ ମିଲିୟନକୁ ହ୍ରାସ ପାଇଛି। ଭାରତୀୟ ଅଟୋ ଅପରେଶନ ବର୍ତ୍ତମାନ ନେଟ୍ ରଣମୁକ୍ତର ସମାନ ସ୍ଥିତି ହାସଲ କରିବା ପାଇଁ ଏକତ୍ରିତ (ଅଟୋ) ସ୍ତରର ନେଟ୍ ରଣ ଆଶାରେ ରହିଛି। ସେହିପରି ମୋତିଲାଲ ଓସ୍‌ୱାଲ ବିଶ୍ଳେଷକମାନେ କହିଛନ୍ତି, ବଜାର ଚାହିଦା ଉତ୍ପାଦନ, ମିଶ୍ରଣକୁ ସ୍ୱାଭାବିକ କରିବା ଏବଂ ଇଭି ରାମ୍ପରେ ବିନିଯୋଗ ହେତୁ ଖର୍ଚ୍ଚ ଚାପକୁ ଦୃଷ୍ଟିରେ ରଖି ଜେଏଲ୍‌ଆର୍ ମାର୍ଜିନ ଉପରେ ସ୍ଥିର ରହିବ ବୋଲି ଆମେ ଆଶା କରୁଛୁ, ଯାହା ମାର୍ଜିନ ହ୍ରାସ ହେବା ସମ୍ଭାବନା ରହିଛି। ବିଶ୍ଳେଷକମାନେ ଆଶା କରୁଛନ୍ତି ଯେ ଇଣ୍ଡିଆ ପିଭି ବ୍ୟବସାୟ ଚଳିତ ବର୍ଷର ଶେଷ ଭାଗରେ କର୍ଭଭ (ଏସ୍‌ୟୁଭି) ଏବଂ ଆସନ୍ତା ବର୍ଷ ସିଆର୍ ଭଳି ମଡେଲ୍ ଲଞ୍ଚ ସହିତ କାରବାର ବୃଦ୍ଧି ପାଇବ।

# ଆଜି ବନ୍ଦ ରହିବ ଶେୟାର ବଜାର କାରବାର

ନୂଆଦିଲ୍ଲୀ,୧୯ା୫

ସାରା ଦେଶରେ ସାଧାରଣ ନିର୍ବାଚନ-୨୦୨୪ ଜାରି ରହିଛି। ଏପରିକି ସାଧାରଣ ନିର୍ବାଚନର ୫ମ ପର୍ଯ୍ୟାୟ ୨୦୨୪ ମେ ୨୦ରେ ଦେଶର ବିଭିନ୍ନ ରାଜ୍ୟର ସମେତ ମହାରାଷ୍ଟ୍ରର ମୁମ୍ବାଇଠାରେ ମଧ୍ୟ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର କାରବାର ବନ୍ଦ ରହିବ ବୋଲି ଏନ୍‌ଏସ୍‌ଇ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ମୁମ୍ବାଇରେ ସାଧାରଣ ନିର୍ବାଚନ (ଲୋକ ସଭା) ପାଇଁ ମତଦାନ ଦିବସ ଥିବାରୁ ସୋମବାର ମୁମ୍ବାଇଠାରେ ବିଏସ୍‌ଇ ଓ ଏନ୍‌ଏସ୍‌ଇ କାର୍ଯ୍ୟାଳୟର କର୍ମଚାରୀମାନେ ମଧ୍ୟ ମତଦାନରେ ଅଂଶ ଗ୍ରହଣ କରିବାକୁ ଥିବାରୁ ଉଭୟ କାର୍ଯ୍ୟାଳୟର କାରବାର ୨୦୨୪ ମେ ୨୦ ପାଇଁ ବିଧିବଦ୍ଧ ଭାବେ ବନ୍ଦ ରହିବ। ଉଲ୍ଲେଖଯୋଗ୍ୟ, ନେଗୋସିଏବଲ ଇନ୍‌ଷ୍ଟ୍ରୁମେଣ୍ଟ ଆକ୍ଟ ୧୮୮୧ର ଧାରା ୨୫ ଅନୁଯାୟୀ ଏଭଳି ନିଷ୍ପତ୍ତି ନିଆଯାଇଛି। କାରଣ ଏହି ଧାରା ଅଧୀନରେ ନାଗରିକଙ୍କ ମତଦାନ ଅଧିକାର ବା ଭାଗୀଦାରିକୁ ସୁନିଶ୍ଚିତ କରିବା ପାଇଁ ଏହି ନିଷ୍ପତ୍ତି ଉଭୟ କାର୍ଯ୍ୟାଳୟ ପକ୍ଷରୁ ନିଆଯାଇଛି।

# ଜିଡିପି ଅଭିବୃଦ୍ଧି ହାର ୬.୭% ଆଶା

### ଇଣ୍ଡିଆ ରେଟିଂ ଏବଂ ରିସର୍ଚ୍ଚ ଆକଳନ

ଭୁବନେଶ୍ୱର,୧୯ା୫ (ଅନୁରାଧା ମହାରଣା)

ମାର୍ଚ୍ଚ ତ୍ରୈମାସରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୬.୭% ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରାୟ ୬.୯ରୁ ୭% ହେବ ବୋଲି ଇଣ୍ଡିଆ ରେଟିଂ ଏବଂ ରିସର୍ଚ୍ଚ ଆଶା କରିଛି। ରେଟିଂ ଏଜେନ୍ସିର ମୁଖ୍ୟ ଅର୍ଥନୀତିଜ୍ଞ ସୁନୀଲ କୁମାର ସିହ୍ନା ଏହି ଆକଳନ କରିଛନ୍ତି। ଚତୁର୍ଥ ତ୍ରୈମାସିକ ମାସିକ (ଜାନୁଆରୀ-ମାର୍ଚ୍ଚ ୨୦୨୪) ଏବଂ ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ସରକାର ମେ ୩୧ରେ ଜିଡିପି ଅଭିବୃଦ୍ଧିର ପ୍ରାଥମିକ ଆକଳନ ପ୍ରକାଶ କରିବେ। ସୂଚନା ଥାଉକି, ୨୦୨୩-୨୪ ଜୁନ୍ ତ୍ରୈମାସରେ ଭାରତୀୟ ଅର୍ଥନୀତି ୮.୨%, ସେପ୍ଟେମ୍ବର ତ୍ରୈମାସରେ ୮.୧% ଏବଂ ଡିସେମ୍ବର ତ୍ରୈମାସରେ ୮.୪% ହାରରେ ବୃଦ୍ଧି ପାଇଛି। ସିହ୍ନା ଏକ ସାକ୍ଷାତ୍‌କାରରେ କହିଛନ୍ତି, ଆମେ ଆଶା କରୁଛୁ ଚତୁର୍ଥ ତ୍ରୈମାସିକ ଅଭିବୃଦ୍ଧି ହାର ୬.୭% ହେବ ଏବଂ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ହାର ପ୍ରାୟ ୬.୯ରୁ ୭% ହେବ। ସେ କହିଛନ୍ତି, ଯଦିଓ ତୃତୀୟ (ଅକ୍ଟୋବର-ଡିସେମ୍ବର ୨୦୨୩) ମାସରେ ୮.୪% ଅଭିବୃଦ୍ଧି ଆଶ୍ଚର୍ଯ୍ୟଜନକ, ହେଲେ ପ୍ରଥମ ଦୁଇ ତ୍ରୈମାସିକରେ ଅଭିବୃଦ୍ଧି ହାର ସ୍ୱଳ୍ପ ଆଧାରରୁ ଲାଭବାନ୍ ହୋଇଛି। ସେ ଆହୁରି ମଧ୍ୟ କହିଛନ୍ତି, ଯେତେବେଳେ ଆମେ ତଥ୍ୟ ବିଶ୍ଳେଷଣ କରୁ, ସେତେବେଳେ ଆମେ ଜାଣୁ ଯେ ଜିଭିଏ ଏବଂ ଜିଡିପି ମଧ୍ୟରେ ପାର୍ଥକ୍ୟ ଅଛି। ତୃତୀୟ ତ୍ରୈମାସରେ ଜିଡିପି ପାଇଁ ଏକ ବଡ଼ ଅଭିବୃଦ୍ଧି ଅଧିକ ଟିକସ ସଂଗ୍ରହରୁ ସମ୍ଭବ ହୋଇଥିଲା। ମାତ୍ର ଚତୁର୍ଥ ତ୍ରୈମାସରେ ଏହା ହେବାର ସମ୍ଭାବନା ନାହିଁ।


## Birthday Wish



(Juhi)
**Janvi**

Many many happy returns of the day. Happy birth day JUHI.
Best Wishes from: Papa, Mama, Chachu, Chachi, Mausa, Mausi, Jeet, Chintu, Pinu, Rishi, Maa, Aae.
D-336

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500 | 2,000 | 6,000 | 12,000 | 12,000 | 25,000 | 20,000 | 40,000 |

**ଆଡ୍‌ୱାର୍ଲ୍ଡ**
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମେଡ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୂନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ



ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍‌କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଟିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୬୭, ସେକ୍ଟର ୫, ନୋଏଡ଼ା
9810432170
7606841840


# ଅତୁଳନୀୟ ବୀମା ସମାଧାନକୁ ଗୁରୁତ୍ୱ

ଭୁବନେଶ୍ୱର,୧୯ା୫

ଘରୋଇ ବଜାରରେ ବୀମା ଶିଳ୍ପର ଚାହିଦା ବୃଦ୍ଧି ପାଉଛି। ଏପରିକି ଗ୍ରାହକଙ୍କୁ ଅତୁଳନୀୟ ବୀମା ସମାଧାନ ଯୋଗାଇଦେବାକୁ ଘରୋଇ ବୀମା କମ୍ପାନୀ ବନ୍ଧନ ଲାଇଫ୍ ଗୁରୁତ୍ୱ ପ୍ରଦାନ କରୁଛି। ଏ ନେଇ ବନ୍ଧନ ଲାଇଫ୍‌ର ଏମ୍‌ଡି ତଥା ସିଇଓ ସତୀଶୱାର ବିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ କମ୍ପାନୀ ବୀମା କ୍ଷେତ୍ରରେ ବିପ୍ଳବ ଆଣିବାକୁ ଯାଉଛି। ଏପରିକି ଡିଜିଟାଲ ଉଦ୍ଭାବନ ଏବଂ ରଣନୈତିକ ଭାଗୀଦାରି ଉପରେ ବିଶେଷ ଧ୍ୟାନଦେବା ସହ ଉପଲବ୍ଧତା ଏବଂ ଗ୍ରାହକଙ୍କ ଅନୁଭୂତି ବୃଦ୍ଧିକରି ବ୍ୟାପକ ଦର୍ଶକଙ୍କୁ ଅତୁଳନୀୟ ବୀମା ସମାଧାନ ପ୍ରଦାନ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ସେହିଭଳି ଆମେ ବନ୍ଧନ ଲାଇଫ୍ ନାମରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରୁଛୁ। ଆମର ଅଭିନବ ଭାବନା ଏବଂ ବ୍ୟାପକ ପହଞ୍ଚ ସହ ଆମେ ଜୀବନର ପ୍ରତ୍ୟେକ ଦିଗରେ ଆଗକୁ ବଢିବା ପାଇଁ ବ୍ୟକ୍ତି ଏବଂ ପରିବାରକୁ ସଶକ୍ତ କରିବା ସହିତ ଉତ୍ସର୍ଗୀକୃତ ଅଛୁ ବୋଲି ସତୀଶୱାର ବି କହିଛନ୍ତି। ସେହିପରି ଆମେ ଭାବୁଛୁ ଯେ ବନ୍ଧନ ଲାଇଫ୍ ଦ୍ୱାରା ନିର୍ମିତ ପ୍ରତ୍ୟେକ ସ୍ୱପ୍ନ ହେଉଛି,ଏକ ଉଜ୍ଜ୍ୱଳ ଭବିଷ୍ୟତର ଉଡ଼ାଣ। 'ଭାରତ କି ଉଡ଼ାନ୍, ବନ୍ଧନ ସେ' ପ୍ରତି ଆମର ପ୍ରତିବଦ୍ଧତା ଆମକୁ ନୂତନ ଶିଖରରେ ପହଞ୍ଚାଇବ। ସମଗ୍ର ଦେଶରେ ବ୍ୟକ୍ତି ଏବଂ ସମୁଦାୟକୁ ସଶକ୍ତ କରିବ ବୋଲି ସତୀଶୱାର ବି କହିଛନ୍ତି।

ଅପରପକ୍ଷରେ ୧,୦୦୦ ନୂତନ ସଦସ୍ୟଙ୍କୁ ନିଯୁକ୍ତି ଦେବା ପାଇଁ କମ୍ପାନୀର ସଙ୍କଳ୍ପ ଏହାର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ଦେଶବ୍ୟାପୀ ଏକ ସମ୍ପ୍ରସାରିତ ଗ୍ରାହକ ଆଧାରକୁ ସେବା ପ୍ରଦାନ କରିବା ପାଇଁ ଏହାର ସମର୍ପଣକୁ ପ୍ରତିଫଳିତ କରିଥାଏ। ଅଧିଗ୍ରହଣ ପରେ ବର୍ତ୍ତମାନର ଲିଡରଶିପ୍ ଦଳ ଅପରିବର୍ତ୍ତିତ ରହିବ। ଏକ ନିରବଚ୍ଛିନ୍ନ ପରିବର୍ତ୍ତନକୁ ସୁଗମ କରିବା ଏବଂ କମ୍ପାନୀର ମୂଳନୀତିକୁ ବଜାୟ ରଖିବା ପାଇଁ ସଙ୍ଗଠନ ବର୍ତ୍ତମାନର ଲିଡରଶିପ୍ ପାଇଁ ଯୋଜନା କରିଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଏଗନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ ନାମରେ ପରିଚିତ ବନ୍ଧନ ଲାଇଫ୍ ତା'ର ଗତିଶୀଳ ନୂତନ ପରିଚୟ ଉନ୍ମୋଚନ କରିଛି,ଯେଉଁଥିରେ 'ଭାରତ କି ଉଡାନ୍, ବନ୍ଧନ ସେ'ର ପ୍ରତିଶ୍ରୁତି ରହିଛି,ଯାହା ସାରା ଦେଶରେ ସ୍ୱପ୍ନ ଏବଂ ଆକାଂକ୍ଷାର ପୋଷଣ ପାଇଁ ଏକ ପ୍ରତିବଦ୍ଧତା ଜାହିର କରୁଛି। ଏହି ରଣନୀତିକ ପୁନଃ ବ୍ରାଣ୍ଡିଂ କମ୍ପାନୀ ପାଇଁ ଏକ ନୂତନ ଯୁଗର ସୂଚନା ଦେଉଛି, ଯାହା ଅଭିନବତ୍ୱ,ସଶକ୍ତୀକରଣ ଏବଂ ସମ୍ପ୍ରସାରଣ ଦ୍ୱାରା ଚିହ୍ନିତ ହୋଇଛି। ସେହିପରି ଏହାର ବିତରଣ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ବନ୍ଧନ ଲାଇଫ୍ ତା'ର ଲିଡରଶିପ୍ ଷ୍ଟାଫ୍ ବୃଦ୍ଧି କରିବ। ଏ ଦିଗରେ ମୁଖ୍ୟ ବ୍ୟବସାୟ ଅଧିକାରୀ ବାଙ୍କାସ୍ୟୁରାନ୍ସ ଭାବେ ଇନ୍ଦ୍ରନୀଲ ଦତ୍ତଙ୍କୁ ନିଯୁକ୍ତ କରିବା ବନ୍ଧନ ଲାଇଫ୍‌ର ଏକ ପ୍ରମୁଖ ମଲ୍ଟିଚ୍ୟାନେଲ ବୀମା କମ୍ପାନୀ ହେବାର ସଂକଳ୍ପକୁ ସୂଚାଉଛି।

# ବଜାରରେ ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦ସିରିଜ୍

### ବ୍ଲାକ୍ ଏଡିଶନର ଅନାବରଣ

ଭୁବନେଶ୍ୱର,୧୯ା୫

ଟିଭିଏସ୍ ମୋଟର କମ୍ପାନୀର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦ ସିରିଜ୍‌କୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡର 'ବ୍ଲେକ୍ ଅଫ୍ ବ୍ଲାକ୍' ଡାର୍କ ଏଡିଶନ ମଡେଲ ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦ ଏବଂ ଆର୍‌ଟିଆର୍ ୧୬୦ ୪ଭିର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦ ଏବଂ ଆର୍‌ଟିଆର୍ ୧୬୦ ୪ଭି ମୋଟରସାଇକେଲରେ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହ ଫିଚର ସଂଯୋଗ ହୋଇଛି। ଏପରିକି ଉଭୟ ମଡେଲ ଶ୍ରେଷ୍ଠମାନର ପ୍ରଦର୍ଶନ ପାଇଁ ୩ ପ୍ରକାର ରାଇଡ୍ ମୋଡ୍, ଡିଜିଟାଲ ଏଲ୍‌ସିଡି କ୍ଲଷ୍ଟର, ଏଲ୍‌ଇଡି ହେଡ୍‌ଲ୍ୟାମ୍ପ, ଟେଲ୍‌ଲ୍ୟାମ୍ପ ଓ ଜିଟିଟି ଭଳି ସୁବିଧା ସାମିଲ ରହିଛି। ଏହି ବର୍ଗର ପ୍ରଥମ ଇଞ୍ଜିନ ଓ ଏବିଏସ୍‌ର ସମ୍ମିଶ୍ରଣ ସହ ସ୍ପୋର୍ଟସ୍, ଅର୍ବାନ୍ ଓ ରେନ୍ ଭଳି ୩ ପ୍ରକାର ମୋଡ୍ ରହିଛି, ଯାହାକୁ ୩ଟି ଭିନ୍ନ ପରିବେଶକୁ ଦୃଷ୍ଟିରେ ରଖି ପ୍ରସ୍ତୁତ



କରାଯାଇଛି। ୬୦ରୁ ଅଧିକ ଦେଶରେ ଉପସ୍ଥିତି ସହ ଟିଭିଏସ୍ ଆପାଚି ଆର୍‌ଟିଆର୍ ସାରା ବିଶ୍ୱରେ ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ସ୍ପୋର୍ଟସ୍ ମୋଟରସାଇକେଲ ବ୍ରାଣ୍ଡରେ ପରିଣତ ହୋଇଛି। ଟିଭିଏସ୍ ରେସିଂ ଡିଏନ୍‌ଏରୁ ସୃଷ୍ଟି ହୋଇଥିବା ଏହି ସିରିଜ୍ ପ୍ରଦର୍ଶନ, ଡିଜାଇନ୍, ପ୍ରଯୁକ୍ତି ଦୃଷ୍ଟିରୁ ନବସୃଜନରେ ଅଗ୍ରଣୀ ରହିଛି ଏବଂ ଏହାକୁ ଚାଳକଙ୍କ ସମ୍ପୃକ୍ତି, ସୁରକ୍ଷା ଓ ଆରାମ ଅନୁସାରେ ଡିଜାଇନ କରାଯାଇଛି।

ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନୀର ବ୍ୟବସାୟ ମୁଖ୍ୟ (ପ୍ରିମିୟମ୍) ବିମଳ ସୁମ୍ବଲି କହିଛନ୍ତି, ୪ ଦଶନ୍ଧି ଧରି ସମୃଦ୍ଧ ରେସିଂ ପରମ୍ପରାକୁ ନେଇ ଟିଭିଏସ୍ ଆପାଚି ସିରିଜ୍ ୫.୫ନିୟୁତ ଉତ୍ସାହୀଙ୍କ ଏକ ବିଶ୍ୱସ୍ତରୀୟ ଗୋଷ୍ଠୀରେ ପରିଣତ ହୋଇଥିବା ବେଳେ ଏହାକୁ ବିଶ୍ୱସ୍ତରରେ ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରିମିୟମ ମୋଟରସାଇକେଲ ବ୍ରାଣ୍ଡରେ ପରିଣତ କରିଛି। ସେହିଭଳି ବ୍ରାଣ୍ଡର ପ୍ରଦର୍ଶନ ନିରନ୍ତର ସନ୍ଧାନକୁ ପ୍ରଦର୍ଶିତ କରି ଟିଭିଏସ୍ ଆପାଚି ସିରିଜ୍ ଉନ୍ନତ ପ୍ରଯୁକ୍ତିର ପ୍ରମାଣ ଭାବେ ଉଭା ହୋଇଛି। ବର୍ତ୍ତମାନ ଆକର୍ଷଣୀୟ ନୂଆ ବ୍ଲାକ୍ ଏଡିଶନ ସହ ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦ସିରିଜ୍ ସହ ଏହା ଏକ ଶକ୍ତିଶାଳୀ ଓ ସ୍ପୋର୍ଟି ଲୁକ୍ ଜରିଆରେ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ପ୍ରସ୍ତୁତ ରହିଛି। ଅପରପକ୍ଷରେ ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦ର ପ୍ରାରମ୍ଭିକ ବଜାର ମୂଲ୍ୟ (ଏକ୍ସ ଶୋ'ରୁମ୍ ଦିଲ୍ଲୀ) ୧.୨୦ ଲକ୍ଷ ଟଙ୍କା ଥିଲାବେଳେ ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦ ୪ଭିର ପ୍ରାରମ୍ଭିକ ବଜାର ମୂଲ୍ୟ (ଏକ୍ସ ଶୋ'ରୁମ୍ ଦିଲ୍ଲୀ) ୧.୨୫ଲକ୍ଷ ଟଙ୍କା ରହିଛି।

# ୱାନ୍‌ପ୍ଲସ୍‌କୁ ପଛରେ ପକାଇଲା ପୋକୋ

ଭୁବନେଶ୍ୱର,୧୯ା୫

ସ୍ମାର୍ଟଫୋନ୍ ବ୍ରାଣ୍ଡ ପୋକୋ ଇଣ୍ଡିଆକୁ ନିକଟରେ ଏକ ନୂଆ ମାନ୍ୟତା ଦିଆଯାଇଥିଲାବେଳେ କମ୍ପାନୀ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଚଳିତ ବର୍ଷର ପ୍ରଥମ ତ୍ରୈମାସିକ ମଧ୍ୟରେ କମ୍ପାନୀ ୭୨.୨%ର ବାର୍ଷିକ ଅଭିବୃଦ୍ଧି ସହ ସ୍ମାର୍ଟଫୋନ୍ ବ୍ରାଣ୍ଡ ୱାନ୍‌ପ୍ଲସ୍‌କୁ ପଛରେ ପକାଇଛି। ଏପରିକି ଆଇଡିସିର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷର ପ୍ରଥମ ତ୍ରୈମାସିକ ମଧ୍ୟରେ ୫.୯%ର ବଜାର ଅଂଶଧନ ସହ କମ୍ପାନୀର ଅଭିବୃଦ୍ଧିକୁ ଆଲୋକପାତ କରିଛି, ଯାହା ବ୍ରାଣ୍ଡକୁ ସ୍ମାର୍ଟଫୋନ୍ ଶିପ୍‌ମେଣ୍ଟ ଦୃଷ୍ଟିରୁ ୱାନ୍‌ପ୍ଲସ୍‌ଠାରୁ ଆଗରେ ରଖିଛି। ଚଳିତ ବର୍ଷର ପ୍ରଥମ ତ୍ରୈମାସିକ ପାଇଁ ଏହି ନୂତନ ଆଇଡିସି ରିପୋର୍ଟ ପୋକୋ ପାଇଁ ଏକ ଶକ୍ତିଶାଳୀ ଅଭିବୃଦ୍ଧି ହାରକୁ ଉନ୍ମୋଚନ କରୁଛି। ଏହାକୁ ଭାରତରେ ଶୀର୍ଷ ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ବ୍ରାଣ୍ଡଗୁଡିକ ମଧ୍ୟରେ ୬ଷ୍ଠ ସ୍ଥାନରେ ଅବସ୍ଥାପିତ କରାଇଛି। ପୋକୋ ଇଣ୍ଡିଆର କଣ୍ଟ୍ରି ହେଡ୍ ହିମାଂଶୁ ଟଣ୍ଡନ କହିଛନ୍ତି,ପୋକୋର ଉଲ୍ଲେଖନୀୟ ପ୍ରଗତି ଉଦ୍ଭାବନ ଏବଂ ଆମର ଉପଭୋକ୍ତାଙ୍କ ଆବଶ୍ୟକତା ସମ୍ପର୍କରେ ଗଭୀର ସୂଚନା ପ୍ରତି ଆମର ଦୃଢ ସମର୍ପଣ ଭାବର ସ୍ପଷ୍ଟ ପ୍ରତିଫଳନ।


# Classified Everyday 0674-2580101, 2549949



REAL ESTATE
SALE

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟଳାରେ SC Plot 2000sqft. 28,00,000/-. 9114705579. D-75956

G+3 sale at Balianta, Bhubaneswar @ 1.4 Crores negotiable. Contact: 9937460565. D-249

**Plot sale near Pitapalli, Janla, Tamando, Bhubaneswar Rs-1299/-sqft. 6372670155.** D-75959

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call-9437631769.** D-307

Plots Nayapalli, Jaydevihar, Patia, Pahala, Jagamara, Uttara, Andharua, Raghunathpur. 7853907668. D-268

**Duplex sale at Bhubaneswar @ 57 lakhs only. Contact-9777433701.** D-75958




Fully relaxed body massage trained therapist. Central SPA. 9556483961. D-75741

Monalisa massage Club: All types Body massage with hiprofile smart lady rooms service available. 9708545108. D-335

**Relax, Refresh your body, Mind at Saikrupa Spa with best therapies. 8984068077.** D-306

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75740

Relax, refresh your body, Mind by expert therapist. Contact- 9938843929. D-76122

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଦଶମ ଶ୍ରାଦ୍ଧବାର୍ଷିକୀ



୰ରାଜ କିଶୋର ତ୍ରିପାଠୀ
କାଳିଆ କୃପା, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପରମାତ୍ମାଙ୍କ ପାଖରେ ଆମର ବିନମ୍ର ପ୍ରାର୍ଥନା।
:ଶୋକସନ୍ତପ୍ତ:
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୩୭


# ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀର ଅବଧି ବୃଦ୍ଧି




### ମେ ୨୬ ସରିବ ମେଳା

ଭୁବନେଶ୍ୱର,୧୯ା୫

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହରିୟାଣାର କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ଆୟୋଜିତ 'ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ'ର ଅବଧି ବୃଦ୍ଧି କରାଯାଇଛି। ଏପରିକି ୨ୟ ଥର ପାଇଁ ମେଳାର ଅବଧି ବୃଦ୍ଧି କରାଯାଇଛି। ବିଶେଷ କରି ଗ୍ରାହକଙ୍କ ଚାହିଦା ଓ ବଜାର (ପ୍ରଦର୍ଶନୀ)ର ଆବଶ୍ୟକତାକୁ ଆଖି ଆଗରେ ରଖି ମେଳାର ଅବଧିକୁ ୨୦୨୪ ମେ ୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିଭଳି ମେଳାର କାରବାର ଉତ୍ସାହଜନକ ରହିଥିବାରୁ ବ୍ୟବସାୟୀ ଓ ବୁଣାକାର ସମିତିଗୁଡିକ ପକ୍ଷରୁ ଭଳିକି ଭଳି ପୋଷାକ ଓ ବିଭିନ୍ନ ରାଜ୍ୟର ଲୋକପ୍ରିୟ ତଥା ପ୍ରସିଦ୍ଧ ବସ୍ତ୍ରଗୁଡିକର ବ୍ୟାପକ ସମ୍ଭାର ଗ୍ରାହକଙ୍କୁ ଯୋଗାଇଦିଆଯାଉଛି ବୋଲି ଆୟୋଜକ ଓ ବ୍ୟବସାୟୀମାନେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଅପରପକ୍ଷରେ ସନ୍ଧ୍ୟା ହେଲେ ସହରବାସୀ ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ 'ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ'ରେ ଭିଡ଼ ଜମାଉଛନ୍ତି। ଏପରିକି ଘର ସାଜସଜ୍ଜା ପାଇଁ ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ହାଣ୍ଡିକ୍ରାଫ୍ଟ ସାମଗ୍ରୀ ଷ୍ଟଲ୍‌ରେ ପ୍ରବଳ ଭିଡ ଜମିଛୁ। ଏପରିକି ସୁଲଭ ମୂଲ୍ୟରେ ଗୁଣାତ୍ମକ ହ୍ୟାଣ୍ଡଲୁମ୍ ପୋଷାକର ସମ୍ଭାର ଗ୍ରାହକ ପାଉଥିବାବେଳେ ବୟନିକା ଷ୍ଟଲ ପକ୍ଷରୁ ମଧ୍ୟ ଆକର୍ଷଣୀୟ ୧୦+୨୦%ର ସ୍ୱତନ୍ତ୍ର ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି।

ଉଲ୍ଲେଖଯୋଗ୍ୟ,୨୦୨୪ ଫେବୃଆରୀ ୨୩ରୁ ଆରମ୍ଭ ହୋଇଥିବା ଏହି ପ୍ରଦଶର୍ନୀ ଏହାରି ମଧ୍ୟରେ ୮୭ ଦିନ ଅତିକ୍ରମ କରିସାରିଛି। ଗ୍ରାହକଙ୍କ ଚାହିଦା ଓ ବଜାର (ପ୍ରଦର୍ଶନୀ)ର ଆବଶ୍ୟକତାକୁ ଆଖି ଆଗରେ ରଖି ମେଳାର ଅବଧିକୁ ପ୍ରଥମ ଥର ପାଇଁ ୨୦୨୪ ମେ ୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଅପରପକ୍ଷରେ ଭୁବନେଶ୍ୱରର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ଜାରି ରହିଥିବା ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ ପ୍ରତ୍ୟହ ପୂର୍ବାହ୍ନ ୧୧ ଘଟିକାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ ଜାରି ରହିଛି।

ଉଲ୍ଲେଖଯୋଗ୍ୟ, ହରିୟାଣାର କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ଆୟୋଜିତ 'ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ'ରେ ଓଡ଼ିଶାର ବୟନିକା ସମେତ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ନାଟକ, ତେଲଙ୍ଗାନା, ଆସାମ, ପୁଡୁଚେରୀ ଏବଂ ଜମ୍ମୁ ଆଣ୍ଡ କାଶ୍ମୀର ଭଳି ରାଜ୍ୟର ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ ବ୍ୟବସାୟୀମାନେ ମୋଟ ୭୫ଟି ଷ୍ଟଲ୍ ଜରିଆରେ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରି କରୁଥିବା କାମଧେନୁ ଖଦି ଉଲ୍ ପାନିପଥର ସମ୍ପାଦକ ରାଜେନ୍ଦ୍ର ଚୌଧୁରୀ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି।

# ମହାକାଶର ଆରମ୍ଭ



ଇଂ ମାୟାଧର ସ୍ୱାଇଁ

''ପୃଥିବୀର ବାୟୁମଣ୍ଡଳ ଗୋଟିଏ ନିର୍ଦ୍ଦିଷ୍ଟ ଉଚ୍ଚତା ପରେ ଏତେ ପତଳା ହୋଇଯାଏ ଯେ, ପାରମ୍ପରିକ ଉଡ଼ାଜାହାଜ ସେଠାରେ ଯଥେଷ୍ଟ ଉତ୍ଥାନ (ଲିଫ୍ଟ) ସୃଷ୍ଟି କରିପାରେ ନାହିଁ ଏବଂ ଫଳରେ ଉଡ଼ିପାରେ ନାହିଁ। ଏହି ଉଚ୍ଚତାକୁ ବୈଜ୍ଞାନିକମାନେ ମହାକାଶର ଆରମ୍ଭ ବୋଲି କହିଥାଆନ୍ତି। ଏହା ଭୂପୃଷ୍ଠରୁ ୬୨ ମାଇଲ ବା ୧୦୦ କି.ମି. ଉଚ୍ଚରେ ଅଛି। ଏହା 'କାରମାନ୍ ରେଖା' ଭାବରେ ଜଣା। ହଙ୍ଗେରି ଜନ୍ମିତ ଆମେରିକୀୟ ପଦାର୍ଥବିଜ୍ଞାନୀ ଥିଓଡର ଭନ୍ କାରମାନ୍ ୧୯୭୫ ମସିହାରେ ପ୍ରଥମେ ପୃଥିବୀ ଓ ବାହାର ଆକାଶ ମଧ୍ୟରେ ଥିବା ଏହି ସୀମାର ସଂଜ୍ଞା ଦେଇଥିବାରୁ ଏହା ତାଙ୍କ ନାମରେ ନାମିତ ହୋଇଛି।''

ଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ କୃତ୍ରିମ ଉପଗ୍ରହ ଏବଂ ମହାକାଶ ଯାନ ଅନ୍ତରୀକ୍ଷକୁ ଯିବା ପରେ ମହାକାଶ ଯୁଗର ଆରମ୍ଭ ହେଲା। ବର୍ତ୍ତମାନ ଅନେକ ଦେଶ ମହାକାଶରେ କୃତ୍ରିମ ଉପଗ୍ରହ ଅବସ୍ଥାପିତ କରିଛନ୍ତି। ଭୂକକ୍ଷରେ ମହାକାଶ କେନ୍ଦ୍ର ସ୍ଥାପିତ ହୋଇ ସେଠାରେ ବୈଜ୍ଞାନିକମାନେ ନିରନ୍ତର ଗବେଷଣା କରୁଛନ୍ତି। ମହାକାଶଚାରୀମାନେ ଭୂକକ୍ଷରେ ପରିକ୍ରମଣ କରିବା ସହିତ ୧୨ ଜଣ ଚନ୍ଦ୍ରପୃଷ୍ଠରେ ଅବତରଣ କରିଛନ୍ତି। କେତେଜଣ ପର୍ଯ୍ୟଟକ ମଧ୍ୟ ମହାକାଶକୁ ଯାଇ ଫେରିଆସିଛନ୍ତି। ତେବେ ପ୍ରଶ୍ନ ଉଠେ ଯେ, ମହାକାଶର ଆରମ୍ଭ କେଉଁଠୁ?

ସାଧାରଣ ଭାବେ କୁହାଯାଇଥାଏ ଯେ, ପୃଥିବୀ ବାହାରେ ହେଉଛି ମହାକାଶ; ଅର୍ଥାତ୍ ପୃଥିବୀ ଯେଉଁଠାରେ ଶେଷ ହୋଇଛି ମହାକାଶ ସେହିଠାରୁ ଆରମ୍ଭ ହୋଇଛି। ପୃଥିବୀକୁ ଘେରି ଏହାର ବାୟୁମଣ୍ଡଳ ଅଛି। ଯେଉଁ ପର୍ଯ୍ୟନ୍ତ ପୃଥିବୀର ବାୟୁମଣ୍ଡଳ ବ୍ୟାପିଛି ଏବଂ ପୃଥିବୀର ମାଧ୍ୟାକର୍ଷଣ ବଳ ଅନୁଭୂତ ହେଉଛି ତାହା ହେଉଛି ପୃଥିବୀ ଅଂଶ। ଏହା ପୃଥିବୀପୃଷ୍ଠରୁ ଅନେକ ହଜାର କିଲୋମିଟର ଯାଏ ପରିବ୍ୟାପ୍ତ। ଏହା ପର ଅଂଶକୁ ମହାକାଶ କୁହାଯିବା କଥା। ମାତ୍ର ପୃଥିବୀଠାରୁ ଯେତେ ଉଚ୍ଚକୁ ଯିବା ପୃଥିବୀ ବାୟୁମଣ୍ଡଳ କ୍ରମଶଃ ପତଳା ହୋଇଥାଏ ଏବଂ ଏହାର ଘନତ୍ୱ ହ୍ରାସ ପାଇଥାଏ। ଉଦାହରଣ ସ୍ୱରୂପ ପର୍ବତ ଆରୋହଣକାରୀମାନେ ଏଭରେଷ୍ଟ ଶୃଙ୍ଗ (ଉଚ୍ଚତା ୮୮୪୮ ମିଟର) ଆରୋହଣ ସମୟରେ ଅମ୍ଳଜାନ ସିଲିଣ୍ଡର ନେଇ ଯାଇଥାଆନ୍ତି। କାରଣ ସେହି ଉଚ୍ଚତାରେ ବାୟମଣ୍ଡଳରେ ଅମ୍ଳଜାନ କମ୍ ଥାଏ। ଏହିପରି ଆମେ ପୃଥିବୀ ପୃଷ୍ଠରୁ ଯେତେ ଉପରକୁ ଯିବା ସେହି ଅନୁଯାୟୀ ଅମ୍ଳଜାନ କମି କମି ଯାଏ।

ପୃଥିବୀର ବାୟୁମଣ୍ଡଳକୁ ଟ୍ରପୋସ୍ଫିୟର (୧୨ କିମି ଉଚ୍ଚତା ପର୍ଯ୍ୟନ୍ତ), ଷ୍ଟ୍ରାଟୋସ୍ଫିୟର (୫୦କିମି), ମେଜୋସ୍ଫିୟର (୯୦ କିମି), ଥର୍ମୋସ୍ଫିୟର (୫୦୦ କିମି) ଏବଂ ଏକ୍ସୋସ୍ଫିୟର (୧୦,୦୦୦) ଆଦିରେ ଭାଗ କରାଯାଇଛି। ପ୍ରତ୍ୟେକ ସ୍ତରର ତାପମାତ୍ରା ପରିବର୍ତ୍ତନ, ରାସାୟନିକ ଉପାଦାନ, ଘନତ୍ୱ ଓ ଗ୍ୟାସ୍ ଚଳନ ଆଦି ହେଉଛି ପୃଥକ୍। ବାୟୁମଣ୍ଡଳର ଉପର ଭାଗରେ ଅଧିକ ପରିମାଣରେ ହାଲୁକା ଅଣୁ ଓ ପରମାଣୁ ଥାଏ। ପୁନଶ୍ଚ ଉପରକୁ ଉପର ବାୟୁମଣ୍ଡଳରେ ଚାପ କ୍ରମଶଃ କମିଯାଏ।

ପୃଥିବୀର ବାୟୁମଣ୍ଡଳ ଗୋଟିଏ ନିର୍ଦ୍ଦିଷ୍ଟ ଉଚ୍ଚତା ପରେ ଏତେ ପତଳା ହୋଇଯାଏ ଯେ, ପାରମ୍ପରିକ ଉଡ଼ାଜାହାଜ ସେଠାରେ ଯଥେଷ୍ଟ ଉତ୍ଥାନ (ଲିଫ୍ଟ) ସୃଷ୍ଟି କରିପାରେ ନାହିଁ ଏବଂ ଫଳରେ ଉଡ଼ିପାରେ ନାହିଁ। ଏହି ଉଚ୍ଚତାକୁ ବୈଜ୍ଞାନିକମାନେ ମହାକାଶର ଆରମ୍ଭ ବୋଲି କହିଥାଆନ୍ତି। ଏହା ଭୂପୃଷ୍ଠରୁ ୬୨ ମାଇଲ ବା ୧୦୦ କିମି ଉଚ୍ଚରେ ଅଛି। ଏହା 'କାରମାନ୍ ରେଖା' ଭାବରେ ଜଣା। ହଙ୍ଗେରି ଜନ୍ମିତ ଆମେରିକୀୟ ପଦାର୍ଥ ବିଜ୍ଞାନୀ ଥିଓଡର ଭନ୍ କାରମାନ୍ ୧୯୭୫ ମସିହାରେ ପ୍ରଥମେ ପୃଥିବୀ ଓ ବାହାର ଆକାଶ ମଧ୍ୟରେ ଥିବା ଏହି ସୀମାର ସଂଜ୍ଞା ଦେଇଥିବାରୁ ଏହା ତାଙ୍କ ନାମରେ ନାମିତ ହୋଇଛି। ଏହି ରେଖା ଉପରେ କୃତ୍ରିମ ଉପଗ୍ରହଗୁଡ଼ିକ ପୃଥିବୀକୁ ପରିକ୍ରମଣ କରିବାରେ ସକ୍ଷମ ହୋଇଥାଆନ୍ତି। ଏହା ତଳେ ଉପଗ୍ରହକୁ ପରିକ୍ରମଣ କରିବାକୁ ହେଲେ ତାହାର କକ୍ଷୀୟ ବେଗ ଅତି ଅଧିକ ହେବା ଆବଶ୍ୟକ, ଯାହା ଘର୍ଷଣ ଯୋଗୁ ସମ୍ଭବ ନୁହେଁ। ଏଣୁ କାରମାନ୍ ରେଖା ହେଉଛି ଏକ କାଳ୍ପନିକ ରେଖା, ଯାହା ଉଡ଼ାଜାହାଜ ଓ କୃତ୍ରିମ ଉପଗ୍ରହର ଉଡ଼ାଣ ଅଞ୍ଚଳ ମଧ୍ୟରେ ଅଛି।

ଜଣାଯାଇଛି ଯେ, ଉପଗ୍ରହ ନିମ୍ନ-ପୃଥିବୀ କକ୍ଷରେ (୧୬୦-୧୦୦୦କିମି ଉଚ୍ଚତା) ଥିଲେ, କିଛି ବର୍ଷ ପରେ ଉପର ବାୟୁମଣ୍ଡଳରେ କର୍ଷଣ ଯୋଗୁ ଏହାର କକ୍ଷୀୟ ବେଗ ଧୀରେ ଧୀରେ ହ୍ରାସ ପାଏ ଏବଂ ଶେଷରେ ଏହା କକ୍ଷଚ୍ୟୁତ ହୋଇଥାଏ। ଏହାର ଅର୍ଥ ନୁହେଁ ଯେ, ୧୦୦୦ କିମି ଉପରେ ପୃଥିବୀର ବାୟୁମଣ୍ଡଳ ନାହିଁ, ମାତ୍ର ଏହା ଅତି ପତଳା। ବାସ୍ତବରେ ପୃଥିବୀ ପୃଷ୍ଠରୁ ୨୦ କିମି ଉଚ୍ଚରେ ବାୟୁମଣ୍ଡଳ ଚାପ ଏତେ କମ୍ ଯେ ସାଧାରଣ ତାପମାତ୍ରାରେ ଜଣଙ୍କର ଫୁସ୍‌ଫୁସ୍‌ରେ ଥିବା ଜଳ ଫୁଟିଥାଏ। ଏହି ଉଚ୍ଚତାକୁ 'ଆର୍ମଷ୍ଟ୍ରଙ୍ଗ ସୀମା' କୁହାଯାଏ। ଆମେରିକାର ଚିକିତ୍ସାବିଜ୍ଞାନୀ ହ୍ୟାରୀ ଆର୍ମଷ୍ଟ୍ରଙ୍ଗ ପ୍ରଥମେ ଏହା ଆବିଷ୍କାର କରିଥିବାରୁ ଏହା ତାଙ୍କ ନାମରେ ନାମିତ ହୋଇଛି।

ମିଳିତ ଜାତିସଂଘ କାରମାନ୍ ରେଖାକୁ ମହାକାଶର ଆରମ୍ଭ ଭାବେ ଗ୍ରହଣ କରିଛି। ଏଣୁ ଯେଉଁ ବ୍ୟକ୍ତି ମହାକାଶ ଯାତ୍ରାରେ ଯାଇ ଏହି ରେଖାକୁ ଅତିକ୍ରମ କରିଥାଆନ୍ତି, ତାଙ୍କୁ ମହାକାଶଚାରୀର ଗୌରବ ପ୍ରଦାନ କରାଯାଏ। ୨୦୦୪ ମସିହାରେ ଯେତେବେଳେ ଆନ୍‌ସାରି ଏକ୍ସ ପୁରସ୍କାର ଘୋଷଣା କରାଗଲା, ସର୍ତ୍ତ ଥିଲା ଯେ, କୌଣସି ବେସରକାରୀ ସଂସ୍ଥାର ମହାକାଶଯାନ ଯଦି ମହାକାଶଚାରୀଙ୍କୁ ନେଇ ଦୁଇ ସପ୍ତାହ ମଧ୍ୟରେ ଦୁଇ ଥର ମହାକାଶକୁ ଯାଇ ଫେରିଆସେ, ତାହାହେଲେ ଏହି ସଂସ୍ଥାକୁ ଏକ କୋଟି ଡଲାର ପୁରସ୍କାର ପ୍ରଦାନ କରାଯିବ। ଏଥିରେ ମଧ୍ୟ କାରମାନ୍ ରେଖାକୁ ମହାକାଶର ସୀମା ଭାବେ ଧରାଯାଇଥିଲା। ଅର୍ଥାତ୍ ମହାକାଶଚାରୀମାନେ କାରମାନ୍ ରେଖାକୁ ଦୁଇ ସପ୍ତାହରେ ଦୁଇ ଥର ଅତିକ୍ରମ କଲେ ଏହି ପୁରସ୍କାର ପାଇପାରିବେ। ଏଣୁ ପୃଥିବୀର ବ୍ୟାପ୍ତି ବହୁତ ଉଚ୍ଚକୁ ଥିଲେ ସୁଦ୍ଧା ବ୍ୟବହାରିକ ଦୃଷ୍ଟିକୋଣରୁ ଭୂପୃଷ୍ଠରୁ ୧୦୦ କିମି ଉଚ୍ଚରେ ଥିବା କାଳ୍ପନିକ କାରମାନ୍ ରେଖାରୁ ମହାକାଶର ଆରମ୍ଭ ହୋଇଛି ବୋଲି ସମସ୍ତେ ଗ୍ରହଣ କରି ନେଇଛନ୍ତି।

-୭୦, ଲକ୍ଷ୍ମୀବିହାର
ଫେଜ୍-୧, ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪



## ମସ୍ତିଷ୍କର କାର୍ଯ୍ୟଧାରାକୁ ପ୍ରଭାବିତ କରେ ଭିଡିଓ ଗେମ୍



ଭିଡିଓ ଗେମ୍ ଖେଳିବା କେବଳ ଛୋଟ ପିଲାମାନେ ନୁହନ୍ତି ବରଂ ଯୁବପିଢ଼ି ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ ଏ କଥାସତ, ହେଲେ ପରୋକ୍ଷରେ ଏହାର ଖରାପ ପ୍ରଭାବ ଆମ ଶରୀର ଉପରେ ପଡ଼ିଥାଏ। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ଆବଶ୍ୟକତାଠାରୁ ଅଧିକ ସମୟ ଭିଡିଓ ଗେମ୍ ଖେଳିଲେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। 'ଭିଡିଓ ଗେମ୍ ଏବଂ ମସ୍ତିଷ୍କର କାର୍ଯ୍ୟଧାରା' ଶୀର୍ଷକ ବିଷୟକୁ ନେଇ ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଅଧିକାଂଶ ସମୟ ଭିଡିଓ ଗେମ୍ ଖେଳୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରା ଉପରେ ଏହାର ପ୍ରଭାବ ପଡ଼ିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଏକ ସୀମିତ ସମୟ ପାଇଁ ଭିଡିଓ ଗେମ୍ ଖେଳିବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ସତର୍କତା ହିଁ ବଡ଼ କଥା



ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଏହାର କାର୍ଯ୍ୟଧାରା ଯଦି ବାଧାପ୍ରାପ୍ତ ହୁଏ, ତେବେ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ଦେଖା ଦେଇଥାଏ। ଏପରିକି ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଏହା ଅକାଳ ମୃତ୍ୟୁର କାରଣ ମଧ୍ୟ ସାଜିଥାଏ। ଏହାର ପ୍ରମୁଖ କାର୍ଯ୍ୟ ହେଲା ଆମ ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ବିଶୋଧନ କରିବା। ଏହା ରକ୍ତକୁ ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଦିଏ। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ଶ୍ୱାସକ୍ରିୟାରେ ମଧ୍ୟ ବାଧା ଉପୁଜେ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣରେ ପାଣି ପିଇବା ଆବଶ୍ୟକ। କିଡ୍‌ନୀଜନିତ ସମସ୍ୟାର ଲକ୍ଷଣ ଜାଣିବାକୁ ପାଇବା ମାତ୍ରେ ଅଭିଜ୍ଞ କିଡ୍‌ନୀ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଘିଅ, କ୍ଷୀର, ମାଛ, ମାଂସ, ପନିର, ସୋୟାବିନ୍ ଆଦିରେ ପ୍ରୋଟିନ୍ ଅଧିକ ଥାଏ। ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ୍ କରନ୍ତୁ। ଯଦି ନିଶାଦ୍ରବ୍ୟ ସେବନ କରୁଛନ୍ତି ତେବେ ଏହାକୁ ତୁରନ୍ତ ବର୍ଜନ କରନ୍ତୁ।

## ସୁନିଦ୍ରାକୁ ପ୍ରଭାବିତ କରେ ଅଧିକ ଚା' ପିଇବା



କ୍ଲାନ୍ତ ମନକୁ ହାଲୁକା କରିବା ପାଇଁ ଅନେକେ ଚା' କିମ୍ବା କଫି ପିଇଥାଆନ୍ତି। ହେଲେ ଯଦି ଆପଣ ଅଧିକ ସମୟ ଚା' ପିଉଛନ୍ତି ତେବେ ଏପରି ଅଭ୍ୟାସଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। କାରଣ ଆବଶ୍ୟକତାଠାରୁ ଅଧିକ ଚା' ପିଇବା ଦ୍ୱାରା ତାହା ନିଦ୍ରାକୁ ପ୍ରଭାବିତ କରିଥାଏ। ଏଭଳି ମତବ୍ୟକ୍ତ କରିଛନ୍ତି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏକ ସଦ୍ୟତମ ସର୍ଭେରୁ ସେମାନେ ଏକଥା ଜାଣିବାକୁ ପାଇଛନ୍ତି। ଅଧିକ ଚା' ପିଇବା ଦ୍ୱାରା ଦାନ୍ତ ଉପରେ ହଳଦିଆ ରଙ୍ଗର ଏକ ଆସ୍ତରଣ ପଡ଼ିଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହା ସୁନିଦ୍ରା ଉପରେ ମଧ୍ୟ ପ୍ରଭାବ ପକାଇଥାଏ ଚା'ରେ ଏଭଳି କେତେକ ତତ୍ତ୍ୱ ରହିଛି, ଯାହା ପେଟରେ ଅମ୍ଳ ବା ଏସିଡିଟିର ମାତ୍ରାକୁ ବଢ଼ାଇଦିଏ।

## ମୁଣ୍ଡବ୍ୟଥାରୁ ମିଳିବ ସହଜ ଉପଶମ



ଆଜିକାଲି ମୁଣ୍ଡବ୍ୟଥା ଏକ ସାଧାରଣ କଥା ପାଲଟି ଗଲାଣି। ହେଲେ ଆରମ୍ଭରୁ ଏହାର ଉପଚାର ନ କଲେ ପରବର୍ତ୍ତୀ ସମୟରେ ତାହା ଗୁରୁତର ଆକାର ଧାରଣ କରିଥାଏ। ତେବେ ନିମ୍ନଲିଖିତ ଘରୋଇ ଉପଚାରକୁ ଆପଣେଇ ପାରିଲେ ସେଥିରୁ କେତେକାଂଶରେ ଉପଶମ ଲାଭ କରିପାରିବେ। ବେଳେବେଳେ ଠିକ୍ ସମୟରେ ଖାଦ୍ୟ ନ ଖାଇବା କିମ୍ବା ଆବଶ୍ୟକ ମୁତାବକ ପାଣି ନ ପିଇବା ଦ୍ୱାରା ମୁଣ୍ଡ ବିନ୍ଧିଥାଏ। ତେଣୁ ଠିକ୍ ସମୟରେ ଖାଦ୍ୟ ଖାଇବା ଓ ପ୍ରଚୁର ପାଣି ପିଇବା ନିହାତି ଦରକାର। ମୁଣ୍ଡବିନ୍ଧାରୁ ଉପଶମ ପାଇବାର ଆଉ ଏକ ସହଜ ତଥା ସରଳ ଉପାୟ ରହିଛି। ତାହା ହେଲା ନିଦ୍ରା। ପ୍ରତିଦିନ ରାତିରେ ପ୍ରାୟ ୭-୮ଘଣ୍ଟା ଶୋଇବା ଦ୍ୱାରା ମୁଣ୍ଡବ୍ୟଥାରୁ ଉପଶମ ମିଳେ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କ ଶାନ୍ତ ହୋଇଥାଏ ଓ ଆମକୁ ଆରାମ ଲାଗେ। ପ୍ରତିଦିନ ଯୋଗ କରିବା ଦ୍ୱାରା ଏଥିରୁ ଆମକୁ ରକ୍ଷା ମିଳିଥାଏ। ଯଦି ଆପଣ ସବୁଦିନ ଯୋଗ, ପ୍ରାଣାୟାମ କରୁଛନ୍ତି ତେବେ ତାହା ମୁଣ୍ଡବ୍ୟଥାରୁ କେତେକାଂଶରେ ଆରାମ ଦେଇଥାଏ। ଆଉ ଏକ କଥା ହେଲା ଚିନ୍ତା। ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହିଲେ ତାହାର ପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ। ଫଳରେ ମୁଣ୍ଡ ବିନ୍ଧେ। ତେଣୁ ଅଯଥା କଥାକୁ ନେଇ ଚିନ୍ତା କରିବା ଠିକ୍ ନୁହେଁ। ନିକଟରେ ଏକ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିଜ ମନ ପସନ୍ଦର ବହି ପଢ଼ନ୍ତି ତେବେ ଏଥିରୁ ସେ କେତେକାଂଶରେ ଉପଶମ ପାଇପାରିବେ। ସବୁବେଳେ ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ। ଏହାଦ୍ୱାରା ମୁଣ୍ଡବିନ୍ଧା ଆଶଙ୍କା କିଛି ଅଂଶରେ ଦୂର ହୋଇଥାଏ।

## ଉପକାରୀ ଯୋଗ

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଅନେକ ଶରୀରର ଯତ୍ନ ନେବାକୁ ଭୁଲିଯାଉଛନ୍ତି। ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବା ପାଇଁ ଆମର ଦୈନନ୍ଦିନ ଜୀବନଶୈଳୀରେ ଯୋଗକୁ ସାମିଲ କରନ୍ତୁ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ୍ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ନିୟମିତ ଯୋଗ କଲେ ରକ୍ତ ଚାପ ସନ୍ତୁଳିତ ରହିଥାଏ। ଏହାଦ୍ୱାରା ଡାଇବେଟିସ୍, ହୃଦ୍‌ରୋଗ, କ୍ୟାନସର ଭଳି ଅନେକ ମାରାତ୍ମକ ରୋଗଠାରୁ ଆମେ ଅନେକାଂଶରେ ନିଜକୁ ଦୂରେଇ ରଖିପାରିବା। ନିଦ୍ରାହୀନତା ଭଳି ସମସ୍ୟାକୁ ନେଇ ଚିନ୍ତିତ କି? ଯଦି ହଁ, ତେବେ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ। ନିୟମିତ ଯୋଗ କରିବା ଦ୍ୱାରା ମାନସିକ ଭାରସାମ୍ୟ ଠିକ୍ ରହିଥାଏ। କେବଳ ସେତିକି ନୁହେଁ, ସ୍ମରଣ ଶକ୍ତିକୁ ଆହୁରି ପ୍ରଖର କରିଥାଏ ଯୋଗ। ସବୁବେଳେ ଯୋଗ ଏକ ପ୍ରଦୂଷଣମୁକ୍ତ ଅଞ୍ଚଳରେ କରନ୍ତୁ। ଏହି ସମୟରେ ମନକୁ ଶାନ୍ତ ରଖନ୍ତୁ।



## ସ୍ୱାସ୍ଥ୍ୟ ସୂଚନା

➤ବୟସ ବଢ଼ିବା ସଙ୍ଗେ ସଙ୍ଗେ ଆଣ୍ଠୁଗଣ୍ଠିଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ନିୟମିତ ସମୟ ଅନ୍ତରାଳରେ ନିଜ ସ୍ୱାସ୍ଥ୍ୟ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ରାତିରେ ଗରିଷ୍ଠ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଭଳି ଖାଦ୍ୟ ଖାଇଲେ ତାହା କେବଳ ନିଦ୍ରା ନୁହେଁ, ପାଚନ କ୍ରିୟାକୁ ମଧ୍ୟ ପ୍ରଭାବିତ କରିଥାଏ।



➤ବର୍ତ୍ତମାନ ଗ୍ରୀଷ୍ମ ଋତୁ ଚାଲିଛି। ତେଣୁ ବାହାରକୁ ଯିବା ସମୟରେ ସାଙ୍ଗରେ ପାଣି ବୋତଲ ନେବାକୁ ଭୁଲନ୍ତୁ ନାହିଁ। ଶରୀରରେ ଯେପରି ଜଳୀୟ ଶୁଷ୍କତା (ଡିହାଇଡ୍ରେଶନ) ଦେଖା ନ ଯାଏ ସେଥିପ୍ରତି ସତର୍କ ରୁହନ୍ତୁ।

➤ଯଦି ଆପଣଙ୍କ ବୟସ ଅଧିକ ଆଉ ଆପଣ ହୃଦ୍‌ରୋଗ, କ୍ୟାନସର ଭଳି ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ, ତେବେ ଠିକ୍ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ଆବଶ୍ୟକତା ଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ଭବିଷ୍ୟତରେ ଏହା ମେଦବହୁଳତା ପରି ସମସ୍ୟାକୁ ଡାକି ଆଣିଥାଏ। ପୁଣି ପରବର୍ତ୍ତୀ ସମୟରେ ଏହା ଆଉ କେତେକ ରୋଗର କାରଣ ସାଜିଥାଏ। ତେଣୁ ନିଜ ଓଜନକୁ ସବୁବେଳେ ସନ୍ତୁଳିତ ରଖନ୍ତୁ।

## ଜାଣନ୍ତି କି

- ନିୟମିତ ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା ଅଧିକ ଥାଏ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଯେତେସମ୍ଭବ ଦୂରେଇ ନିଅନ୍ତୁ ଏବଂ ସୁସ୍ଥ ଜୀବନଯାପନ କରନ୍ତୁ।
- ଲୁଣ କିମ୍ବା ଚର୍ବି ଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଶରୀରରେ କୋଲେଷ୍ଟରଲ୍‌ର ସ୍ତରକୁ ବଢ଼ାଇ ଦେଇଥାଏ।
- ପ୍ରତିଦିନ ତଟାକ ଫଳମୂଳରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ। ଏହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ କାମ କରନ୍ତୁ। ନ ହେଲେ ଏହା ଟେନସନ୍‌ର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି।
- ଯଦି କୌଣସି ରୋଗରେ ଆପଣ ପୀଡ଼ିତ, ତେବେ ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ। ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଆନ୍ତୁ।

## ବିଲୁପ୍ତି ପଥେ କାଳବୈଶାଖୀ

(ଶେଷ ଭାଗ)

**ସତର୍କତା :** କାଳବୈଶାଖୀ ପ୍ରବାହ ସମୟରେ ପବନ ଜୋର୍‌ରେ ବହୁଥିବାରୁ ପୁରୁଣା ଚାଳଘର ପରିବର୍ତ୍ତେ କୋଠାଘରେ ଆଶ୍ରୟ ନେବା ଉଚିତ। ପବନରେ ଗଛ ଡାଳ ଭାଙ୍ଗି ଯିବାର ସମ୍ଭାବନା ଥିବାରୁ ଏହି ସମୟରେ ମଧ୍ୟ ଗଛତଳେ ଆଶ୍ରୟ ନେବା ଅନୁଚିତ। ଏହି ସମୟରେ ମଧ୍ୟ ବଜ୍ରପାତର ଆଶଙ୍କା ଥିବାରୁ ଟିଣ ଘରେ, ଗଛ ତଳେ କିମ୍ବା ବିଜୁଳି ଖୁଣ୍ଟ ତଳେ ଆଶ୍ରୟ ନେବା ଅନୁଚିତ। ଝଡ଼ ସମୟରେ ବିଜୁଳି ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାର ସମ୍ଭାବନା ଥିବାରୁ ସେଥିପାଇଁ ଆବଶ୍ୟକ ସାମଗ୍ରୀ ସହିତ ପୂର୍ବରୁ ପ୍ରସ୍ତୁତ ହୋଇ ରହିବା ଆବଶ୍ୟକ।

**ଛନ୍ଦହରା କାଳବୈଶାଖୀ :** ମାତ୍ର ଏବେ ପରିସ୍ଥିତି ବଦଳିଯାଇଛି। କାଳବୈଶାଖୀର ସଂଖ୍ୟା ଏବେ ଆଶାତୀତ ହ୍ରାସ ପାଇଛି। କାଳବୈଶାଖୀର ପ୍ରଭାବରେ ପ୍ରଭାବିତ ଅଞ୍ଚଳରେ ଯେତିକି ବୃଷ୍ଟିପାତ ହେବା କଥା, ଏବେ ତା'ଠାରୁ ଯଥେଷ୍ଟ କମ୍ ବୃଷ୍ଟିପାତ ହେଉଛି। ଏଥିପାଇଁ ଜଳବାୟୁ ବିଜ୍ଞାନୀମାନେ ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନ ତଥା ବାୟୁମଣ୍ଡଳୀୟ ପ୍ରଦୂଷଣକୁ ଦାୟୀ କରୁଛନ୍ତି। ବାୟୁମଣ୍ଡଳୀୟ ପ୍ରଦୂଷଣ କାରଣରୁ ଭୂପୃଷ୍ଠର ପ୍ରଦୂଷକ ପଦାର୍ଥସବୁ ଊର୍ଦ୍ଧ୍ୱମୁଖୀ ତୀବ୍ର ବାୟୁସ୍ରୋତରେ ଉପରକୁ ଉଠି ନିମ୍ନ ଉଚ୍ଚତାରେ ଥିବା କଳାହାଣ୍ଡିଆ ବାଦଲସବୁରେ ପହଞ୍ଚି ଯାଉଛନ୍ତି। ଏହାଦ୍ୱାରା କଳାହାଣ୍ଡିଆ ବାଦଲର ପରିସୀମା ସଙ୍କୁଚିତ ହୋଇ ସେଗୁଡ଼ିକର ଜଳ ଧାରଣ କ୍ଷମତା କମିଯାଉଛି। ଫଳରେ ସେଗୁଡ଼ିକ ସ୍ୱଳ୍ପ ବୃଷ୍ଟିପାତ ପ୍ରବଣ ପାଲଟି ଯାଉଛନ୍ତି। ଆଉ ଏକ ମତବାଦ ଅନୁସାରେ, ଏହାର ଉତ୍ପତ୍ତି ଅଞ୍ଚଳରେ ସୂର୍ଯ୍ୟତାପ ଯୋଗୁ ଭୂମି ଯେତିକି ଉତ୍ତପ୍ତ ହେବା କଥା, ସେତିକି ଉତ୍ତପ୍ତ ହେଉ ନାହିଁ। ଏହାର କାରଣ ହେଉଛି ଏହାର ଉତ୍ପତ୍ତିସ୍ଥଳ ଛୋଟନାଗପୁର ମାଳଭୂମି ଅଞ୍ଚଳରେ ଲୋକମାନେ ଖରାଦିନେ ଧାନ ଇତ୍ୟାଦି ଖରାଟିଆ ଫସଲ ଚାଷ କରିବାରୁ ଭୂମି ଜଳରେ ପ୍ଲାବିତ ହୋଇ ଅଧିକ ଉତ୍ତାପ ଗ୍ରହଣ କରି ପାରୁ ନାହିଁ। ଫଳରେ ସେଠାରେ ଶକ୍ତିଶାଳୀ ଲଘୁଚାପମାନ ସୃଷ୍ଟି ହୋଇ ପାରୁନାହିଁ। କାଳବୈଶାଖୀର ଅନୁପସ୍ଥିତିରେ ମଝିରେ ମଝିରେ ବର୍ଷା ହୋଇ ନ ପାରିବାରୁ ଖରାଦିନର ପ୍ରଚଣ୍ଡ ଗରମରୁ ଆଶ୍ୱସ୍ତି ମିଳୁନାହିଁ।

ସୁତରାଂ ପ୍ରାକୃତିକ କିମ୍ବା ମନୁଷ୍ୟକୃତ କାରଣରୁ ହେଉ, ଏପରି ଧାରା ଅବ୍ୟାହତ ରହିଲେ, ଦିନ ଆସିବ ପ୍ରକୃତିର ଏହି ବିଚିତ୍ର ଓ ବିରଳ ଘଟଣା କାଳବୈଶାଖୀ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବ ଏବଂ ଏହା ଆମ ପିଲାଙ୍କ ପାଇଁ କେବଳ ଏକ ପରୀକଥା ହୋଇ ରହିଯିବ!

-ନିକୁଞ୍ଜ ବିହାରୀ ସାହୁ,
ଏଜୁକେଶନ ଅଫିସର୍,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ: ୮୯୧୭୬୩୭୯୭୪

# ସାତ୍ତ୍ୱିକ-ଚିରାଗଙ୍କୁ ଡବଲ୍ସ ଟାଇଟଲ

**ଥାଇଲାଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ**

**ବ୍ୟାଙ୍କକ,୧୯।୫(ପି.ଟି)**

ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ଆତ୍ମବିଶ୍ୱାସ ଭରା ପ୍ରଦର୍ଶନ ଦେଇଛନ୍ତି ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ। ରବିବାର ଥାଇଲାଣ୍ଡ ଓପନ ସୁପର ସିରିଜ ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ଇଭେଣ୍ଟରେ ଉଭୟ ଖେଳାଳି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ବିଶ୍ୱ ମାନ୍ୟତାର ୨୯ ନମ୍ବର ସ୍ଥାନରେ ଥିବା ଚାଇନାର ଚେନ୍ ବୋ ୟାଙ୍ଗ ଓ ଲିଉ ୟିଙ୍କୁ ୨୧-୧୫, ୨୧-୧୫ ସେଟ୍‌ରେ ପରାସ୍ତ କରିଥିଲେ ଏହି ଭାରତୀୟ ଯୋଡି। ଏସିଆନ୍ ଗେମ୍ସ ଚାମ୍ପିୟନ ସାତ୍ତ୍ୱିକ୍-ଚିରାଗଙ୍କ ପାଇଁ ଚଳିତ ବର୍ଷର ଏହା ଦ୍ୱିତୀୟ ତଥା ଓଭର ଅଲ ନବମ ଟାଇଟଲ୍। ପୂର୍ବରୁ ଏହି ଭାରତୀୟ ଯୋଡି ଫ୍ରେଞ୍ଚ ଓପନ ସୁପର ସିରିଜରେ ଚାମ୍ପିୟନ ହୋଇଥିଲେ। ଏହା ବ୍ୟତୀତ ଉଭୟ ଖେଳାଳି ଚଳିତ ବର୍ଷରେ ମାଲେସିଆ ସୁପର ୧୦୦୦ ଓ ଇଣ୍ଡିଆ ସୁପର ୭୦୦ରେ ରନର ଅପ୍ ରହିଥିଲେ। ପୂର୍ବରୁ ୨୦୧୯ରେ ସାତ୍ତ୍ୱିକ୍-ଚିରାଗ ପ୍ରଥମ ଥର ପାଇଁ ଥାଇଲାଣ୍ଡ ଓପନରେ ନିଜ କ୍ୟାରିୟରର ପ୍ରଥମ ଟାଇଟଲ ଜିତିଥିଲେ।



ପଦକ ସହ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ।

ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ରହିଥିବା ଭାରତୀୟ ଯୋଡି ସକାରାତ୍ମକ ଢଙ୍ଗରେ ଆରମ୍ଭ କରିଥିଲେ। ୫-୧ରେ ଆଗୁଆ ରହି ଚାଇନା ଯୋଡିଙ୍କୁ ସାତ୍ତ୍ୱିକ୍-ଚିରାଗ ଚାପରେ ରଖିଥିଲେ। ତେବେ ଚାଇନିଜ ଯୋଡି ପ୍ରତ୍ୟାବର୍ତ୍ତନ କରିବା ସହ ମ୍ୟାଚ୍‌କୁ ୭-୭ ସ୍ଥିତିକୁ ଆଣିଥିଲେ। ଚେନ୍ ବୋ ୟାଙ୍ଗ ଓ ଲିଉ ୟି ୩୯ ଶଟ୍‌ର ଏକ ରାଲି ଜିତିବା ସହ ସାତ୍ତ୍ୱିକ୍-ଚିରାଗଙ୍କୁ ଚାପରେ ରଖିଥିଲେ। ମ୍ୟାଚ୍ ୧୦-୧୦ ସ୍ଥିତିରେ ରହିଥିବା ବେଳେ ଭାରତୀୟ ଯୋଡି ପୁନର୍ବାର ଚମତ୍କାର ପ୍ରଦର୍ଶନ କରି ମ୍ୟାଚ୍‌କୁ ନିୟନ୍ତ୍ରଣକୁ ନେଇଥିଲେ। ପ୍ରଥମ ସେଟ୍‌କୁ ୨୧-୧୫ରେ ବିଜୟୀ ହୋଇଥିଲେ ଭାରତୀୟ ଯୋଡି। ଦ୍ୱିତୀୟ ସେଟ୍‌ରେ ମଧ୍ୟ ଭାରତୀୟ ଯୋଡି ଆକ୍ରମଣାତ୍ମକ ପ୍ରଦର୍ଶନ କରି ବିଜୟୀ ହୋଇଥିଲେ। ଚିରାଗ-ସାତ୍ତ୍ୱିକ ୮-୩ରେ ଆଗୁଆ ରହିଥିବା ବେଳେ ଚାଇନିଜ୍ ଖେଳାଳି ୧୫-୧୪ରେ ପହଞ୍ଚିଥିଲେ। ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ଭାରତୀୟ ଯୋଡି ଏହି ମ୍ୟାଚକୁ ଜିତି ନେଇଥିଲେ। ଏହି ଟୁର୍ନାମେଣ୍ଟରେ ଭାରତୀୟ ଯୋଡି ଟାଇଟଲ ରାସ୍ତାରେ ଗୋଟିଏ ବି ସେଟ୍‌ର ମ୍ୟାଚ୍ ହାରି ନାହାନ୍ତି। ଡବଲ୍ସ ଟାଇଟଲ ଜିତିବା ପରେ ଉଭୟ ଖେଳାଳି ଖୁସି ଜାହିର କରିଛନ୍ତି।

# ଲଳିତ ରଞ୍ଜନ ଚାମ୍ପିୟନ




**ଭୁବନେଶ୍ୱର, ୧୯।୫ (ବିଜୟ ରଣା)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାର ରୟାଲ ପବ୍ଲିକ ସ୍କୁଲର ସହଯୋଗ କ୍ରମେ ରବିବାର ୪ର୍ଥ ଲଡୁକିଶୋର ନାୟକ ମେମୋରିଆଲ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ରାଉଣ୍ଡବିଶିଷ୍ଟ ଏହି ଟୁର୍ନାମେଣ୍ଟରେ କଟକର ଲଳିତ ରଞ୍ଜନ ସାହୁ ୪.୫ ପଏଣ୍ଟ ଅର୍ଜନ କରି ଚାମ୍ପିୟନ ହୋଇଛନ୍ତି। କଟକର ରବୀନ୍ଦ୍ର କୁମାର ଓଝା (୪.୫) ଦ୍ୱିତୀୟ ସ୍ଥାନ ସହ ରନରଅପ୍ ହୋଇଥିବା ବେଳେ କଟକର ଆୟୁଷ ଆର୍ଯ୍ୟନ ମହାପାତ୍ର (୪.୦) ତୃତୀୟ ହୋଇଥିଲେ। ଚତୁର୍ଥରୁ ସପ୍ତମ ସ୍ଥାନ ଅଧିକାର କରିଥିଲେ ଆଦିତ୍ୟ ଜେନା (ଭୁବନେଶ୍ୱର), ପ୍ରତ୍ୟୁଷ ନାୟକ (କଟକ), ସାଇ ଶକ୍ତି ପଣ୍ଡା (୪.୦) ଓ ସୃଜନ ପ୍ରଣୟୀ ରାୟ (୩.୫)। ବାଳିକା ବିଭାଗରେ ନମସ୍ୟା ନଳିନୀ ପ୍ରଥମ ଏବଂ ଦିୟା ଦାସ ଦ୍ୱିତୀୟ ହୋଇଥିଲେ। ୧୪ ବର୍ଷରୁ କମ୍ ବିଭାଗରେ ଆୟାବନ୍ତ ମହାନ୍ତି ପ୍ରଥମ ଏବଂ ଶ୍ରେୟା ମହାପାତ୍ର ଦ୍ୱିତୀୟ ହୋଇଛନ୍ତି। ସେହିପରି ୧୨ ବର୍ଷରୁ କମ୍ ବିଭାଗରେ ରୁଦ୍ର ପ୍ରତାପ ମିଶ୍ର ପ୍ରଥମ ଏବଂ ଓମ୍ ଶତପଥୀ ଦ୍ୱିତୀୟ ହୋଇଥିବା ବେଳେ ୧୦ବର୍ଷରୁ କମ୍ ବିଭାଗରେ ମନୀଷ ରଞ୍ଜନ ଦାସ ଓ ଦେବରାଜ ସେନାପତି ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ସେହିପରି ୮ବର୍ଷରୁ କମ୍ ବିଭାଗରେ ଏ. ଆଦିତ୍ୟ ସ୍ୱାଇଁ ପ୍ରଥମ ଏବଂ ଅଦିତ୍ୟ ଶଙ୍କର ବେହେରା ଦ୍ୱିତୀୟ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଲିମିଟେଡ୍‌ର ଓଡ଼ିଶା ମୁଖ୍ୟ ନିଳିନୀକାନ୍ତ ନାୟକ, ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆବିଟ୍)ର ଡ. ଅମରେଶ ସାହୁ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ସ୍ୱର୍ଗତ ଲଡୁ କିଶୋର ନାୟକଙ୍କ କନ୍ୟା ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସୁକାନ୍ତ, ତରୁଣ, ସୁହାସଙ୍କୁ ପାରା ଅଲିମ୍ପିକ୍ସ ଯୋଗ୍ୟତା

**ନୂଆଦିଲ୍ଲୀ,୧୯।୫(ପି.ଟି)**

ପ୍ୟାରିସ୍ ପାରାଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ୩ ଜଣ ପାରା ସଟଲର। ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ଯାଏଁ ହେବାକୁ ଥିବା ଏହି ଇଭେଣ୍ଟ ପାଇଁ ସୁକାନ୍ତ କଦମ, ତରୁଣ ଓ ସୁହାସ ଏସ୍‌ଏଲ୍-୪ ବର୍ଗରେ ରବିବାର ଯୋଗ୍ୟତା ଅର୍ଜନ କରିଛନ୍ତି। ଯେଉଁ ଖେଳାଳିଙ୍କ ପାଦରେ ଚଳାଚଳ କରିବାରେ ସମାନ୍ୟ ସମସ୍ୟା ରହିଥାଏ ସେମାନେ ଏହି ବର୍ଗରେ ସାମିଲ ଥାନ୍ତି। ଏସିଆନ୍ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ସୁକାନ୍ତ ପ୍ରଥମ ଥର ପାଇଁ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଗତ କିଛି ବର୍ଷ ହେବ ସୁକାନ୍ତ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଭାରତ ପାଇଁ ପଦକ ଜିତିବା ତାଙ୍କର ସ୍ୱପ୍ନ ବୋଲି ମଧ୍ୟ ସେ କହିଛନ୍ତି। ସେହିପରି ଏସ୍‌ଏଲ୍ ୩ ମହିଳା ବର୍ଗରେ ମନଦୀପ୍ କୌର ଯୋଗ୍ୟତା ଅର୍ଜନ କରିଛନ୍ତି। ଏସ୍‌ଏଲ୍ ୬ ବର୍ଗ ମିକ୍ସଡ୍ ଡବଲ୍ସରେ ନିତ୍ୟା ଓ ଶିବରାଜନ ମଧ୍ୟ ପ୍ୟାରିସ୍ କୋଟା ହାସଲ କରିଛନ୍ତି।


ସୁକାନ୍ତ କଦମ




ମ୍ୟାଜିକ୍ ଅଫ୍ ମ୍ୟାଗ୍ନେଟିଜମ୍ ଜାଣିବା ପାଇଁ ସ୍କାନ୍ କରନ୍ତୁ

INDIA'S FIRST 5 YEAR WARRANTY* *Conditions apply

CALL TOLL-FREE 1800 266 0018

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform.*Special Ex-showroom price of Glamour Drum in Bhubaneswar. It is inclusive of cash discount and is applicable for a limited period only. T&C Apply.

Exchange Powered By Wheels of Trust^^ ସର୍ବୋତ୍ତମ ରିସେଲ୍ ମୂଲ୍ୟ ପାଇଁ ସ୍କାନ୍ କରନ୍ତୁ

Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736. Authorized HeroSure Dealers: Bhubaneshwar: Arundhati Motobikes, Ph- 7682841658, Rourkela: Dua Motors ,Ph- 6372753989.

WT.5684.2024ORI

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

୫୦ଶ ଭାଗ ୧୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 175 ମୂଲ୍ୟ₹୭/-

# ରାଜ୍ୟ ନେତାଙ୍କ ସହ ମୋଦିଙ୍କ ଆଲୋଚନା

## ୨ଦିନିଆ ଓଡ଼ିଶା ଗସ୍ତରେ ପ୍ରଧାନମନ୍ତ୍ରୀ, ଆଜି ପୁରୀରେ ରୋଡ୍ ଶୋ'

ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସନ୍ଧ୍ୟାରେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ବାୟୁସେନାର ସ୍ୱତନ୍ତ୍ର ବିମାନରେ ରବିବାର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବା ପରେ ମୋଦିଙ୍କୁ ରାଜ୍ୟ ଭାଜପା ନେତାମାନେ ଭବ୍ୟ ସ୍ୱାଗତ କରିଛନ୍ତି। ଏହାପରେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଧାନମନ୍ତ୍ରୀ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ମୋଦିଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୋଦି ପାଖାପାଖି ସନ୍ଧ୍ୟା ୭ଟା ସମୟରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ସେଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ☞ପୃଷ୍ଠା–୪

# ଆପ୍ ଭାଙ୍ଗିବାକୁ ଷଡ଼ଯନ୍ତ୍ର: କେଜ୍‌ରିୱାଲ

## 'ଜେଲ୍ ଭରୋ' ବିକ୍ଷୋଭବେଳେ ଅନେକ ନେତା ଅଟକ

ନୂଆଦିଲ୍ଲୀ, ୧୯।୫



ଦିଲ୍ଲୀର ଶାସକ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସାରା ଦେଶରେ ସୁଦୃଢ଼ ହେବାରେ ଲାଗିଛି। ଦିଲ୍ଲୀ ଏବଂ ପଞ୍ଜାବରେ ଲୋକଙ୍କୁ ମାଗଣାରେ ବିଜୁଳି ଓ ପାନୀୟ ଜଳ ଯୋଗାଣ ସହ ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯାଉଛି। ଲୋକ ସଭା ନିର୍ବାଚନରେ ଇଣ୍ଡିଆ ବ୍ଲକ୍ ବିଜୟୀ ହେଲେ ଏହି ଯୋଜନା ସାରା ଦେଶରେ ଲାଗୁ କରାଯିବ। ମହିଳାମାନଙ୍କ ଆକାଉଣ୍ଟକୁ ମାସିକ ୧,୦୦୦ ଟଙ୍କା ଲେଖାଏ ପଠାଯିବ। ଏହି ଯୋଜନାକୁ ନେଇ ଦେଶରେ ଆପ୍‌ର ଲୋକପ୍ରିୟତା ବଢ଼ିବାରେ ଲାଗିଛି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତଙ୍କିତ ହୋଇଯାଇଛନ୍ତି। ଏଥିଲାଗି ଆପ୍‌କୁ ଭାଙ୍ଗିବା ପାଇଁ ମୋଦି ଷଡ଼ଯନ୍ତ୍ର ଚଳାଇଛନ୍ତି ବୋଲି ରବିବାର ଏହାର ରାଷ୍ଟ୍ରୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସମାଲୋଚନା କରିଛନ୍ତି। ମେ' ୧୩ରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ତାଙ୍କ ବ୍ୟକ୍ତିଗତ ସଚିବ ବିଭବ କୁମାର ଆପ୍‌ର ମହିଳା ଏମ୍‌ପି ସ୍ୱାତୀ ମାଲିୱାଲଙ୍କୁ ମାଡ଼ ମାରିବା ଅଭିଯୋଗ ହୋଇଥିଲା। ସ୍ୱାତୀଙ୍କ ଅଭିଯୋଗ ଆଧାରରେ ଶନିବାର ଦିଲ୍ଲୀ ପୋଲିସ ବିଭବଙ୍କୁ ଗିରଫ କରିଛି। ଏହାର ପ୍ରତିବାଦରେ କେଜ୍‌ରିୱାଲ ଜେଲଭରୋ ଆନ୍ଦୋଳନ ଡାକରା ଦେଇଥିଲେ। ଡିଡିୟୁ ମାର୍ଗସ୍ଥିତ ଆପ୍ ମୁଖ୍ୟାଳୟରେ ପୂର୍ବାହ୍ନ ୯ଟାରେ ଦଳର ଶତାଧିକ କର୍ମୀ ଏକତ୍ରିତ ହୋଇଥିଲେ। କେଜ୍‌ରିୱାଲ ସେମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି ଓ କେନ୍ଦ୍ରରେ କ୍ଷମତାସୀନ ଦଳ ଭାଜପାକୁ କଡ଼ା ସମାଲୋଚନା ☞ପୃଷ୍ଠା–୪

# ରାଣୀଙ୍କୁ ଭରଣପୋଷଣ ମାଗୁଛନ୍ତି ରାଜା

ଜୟପୁର, ୧୯।୫



ରାଣୀ ଦିବ୍ୟା ସିଂ



ରାଜା ବିଶ୍ୱେନ୍ଦ୍ର ସିଂ

ସାଧାରଣତଃ ଶ୍ୱଶୁରଘରେ ନିର୍ଯାତନାର ଶିକାର ହୋଇ କିମ୍ବା ଛାଡ଼ପତ୍ର ପାଇ ଅଲଗା ରହୁଥିବା ମହିଳାମାନେ ସ୍ୱାମୀଙ୍କଠାରୁ ଭରଣପୋଷଣ ଦାବି କରୁଥିବା ଭାରତୀୟ ସମାଜରେ ଦେଖିବାକୁ ମିଳିଥାଏ। କିନ୍ତୁ ରାଜସ୍ଥାନର ଏକ ରାଜପରିବାରରେ ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଭରତପୁର ରାଜା ତଥା ପୂର୍ବତନ ମନ୍ତ୍ରୀ ବିଶ୍ୱେନ୍ଦ୍ର ସିଂଙ୍କୁ ତାଙ୍କ ସ୍ତ୍ରୀ ନିର୍ଯାତନା ଦେଉଛନ୍ତି। ଏପରି କି ଖାଇବା ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ମଧ୍ୟ ଦେଉନାହାନ୍ତି। ଲୋକଙ୍କ ସହ ମିଶିବାକୁ ସୁଯୋଗ ଦେଉନାହାନ୍ତି। ଏଭଳି ଅଭିଯୋଗ ଆଣି ରାଜା ବିଶ୍ୱେନ୍ଦ୍ର ସିଂ ମହାରାଣୀ ଦିବ୍ୟା ସିଂଙ୍କଠାରୁ ଭରଣପୋଷଣ ଦାବି କରିଛନ୍ତି। ରାଜସ୍ଥାନ ଭରତପୁର ରାଜବଂଶର ଦାୟାଦ ବିଶ୍ୱେନ୍ଦ୍ର ସିଂଙ୍କ ଜନ୍ମ ୧୯୬୨ ଜୁନ୍ ୨୩ରେ ହୋଇଥିଲା। ସେ ଅଶୋକ ଗେହଲଟ୍‌ଙ୍କ କ୍ୟାବିନେଟରେ ପର୍ଯ୍ୟଟନ ମନ୍ତ୍ରୀ ଥିଲେ। ବରିଷ୍ଠ କଂଗ୍ରେସ ନେତା ବିଶ୍ୱେନ୍ଦ୍ର ପୂର୍ବରୁ ୩ ଥର ଏମ୍‌ପି ହୋଇସାରିଛନ୍ତି। ବିଶ୍ୱେନ୍ଦ୍ର ନିକଟରେ ନିଜ ସ୍ତ୍ରୀ ଦିବ୍ୟା ସିଂ ଓ ଯୁବରାଜ ଅନିରୁଦ୍ଧ ସିଂଙ୍କ ବିରୋଧରେ ସ୍ଥାନୀୟ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କୁ ନିର୍ଯାତନା ଦେବାରେ ସ୍ତ୍ରୀଙ୍କୁ ପୁଅ ଅନିରୁଦ୍ଧ ସହଯୋଗ କରୁଥିବା ରାଜା ନିଜ ପିଟିଶନରେ ଉଲ୍ଲେଖ ☞ପୃଷ୍ଠା–୪

# ଇରାନ ରାଷ୍ଟ୍ରପତିଙ୍କ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ

ଦୁବାଇ, ୧୯।୫



ଇବ୍ରାହିମ୍ ରଇସି

ଇରାନ ରାଷ୍ଟ୍ରପତି ଇବ୍ରାହିମ୍ ରଇସିଙ୍କୁ ନେଇ ଯାଉଥିବା ଏକ ହେଲିକପ୍ଟର ରବିବାର ପୂର୍ବ ଆଜରବୈଜାନ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସରକାରୀ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ହେଲିକପ୍ଟରଟି ଏକ ଗ୍ରାମାଞ୍ଚଳ ଜଙ୍ଗଲରେ ଖସିପଡ଼ିଥିବା ବିଶ୍ୱାସ କରାଯାଉଛି। ରଇସିଙ୍କ ପାଇଁ ପ୍ରାର୍ଥନା କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏକ ଡ୍ୟାମ୍ ଉଦ୍‌ଘାଟନ କରିବାକୁ ରଇସି ପୂର୍ବ ଆଜରବୈଜାନ ପ୍ରଦେଶ ଯାଇଥିଲେ। ପ୍ରବଳ କୁହୁଡ଼ି ଓ ଖରାପ ପାଗ ଯୋଗୁ ☞ପୃଷ୍ଠା–୪





# 'ସ୍ୱଚ୍ଛ, ନିରପେକ୍ଷ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ସହଯୋଗ ଲୋଡ଼ା'

## ରିଟର୍ନିଂ ଅଫିସରଙ୍କ ସହ ପ୍ରାର୍ଥୀଙ୍କ ବୈଠକ

ବାରିପଦା,୧୯।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ବାମନଘାଟି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସାଧାରଣ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ, ସେମାନଙ୍କ ପ୍ରତିନିଧିମାନଙ୍କ ସହ ରିଟର୍ନିଂ ଅଫିସରଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାରସକଣା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ତଥା ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ଦୌଲତ ଚନ୍ଦ୍ରକାର ଓ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ତଥା ବାମନଘାଟି ଉପଜିଲାପାଳ ସରୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ସାରସକଣା ଓ ରାଇରଙ୍ଗପୁର ବିଧାନସଭା କ୍ଷେତ୍ର ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ପ୍ରକାର ବିବରଣୀ ଯଥା ଆଦର୍ଶ ଆଚରଣ ବିଧି ଅନୁପାଳନ,


ବୈଠକରେ ରିଟର୍ନିଂ ଅଫିସରଙ୍କ ସହ ଅନ୍ୟ ଅଧିକାରୀ, ପ୍ରାର୍ଥୀ ଓ ଅନ୍ୟମାନେ।

ସୁବିଧା ଆପ୍ ଜରିଆରେ ଶୋଭାଯାତ୍ରା, ସଭା, ରାଲି ଆଦି ଆୟୋଜନ ପୂର୍ବରୁ ଆବଶ୍ୟକ ଅନୁମତି ନେବା, ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ହୋଇଥିବା ମାର୍ଗଦର୍ଶିକା ଅନୁସାରେ ପ୍ରଚାର କରିବା ଆଦି ବିଷୟରେ ପ୍ରାର୍ଥୀମାନଙ୍କୁ ବିସ୍ତୃତ ଭାବେ ଉପସ୍ଥାପନ କରାଯାଇଥିଲା। ଦୁଇ ନିର୍ବାଚନମଣ୍ଡଳୀ ଅଧୀନ ମୋଟ ମତଦାନ କେନ୍ଦ୍ର ସଂଖ୍ୟା ସହ ଆଦର୍ଶ ବୁଥ୍, ସଖୀ ବୁଥ୍, ଇଭିଏମ୍ ଓ ଭିଭିପିଏଟିର ଦ୍ୱିତୀୟ ରେଣ୍ଡମାଇଜେସନ ଆଦିର ସମ୍ପୂର୍ଣ୍ଣ ବିବରଣୀ ମଧ୍ୟ ପ୍ରାର୍ଥୀମାନଙ୍କୁ ଅବଗତ କରାଯାଇଥିଲା।

ଏହାବ୍ୟତୀତ ମତଦାନର ଅନ୍ୟ ଏକ ସ୍ୱତନ୍ତ୍ର ପ୍ରକ୍ରିୟା ପୋଷ୍ଟାଲ ଭୋଟ ଓ ହୋମ ଭୋଟିଂ ସମ୍ପର୍କରେ ବିସ୍ତୃତ ସୂଚନା ଦେବା ସହ ୮୫ ବର୍ଷରୁ ଅଧିକ ବୟସ୍କ ଘରେ ରହି ଭୋଟ ଦେବା ପ୍ରକ୍ରିୟା ଉପରେ ରିଟର୍ନିଂ ଅଫିସର ଆଲୋକପାତ କରିଥିଲେ। ପ୍ରତ୍ୟେକ ସ୍ଥାନ ଯଥା ପୋଲିଂ ବୁଥ୍, କାଉଣ୍ଟିଂ ସେଣ୍ଟର, ପୋଷ୍ଟାଲ ବାଲଟ ଭୋଟିଂ ସେଣ୍ଟର ଏବଂ ହୋମ୍ ଭୋଟିଂ ନିମନ୍ତେ ନିଜ ଏଜେଣ୍ଟ ନିଯୁକ୍ତି ପାଇଁ ଆବେଦନ ପତ୍ର ଶୀଘ୍ର ଦାଖଲ କରିବାକୁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଛି। କାର୍ଯ୍ୟାଳୟ ପକ୍ଷରୁ ପ୍ରାର୍ଥୀମାନଙ୍କୁ ପ୍ରଦତ୍ତ ବ୍ୟୟ ଖାତାରେ ଦୈନନ୍ଦିନ ଖର୍ଚ୍ଚକୁ ପ୍ରାର୍ଥୀମାନଙ୍କ ତରଫରୁ କିପରି ଲିପିବଦ୍ଧ କରାଯିବ ଏବଂ ନିର୍ବାଚନୀ ଖର୍ଚ୍ଚ ମଧ୍ୟରେ କେଉଁ କେଉଁ ମାନଦଣ୍ଡ ଧାର୍ଯ୍ୟ ହୋଇଛି, ତାହା ଉପରେ ଅବଗତ କରାଯାଇଥିଲା। ପରିଶେଷରେ ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ନିର୍ବାଚନକୁ ମୁକ୍ତ, ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ ସର୍ବୋପରି ଶାନ୍ତିଶୃଙ୍ଖଳାର ସହ ସୁଚାରୁ ରୂପେ ସମ୍ପାଦନ ପାଇଁ ପ୍ରାର୍ଥୀମାନଙ୍କ ସହଯୋଗ ଲୋଡ଼ିଥିଲେ। ବୈଠକରେ ଡେପୁଟି କଲେକ୍ଟର ମନୋଜ କୁମାର ମହାନ୍ତ, ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୌମ୍ୟ ରଞ୍ଜନ ବେହେରା, ଗୌରବ ମିଶ୍ର, ଉପଜିଲାପାଳଙ୍କ କାର୍ଯ୍ୟାଳୟର ନିର୍ବାଚନ ବିଭାଗ କର୍ମଚାରୀ, ରାଇରଙ୍ଗପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ।

# ୪୦ ନମ୍ବର ଜୋନ୍‌ରେ ବିଜେଡିର ପ୍ରଚାର



ବୈଠକରେ ବିଧାୟକ ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନଗୋ ଅଭିଭାଷଣ ରଖୁଛନ୍ତି।

ମୋରଡ଼ା,୧୯।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍‌ର ୪୦ ନମ୍ବର ଜୋନର ଚିତ୍ରଡ଼ା ପାଟୁପରଠାରେ ବିଜୁ ଜନତା ଦଳ ଶକ୍ତି ପ୍ରଦର୍ଶନ କରିଛି। ମୋରଡ଼ା ବ୍ଲକ ପର୍ଯ୍ୟବେକ୍ଷକ ମୀନକେତନ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଉକ୍ତ ଜୋନସ୍ତରୀୟ ନିର୍ବାଚନୀ ସଭାରେ ବିଧାୟକ ରାଜକିଶୋର ଦାସ, ବ୍ଲକ୍ ଅଧ୍ୟକ୍ଷ ପିଥନାଥ ସୋରେନ, ଜିଲାପରିଷଦ ସଭ୍ୟା ଝରଣା ମୁର୍ମୁ, ସଭ୍ୟା ଅଭିରାମ ଭୋଇ, ହଳଦୀପାଳ ସରପଞ୍ଚ ମାଳତୀ ଟୁଡୁ, ନାରୀନେତ୍ରୀ ଶତଦଳ ମହାନ୍ତ, ବରିଷ୍ଠ ବିଜେଡି ନେତା କ୍ଷିତୀଶ ମହାନ୍ତ, ବ୍ଲକ୍ ସଭାପତି ଜୟପ୍ରକାଶ ରାଉଳ, ବିଦ୍ୟୁତପ୍ରଭା ବେହେରାଙ୍କ ସମେତ ୪୦ ନମ୍ବର ଜୋନର ସମସ୍ତ ପଞ୍ଚାୟତ ସରପଞ୍ଚ, ସମିତି ସଦସ୍ୟ ଉପସ୍ଥିତ ଥିଲେ। ସ୍ଥାନୀୟ ଅସ୍ତିଆ ପଡିଆରୁ ବାଇକ ରାଲି ବ୍ଲକ୍ ଯୁବ ସଭାପତି ସମୀର କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜନ ହୋଇ ବିଧାୟକ ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନଗୋଙ୍କୁ ମଞ୍ଚ ନିକଟକୁ ଅଣାଯିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଜେଡି ସରକାରଙ୍କ ସମୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଶିକ୍ଷା, ରାସ୍ତା, ଘାଟର ଉନ୍ନତି ହେବା ସହିତ ଶତାଧିକ ଯୋଜନା ଲୋକଙ୍କ ପାଇଁ କାର୍ଯ୍ୟକାରୀ ହୋଇଛି। ନିର୍ବାଚନ ଜିତିଲା ପରେ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ବିଲ ନବୀନ ପଟ୍ଟନାୟକ କାର୍ଯ୍ୟକାରୀ କରିବେ ବୋଲି ବିଧାୟକ ପ୍ରାର୍ଥିନୀ କହିଥିଲେ। ମୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ କୃଷ୍ଣାନନ୍ଦ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମୀର କୁମାର ବେହେରା, ସରୋଜ ଦାସ, ସଚ୍ଚିଦାନନ୍ଦ ମହାନ୍ତ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

# ୪ ଗୋରୁ ଉଦ୍ଧାର

କରଞ୍ଜିଆ,୧୯।୫(କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ସାହାରପଡ଼ା ରାସ୍ତାର ଗୁଡ଼ିସାହିନିକଟରୁ ଭୋର ସମୟରେ ୪ ଗୋରୁ ଉଦ୍ଧାର କରାଯାଇଛି। ଗୋ-ଚାଲାଣକାରୀମାନେ ଅତି ନିର୍ଦ୍ଦୟ ଭାବେ ଗୋଡ଼, ମୁହଁ ବାନ୍ଧି ୪ ଗୋରୁଙ୍କୁ ସାହାରପଡ଼ା ଆଡୁ ଏକ ବୋଲେରୋ(ଓଆର ୧୯ ଜେ ୪୬୧୬)ରେ କରଞ୍ଜିଆକୁ ଆଣୁଥିଲେ। କରଞ୍ଜିଆର ଗୁଡ଼ିସାହି ନିକଟରେ ବୋଲେରୋର ଚକ ଫାଟିଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ପୋଲିସ ଖବର ପାଇ ପହଞ୍ଚି ବୋଲେରୋ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରିଥିଲା। ବୋଲେରୋରେ ଜାଲ ନମ୍ବର ପ୍ଲେଟ ବ୍ୟବହାର ହୋଇଥିବା ପୋଲିସ କହିଛି। ଚାଳକ ଗାଡି ଛାଡ଼ି ଫେରାର ହୋଇଯାଇଛନ୍ତି।

# ବେତନଟୀ, ବୈଶିଙ୍ଗାରେ ଭାଜପାର ବାଇକ୍ ରାଲି

ବୈଶିଙ୍ଗା,୧୯।୫(ରତନ ଦାଶ)

ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛି। ଶନିବାର ବେତନଟୀ ବ୍ଲକ ଅଧୀନ ୩୭ନଂ. ଜୋନର ୯ଟି ପଞ୍ଚାୟତରେ ହଜାର ହଜାର ସଂଖ୍ୟକ କର୍ମୀ ବାଇକ୍ ରାଲି କରିଥିବାବେଳେ ରବିବାର ୩୬ନଂ. ଜୋନରେ ବିଶାଳ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତଙ୍କ ପରିଚାଳନାରେ ବୈଶିଙ୍ଗାସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ରାଲି ବାହାରି ଗଡ଼ଦେଉଳିଆ, କେନ୍ଦୁଆ, ସନ୍ତରା, ହାତୀଝୁରୀ, ଆଗ୍ରିଆ, ନଡପୁର, ପାଟଳିପୁରା ପଞ୍ଚାୟତ ପରିକ୍ରମା କରିଥିଲା। ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ପ୍ରାର୍ଥୀ ସନାତନ ବିଜୁଳି ଏକ ସୁସଜ୍ଜିତ ରଥରେ ରହି ପ୍ରତି ପଞ୍ଚାୟତରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖି ଯୋଜନା ସମ୍ବନ୍ଧରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ବିଜେଡିର ଆଗ ଧାଡିର କେତେଜଣ କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆକୃଷ୍ଟ ହୋଇ ସନାତନ ବିଜୁଳିଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ବ୍ରଜ ମୋହନ ବେହେରା, ପୂର୍ବତନ ବେତନଟୀ ବ୍ଲକ ଅଧ୍ୟକ୍ଷ କାଳିଚରଣ ସୋରେନ, ଲକ୍ଷ୍ମୀଧର ଦଣ୍ଡପାଟ, ସୁଦର୍ଶନ ନାୟକ, ଖଗେଶ୍ୱର


ଭାଜପା ବିଧାୟକ ପ୍ରାର୍ଥୀ ସନାତନ ବିଜୁଳି ଓ ଅନ୍ୟମାନେ ପ୍ରଚାର କରୁଛନ୍ତି।

ରାଉଳ, ପ୍ରଶାନ୍ତ ସାମଲ, ଉମାକାନ୍ତ ଦାସ, ଅରବିନ୍ଦ ସାହୁ, ଗଜେନ୍ଦ୍ର ବିଶାଳ, ସୁରଥ ପ୍ରଧାନ, ଯୋଗୀ ମହାରଣା ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ବିଜେଡିର ୪ ଜଣଙ୍କୁ ନୂତନ ଦାୟିତ୍ୱ

ବାରିପଦା,୧୯।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ରବିବାର ମୟୂରଭଞ୍ଜ ଜିଲାର ୪ ନେତୃବୃନ୍ଦଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି। ପ୍ରିୟନାଥ ମାର୍ଣ୍ଡି ଓ ବିଶ୍ୱନାଥ ହେମ୍ବ୍ରମଙ୍କୁ ଜିଲା କମିଟିର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ମିଳିଥିବା ବେଳେ ସୁନୀଲ କୁମାର ଦାଶଙ୍କୁ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ସଂଯୋଜକ ଓ ନରେନ୍ଦ୍ର ହାଁସଦାଙ୍କୁ କୁଳିଅଣା ବ୍ଲକ ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି ବୋଲି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଜଣାଇଛନ୍ତି।

# ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ମୋରଡ଼ା, ୧୯।୫ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ୍ ମୋରଡ଼ା ବ୍ଲକ ଅଧୀନ ସୁରେଇଡିହି ପଞ୍ଚାୟତ ନାହାଶୋଳ ଗ୍ରାମର ପାଞ୍ଚୁ ମୁର୍ମୁ ନାମକ ବୃଦ୍ଧ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ରବିବାର ସକାଳେ ପାଞ୍ଚୁ ସ୍ଥାନୀୟ ପଡ଼ିଆକୁ ଶୌଚ ପାଇଁ ଯାଇଥିବା ବେଳେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଥିଲେ।

## ଭଦ୍ରକ

# ବୋହୂ ମାଡ଼ରେ ଶାଶୁ ଗୁରୁତର

ବାସୁଦେବପୁର,୧୯।୫ (ନାରାୟଣ ପ୍ରସାଦ ବାରିକ୍)-ବାସୁଦେବପୁର ବ୍ଲକ ଅଧୀନ ଖରିଦା ବିନାୟକପୁର ପଞ୍ଚାୟତର ବାଗଦା ବିନାୟକପୁର ଗ୍ରାମରେ ରବିବାର ବୋହୂ ମାଡ଼ରେ ବୃଦ୍ଧା ଶାଶୁ ଗୁରୁତର ନେଇ ଅଭିଯୋଗ ହୋଇଛି। ଗୁରୁତର ବୃଦ୍ଧା ହେଲେ ରବିମଣି ପଣ୍ଡା(୭୦)। ଗ୍ରାମବାସୀ ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏହି ଘଟଣାରେ ଆକ୍ରମଣକାରୀ ବୋହୂଙ୍କୁ ବାସୁଦେବପୁର ଥାନା ପୋଲିସ ଅଟକ ରଖିଛି। ଶାଶୁଙ୍କୁ ବୋହୂ ଆକ୍ରମଣ କରୁଥିବାର ଭିଡିଓ ଭାଇରାଲ ହେବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଘଟଣାସ୍ଥଳକୁ ଯାଇଥିଲେ। ରବିମଣିଙ୍କ ହାତଗୋଡ଼ ଓ ଦେହରେ ପ୍ରବଳ ମାଡ଼ ଚିହ୍ନ ଦେଖିବାକୁ ମିଳିଥିଲା। ୪/୫ ଦିନ ତଳେ ବୋହୂ ମାଡ଼ ମାରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଘରୋଇ ମନୋମାଳିନ୍ୟ କାରଣରୁ ବୋହୂ ତାଙ୍କୁ ମାଡ଼ ମାରିଥିବା ରବିମଣି କହିଛନ୍ତି।

# ଜଳିଗଲା ୨ ବଖରା

## ନିଆଁ ଲିଭାଇବା ବେଳେ ୨ ଆହତ

ବାସୁଦେବପୁର,୧୯।୫ (ନାରାୟଣ ପ୍ରସାଦ ବାରିକ୍)-ବାସୁଦେବପୁର ପୌରପାଳିକା ସୁରେଶ୍ୱରପୁର ଗ୍ରାମର ୮ ନଂ. ୱାର୍ଡରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଶାନ୍ତିଲତା ବେହେରାଙ୍କ ୨ ବଖରା ଘର ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ଶାନ୍ତିଲତାଙ୍କ ପରିବାର ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି। ଲକ୍ଷାଧିକ ଟଙ୍କାର ଘରୋଇ ଉପକରଣ ଓ ଆସବାବପତ୍ର ପୋଡ଼ିଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଶାନ୍ତିଲତାଙ୍କ ଗୋଡ଼ରେ ନିଆଁ ପଡ଼ି ପୋଡ଼ିଯାଇଛି। ନିଆଁ ଲିଭାଇବାକୁ ଉଦ୍ୟମ କରୁଥିବା ଅଲେଖ ମଲିକ ନାମ୍ନୀ ଯୁବକ ମଧ୍ୟ ଆହତ ହୋଇଛନ୍ତି। ଆହତଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି।

# ନୃତ୍ୟଗୀତରେ ଭୋଟରଙ୍କୁ ସଚେତନ କଲେ

ଭଦ୍ରକ,୧୯।୫(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ କ୍ଷେତ୍ରୀୟ କାର୍ଯ୍ୟାଳୟ ବାଲେଶ୍ୱର ଏବଂ ଭଦ୍ରକ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ସହରାଞ୍ଚଳରେ ମତଦାନ ହାର ବୃଦ୍ଧି ନେଇ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମର ରବିବାର ୨ୟ ଦିନ ଥିଲା। ବିନୋରୀ ୱେଲ୍‌ଫେୟାର ଅର୍ଗାନାଇଜେଶନ, ମୟୂରଭଞ୍ଜର କଳାକାରମାନେ ସମ୍ବଲପୁରୀ ନାଚ ଓ ଗୀତ ମାଧ୍ୟମରେ 'ସମସ୍ତ ଭୋଟର ସଚେତନ ହୁଅନ୍ତୁ, ନିଶ୍ଚୟ ମତଦାନ କରନ୍ତୁ' ବାର୍ତ୍ତା ପ୍ରଦର୍ଶନ କରିଥିଲେ।

ଆସନ୍ତା ଜୁନ୍ ୧ରେ ଭଦ୍ରକ ଲୋକ ସଭା ଓ ୫ ବିଧାନସଭା ଆସନ ପାଇଁ ମତଦାନ କାର୍ଯ୍ୟକ୍ରମରେ ସମସ୍ତ ଭୋଟର ସାମିଲ ହୋଇ ଆମ ଦେଶର ଗର୍ବ ନିର୍ବାଚନର ପର୍ବକୁ ପାଳନ କରିବାକୁ ଜିଲା ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ମହେଶ ଚନ୍ଦ୍ର ସ୍ୱାଇଁ ଏବଂ ଭଦ୍ରକ କଲେଜର ପ୍ରଫେସର ଶୁଭେନ୍ଦୁ ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୋଟରମାନଙ୍କ ଉଦ୍ଦେଶ୍ୟରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ମତଦାତାଙ୍କ ସଚେତନତା ଉଦ୍ଦେଶ୍ୟରେ ସମ୍ବଲପୁରୀ ନାଚ ଓ ଗୀତ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୁଇଜ୍ ପ୍ରତିଯୋଗିତା ମାଧ୍ୟମରେ ଠିକ୍ ଉତ୍ତରଦାତାମାନଙ୍କୁ ଉପହାର ଦିଆଯାଇଥିଲା। କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ କ୍ଷେତ୍ରୀୟ କାର୍ଯ୍ୟାଳୟ ବାଲେଶ୍ୱର କ୍ଷେତ୍ର ପ୍ରଚାର ଅଧିକାରୀ ନିର୍ମାଲ୍ୟ ବେହେରା, ଜିଲା ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଫାଇନାନ୍ସ ଏକ୍ସପର୍ଟ ଭଗବାନ ବାରିକ ସଂଯୋଜନା କରିଥିଲେ। ଜିଲା ଯୋଜନା ଓ ପରିଚାଳନା କାର୍ଯ୍ୟାଳୟର ଅନ୍ୟତମ ଅଧିକାରୀ ରଶ୍ମିତା ପୃଷ୍ଟି ଏବଂ ସ୍ମିତା ନାୟକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ମଞ୍ଚରେ କଳାକାରମାନେ ସଚେତନ କରୁଛନ୍ତି।

# 'ଶିକ୍ଷା ବିନା ସଭ୍ୟତା, ସଂସ୍କୃତି ଓ ସମାଜର ଉନ୍ନତି ଅସମ୍ଭବ'

ଭଦ୍ରକ,୧୯।୫(ସନାତନ ରାଉତ)

ପ୍ରଫେସର ସନାତନ ମହାନ୍ତି ସ୍ମୃତିନ୍ୟାସ ପକ୍ଷରୁ ପ୍ରଫେସର ସ୍ୱର୍ଗତ ସନାତନ ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା ଜାନୁଗଞ୍ଜର ଦିବ୍ୟମ୍ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତିନ୍ୟାସର ସଭାପତି ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ଓକିଲ ସଂଘର ପୂର୍ବତନ ସଭାପତି ନିରାକାର ଜେନା ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଦିଗମ୍ବର ମହାନ୍ତି ଯୋଗଦେଇ କହିଥିଲେ, ଶିକ୍ଷା ବିନା ସଭ୍ୟତା, ସଂସ୍କୃତି ଓ ସମାଜର ଉନ୍ନତି ଅସମ୍ଭବ। ଶିକ୍ଷା ପ୍ରତି ସମର୍ପିତ ଓ ବିଦ୍ୟାନୁରାଗୀ ଶିକ୍ଷକହିଁ ସମାଜର କର୍ଣ୍ଣଧାର। ପ୍ରଫେସର ଡ. କ୍ଷୀରୋଦ କୁମାର ସାମଲ, ଡ. ଭାଗବତ ତ୍ରିପାଠୀ, ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସାମାଜିକ କାର୍ଯ୍ୟ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ମତୋ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଞ୍ଚାନନ ପଲେଇଙ୍କୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗାନ୍ଧୀବାଳାଶ୍ରମର ଅନ୍ତେବାସୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ସ୍ମୃତିନ୍ୟାସର ସମ୍ପାଦକ ଡା. ଦୁର୍ଯ୍ୟୋଧନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ୱର୍ଗତ ମହାନ୍ତିଙ୍କ ବଡ଼ପୁଅ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।



ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଞ୍ଚାନନ ପଲେଇଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଟ୍ରକ୍ ପଛରେ ପିଟିହୋଇ ବାଇକ୍ ଚାଳକ ମୃତ

ଭଣ୍ଡାରିପୋଖରୀ,୧୯।୫ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ୧୬ ନଂ. ଜାତୀୟ ରାଜପଥର ଧାମନଗର ଛକ ନିକଟରେ ରବିବାର ଅପରାହ୍ନରେ ଏକ ଟ୍ରକ୍ ପଛରେ ପିଟିହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଟୁଳି ପଞ୍ଚାୟତ ମୋବାରକପୁର ଗ୍ରାମର ଗୌରହରି ନାୟକ(୪୪)। ସେ ବାଇକ୍‌ରେ ବାରିକପୁର ଯାଉଥିଲେ। ଧାମନଗର ଛକ ନିକଟରେ ଆଗରେ ଯାଉଥିବା ଏକ ଟ୍ରକ୍ ହଠାତ୍ ବ୍ରେକ୍ ମାରିବାରୁ ବାଇକ୍ ପିଟି ହୋଇଯାଇଥିଲା। ଫଳରେ ଗୌରହରି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# 'ଭକ୍ତି ଅର୍ଘ୍ୟ' ଉନ୍ମୋଚିତ



ଅତିଥିଙ୍କ ଦ୍ୱାରା କବିତା ସଂକଳନ ଉନ୍ମୋଚନ କରାଯାଉଛି।

ଭଣ୍ଡାରିପୋଖରୀ,୧୯।୫(ରାଜେନ୍ଦ୍ର ଶତପଥୀ)

ବାରିକପୁର ଶ୍ରୀରାମ ମନ୍ଦିର ପରିସରରେ ରବିବାର କବିତା ସାହୁଙ୍କ ୨ୟ କବିତା ସଂକଳନ 'ଭକ୍ତି ଅର୍ଘ୍ୟ' ଉନ୍ମୋଚିତ ହୋଇଯାଇଛି। ଉତ୍କଳମଣି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ଡା. ନିରଞ୍ଜନ ଓଝା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମନୋଜ କୁମାର ଜେନା, ସ୍ତମ୍ଭକାର ହୃଦାନନ୍ଦ କର, ଶିଶୁ ସାହିତ୍ୟିକ ଜଗନ୍ନାଥ ନାୟକ, ପ୍ରକାଶକ ମନୋରଞ୍ଜନ ଦାସ, ଭାସ୍କର ଚନ୍ଦ୍ର ଦାସ, ଉତ୍କଳମଣି ସାହିତ୍ୟ ସଂସଦ ସଭାପତି ପ୍ରଫୁଲ୍ଲ କୁମାର ସାହୁ ଏବଂ କବୟିତ୍ରୀ ଜାନକୀ ପାଢ଼ୀ ଅତିଥି ଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ କହିଥିଲେ। ସାହିତ୍ୟିକ ରମାକାନ୍ତ ନାୟକ ସମୀକ୍ଷା କରିଥିବା ବେଳେ ପୁରୁଷୋତ୍ତମ ଧଳ ଅତିଥି ପରିଚୟ ଦେଇଥିଲେ। ଶିକ୍ଷାବିତ୍ ଘନଶ୍ୟାମ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରାଦ୍ଧବାର୍ଷିକୀରେ ନାରାୟଣଙ୍କ ସ୍ମୃତିଚାରଣ


ସ୍ମୃତିସଭାରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ଭଦ୍ରକ,୧୯।୫(ରବିନାରାୟଣ ଖିଲାର)

ଦିବଂଗତ ଆଇନଜୀବୀ ନାରାୟଣ ଚନ୍ଦ୍ର ରାୟଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ କୁଆଁସସ୍ଥିତ ତାଙ୍କ ବାସଭବନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ସ୍ମୃତିରେ ମୁଖପତ୍ର 'ଇତିବୃତ୍ତି' ଉନ୍ମୋଚନ କରାଯାଇଛି। ନାରାୟଣ ପ୍ରତ୍ୟେକ ଘଟଣାକୁ ଅତ୍ୟନ୍ତ ସରଳ ଭାବେ ସମାଧାନ କରି ଦେଉଥିଲେ। ସମାଜରେ ସବୁ ଶ୍ରେଣୀର ବ୍ୟକ୍ତି କିପରି ନ୍ୟାୟ ପାଇବେ, ସେଥିପ୍ରତି ସେ ଯତ୍ନବାନ ଥିଲେ ବୋଲି ସଭାରେ ଯୋଗ ଦେଇଥିବା ବକ୍ତାମାନେ କହିଥିଲେ। ଭଦ୍ରକ ବାର୍ ଆସୋସିଏଶନର ପ୍ରାକ୍ତନ ସଭାପତି ନିରାକାର ଜେନା ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ଆଇନଜୀବୀ ଯତିକାନ୍ତ ନାୟକ, ପ୍ରଫୁଲ୍ଲ ରାଉତ, ବିଧାନ ରାୟ, ଅତିସ ବେହେରା, ଗିରିଧାରୀ ନାଥ, ଜିତେନ ପଣ୍ଡା, ପ୍ରଭାତ ସାମଲ, ଅର୍ଚ୍ଚନାରାଣୀ ଦାସ, ମନୋରଞ୍ଜନ ଦାସ, ପ୍ରଭାତ ମହାନ୍ତି, ଡ.ଦେବେନ ଦାସ, ଜ୍ୟୋତି ରଞ୍ଜନ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଶ୍ରାବଣୀ ପଟ୍ଟନାୟକ, ବନଲତା ମହାନ୍ତି, ପୁଅ କୌଶିକ ରାୟ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ରାୟଙ୍କ ଝିଅ ବୈଶାଳୀ ରାୟ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସ୍ୱରାଜବାର୍ତ୍ତାରେ ନାରାୟଣ ଚନ୍ଦ୍ର ରାୟଙ୍କ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ ପାଇଥିଲା।

# ମାଓବାଦୀ ଇଲାକାରେ ଅଭିଶପ୍ତ ଜୀବନ

■ ବିଜୁଳି ଦେଖିନି ୨୦ ଗାଁ
■ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବାଟବଣା

ଭବାନୀପାଟଣା,୧୯।୫
(ଉତ୍ତମ କୁମାର ଦାଶ)

ଦେଶ ସ୍ୱାଧୀନ ହେବାର ୭୬ବର୍ଷ ବିତିଲାଣି। ଏହା ଭିତରେ ସରକାରଙ୍କ ମାଳ ମାଳ ଯୋଜନା ହୋଇଛି। ବିକାଶ ନାଁରେ ପାଣି ପରି ବହୁଛି କୋଟି କୋଟି ଟଙ୍କା। ଏହା ସତ୍ତ୍ୱେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଗମନାଗମନ ଓ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଲୋକେ। ବଣଜଙ୍ଗଲ ମଧ୍ୟରେ ଥିବା କିଛି ଗାଁର ଲୋକେ ଆଜି ବି ଅଭିଶପ୍ତ ଜୀବନ ଜିଉଁଛନ୍ତି। ଡିବିରି ଆଲୁଅରେ ଦିନ କାଟୁଛନ୍ତି ଶହ ଶହ ଲୋକ। ଗାଁକୁ ଚାଲ ଗାଁକୁ ଗଢ଼ ସ୍ଲୋଗାନ ନେଇ ଗ୍ରାମାଞ୍ଚଳରେ ଗଡୁଥିବା ସରକାରଙ୍କ ବିକାଶ ରଥ ସତେ ଯେପରି ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳର ଅଧିବାସୀଙ୍କ ପାଇଁ ଉପହାସ ପାଲଟିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକର ବଣପାହାଡ଼ ଘେରା ଯୁଗସାଇପାଟଣା ପଞ୍ଚାୟତରେ।

ଜିଲାର ଲାଲଗଡ଼ ଭାବରେ ପରିଚିତ ଯୁଗସାଇପାଟଣା ପଞ୍ଚାୟତରେ ୩୬ ଗାଁ ରହିଛି। ପଞ୍ଚାୟତ ମୁଖ୍ୟାଳୟଠାରୁ ପ୍ରତ୍ୟେକ ଗାଁର ଦୂରତା ୧୦ କିଲୋମିଟର ହେବ। ଘଞ୍ଚ ଜଙ୍ଗଲ ମଧ୍ୟରେ ଖାଲଖମା ରାସ୍ତାରେ ନାଳ ଡେଇଁ ଗାଁକୁ ଯିବାକୁ ପଡ଼େ। ଲାଲବାହିନୀ ଭୟରେ ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତା ଏହି ଅଞ୍ଚଳକୁ ପାଦ ପକାଇପାରି ନାହାନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ମିଆଙ୍ଗପଦର ଗାଁକୁ ଯିବାକୁ ହେଲେ ନାଳ ପାରି ହେବାକୁ ପଡେ। ଖାଲଖମା ପୂର୍ଣ୍ଣ ରାସ୍ତାରେ ୮କିଲୋମିଟର ଗଲେ ପଡ଼ିବ ଏହି ଗାଁ। ଗାଁରେ ବସବାସ କରନ୍ତି ପ୍ରାୟ ୨୦୦ଶହରୁ ଉର୍ଦ୍ଧ୍ୱ ଲୋକ। ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯିବା ତ ଦୂରର କଥା ବାଇକ୍‌ରେ ଯିବା ମୁସ୍କିଲ। ରାସ୍ତା ସମସ୍ୟା ଯୋଗୁ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ସାଙ୍ଗକୁ ପିଡ଼ିଏସ୍ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି ଏଠାକାର ଜନସାଧାରଣ। କେବଳ ଯେ ଏହି ଗୋଟିଏ ଗାଁ ତାହା ନୁହେଁ, ପଞ୍ଚାୟତର କାଦୋପଦର, ନିଶାନଗୁଡ଼ା, ଉପର ପଞ୍ଚକୁଲ, ତଳ ପଞ୍ଚକୁଲ, ହର୍ଡାଗୁଡ଼ା, ଉପରପାଖି, ଗୁରପାଙ୍ଗ ଆଦି ଗାଁର ପ୍ରାୟ ୨୫୦୦ରୁ ଉର୍ଦ୍ଧ୍ୱ ଲୋକ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଆଜି ମଧ୍ୟ ଗାଁରେ ବିଜୁଳି ଆଲୁଅ ଲୋକଙ୍କ ପାଇଁ ସାତସପନ। ୨୦୧୫ରେ ଏହି ପଞ୍ଚାୟତର ପ୍ରାୟ ୨୦ ଗାଁକୁ ବିଜୁଳି ସଂଯୋଗ ପାଇଁ ଖୁଣ୍ଟ ପୋତାଯାଇ ପ୍ରତ୍ୟେକ ଗାଁରେ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇ ଘରମାନଙ୍କରେ ମିଟର ଲାଗିଥିଲା। ଏପରି କି ପ୍ରାୟ ୮ ଦିନ ବିଦ୍ୟୁତ୍ ସଂଯୋଗ ମଧ୍ୟ ଦିଆଯାଇଥିଲା। ପରେ ଜଙ୍ଗଲୀ ଜନ୍ତୁଙ୍କ ଉପରେ ବିପଦ ଦର୍ଶାଇ ବିଭାଗ ସଂଯୋଗକୁ ବନ୍ଦ କରିଦେଲା। ସେହିଦିନଠାରୁ ଅନ୍ଧାର ଭିତରେ ଦିନ କାଟୁଛନ୍ତି ଲୋକେ। ରାତିରେ ଡିବିରି ଆଲୁଅରେ ପିଲା ପାଠ ପଢୁଥିବା ଦେଖିବାକୁ ମିଳିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ କିମ୍ବା ରାଜନେତା ଏ ନେଇ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଟିପିଡବ୍ଲ୍ୟୁଓଡିଏଲ୍ ସମ୍ବଲପୁରର ଜନସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକଙ୍କୁ ପଚାରିବାରୁ କଳାହାଣ୍ଡି ଜିଲାର ଯୁଗସାଇପାଟଣା ପଞ୍ଚାୟତର ବିଭିନ୍ନ ଗାଁ ସମେତ ଅନ୍ୟ ଯେଉଁ ଗାଁରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ ସେଥିନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ଓ ଖୁବ୍‌ଶୀଘ୍ର କାମ ଆରମ୍ଭ କରାଯିବ ବୋଲି ସେ କହିଥିଲେ।


ରାତିରେ ପିଲାଏ ଡିବିରି ଆଲୁଅରେ ପାଠ ପଢୁଛନ୍ତି।

## ଡାକ୍ତରଙ୍କୁ ମାଡ଼ ମାରି ନବବିବାହିତ ଗିରଫ


ଡାକ୍ତରଙ୍କୁ ମାଡ଼ ମରାଯାଉଥିବା ନେଇ ଭାଇରାଲ ହୋଇଥିବା ଦୃଶ୍ୟ।

■ ନବବଧୂଙ୍କ ଚିକିତ୍ସାରେ ଅବହେଳା ଅଭିଯୋଗ
■ ରବିବାର ପଡ଼ିଥାନ୍ତା ଚତୁର୍ଥୀ ପିଣ୍ଡ
■ ଡାକ୍ତରଙ୍କ ବିରୋଧରେ ମଧ୍ୟ ଏତଲା

ପରଜଙ୍ଗ,୧୯।୫
(ନିଗମାନନ୍ଦ ଦଳବେହେରା)

ନବବଧୂଙ୍କ ଚିକିତ୍ସାରେ ଅବହେଳା ଅଭିଯୋଗ କରି ନବ ବିବାହିତ ଜଣେ ଯୁବକ ଡାକ୍ତରଙ୍କୁ ମାଡ଼ ମାରି ଗିରଫ ହୋଇଛନ୍ତି। ତାଙ୍କ ସହ ଅଭିଯୁକ୍ତ ଥିବା ଅନ୍ୟ ୨ ଜଣଙ୍କୁ ମଧ୍ୟ କୋର୍ଟଚାଲାଣ କରାଯାଇଛି। ଏହି ଘଟଣା ଯୋଗୁ ଗିରଫ ନବବିବାହିତ ଯୁବକଙ୍କ ଚତୁର୍ଥୀ କର୍ମ ରବିବାର ହୋଇପାରି ନାହିଁ। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଞ୍ଚଳରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ଦଦରାଘାଟି ଫାଣ୍ଡି ଅଧୀନ ଦୋମୁହାଁଣୀ ଗ୍ରାମର ନିର୍ମଳ ଚନ୍ଦ୍ର ପରିଡା (୨୮) ୨ ଦିନ ତଳେ ବିବାହ କରିଥିଲେ। ହେଲେ ଶନିବାର ରାତିରେ ତାଙ୍କ ସ୍ତ୍ରୀ ତଥା ନବବଧୂ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ନିର୍ମଳ ତୁରନ୍ତ ସ୍ତ୍ରୀଙ୍କୁ ନେଇ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇଥିଲେ। ତାଙ୍କ ସହ ଚନ୍ଦନ ପରିଡ଼ା (୨୪) ଓ ମଳୟ ପରିଡା (୧୯) ମଧ୍ୟ ଥିଲେ। ହେଲେ ବାରମ୍ବାର କଲିଂବେଲ୍ ମାରିଲା ପରେ ମଧ୍ୟ ଡାକ୍ତର ଦୀର୍ଘ ସମୟ ଯାଏ କବାଟ ଖୋଲି ନ ଥିଲେ। ପରେ କବାଟ ଖୋଲି ଖରାପ ବ୍ୟବହାର ଦେଖାଇଥିଲେ। ଏହାକୁ ନେଇ ନିର୍ମଳ ଏବଂ ଡାକ୍ତରଙ୍କ ମଧ୍ୟରେ କିଛି ସମୟ କଥା କଟାକଟି ହୋଇଥିବା ନିର୍ମଳଙ୍କ ସମ୍ପର୍କୀୟ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଡାକ୍ତରଙ୍କୁ ମାଡ଼ ମରାଯାଇଥିବା ନେଇ ଡାକ୍ତର ଥାନାରେ ଅଭିଯୋଗ କରିଥିବା ବେଳେ ଏ ସମ୍ପର୍କିତ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଡାକ୍ତରଙ୍କ ଅଭିଯୋଗ ଆଧାରରେ ପୋଲିସ ନିର୍ମଳ, ଚନ୍ଦନ ଓ ମଳୟଙ୍କୁ ଗିରଫ କରିଛି। ଅପରପକ୍ଷରେ ସମ୍ପୃକ୍ତ ଡାକ୍ତର ଥାନାରେ ନିର୍ମଳଙ୍କୁ ମାଡ଼ ମାରିଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଥିବା ଥାନା ଅଧିକାରୀ ପ୍ରିୟବ୍ରତ ଦାସ ପ୍ରକାଶ କରିଛନ୍ତି।

## ବଜ୍ରପାତରେ ଜଣେ ମୃତ, ୧ ଆହତ

ଆସିକା,୧୯।୫(ସୁରେନ୍ଦ୍ର ନାଥ ସାହୁ)

କୋଟିନଡା ଥାନା ଅନ୍ତର୍ଗତ ହୁମୁକି ଗ୍ରାମରେ ରବିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତା ଜଣଙ୍କ ହେଲେ ସେହି ଗ୍ରାମର ରୁନୁ ଜେନା। ରୁନୁଙ୍କ ଦିଅର ବିଜୟ ଜେନା ଆହତ ହୋଇ ଆସିକା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଉଭୟେ ଜମିରେ ରାଶି ଅମଳ କରୁଥିଲା ବେଳେ ରୁନୁ ବଜ୍ରପାତରେ ଟଳି ପଡ଼ିଥିବା ବେଳେ ବିଜୟ ଆହତ ହୋଇଥିଲେ। କୋଟିନଡା ପୋଲିସ ରୁନୁଙ୍କ ମୃତଦେହକୁ ଜବତ କରିଛି। ଏ ନେଇ କୋଟିନଡା ଥାନାରେ ୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୁରୀ ଗସ୍ତକୁ ସ୍ୱାଗତ ଜଣାଇ ରବିବାର ସ୍ଥାନୀୟ ବେଳାଭୂମିରେ ୨ହଜାର ଦୀପ ଦ୍ୱାରା ପ୍ରସ୍ତୁତ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ହାତୀ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

ଓଡ଼ାପଡ଼ା,୧୯।୫ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ହିନ୍ଦୋଳରୋଡ ଫାଣ୍ଡି ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମର ବୃଦ୍ଧା ଲକ୍ଷ୍ମୀପ୍ରିୟା ମହାପାତ୍ର (୬୫)ଙ୍କ ରବିବାର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ଲକ୍ଷ୍ମୀପ୍ରିୟା ଗ୍ରାମ ନିକଟ ପାନିକଝରି ପାହାଡ଼ ତଳେ ଥିବା ଆମ୍ବତୋଟାରୁ ଆମ୍ବ ଗୋଟାଉଥିବା ବେଳେ ହାତୀ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଆମ୍ବତୋଟାକୁ ଯାଇଥିବା ଅନ୍ୟ ଲୋକଙ୍କ ଠାରୁ ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଓଡ଼ାପଡ଼ା ବନରକ୍ଷୀ ସୁବାସ ଚନ୍ଦ୍ର ସାହୁ ଓ ରେଞ୍ଜର ବିଭୂଦାନନ୍ଦ ମିଶ୍ର ପହଞ୍ଚି ତଦନ୍ତ କରିବା ସହିତ ମୃତକଙ୍କ ପରିବାର ଲୋକଙ୍କୁ ୬୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଖବରପାଇ ଢେଙ୍କାନାଳ ଏମ୍‌ପି ତଥା ହିନ୍ଦୋଳ ବିଜେଡି ପ୍ରାର୍ଥୀ ମହେଶ ସାହୁ, ଓଡ଼ାପଡ଼ା ବ୍ଲକ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହିତ ତୁରନ୍ତ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦେବାକୁ ବନ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।

## ନିର୍ବାଚନୀ ହିଂସା, ୬ ଭାଜପା କର୍ମୀ ଆହତ

### କାର୍ଯ୍ୟାନୁଷ୍ଠାନ ଦାବିରେ ରାଜପଥ ଅବରୋଧ

ଭଞ୍ଜନଗର/ବ୍ରହ୍ମପୁର,
୧୯।୫(ବାବୁଲା ପ୍ରଧାନ/ସୁବାସ ପାଢ଼ୀ)

ଗଞ୍ଜାମ ଜିଲା ଖଲ୍ଲିକୋଟରେ ଲାଗିଥିବା ନିର୍ବାଚନୀ ନିଆଁ ଲିଭି ନ ଥିବା ବେଳେ ପୁଣି ରବିବାର ସନ୍ଧ୍ୟାରେ ଭଞ୍ଜନଗର ଅଶାନ୍ତ ହୋଇଛି। ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ୬ ଜଣ ଭାଜପା କର୍ମୀ ଆହତ ହୋଇଛନ୍ତି। ଭଞ୍ଜନଗର ଥାନା ଡିହପଡ଼ାଲ ପଞ୍ଚାୟତର ବେତାରଠାରେ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ କୌଣସି ଘଟଣାକୁ ନେଇ କଥା କଟାକଟି ହୋଇଥଲା। ପରେ ତାହା ଉଗ୍ରରୂପ ନେଇଥିଲା। କେତେଜଣ ବିଜେଡି କର୍ମୀଙ୍କ ଆକ୍ରମଣରେ ଭାଜପାର ୬ କର୍ମୀ ଆହତ ହୋଇଥିବା ଅଭିଯୋଗ ହୋଇଛି। ଆହତମାନେ ହେଲେ ଉକ୍ତ ପଞ୍ଚାୟତର ଭାଜପା ସମର୍ଥିତ ସରପଞ୍ଚଙ୍କ ସ୍ୱାମୀ ସୁବାସ ବରାଡ, ଖଦାଳ ପରିଡ଼ା, ଅଭିମନ୍ୟୁ ନାୟକ, ଶିବାନନ୍ଦ ବରାଡ଼, ଜଗନ୍ନାଥ ଶତପଥୀ ଓ ସମିତି ସଭ୍ୟାଙ୍କ ସ୍ୱାମୀ ରାଧେଶ୍ୟାମ ଜେନା। ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଭାଜପା ସମର୍ଥକମାନେ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବେତାର ଛକରେ ଭଞ୍ଜନଗର-ଦଶପଲ୍ଲା ରାଜପଥକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ଯୋଗୁ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖିଥିବା ସୂଚନା ମିଳିଛି।

## ଗଳ୍ପ ସଂକଳନ 'ଆଶାର ଆଲୋକ' ଉନ୍ମୋଚିତ

ଭୁବନେଶ୍ୱର, ୧୯।୫ (ବନ୍ଦନା ସେଠୀ)

ଗାଳ୍ପିକା ସୁଚିତ୍ରା ମିଶ୍ରଙ୍କ ପ୍ରଥମ ଗଳ୍ପ ସଂକଳନ 'ଆଶାର ଆଲୋକ'ର ରବିବାର ସ୍ଥାନୀୟ ଏକ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। ଏଥିରେ ଲେଖକ ଡ. ଭଗନ ପ୍ରକାଶ ଯୋଗଦେଇ ପୁସ୍ତକର ପ୍ରଶଂସା କରିବା ସହ ଏହାର ଗଭୀରତା ଓ ଭାବପ୍ରବଣତା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ବିଶ୍ୱରଞ୍ଜନ ଓ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ନିର୍ଦ୍ଦେଶକ ବସନ୍ତ କୁମାର ପଣ୍ଡାଙ୍କ ସମେତ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ। ଗାଳ୍ପିକା ମିଶ୍ର ନିଜ ପୁସ୍ତକ ବିଷୟରେ କହିଛନ୍ତି, ସାଧାରଣତଃ ସାମାଜିକ ସମସ୍ୟା ଓ କାରଣ ଉପରେ ଧ୍ୟାନ ଦିଆଯାଉ ନ ଥିବାବେଳେ, ସେ ପୁସ୍ତକରେ ଏ ଦିଗପ୍ରତି ଆଲୋକପାତ କରିଛନ୍ତି। ଏହାପାଠକଙ୍କୁ ଏକ ନୂତନ ଅନୁଭବ ଦେବ ଏବଂ ପରିବର୍ତ୍ତନକୁ ପ୍ରେରଣା ଦେବ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ପୁସ୍ତକର ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା ଏବଂ ଏହାପରେ ଏକ ପୁସ୍ତକ ସ୍ୱାକ୍ଷର ଅଧିବେଶନ ଅନୁଷ୍ଠିତ ହୋଇଥିଲା।

## ମିଳିଲା ଆଉ ଜଣଙ୍କ ମୃତଦେହ

■ ଡଙ୍କାରୀ କଳାପଥର ଖାଦାନରେ ଅତଡ଼ା ଖସିବା ଘଟଣା
■ ୩ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜିଲା ପ୍ରଶାସନର ସୂଚନା

ଧର୍ମଶାଳା,୧୯।୫(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଡଙ୍କାରୀ କଳାପଥର ଖାଦାନରେ ପଥର ଅତଡ଼ା ଧସିବା ଘଟଣାରେ ରବିବାର ଆଉ ଜଣଙ୍କ ମୃତହେଦ ମିଳିଛି। ଏଥିସହିତ ଉଦ୍ଧାର କାର୍ଯ୍ୟ ଶେଷ ହୋଇଛି। ଦୁର୍ଘଟଣା ଦିନ ଜଣଙ୍କ ମୃତଦେହ ମିଳିଥିବାବେଳେ ଶନିବାର ପଥର ତଳୁ ଜଣେ ଜେସିବି ଅପରେଟରଙ୍କ ମୃତଦେହ ମିଳିଥିଲା। ପଥର ତଳେ ଆଉ ଏକ ମୃତଦେହ ରହିଥିବା ଜଣାପଡ଼ିବା ପରେ ରବିବାର ସକାଳୁ ଉଦ୍ଧାର କାର୍ଯ୍ୟ ଚାଲିଥିଲା। ସକାଳ ୯ଟାରେ ଉଦ୍ଧାରକାରୀ ଏନ୍‌ଡିଆର୍‌ଏଫ୍ ଟିମ୍ ମୃତଦେହ ଉଦ୍ଧାର କରିଥିଲେ। ମୃତକ ଜଣକ ନବରଙ୍ଗପୁର ଜିଲାର ଝୁଲା ଗୌଡ଼(୧୯) ବୋଲି ଜଣାପଡିଛି। ସେ ଏଠାରେ ଜେସିବି ହେଲପର ଭାବେ କାର୍ଯ୍ୟ କରୁଥିଲେ।

ସୂଚନା ଅନୁଯାୟୀ, ଡଙ୍କାରୀ କଳାପଥର ଖାଦାନରେ ଗତ ୧୬ ତାରିଖରେ ୱାଗନ ଡ୍ରିଲ କରାଯାଉଥିବାବେଳେ ବଡ଼ ଧରଣର ପଥର ଅତଡ଼ା ଧସିପଡ଼ିଥିଲା। ଫଳରେ ଖାଦାନରେ କାର୍ଯ୍ୟକରୁଥିବା ୩ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଇଥିଲା। ଘଟଣା ଦିନ ନବରଙ୍ଗପୁର ଜିଲା ଉମରକୋଟ ଅଞ୍ଚଳର ଜଗବନ୍ଧୁ ମାଝି(୨୧)ଙ୍କ ମୃତଦେହ ମିଳିଥିଲା। ଏନ୍‌ଡିଆର୍‌ଏଫ୍ ଟିମ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ଶନିବାର ଜେସିବି ଅପରେଟର ଆନ୍ଧ୍ରପ୍ରଦେଶ ଇଚ୍ଛାପୁରମ ଜିଲା ସୀକାକୁଲମ ଅଞ୍ଚଳର ନଲାଉମା ପାଠୀ(୪୬)ଙ୍କ ମୃତଦେହ ମିଳିଥିଲା। ଏହି ଉଦ୍ଧାର କାର୍ଯ୍ୟ ପରେ ଡଙ୍କାରୀ କଳାପଥର ଖାଦାନରେ ପଥର ଧସି ୩ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯିବା ସହ ଉଦ୍ଧାର କାର୍ଯ୍ୟ ବନ୍ଦ କରିଦିଆଯାଇଛି। ସମ୍ପୃକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି ବୋଲି ତହସିଲଦାର ସୂଚନା ଦେଇଛନ୍ତି। ୪ ଦିନ ବ୍ୟାପୀ ଚାଲିଥିବା ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଟିମ, ଧର୍ମଶାଳା ତହସିଲ କର୍ମଚାରୀ ଓ ଜେନାପୁର ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅପରେଶନରେ ୫ ପୋକଲିନ ମେଶିନ ନିୟୋଜିତ କରାଯାଇଥିଲା। ଯାଜପୁର ଖଣି ବିଭାଗ ପକ୍ଷରୁ ଖାଦାନ ଇଜରାଦାରଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି।

## ନାକଚଣା କଳସ ବସିବାବେଳେ କୋଣାର୍କକୁ ଆସିଥିଲେ ଧର୍ମପଦଙ୍କ ବୋଉ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

ଆମେ ପୂର୍ବରୁ ଆଲୋଚନା କରିଥିଲେ କକା ସହିତ ଦାକ୍ଷିଣାତ୍ୟରୁ ଫେରିବା ପରେ ଡିହପାଟଣା ଗାଁରେ ପହଞ୍ଚି ଦେଖିଥିଲେ ବାପା ଶିବେଇ ସାମନ୍ତରାୟ ଅସୁସ୍ଥ। ଘରେ ଅଛନ୍ତି। ନାରାୟଣ, ଗଙ୍ଗା ଓ ଗଦା ମହାପାତ୍ର ତାଙ୍କ ପାଖରେ ଅଛନ୍ତି। ମୁଣ୍ଡିମରା କାମ ବନ୍ଦ ଅଛି। ବ୍ୟସ୍ତ ହୁଅ ନାହିଁ, ମୁଁ ଖଞ୍ଜିଦେବି କହି କୋଣାର୍କ ଗଲେ। ଏଗାରୁପଟିକ ଚୁମ୍ବକଶିଳା ବ୍ୟବହାର କରି ୧୬ଜଣଙ୍କୁ ସାଙ୍ଗରେ ନେଇ ମୁଣ୍ଡିମରା କାମ ସମାପ୍ତ କରି ସକାଳୁ ସକାଳୁ ଗାଁକୁ ଫେରି ଆସିଥିଲେ। ତାହା ଏକ ପ୍ରହେଳିକା ସୃଷ୍ଟି କରିଥିଲା। ଗତ ସଂଖ୍ୟାରେ ଆମର ଆଭିମୁଖ୍ୟ ଥିଲା– ଜଣେ ଶିଳ୍ପୀ ବିଜ୍ଞାନୀଙ୍କୁ ଏ ଜାତି ଚିର ବିଦାୟ ଦେଇ ନ ପାରେ...।

ଏହାପରେ ଯଜ୍ଞ ଆରମ୍ଭ ହୋଇଥିଲା। ଯଜ୍ଞ ସ୍ଥାନକୁ 'ପଦ୍ମଦଣ୍ଡ' ଅଣାଯାଇଥିଲା। ଗଜପତି ନିଜେ ସେଠାରେ ଉପସ୍ଥିତ ଥିଲେ। ଯଜ୍ଞ ସରିବା ପରେ ୨୫ଜଣ କାରିଗର ପଦ୍ମଦଣ୍ଡକୁ ଶୋଭାଯାତ୍ରାରେ ମନ୍ଦିରର ଗର୍ଭଗୃହକୁ ନେଇଥିଲେ। ଗର୍ଭଗୃହ ପୀଠରେ ମହାଶ୍ରମ ବିଜେକରି ପଦ୍ମଦଣ୍ଡକୁ ସ୍ୱର୍ଶ ସହ ପ୍ରଣାମ କରି ରାଜଗୁରୁ ମହାଶୟଙ୍କୁ ଦକ୍ଷିଣା ଦାନ କରିଥିଲେ। ଏହାପରେ ପଦ୍ମଦଣ୍ଡ ଉଠିଥିଲା ମନ୍ଦିର ଉପରକୁ। ମନ୍ଦିରର କଳସ ଉପରେ ଶିଳ୍ପଶାସ୍ତ୍ର କାଇଦାରେ ତାହା ଖଞ୍ଜା ଯାଇଥିଲା। ଦୁଇଦିନ ଧରି ଅହର୍ନିଶ ପଥୁରିଆ ନଜର ରଖିଥିଲେ। ତା' ପରଦିନ କଳସରେ ତାହା ମଜଭୁତ ହୋଇ ସଂଯୋଗ ହୋଇଯାଇଥିଲା। ପଦ୍ମଦଣ୍ଡଙ୍କୁ ପଞ୍ଚାମୃତରେ ସ୍ନାନ କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ନାଲି ଖଣ୍ଡୁଆ ପ୍ରଦାନ କରାଯାଇଥିଲା ପଦ୍ମଦଣ୍ଡକୁ। ସେତିକିବେଳେ ପୁରୀରୁ ଗୁଡ଼ିଆ ଆସି ତାଡ଼ିଆ ମିଠା ସମସ୍ତ ଶିଳ୍ପୀଙ୍କ ପାଇଁ ପ୍ରସ୍ତୁତ କରିଥିଲେ। ଗଜପତିଙ୍କ ନିର୍ଦ୍ଦେଶରେ ଭୋଗ ପ୍ରସ୍ତୁତ ହୋଇଥିଲା। ଏହା ଏକ ଗଣଭୋଜି ଥିଲା। ଭୋଗ ଲାଗିବା ପରେ ଚଟାଣରେ ବସି ସାମୂହିକ ଭାବରେ ସମସ୍ତେ ପ୍ରସାଦ ସେବନ କରିଥିଲେ। ଖାଇବା ସମୟରେ ୩୦ଜଣ ମଶାଲ ଧରି ଆଲୋକ ଦେଖାଇଥିଲେ। ପୋଥିରେ ଲେଖାଅଛି ଆଠଜଣ ବାରିକ ଖାଇବାପତ୍ର ସଫା କରିଥିଲେ।

ଭୋଜି ପରେ ପରେ ଯାହା ଘଟିଥିଲା, ତାହା ଆମକୁ ଭାବିବାକୁ ପୁଣି ବାଧ୍ୟ କରିଛି। ଧର୍ମପଦ ଯଦି ହରିପ୍ରାପ୍ତି ହୋଇଥିଲେ, ତେବେ ଏକ ବିରାଟ ପାତ୍ରରେ ପ୍ରସ୍ତୁତ ମିଠା ଭର୍ତ୍ତି କରି ଏକ ହାତୀ ପିଠିରେ ଧର୍ମପଦଙ୍କ ନିକଟକୁ ପଠାଯିବା କଥା ପୋଥିରେ ବର୍ଣ୍ଣିତ ହୋଇଛି। ଏହା ପ୍ରସାଦ ରୂପେ ସୂତ୍ରଧରଙ୍କ ଘରକୁ ପଠାଯାଇଥିଲା। କଥା ସେଇଠି ଶେଷ ହୋଇନି। ଧର୍ମପଦଙ୍କର ହରିପ୍ରାପ୍ତି ଯଦି ହୋଇଥାନ୍ତା, ତେବେ ତାଙ୍କ ବୋଉ କ'ଣ କୋଣାର୍କକୁ ଆସିଥାନ୍ତେ! ପୋଥିର ପତ୍ର ସଂଖ୍ୟା ୫୦ ନଂ. ଅନୁଯାୟୀ ନାଟମଣ୍ଡପରେ ନାକଚଣା କଳସ ବସିବ ଶୁଣିଲେ ସୂତ୍ରଧରଙ୍କ ଧର୍ମପତ୍ନୀ(ଧର୍ମପଦଙ୍କ ବୋଉ)। ନାକଚଣା କଳସ କଥା ଶୁଣି ଦେଖିବାକୁ ତାଙ୍କ ମନ ବଳିଛି। ସୂତ୍ରଧର ମୁଖ୍ୟ ସ୍ଥପତି। ତାଙ୍କ ପତ୍ନୀ ଆସିବେ। ଯେମିତି ମର୍ଯ୍ୟାଦାରେ ଆସିବା କଥା ଆସିଲେ। ନାକଚଣା କଳସର କାରୁକାର୍ଯ୍ୟ ଦେଖିବା ପରେ ମନ୍ଦିର ନିର୍ମାଣରେ ମୁଖ୍ୟ ପରିଦର୍ଶକ ଆଦେଶ ଦେଇଥିଲେ– ଧର୍ମପଦ ବୋଉଙ୍କୁ ଏକ ନୀଳ ରଙ୍ଗର ସିଲ୍‌କଶାଢ଼ି ଉପହାର ଦିଅ। ସସମ୍ମାନରେ ସେ ଫେରିଗଲେ। ପୁଅର ଅଘଟଣ ଘଟିଥିଲେ ସେ ଆସିଥାନ୍ତେ କି? ତାଙ୍କ ମନ ଛି ହୋଇଯାଇଥାନ୍ତା...।

ମନ୍ଦିର ନିର୍ମାଣ କାର୍ଯ୍ୟ ଏଇଠି ସରି ନାହିଁ। ପ୍ରାଚୀର କାର୍ଯ୍ୟ, ଦକ୍ଷିଣ ଦ୍ୱାର ଘୋଡ଼ା ନିର୍ମାଣ କାର୍ଯ୍ୟ ଓ ରାଜ୍ୟାଭିଷେକ ବିଗ୍ରହ ଖୋଦେଇ ଚାଲିଥିଲା। ଏହି ବିଗ୍ରହଟି ପୀଠମୁହାଁଟିରେ ବସିବାକୁ ସ୍ଥିର ହୋଇଥିଲା। ରାମଚନ୍ଦ୍ର ମହାପାତ୍ର ଖୋଦେଇ ଦାୟିତ୍ୱରେ ଥିଲେ। ଏହାପରେ ସୂତ୍ରଧର ଆଦେଶ ଦେଇଥିଲେ ଗଙ୍ଗା ମହାପାତ୍ର ଓ ଗଦାଧର ମହାପାତ୍ରଙ୍କୁ ଯେ, ଠାକୁରାଣୀଙ୍କ ମନ୍ଦିର କାର୍ଯ୍ୟ ଆରମ୍ଭ କର। ଚାଳିଶ ଜଣ କାରିଗରଙ୍କୁ ନେଇ ସେ କାର୍ଯ୍ୟ ଆରମ୍ଭ ହୋଇଥିଲା।

ଆମେ ପ୍ରତ୍ୟେକ ମୁଖ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ସମୟରେ ସମ୍ପୃକ୍ତ ଶିଳ୍ପୀଙ୍କ ନାମ ଦେବାକୁ ଚେଷ୍ଟା କରିଛୁ। କାରଣ ଯେଉଁମାନେ ଲେଖିଲେ ବାହାର ଶିଳ୍ପୀ ମନ୍ଦିର ଗଢ଼ିଛନ୍ତି, ସେମାନଙ୍କୁ ତଥା ସେମାନଙ୍କ ଚିନ୍ତାଧାରାକୁ ସାମନା କରିବାକୁ। ଏହା ଯେ ବୌଦ୍ଧ ପିରାମିଡ଼ ନ ଥିଲା ତାହା ଜଣାଇଦେବାକୁ। ଠାକୁରାଣୀଙ୍କ ମନ୍ଦିର ନିର୍ମାଣ ଆରମ୍ଭ ହେବା ପରେ 'ମହାଭାସ୍କରଙ୍କ ବିଗ୍ରହ' ନିର୍ମାଣ ଆରମ୍ଭ ହୋଇଥିଲା। ଏହି ବିଗ୍ରହ ଥିଲା ବସିବା ବିଗ୍ରହ। ଲାଗିଥିଲା ଗର୍ଭଗୃହରେ। ନୀଳମୁଗୁନି ପଥରରେ ତାହା ନିର୍ମିତ ହୋଇଥିଲା, ନିର୍ମାଣ କରିଥିଲେ ଗଙ୍ଗା ମହାପାତ୍ର। ସୂତ୍ରଧର ଶିବେଇ ସାନ୍ତରାଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ହୋଇଥିଲା। ଉକ୍ତ ନୀଳମୁଗୁନି ପଥର ଉପରେ ଗଜପତି ଶ୍ରୀଫଳ ବାଡ଼େଇ ଶୁଭାରମ୍ଭ କରିଥିଲେ। ଏଇଠି ପୁଣି ଆସିଛି ଧର୍ମପଦଙ୍କ ପ୍ରସଙ୍ଗ। ଉକ୍ତ ବିଗ୍ରହଙ୍କ ନିର୍ମାଣ କାର୍ଯ୍ୟରେ ଧର୍ମପଦଙ୍କର ଅବଦାନ ଥିଲା। ସେ ନିଜେ ଗଙ୍ଗା ମହାପାତ୍ରଙ୍କ ସହ ରହି ବିଗ୍ରହଙ୍କ ଗୋଟିଏ ପାର୍ଶ୍ୱର ବିଷମ ବା ବନ୍ଧୁର କାର୍ଯ୍ୟ ସମାପ୍ତ କରିଥିଲେ। ଏଥିପାଇଁ ସେ ସ୍ୱର୍ଣ୍ଣମାଢ଼ ବି ପାଇଥିଲେ। ଏଥିରୁ ଜଣାଯାଏ ଧର୍ମପଦ ପୁଣି ଗାଁରୁ କୋଣାର୍କକୁ ଫେରିଥିଲେ।

### ମନ୍ଦିର କଳସ ଉପରେ ଖଞ୍ଜାଯାଇଥିଲା ପଦ୍ମଦଣ୍ଡ


କୋଣାର୍କରୁ ଗାଁକୁ ଫେରିଯାଉଛନ୍ତି ଧର୍ମପଦର ବୋଉ।(ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ନିର୍ବାଚନ କାର୍ଯ୍ୟରେ ଅବହେଳା: ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ, ୧୪ ଜଣଙ୍କ ଦରମା ବନ୍ଦ

**ବାରିପଦା,୧୯।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ନିର୍ବାଚନ କାର୍ଯ୍ୟରେ ଅବହେଳା ନେଇ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଜଣେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଛି। ସେହିପରି ୨ଜଣ କିରାଣିଙ୍କ ସମେତ ୧୪ଜଣଙ୍କ ଦରମା ବନ୍ଦ କରାଯାଇଛି। ଜିଲା ନିର୍ବାଚନ ଅଧିକାରୀଙ୍କ ଆଦେଶ କ୍ରମେ ଜିଲା ଶିକ୍ଷାଧିକାରୀ(ଡିଇଓ) ପୂର୍ଣ୍ଣଚନ୍ଦ୍ର ସେଠୀ ତଦନ୍ତ କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ, ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏଥିରେ ସହଯୋଗ ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ହାଇସ୍କୁଲ କର୍ମଚାରୀଙ୍କ ସମ୍ପର୍କରେ ତଥ୍ୟ ମଗାଯାଇଥିଲା। ମାତ୍ର ୨୨ଟି ହାଇସ୍କୁଲ ଏ ସମ୍ପର୍କରେ କୌଣସି ତଥ୍ୟ ଦେଇ ନ ଥିଲେ। ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏହାକୁ ନେଇ ଡିଇଓଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଜିଲାପାଳଙ୍କ ନୋଟିସ୍‌କୁ ଭିତ୍ତି କରି ଡିଇଓ ସେଠୀ କୈଫିୟତ ତଲବ କରିଥିଲେ। ମାତ୍ର ନିଲମ୍ବିତ ପ୍ରଧାନ ଶିକ୍ଷୟିତ୍ରୀ ଜଣକ ପାଇ କୌଣସି ଉତ୍ତର ଦେଇ ନ ଥିଲେ।

## ପ୍ରଥମ ପୃଷ୍ଠାରୁ

### ଇରାନ ରାଷ୍ଟ୍ରପତିଙ୍କ ...

ରାଷ୍ଟ୍ରପତିଙ୍କ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଉଛି। ସରକାରୀ ଟେଲିଭିଜନ ରିପୋର୍ଟ ଅନୁଯାୟୀ ଉଦ୍ଧାରକାରୀ ଟିମ୍ ଦୁର୍ଘଟଣାସ୍ଥଳକୁ ଯାଇଛନ୍ତି। ତେବେ ପ୍ରତିକୂଳ ପାଗ ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଗତ ମାସରେ ଇରାନ ଇସ୍ରାଏଲ୍ ଉପରେ ଡ୍ରୋନ୍ ଓ ମିଶାଇଲ୍ ଆକ୍ରମଣ କରିଥିଲା। ଏଭଳି ସମୟରେ ରାଷ୍ଟ୍ରପତିଙ୍କ ହେଲିକପ୍ଟର ଦୁର୍ଘଟଣାକୁ ନେଇ ଭିନ୍ନ ଆଶଙ୍କା କରାଯାଉଛି।

ଇରାନର ସରକାରୀ ଟିଭି ରିପୋର୍ଟ ଅନୁଯାୟୀ ଆଜରବୈଜାନ ସୀମାନ୍ତ ସହର ଜୋଲ୍‌ଫା ନିକଟରେ ଦୁର୍ଘଟଣା ଘଟିଥିବା କୁହାଯାଇଥିଲା। ଇରାନ ରାଜଧାନୀ ତେହରାନଠାରୁ ଏହା ୬୦୦ କିଲୋମିଟର ଦୂର। ପରେ ଦୁର୍ଘଟଣା ସ୍ଥଳ ଉଜି ଗ୍ରାମ ନିକଟରେ ବୋଲି କୁହାଯାଇଛି। ରଇସିଙ୍କ ସହ ହେଲିକପ୍ଟରରେ ଇରାନର ବହିର୍ବ୍ୟାପାର ମନ୍ତ୍ରୀ ହୋସେଇନ୍ ଅମିରାବଦୋଲ୍ଲାହିଆନ, ଇଷ୍ଟ ଆଜରବୈଜାନ ପ୍ରଦେଶର ରାଜ୍ୟପାଳ, ଅନ୍ୟ ଅଫିସର ଓ ଅଙ୍ଗରକ୍ଷୀ ରହିଥିଲେ। ରାଷ୍ଟ୍ରପତିଙ୍କ ସ୍ଥିତି ସମ୍ପର୍କରେ ଦୀର୍ଘ ସମୟ ପର୍ଯ୍ୟନ୍ତ କିଛି ଖବର ମିଳି ନ ଥିବାବେଳେ କଠୋରପନ୍ଥୀ ନେତାଙ୍କ ଆହ୍ୱାନକ୍ରମେ ଦେଶର ବିଭିନ୍ନ ସ୍ଥାନରେ ତାଙ୍କ ପାଇଁ ପ୍ରାର୍ଥନା କରାଯାଇଛି।

### ରାଜ୍ୟ ନେତାଙ୍କ ସହ...

ଏହାପରେ ପ୍ରଧାନମନ୍ତ୍ରୀ ଭାଜପାର ରାଜ୍ୟ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ପ୍ରାୟ ୩୭ ଜଣ ନେତାଙ୍କ ସହ ବୈଠକ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ପ୍ରଧାନମନ୍ତ୍ରୀ ପ୍ରଥମେ ସମସ୍ତେ କିପରି ଅଛନ୍ତି ଏବଂ ଖାଇବା ପିଇବା ବିଷୟରେ ବୁଝିଥିଲେ। ଏହାପରେ ମୋଦିଙ୍କ ପାଖରେ ଓଡ଼ିଶା ବାବଦରେ ରହିଥିବା ବିଭିନ୍ନ ତଥ୍ୟକୁ ସେମାନଙ୍କ ପାଖରେ ରଖିଥିଲେ। ସେ ରଖିଥିବା ତଥ୍ୟର ସତ୍ୟତା ଏବଂ ରାଜ୍ୟରେ ନିର୍ବାଚନ ପରିଚାଳନା କିପରି ଚାଲିଛି ତା' ଉପରେ ବିଶେଷ ଧାନ ଦେଇଥିଲେ। ପ୍ରାୟ ୩୦ ମିନିଟ୍ ଧରି ଆଲୋଚନା କରିବା ସମୟରେ ପ୍ରଧାନମନ୍ତ୍ରୀ, ନିର୍ବାଚନରେ କ'ଣ କିପରି ସୁବିଧା ଅସୁବିଧା ଅଛି ସେନେଇ ମଧ ପଚାରି ବୁଝିଥିଲେ। ଏହାସହ ଟେକ୍ନୋଲୋଜିର ବ୍ୟବହାର ନିର୍ବାଚନରେ କିପରି ହେଉଛି ଏବଂ ଆଗକୁ କ'ଣ କରିବା ଦରକାର ସେନେଇ ମଧ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ନେତାମାନଙ୍କୁ ପଚାରିଥିଲେ। ଯେପରି ଡେଟା ଷ୍ଟୋରିଂ, ଫାଇଲିଂ ଏ ବାବଦରେ ମଧ ଆଲୋଚନା କରିଥିଲେ। ଶେଷରେ ଜଲ୍‌ଦି ଦେଖା ହେବା ବୋଲି କହି କିଛି ଗଣମାଧମକୁ ସ୍ୱତନ୍ତ୍ର ସାକ୍ଷାତ୍‌କାର ଦେଇଥିବା ଜଣାପଡ଼ିଛି।

ପ୍ରଧାନମନ୍ତ୍ରୀ ବୈଠକ ଶେଷ କରିବା ପରେ ରାଜଭବନ ଅଭିମୁଖେ ଗସ୍ତ କରିଥିଲେ। ସେ ରାଜଭବନରେ ରାତ୍ରିଯାପନ କରିବେ। ଏହା ମୋଦିଙ୍କ ଚଳିତ ନିର୍ବାଚନ ଘୋଷଣା ପରେ ୩ୟ ଥର ୨ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ। ପ୍ରଧାନମନ୍ତ୍ରୀ ସୋମବାର ସକାଳୁ ପୁରୀ ଅଭିମୁଖେ ଗସ୍ତ କରିବେ। ସେଠାରେ ସକାଳ ୮ଟା ମଧରେ ଜଗନ୍ନାଥଙ୍କ ଦର୍ଶନ କରିବା ପରେ ରୋଡ୍ ଶୋ କରିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେ ପୁରୀ ଲୋକ ସଭା ଏବଂ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ଏହାପରେ ସେ ଅନୁଗୋଳ ଏବଂ କଟକଠାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେବେ। ଏହାପରେ ସେ ଫେରିଯିବେ ବୋଲି ଜଣାପଡ଼ିଛି।

### ଆପ୍ ଭାଙ୍ଗିବାକୁ ...

କରିଥିଲେ। ସେ କହିଥିଲେ, ଯେଉଁ ବ୍ୟକ୍ତିମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟୁଛନ୍ତି, ସେମାନଙ୍କ ମଧରୁ ଅନେକେ ତାଙ୍କୁ ମଧ ସାକ୍ଷାତ କରୁଛନ୍ତି। ସେମାନଙ୍କଠାରୁ ମିଳିଥିବା ସୂଚନାନୁସାରେ, ଆପ୍‌ର ଅଗ୍ରଗତି ଦେଖି ମୋଦି ଆତଙ୍କିତ ହୋଇଯାଇଛନ୍ତି। ଏଥିପାଇଁ ଆପ୍‌କୁ ଭାଙ୍ଗିଦେବା ପାଇଁ 'ଅପରେଶନ୍ ଝାଡ଼ୁ' ଚଳାଇଛନ୍ତି। ତଦନୁସାରେ ମୋଦି ୩ଟି ରଣନୀତି ଆପଣାଇଛନ୍ତି। ପ୍ରଥମେ ଆପ୍ ନେତାମାନଙ୍କୁ ଗିରଫକରି ଜେଲ ପଠାଯିବ। ନିର୍ବାଚନ ଶେଷ ହେବା ପରେ ଆପ୍‌ର ବ୍ୟାଙ୍କ ଆକାଉଣ୍ଟକୁ ସିଜ୍ କରାଯିବ ଏବଂ ଦଳୀୟ ଅଫିସ୍‌ରେ ତାଲା ପକାଇ ନେତାମାନଙ୍କୁ ରାସ୍ତାକଡ଼ରେ ଛିଡ଼ା କରାଇବା ପାଇଁ ପ୍ରଧାନମନ୍ତ୍ରୀ ଯୋଜନା କରିଥିବା କେଜ୍‌ରିୱାଲ ଉକ୍ତ ସଭାରେ କହିଥିଲେ। ଏଥିସହ ଆଗକୁ ବଡ଼ ଚ୍ୟାଲେଞ୍ଜର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସେ ନିଜ ଦଳର ନେତା ଓ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ସଭା ଶେଷରେ କେଜ୍‌ରିୱାଲଙ୍କ ସମେତ ଆପ୍ ନେତା ଓ କର୍ମୀମାନେ ଭାଜପା ମୁଖ୍ୟାଳୟ ଆଡ଼କୁ ଶୋଭାଯାତ୍ରାରେ ବାହାରିଥିଲେ। ସେମାନଙ୍କୁ ଅଟକାଇବା ପାଇଁ ଦିଲ୍ଲୀ ପୋଲିସ ସମ୍ପୃକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରିବା ସହ ଭାଜପା ମୁଖ୍ୟାଳୟ ନିକଟବର୍ତ୍ତୀ ରାସ୍ତାଗୁଡ଼ିକରେ ଯାତାୟାତ ନ କରିବାକୁ ଦିଲ୍ଲୀବାସୀଙ୍କୁ ପରାମର୍ଶ ଦେଇଥିଲା। ଦୀନଦୟାଲ ଉପାଧାୟ ମାର୍ଗରେ ଲୋକଙ୍କ ଯାତାୟାତକୁ ବାରଣ କରାଯାଇଥିବାବେଳେ ଦିଲ୍ଲୀ ମେଟ୍ରୋକୁ ବନ୍ଦ କରିଦିଆଯାଇଥିଲା। ଶୋଭାଯାତ୍ରାକୁ ଅଟକାଇବା ପାଇଁ ପୋଲିସ ୧୦ ଫୁଟ୍ ଉଚ୍ଚତାର ବ୍ୟାରିକେଡ୍ ତିଆରି କରିଥିଲା। ଆପ୍ ନେତାମାନେ ବ୍ୟାରିକେଡ୍ ଆଗରେ ପ୍ରାୟ ୨୦ ମିନିଟ୍ ଧରି ଧାରଣାରେ ବସିବା ସହ ବିକ୍ଷୋଭ ଶେଷକରି ସେଠାରୁ ଫେରିଯାଇଥିଲେ। ଇତିମଧରେ ଦିଲ୍ଲୀ ପୋଲିସ ବହୁ ଆପ୍ ନେତା ଓ କର୍ମୀଙ୍କୁ ଅଟକ ରଖିଥିଲା।

ଭାଜପା ମୁଖ୍ୟାଳୟ ନିକଟରେ ଏଭଳି ହାଇଡ୍ରାମା ଚାଲିଥିବାବେଳେ ଦିଲ୍ଲୀ ପୋଲିସ ସ୍ୱାତୀଙ୍କ ମାମଲାର ତଦନ୍ତ ପାଇଁ କେଜ୍‌ରିୱାଲଙ୍କ ସରକାରୀ ବାସଭବନରେ ପହଞ୍ଚିଥିଲା। ଫଳରେ କେଜ୍‌ରିୱାଲଙ୍କ ସହ ଆପ୍ ନେତା ସଞ୍ଜୟ ସିଂ, ରାଘବ ଚଡ୍ଢା, କୈଳାସ ଗେହଲଟ, ଆତିଶୀ ଓ ଗୋପାଳ ରାଏ ଧାରଣା ଭଙ୍ଗ କରି ଫେରିଯାଇଥିଲେ। ପୋଲିସ ଟିମ୍ କେଜ୍‌ରିୱାଲଙ୍କ ଘରୁ ସିସିଟିଭି ଡିଜିଟାଲ ଭିଡିଓ ରେକର୍ଡର (ଡିଭିଆର୍) ସମେତ କେତେକ ବୈଦ୍ୟୁତିକ ଉପକରଣ ଜବତ କରିଥିଲା। ସ୍ୱାତୀ ମାମଲାରେ ବିଭବଙ୍କ ଆକ୍ରମଣ ସମ୍ପର୍କିତ ପ୍ରମାଣ ସଂଗ୍ରହ ପାଇଁ ସେଗୁଡ଼ିକୁ ନିଆଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ କେଜ୍‌ରିୱାଲ ପ୍ରଥମେ ସ୍ୱାତୀ ମାମଲାରେ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ଛାଡ଼ି ନୀରବତା ଭଙ୍ଗ କରନ୍ତୁ ବୋଲି ଭାଜପା କହିଛି। ୨୦୨୧-୨୨ ଅବକାରୀ ନୀତି ସମ୍ପର୍କିତ ଏକ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ତିହାର ଜେଲକୁ ଯାଇଥିବା କେଜ୍‌ରିୱାଲଙ୍କୁ ସୁପ୍ରିମକୋର୍ଟ ନିକଟରେ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ସେ ମାମଲା ସମ୍ପର୍କିତ ବୟାନ ଦେଇପାରିବେ ନାହିଁ ବୋଲି ଶୀର୍ଷ ଅଦାଲତଙ୍କ ସର୍ତ୍ତ ରହିଥିବାବେଳେ କେଜ୍‌ରିୱାଲଙ୍କୁ ଏଭଳି ବିକ୍ଷୋଭ କାଳ ହୋଇପାରେ ବୋଲି କୁହାଯାଉଛି।

### ରାଣୀଙ୍କୁ ଭରଣପୋଷଣ ...

କରିଛନ୍ତି। ଏଥିସହ ଉଭୟଙ୍କଠାରୁ ସେ ମାସିକ ୫ ଲକ୍ଷ ଟଙ୍କା ଲେଖାଏ ଭରଣପୋଷଣ ଦାବି କରିଛନ୍ତି। ତେବେ ରାଜାଙ୍କ ଅଭିଯୋଗକୁ ରାଣୀ ଓ ଯୁବରାଜ ଖଣ୍ଡନ କରିଛନ୍ତି। ମା'ପୁଅଙ୍କ କହିବା ହେଲା ଓଲଟା ସେମାନେ ଦୁହେଁ ନିର୍ଯାତିତ। ରାଜା ଏସ୍‌ଡିଏମ୍ କୋର୍ଟରେ ଚାପ ପକାଉଛନ୍ତି। ନ୍ୟାୟିକ ବ୍ୟବସ୍ଥା ପ୍ରତି ସେମାନଙ୍କ ପୂର୍ଣ୍ଣ ଆସ୍ଥା ରହିଛି ବୋଲି ଅନିରୁଦ୍ଧ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।

ଏହା ପୂର୍ବରୁ ବିଶ୍ୱେନ୍ଦ୍ର ସବ୍‌ଡିଭିଜନାଲ ଅଫିସର ଟ୍ରିବ୍ୟୁନାଲରେ ସ୍ତ୍ରୀ ତଥା ପୂର୍ବତନ ଏମ୍‌ପି ଦିବ୍ୟା ସିଂଙ୍କ ବିରୋଧରେ ଆବେଦନ କରିଥିଲେ। ସେଥିରେ ସେ ଉଲ୍ଲେଖ କରିଥିଲେ, ମୋତେ ମୋ ଘର (ମୋତି ମହଲ) ଛାଡ଼ିବାକୁ ବାଧ କରାଯାଉଛି। ଏଥିଯୋଗୁ ମୁଁ ଯାଯାବର ଜୀବନ ବିତାଉଛି। କେତେବେଳେ ଏକ ସରକାରୀ ଘରେ ତ ଆଉ କେବେ ହୋଟେଲରେ ରହିବାକୁ ପଡ଼ୁଛି। ମୁଁ ଗୋଟିଏ କୋଠରିରେ ବନ୍ଦୀ ଭଳି ରହୁଛି। ଭରତପୁରକୁ ଗଲେ ମା'ପୁଅ ଘରକୁ ପ୍ରବେଶ କରିବାକୁ ଦେଉନାହାନ୍ତି। ତେଣୁ ମା'ପୁଅଙ୍କ ସହ ମିଶି ରହିବା ଅସମ୍ଭବ ହୋଇଗଲାଣି। ଏପରି କି ୨୦୨୧ ଓ ୨୦୨୨ରେ ଦୁଇଥର କରୋନା ସଂକ୍ରମିତ ହୋଇଥିଲି। ସେମାନେ ମୋତେ ଶାରୀରିକ, ମାନସିକ କିମ୍ବା ଆର୍ଥିକ ରୂପେ କିଛି ସହଯୋଗ କଲେନାହିଁ। ବାପାଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ମିଳିଥିବା ସମ୍ପତ୍ତିର ଦସ୍ତାବିଜକୁ ଚିରିଦେଇଛନ୍ତି। ତେଣୁ ଭରଣପୋଷଣ ଆଶାରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ସେ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି। ରବିବାର ଯୁବରାଜ ଅନିରୁଦ୍ଧ ଏହି ସମସ୍ତ ଅଭିଯୋଗକୁ ମିଛ ବୋଲି ଅଭିହିତ କରିଛନ୍ତି। ନିଜ ଯୁକ୍ତି ସପକ୍ଷରେ ସମସ୍ତ ପ୍ରାମାଣିକ ଦସ୍ତାବିଜ କୋର୍ଟରେ ଦାଖଲ କରିବେ ବୋଲି ସେ କହିଛନ୍ତି।


ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No.RDM-LAA-MBJ-0004-2024-8246/ R&DM,** **Dated: 16 Mar 2024**

No.XXI-12: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ବଡ଼ଗୋପାଳପୁର (ଅତିରିକ୍ତ), ଥାନା: ବୈଶିଙ୍ଗା ନଂ. ୨୩୨, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ବାରିପଦା ।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ବଡ଼ଗୋପାଳପୁର (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୨.୭୦ | ଏ. ୦.୭୦ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା.:/– (ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା: ୧୪୦/୨୦୨୩
ଏ.୦.୭୦ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ**
**ମୌଜା– ବଡ଼ଗୋପାଳପୁର (ଅତିରିକ୍ତ) ଥାନା: ବୈଶିଙ୍ଗା ନଂ. ୨୩୨, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୪୬ | ୫୦୭ | ୦.୫୦ | ୦.୨୪ | ଚକ | ଚାନ୍ଦରାଏ ମାଝୀ, ଚାନ୍ଦୁ ମାଝୀ, ପି.: ଦିତୁଆ ମାଝୀ, ଜା: ସାନ୍ତାଳ, ବା: ପୁରୁଣିଆ |
| | ୫୦୯ | ୦.୩୩ | ୦.୧୪ | ଘରବାରି | |
| ୬୮ | ୫୦୬ | ୦.୫୦ | ୦.୦୭ | ଚକ | ଦେବତାରୀ ମାହାନ୍ତ, ଜହର ମାହାନ୍ତ, ପି.: ମଥୁରା ମାହାନ୍ତ, ବଦନୀ ମାହାନ୍ତ, ସ୍ୱା.: ମଥୁରା ମାହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା: ଶିଖରଖୁଣ୍ଟା |
| ୧୯୬ | ୫୦୪ | ୦.୫୦ | ୦.୦୬ | ଚକ | ସୁରେନ୍ଦ୍ର ମାହାନ୍ତ, ପି.: ଜୟରାମ ମାହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା: ନିଜଗାଁ |
| ୨୦୮ | ୫୦୩ | ୦.୩୭ | ୦.୦୧ | ଚକ | ହାଡ଼ିଆ ମୁର୍ମୁ, ପି.: ଖାଣ୍ଡ ମୁର୍ମୁ, ଜା: ସାନ୍ତାଳ, ବା: ପୁରୁଣିଆ |
| ୨୧୧ | ୫୦୫ | ୦.୫୦ | ୦.୧୮ | ଚକ | ହେମେନ୍ଦ୍ର ମାହାନ୍ତ, ପି.: ଜୟରାମ ମାହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା: ନିଜଗାଁ |
| ମୋଟ | ୬ ପ୍ଲଟକୁ | ଏ. ୨.୭୦ ଡେ.ମି. | ଏ. ୦.୭୦ ଡେ.ମି. | | |

Sd./- Zone Officer-cum-L.A. Collector
S.I.P., Laxmiposi Zone

Sd./- Spl. Land Acquisition Officer
SIP Baripada

OIPR-24001/14/0019/2425



ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No. RDM-LAA-BLS-0004-2023-4615/R&DM, Dated-20.02.2024**

No. XXI–02:– ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆୟପୁଞ୍ଜା ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– ରାମଚନ୍ଦ୍ରପୁର, ଥାନା– ବସ୍ତା ନଂ. ୨୧୮, ତହସିଲ– ବାଲେଶ୍ୱର, ଜିଲ୍ଲା– ବାଲେଶ୍ୱରରେ ନିମ୍ନ ତଫସିଲମତେ ପ୍ରାୟ ଏ.୧.୨୨୭୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ୧୧(୧) ଧାରାରେ ଭାରତପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆୟପୁଞ୍ଜା ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ବାଲେଶ୍ୱର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ବାଲେଶ୍ୱର | ରାମଚନ୍ଦ୍ରପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୬.୯୯୭୫ | ଏ. ୧.୨୨୭୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା–୫୬/୨୦୨୨, ଏ୧.୨୨୭୫ ବି.କେ.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆୟପୁଞ୍ଜା ମାଇନର ନିମନ୍ତେ**
**ମୌଜା- ରାମଚନ୍ଦ୍ରପୁର, ଥାନା-ବସ୍ତା, ନଂ.-୨୧୮, ତହସିଲ- ବାଲେଶ୍ୱର, ଜିଲ୍ଲା- ବାଲେଶ୍ୱର**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୩ | ୩୪ | ୦.୮୯ | ୦.୦୨ | ଶାରଦ ଦୁଇ | ଶେଖ ତାକୁଉଦ୍ଦିନ, ଶେଖ ସାକୁଉଦ୍ଦିନ, ପିଃ ଶେଖ କମିରୁଦ୍ଦିନ, ଜାଃ ମୁସଲମାନ, ବାଃ ନିଜଗାଁ |
| | ୨୯ | ୦.୦୭ | ୦.୦୧ | ଶାରଦ ଦୁଇ | |
| ୨୬ | ୧୪୨ | ୦.୦୨ | ୦.୦୨ | ଚକ ନଂ.୧୭ | ଦାମୋଦର ଜେନା, କସ୍ତୁରୀ ଜେନା, ଗଣ୍ଡେଇ ଜେନା, ପିଃ ପଞ୍ଚୁ ଜେନା, ଜାଃ ଖଣ୍ଡାୟତ, ବାଃ ସୋମନାଥପୁର |
| ୩୦ | ୫୯ | ୦.୧୨ | ୦.୦୪ | ପତିତ | ମହମ୍ମଦ ଖାଁ ସଏଦ ବିଜେ ନିଜଗାଁ ମାରଫତ ବାଃ ଶେଖ ପାଣ୍ଡୁ ପିଃ ଶେଖ ମାସୁମ, ଜାଃ ମୁସଲମାନ, ବାଃ ନିଜଗାଁ |
| ୩୫ | ୧୪୩ | ୨.୦୩ | ୦.୧୧ | ଚକ ନଂ.୧୮ | ଫକୀର ମହାନ୍ତି, ପିଃ ପରମାନନ୍ଦ ମହାନ୍ତି, ଜାଃ ଖଣ୍ଡାୟତ, ବାଃ ରାଇସୁଆଁ |
| ୩୮ | ୫୧ | ୦.୯୪ | ୦.୦୮ | ଘରବାରି | ଅହମ୍ମଦ ଖାଁ, ସଏଦ ବିଜେ ନିଜଗାଁ ମାରଫତ, ବାଃ ସଏଦ, ଫରିଦୁଦ୍ଦିନ ଅଲ୍ଲି, ସୟଦ ସରାଜୁଦ୍ଦିନ ଅଲ୍ଲୀ, ପିଃ ସୟଦ ମହିଉଦ୍ଦିନ ଅଲ୍ଲି, ଜାଃ ମୁସଲମାନ, ବାଃ ନିଜଗାଁ |
| ୫୨ | ୨୮ | ୦.୨୦ | ୦.୧୦ | ଶାରଦ ଦୁଇ | ଶେଖ ମଇରୁଦ୍ଦିନ, ପିଃ ଶେକ ନସି ରୁଦ୍ଦିନ, ଜାଃ ମୁସଲମାନ, ବାଃ ଶିଙ୍ଗାରପୁର |
| ୬୧ | ୩୯ | ୦.୦୩୭୫ | ୦.୦୨୭୫ | ଘରବାରି | ସୟଦ ମହିଉଦ୍ଦିନ ଅଲ୍ଲି, ସୟଦ ହଜି ମୁଦ୍ଦିନ ଅଲ୍ଲି, ସୟଦ ମନସୁର ଅଲ୍ଲି, ସୟଦ, ହୋସେନ ଅଲ୍ଲି, ତରିକନ ବିବି, ପିଃ ସୟଦ ଆହେମ୍ମଦ ଅଲ୍ଲି, ଜାଃ ମୁସଲମାନ, ବାଃ ନିଜଗାଁ |
| ୬୨ | ୨୭ | ୦.୫୦ | ୦.୧୨ | ଶାରଦ ଦୁଇ | ସୟଦ ମହି ଉଦ୍ଦିନ ଅଲ୍ଲି, ସୟଦ ହଜି ମୁଦ୍ଦିନ ଅଲ୍ଲି, ସୟଦ ମନସୁର ଅଲ୍ଲି, ସୟଦ, ହୋସେନ ଅଲ୍ଲି, ତରିକନ ବିବି, ପିଃ ସୟଦ ଆହେମ୍ମଦ ଅଲ୍ଲି, ଜାଃ ମୁସଲମାନ, ବାଃ ନିଜଗାଁ |
| | ୬୦ | ୦.୦୬ | ୦.୦୪ | ଶାରଦ ତିନି | |
| | ୨୫ | ୦.୩୯ | ୦.୦୩ | ଶାରଦ ତିନି | |
| | ୨୬ | ୦.୪୭ | ୦.୧୦ | ଘରବାରି | |
| | ୪୦ | ୦.୦୫ | ୦.୦୫ | ଘରବାରି | |
| | ୪୧ | ୦.୬୪ | ୦.୨୨ | ଘରବାରି | |
| | ୫୨ | ୦.୦୫ | ୦.୦୧ | ଘରବାରି | |
| | ୫୩ | ୦.୧୯ | ୦.୧୬ | ଘରବାରି | |
| | ୬୧ | ୦.୧୯ | ୦.୦୩ | ଘରବାରି | |
| ୮୧/ ୩୦ | ୬୩/ ୨୦୬ | ୦.୧୫ | ୦.୦୬ | ଘରବାରି | ସେଖ ଅବଦୁଲ ମହିଜିତ ସେଖ କବିର ପିଃ ସେଖ ଆହେମଦ, ଜାଃ ମୁସଲମାନ, ବାଃ ନିଜଗାଁ |
| ମୋଟ | ୧୮ ପ୍ଲଟକୁ | ଏ. ୬.୯୯୭୫ ବି.କେ. | ଏ. ୧.୨୨୭୫ ବି.କେ. | | ରାଜ୍ୟପାଳଙ୍କ ଆଦେଶକ୍ରମେ (ନୃସିଂହ ଚରଣ ସ୍ୱାଇଁ), ସ୍ୱତନ୍ତ୍ର ଶାସନ ସଚିବ |

OIPR-24001/14/0021/2425



ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**NO. RDM-LAA-MBJ-0009-2024-8203/R&DM, DATED 16 MAR 2024**

NO. XXI–11:– ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ଭୌରଙ୍ଗୀ ସବ୍–ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା– ଭୈରଙ୍ଗୀ, ଥାନା– ବୈଶିଙ୍ଗା, ନଂ. ୨୦୬, ତହସିଲ– ରାସଗୋବିନ୍ଦପୁର, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ ଏ.୩.୩୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ୧୧(୧) ଧାରାରେ ଭାରତପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ଭୈରଙ୍ଗୀ ସବ୍–ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ଭୈରଙ୍ଗୀ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨୯.୮୩ | ଏ. ୩.୩୪ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ନୃସିଂହ ଚରଣ ସ୍ୱାଇଁ),
ସ୍ୱତନ୍ତ୍ର ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା–୮୪/୨୩
ଏ.୩.୩୪ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ଭୈରଙ୍ଗୀ ସବ୍-ମାଇନର ନିମନ୍ତେ**
**ମୌଜା- ଭୈରଙ୍ଗୀ, ଥାନା- ବୈଶିଙ୍ଗା, ନଂ.-୨୦୬, ତହସିଲ-ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 8 | 255 | 0.11 | 0.11 | ଶାରଦ ଦୁଇ | କାଳିଚରଣ ରାମ, ପିଃ ବୁଧୁ ରାମ, ଜାଃ ଉରାଣ, ବାଃ ବର୍ତ୍ତନା |
| 12 | 129 | 0.57 | 0.14 | ଶାରଦ ଦୁଇ | କୃଷ୍ଣ ମହାନ୍ତ, ପିଃ ଗୁନା ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ପିଃ ଗୌର ମହାନ୍ତ, ଜାଃ କୁଡୁମି, ବାଃ ଟୁକପଳାଶିଆ |
| 39 | 334 | 0.34 | 0.12 | ଶାରଦ ଦୁଇ | ଶ୍ରୀମତୀ ଲକ୍ଷ୍ମୀମଣି ମହାନ୍ତ, ସ୍ୱାଃ ସୁରେନ୍ଦ୍ର ମହାନ୍ତ, ଜାଃ କୁଡୁମି, କ୍ଷେତ୍ରିୟ, ବାଃ ଚହଲାପଦା |
| 58 | 146 | 2.27 | 0.09 | ଶାରଦ ଦୁଇ | ପଦ୍ମଲୋଚନ ଜେନା, ପିଃ ଅପର୍ତ୍ତି ଚରଣ ଜେନା, ମଣି ଜେନା, ସ୍ୱାଃ ଅପର୍ତ୍ତି ଚରଣ ଜେନା, ଜାଃ ଖଣ୍ଡାୟତ, ବାଃ ନିଜଗାଁ |
| 77 | 310 | 1.87 | 0.07 | ଶାରଦ ଦୁଇ | ବଳରାମ ମହାନ୍ତ, ଗୋକୁଳରାମ ମହାନ୍ତ, ପିଃ ରଘୁ ମହାନ୍ତ, ବାଜଃ କୁଡୁମି, ବାଃ ଟୁକପଳାଶିଆ |
| 88 | 330 | 0.29 | 0.01 | ଶାରଦ ଦୁଇ | ବୁଧିରାୟ ମାଝୀ, ପିଃ ଦୁଖିଆ ମାଝୀ, ଜାଃ ସାନ୍ତାଳ, ବାଃ ରାଘବପୁର |
| | 332 | 0.34 | 0.06 | ଶାରଦ ଦୁଇ | |
| | 333 | 0.21 | 0.05 | ଶାରଦ ଦୁଇ | |
| | 337 | 1.27 | 0.05 | ଶାରଦ ଦୁଇ | |
| 99 | 316 | 0.95 | 0.06 | ଶାରଦ ଦୁଇ | ଭାଗିରଥି ଲେଙ୍କା, ପିଃ ବନମାଳୀ ଲେଙ୍କା, କୁମୁଦିନି ଲେଙ୍କା, ସ୍ୱାଃ ଭାଗିରଥି ଲେଙ୍କା, ଜାଃ ଖଣ୍ଡାୟତ, ବାଃ ନିଜଗାଁ |
| 106 | 291 | 1.22 | 0.06 | ଶାରଦ ଦୁଇ | ମଧୁ ରାମ, ପିଃ ଖଡିଆ ରାମ, ଜାଃ ଉରାଣ, ବାଃ ବର୍ତ୍ତନା |
| 110 | 275 | 0.70 | 0.19 | ଶାରଦ ଦୁଇ | ମହେଶ୍ୱର ସାହୁ, ପିଃ ଫକିର ସାହୁ, ଜାଃ ଖଣ୍ଡାୟତ, ବାଃ ନିଜଗାଁ |
| 114 | 274 | 0.60 | 0.33 | ଶାରଦ ଦୁଇ | ମୁରଲୀଧର ସାହୁ, ପିଃ ମହେଶ୍ୱର ସାହୁ, ଜାଃ କୁବେର, ବାଃ ନିଜଗାଁ |
| 116 | 113 | 2.30 | 0.14 | ଶାରଦ ଦୁଇ | ରଘୁନାଥ ନାୟକ, ପିଃ ଦାମୋଦର ନାୟକ, ଜାଃ ଖଣ୍ଡାୟତ, ବାଃ ନିଜଗାଁ |
| 131 | 331/ 554 | 0.13 | 0.06 | ଶାରଦ ଦୁଇ | ସନାତନ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ପିଃ ଗଙ୍ଗାଧର ମହାନ୍ତ, ଜାଃ କୁଡୁମି, ବାଃ ଚହଲାପଦା |
| 139 | 147 | 1.47 | 0.16 | ଶାରଦ ଦୁଇ | ଶିବ ଚରଣ ନାୟକ, ପିଃ ସୋମନାଥ ନାୟକ, ଦାମୋଦର ନାୟକ, ପିଃ ଗୁହି ନାୟକ, ଜାଃ ଖଣ୍ଡାୟତ, ବାଃ ନିଜଗାଁ |
| 143 | 314 | 1.24 | 0.06 | ଶାରଦ ଦୁଇ | ଶିବ ଚରଣ ସିଂହ, ପିଃ ଭଗବାନ ସଂହ, ସଂଗ୍ରାମ କେଶରୀ ସଂହ, ପିଃ ଶିବ ଚରଣ ସଂହ, ଜାଃ ଖଣ୍ଡାୟତ, ବାଃ ନିଜଗାଁ |
| 146 | 304/ 605 | 0.68 | 0.05 | ଶାରଦ ଦୁଇ | ସେବତୀ ଜେନା, ସ୍ୱାଃ ମୁରଲୀ ଜେନା, ଜାଃ ଖଣ୍ଡାୟତ, ବାଃ ନିଜଗାଁ |
| 152/2 | 104/ 602 | 0.44 | 0.09 | ଶାରଦ ଦୁଇ | ଲୟୋଧର ରାମ, ପିଃ କାଳି ଚରଣ ରାମ, ଜାଃ ଓରାଣ, ବାଃ ବର୍ତ୍ତନା |
| 152/9 | 300 | 0.40 | 0.06 | ଶାରଦ ଦୁଇ | ଭଗବାନ ରାମ, ସୁଦର୍ଶନ ରାମ, ଗଜେନ୍ଦ୍ର ରାମ, ପିଃ ଶୁକ୍ରୁ ରାମ, ମାଙ୍ଗର ରାମ, ସ୍ୱାଃ ମଧୁ ରାମ, ବୀର ରାମ, ସନା ରାମ, ଗୋବର୍ଦ୍ଧନ ରାମ, ବିଜୟ ରାମ, ସହଦେବ ରାମ, ପିଃ ମଧୁ ରାମ, ଜାଃ ଓରାଣ, ବାଃ ବର୍ତ୍ତନା |
| 152/10 | 109 | 0.47 | 0.07 | ଶାରଦ ଦୁଇ | ରାଜେନ୍ଦ୍ର ମହାନ୍ତ, ଯୁଗେନ୍ଦ୍ର ମହାନ୍ତ, ଅଶୋକ ସେନ ମହାନ୍ତ, ପିଃ ଛତିଶ ଚନ୍ଦ୍ର ମହାନ୍ତ, ଜାଃ କୁଡୁମି, ବାଃ ନିଜଗାଁ |
| 152/11 | 108 | 0.10 | 0.05 | ଶାରଦ ଦୁଇ | ରାଜେନ୍ଦ୍ର ମହାନ୍ତ, ଯୋଗେନ୍ଦ୍ର ମହାନ୍ତ, ଅଶୋକ କୁମାର ମହାନ୍ତ,, ପିଃ ଛତିଶ ଚନ୍ଦ୍ର ମହାନ୍ତ, ଜାଃ କୁଡୁମି, ବାଃ ଭୈରଙ୍ଗୀ |
| | 107/ 600 | 0.30 | 0.02 | ଶାରଦ ଦୁଇ | |
| 152/18 | 299 | 0.19 | 0.07 | ଶାରଦ ଦୁଇ | ଶିରିଶ ଚନ୍ଦ୍ର ମହାନ୍ତି, ପିଃ ହରେକୃଷ୍ଣ ମହାନ୍ତି, ଅରୁଣାମୟୀ ମହାନ୍ତି, ସ୍ୱାଃ ଶିରିଶ ଚନ୍ଦ୍ର ମହାନ୍ତି, ଜାଃ କରଣ, ବାଃ ନିଜଗାଁ |
| 152/30 | 127 | 2.21 | 0.09 | ଶାରଦ ଦୁଇ | ପୂର୍ଣ୍ଣ ଚନ୍ଦ୍ର ନାୟକ, ପିଃ ଭାଗବତ ନାୟକ, ଜାଃ ଖଣ୍ଡାୟତ, ବାଃ ନିଜଗାଁ |
| | 148 | 1.06 | 0.06 | ଶାରଦ ଦୁଇ | |
| 152/48 | 303 | 1.35 | 0.05 | ଶାରଦ ଦୁଇ | ରବିନ୍ଦ୍ର କୁମାର ଜେନା, ଲବ କୁମାର ଜେନା, ସୁଶୀଲ କୁମାର ଜେନା, ପିଃ ମୁରଲୀଧର ଜେନା, ସେବତୀ ମଣି ଜେନା, ସ୍ୱାଃ ମୁରଲୀଧର ଜେନା, ଜାଃ ଖଣ୍ଡାୟତ, ବାଃ କଳମା |
| 152/61 | 108/ 577 | 0.08 | 0.01 | ଶାରଦ ଦୁଇ | ଛତିଶ ଚନ୍ଦ୍ର ମହାନ୍ତ, ପିଃ ଲାଲ ମୋହନ ମହାନ୍ତ, ଜାଃ କୁଡୁମି, ବାଃ ନିଜଗାଁ |
| 152/82 | 266/ 653 | 0.40 | 0.11 | ଶାରଦ ଦୁଇ | ମନୋଜ କୁମାର ନାୟକ, ପିଃ ପଦ୍ମଲୋଚନ ନାୟକ, ଜାଃ ଖଣ୍ଡାୟତ, ବାଃ ନିଜଗାଁ |
| | 267 | 0.45 | 0.05 | ଶାରଦ ଦୁଇ | |
| 152/85 | 294/ 655 | 0.48 | 0.06 | ଶାରଦ ଦୁଇ | ବିନୋଦ ରାମ, ପିଃ ମଙ୍ଗୁଲିଆ ରାମ, ଜାଃ ଓରାଣ ବାଃ ବର୍ତ୍ତନା |
| 152/88 | 315 | 1.06 | 0.07 | ଶାରଦ ଦୁଇ | ଅକ୍ଷୟ କୁମାର ନାୟକ, ପିଃ ଶିବଚରଣ ନାୟକ, ଜାଃ ଖଣ୍ଡାୟତ, ବାଃ ନିଜଗାଁ |
| 152/90 | 106 | 0.90 | 0.16 | ଶାରଦ ଦୁଇ | ମିନତୀ ପାଳ, ସ୍ୱାଃ ଗଣେଶ୍ୱର ସାହୁ, ଜାଃ କୁବେର, ବାଃ ନିଜଗାଁ |
| 152/91 | 306 | 0.54 | 0.08 | ଶାରଦ ଦୁଇ | ଅଜୟ କୁମାର ମନ୍ତ୍ରୀ, ପିଃ ବିଦ୍ୟାଧର ମନ୍ତ୍ରୀ, ଜାଃ ଖଣ୍ଡାୟତ, ବାଃ ନିଜଗାଁ |
| 152/95 | 131 | 0.31 | 0.04 | ଶାରଦ ଦୁଇ | ଗଣେଶର ରାମ, ପିଃ ବନମାଳୀ ରାମ, ଜାଃ ଓରାଣ, ବାଃ ବର୍ତ୍ତନା |
| 152/104 | 148/ 670 | 0.69 | 0.06 | ଶାରଦ ଦୁଇ | ମଞ୍ଜୁଲତା ଜେନା, ସ୍ୱାଃ ଅଜିତ୍ କୁମାର ଜେନା, ଜାଃ ଖଣ୍ଡାୟତ, ବାଃ ନିଜଗାଁ |
| 152/106 | 282/ 553 | 0.03 | 0.03 | ଶାରଦ ଦୁଇ | ରମେଶ ଚନ୍ଦ୍ର ସାହୁ, ଉମେଶ ଚନ୍ଦ୍ର ସାହୁ, ପିଃ ମୁରଲିଧର ସାହୁ, ଜାଃ କୁବେର, ବାଃ ଭୈରଙ୍ଗି |
| 152/123 | 313 | 0.66 | 0.04 | ଶାରଦ ଦୁଇ | ଦଶରଥ ହେମ୍ବ୍ରମ, ପିଃ ମାତାଲ ହେମ୍ବ୍ରମ, ଜାଃ ସାନ୍ତାଳ, ବାଃ ରାଘବପୁର |
| 152/124 | 268 | 0.15 | 0.05 | ଶାରଦ ଦୁଇ | ଚଞ୍ଚଳା ମହାନ୍ତ, ସ୍ୱାଃ ରତିକାନ୍ତ ମହାନ୍ତ, ଜାଃ କୁଡୁମି, କ୍ଷତ୍ରିୟ, ବାଃ ବେନାଶୋଳ |
| 152/125 | 282/ 681 | 0.42 | 0.08 | ଶାରଦ ଦୁଇ | ପ୍ରଦୀପ କୁମାର ସିଂହ, ପିଃ ଗଣେଶ୍ୱର ସଂହ, ଜାଃ ଖଣ୍ଡାୟତ, ବାଃ ନିଜଗାଁ |
| 152/131 | 132 | 0.36 | 0.01 | ଶାରଦ ଦୁଇ | ଅତୁଲ ଲେଙ୍କା, ପିଃ ନାଲୁ ଲେଙ୍କା, ଜାଃ ଖଣ୍ଡାୟତ, ବାଃ ନିଜଗାଁ |
| 152/132 | 108/ 576 | 0.22 | 0.12 | ଶାରଦ ଦୁଇ | ବାଙ୍ଗରୁ ରାମ, ପିଃ ମଙ୍ଗଳ ରାମ, ଜାଃ ଉରାଣ, ବାଃ ବର୍ତ୍ତନା |
| ମୋଟ | ୪୨ ପ୍ଲଟକୁ | ଏ. ୨୯.୮୩ ଡେ.ମି. | ଏ. ୩.୩୪ ଡେ.ମି. | | |

OIPR-24001/14/0018/2425

# ପୁରୀରେ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ' ପାଇଁ ପ୍ରସ୍ତୁତି

## ସୁରକ୍ଷା ଦାୟିତ୍ୱରେ ୬୩ ପ୍ଲାଟୁନ ଫୋର୍ସ

- ଗସ୍ତର ୧ ଘଣ୍ଟା ପୂର୍ବରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ
- ବଡ଼ଦାଣ୍ଡରେ ସର୍ବସାଧାରଣ ଯାତାୟାତ ଉପରେ କଟକଣା

ପୁରୀ,୧୯।୫
(ଅଜିତ୍ କୁମାର ମହାନ୍ତି)



ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଉଛନ୍ତି।

ଆସନ୍ତା ୨୫ ତାରିଖରେ ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ଆସନ ପାଇଁ ମତଦାନ ହେବାକୁ ଯାଉଛି। ଚଳିତ ନିର୍ବାଚନରେ ରାଜ୍ୟରେ ଭଲ ପ୍ରଦର୍ଶନ କରିବାକୁ ଭାରତୀୟ ଜନତା ପାର୍ଟି (ଭାଜପା) ଲକ୍ଷ୍ୟ ରଖିଛି। ତେଣୁ ଭାଜପାର ଶୀର୍ଷ ନେତୃବୃନ୍ଦ ଘନ ଘନ ଓଡ଼ିଶା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପୁରୀ ଆସି ରୋଡ୍ ଶୋ' କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ସୋମବାର ସକାଳେ ପୁରୀରେ ପହଞ୍ଚିବା ପରେ ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବେ। ପରେ ବଡ଼ଦାଣ୍ଡରେ ଏକ ବିଶାଳ ରୋଡ୍ ଶୋ' ମାଧ୍ୟମରେ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ରବିବାର ହେଲିପ୍ୟାଡ୍‌ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ କାର୍‌କେଡ୍ ରିହର୍ସଲ୍ କରାଯାଇଛି।

ଗସ୍ତ ସୂଚୀ ଅନୁଯାୟୀ, ସୋମବାର ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରୁ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ସକାଳ ୭ଟାରୁ ୭ଟା ୩୦ ମିନିଟ୍ ମଧ୍ୟରେ ପୁରୀ ତାଳବଣିଆ ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ ସିଧାସଳଖ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ଅଭିମୁଖେ ଆସିବେ। ସକାଳ ୮ଟା ମଧ୍ୟରେ ସେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି। ପରେ ସକାଳ ୮ଟାରୁ ୯ଟା ମଧ୍ୟରେ ରୋଡ୍ ଶୋ' କରିବେ। ମରିଚିକୋଟ ଛକଠାରୁ ରୋଡ୍ ଶୋ' ଆରମ୍ଭ ହୋଇ ଡାକ୍ତରଖାନା ଛକ ପର୍ଯ୍ୟନ୍ତ ଯିବ। ପୁରୀ ପୋଲିସ ଏବଂ ଜିଲା ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ପ୍ରୋଟୋକଲ ଅନୁଯାୟୀ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗତ ଦୁଇଦିନ ଧରି ଏସ୍‌ପିଜି ଟିମ୍ ସହ ପୁରୀ ଏସ୍‌ପି ପିନାକ ମିଶ୍ର ହେଲିପ୍ୟାଡ୍‌ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ଡଗ୍ ସ୍କ୍ୱାଡ୍ ଓ ବମ୍ ସ୍କ୍ୱାଡ୍ ପକ୍ଷରୁ ମଧ୍ୟ ଯାଞ୍ଚ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଏସ୍‌ପିଜି ନିର୍ଦ୍ଦେଶ ଅନୁସାରେ ୩ ଏସ୍‌ପି, ୮ ଅତିରିକ୍ତ ଏସ୍‌ପି, ୨୨ ଡିଏସ୍‌ପି, ୪୨ ଇନ୍ସପେକ୍ଟର, ୧୦୯ ଏସ୍‌ଆଇ ଏବଂ ଏଏସଆଇ, ୩୪ ହାବିଲଦାର, ୨୦୨ କନଷ୍ଟେବଲ, ୨୫୦ ଜଣ ହୋମଗାର୍ଡଙ୍କ ସମେତ ମୋଟ ୬୩ ପ୍ଲାଟୁନ ପୋଲିସ ଫୋର୍ସ ଦାୟିତ୍ୱରେ ରହିବେ। ସେହିପରି ହେଲିପ୍ୟାଡ୍‌ଠାରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରଧାନମନ୍ତ୍ରୀ ଯେଉଁ ରୁଟ୍ ଦେଇ ଶ୍ରୀମନ୍ଦିରକୁ ଆସିବେ ଓ ରୋଡ୍ ଶୋ' କରିବେ ସେହି ସମସ୍ତ ରୁଟ୍‌ରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହିବେ। ଏଥିସହ ତାଳବଣିଆ ହେଲିପ୍ୟାଡ୍‌ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆସିବାକୁ ଥିବା ରାସ୍ତାଗୁଡିକରେ ଥିବା ଉଚ୍ଚ କୋଠାଘର ଛାତ ଉପରେ ପୋଲିସ ବାହିନୀ ମୁତୟନ ରହିବେ। ସେହିପରି ସେକ୍ଟର ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ପ୍ରଧାନମନ୍ତ୍ରୀ ହେଲିପ୍ୟାଡ୍‌ଠାରେ ପହଞ୍ଚିବାର ଏକ ଘଣ୍ଟା ପୂର୍ବରୁ ତାଙ୍କ ଦର୍ଶନ ସରିବା ପର୍ଯ୍ୟନ୍ତ ସାଧାରଣ ଭକ୍ତଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବା ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଯାତାୟାତ ମଧ୍ୟ ବନ୍ଦ କରାଯିବ। ଟ୍ରାଫିକ କ୍ଷେତ୍ରରେ ମଧ୍ୟ କଟକଣା ଲାଗୁ ହେବ। ପ୍ରଧାନମନ୍ତ୍ରୀଙ୍କ ରୋଡ଼ ଶୋ' ସମୟରେ ବଡ଼ଦାଣ୍ଡର ଦୁଇପାର୍ଶ୍ୱରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ବ୍ୟାରିକେଡ୍ ପଛରେ ରହି ଲୋକେ ରୋଡ୍ ଶୋ' ଦେଖିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତର ୧ ଘଣ୍ଟା ପୂର୍ବରୁ ବଡ଼ଦାଣ୍ଡରେ ସର୍ବସାଧାରଣ ଯାତାୟତ ଓ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ଉପରେ କଟକଣା ଲାଗୁ ହେବ। ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ' ଶାନ୍ତିଶୃଙ୍ଖଳାର ସହ ଆୟୋଜନ ନେଇ ଏସ୍‌ଜିପିଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଯେଉଁମାନେ ଅଧିକୃତ ଅଛନ୍ତି ସେମାନେ କେବଳ ପ୍ରଧାନମନ୍ତ୍ରୀଙ୍କ ସହିତ ରହିବେ ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି।

FORM NO.-13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**PLOT NO. : C-71, SECTOR-7, C. D. A., CUTTACK, ODISHA**
**O. A. No. 83 of 2024**

HDFC Bank Limited .......................... Applicant
- Versus -
M/s Bhawani Agencies and others ............... Defendant(s)

To
1. **M/S BHAWANI AGENCIES,** (Represented through its Proprietorship Concern), At- Paschim Bazarpada, Dist.- Angul, Pin-759122.
2. **RAMSWAROOP AGARWALLA,** Proprietor- M/s Bhawani Agencies, aged about 63 years, S/o- Ramsahay Agarwalla, At- Paschim Bazarpada, Dist.-Angul, Pin-759122.
3. **PAWAN KUMAR AGARWALLA,** S/o- Ramswaroop Agarwalla, At-Paschim Bazarpada, Dist.- Angul, Pin-759122.
4. **LALITA AGARWALLA @ LALITA DEVI AGARWALLA,** W/o- Ramswaroop Agarwalla, At- Paschim Bazarpada, Dist.- Angul, Pin-759122.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 83 of 2024** in the court of the Debts Recovery Tribunal Cuttack for recovery of **Rs.1,35,53,952.55/-** only together with current and future interest costs and the other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent in support of his defence to show cause within 30 days from the date of publication or on **27.06.2024** at **10.30** am as to why reliefs prayed for should not granted.

Take notice that in case of default the applicant will be heard and determined in his absence.

Given under my hand and seal of this tribunal on this **30th day of April, 2024.**

(NIKHILA RANJAN PATI)
Sd/- Registrar

# ଯବାନ, ଗ୍ରାମବାସୀଙ୍କ ହତ୍ୟାରେ ସାମିଲ ୨ ମାଓବାଦୀ ଗିରଫ

ମାଲକାନଗିରି, ୧୯।୫ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ପୋଲିସ ଯବାନ ଓ ଗ୍ରାମବାସୀଙ୍କୁ ହତ୍ୟା କରିଥିବା ୨ ମାଓବାଦୀଙ୍କୁ ରବିବାର ଗିରଫ କରିଛି। ଉକ୍ତ ୨ ମାଓବାଦୀ ହେଲେ ଦଶରୁ ଆର୍କି ଓ ମଙ୍ଗଲୁ କବାସୀ। ଏହି ୨ ଜଣ ଜଣେ ଯବାନ ଓ ଗ୍ରାମବାସୀଙ୍କୁ ହତ୍ୟା କରିଥିବା ମାମଲାରେ ଜଡିତ ଥିବା ବେଳେ ଏମାନଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ତେବେ ଏହି ୨ ଜଣ ଫେରାର ହୋଇଯାଇଥିବା ବେଳେ ପୋଲିସ ଏହାର ତଦନ୍ତକରି ତାଙ୍କୁ ଗିରଫ କରିଛି।

ପ୍ରକାଶଯେ, ଗତ ଫେବୃଆରୀ ୭ରେ ବିଜାପୁର ଜିଲା ଜଙ୍ଗଲା ଥାନା ଅନ୍ତର୍ଗତ ବେଚରମ ଗ୍ରାମରେ ସ୍ଥାପିତ ହୋଇଥିବା ଟାୱାରକୁ ନିଆଁ ଲଗାଇବା ଘଟଣାରେ ଏହି ୨ ଜଣ ସାମିଲ ଥିଲେ। ଫେବୃଆରୀ ୧୮ ଦିନ ଦର୍ଭା ଗ୍ରାମର ଛସବଲ କ୍ୟାମ୍ପରେ କାର୍ଯ୍ୟରତ ଯବାନ ତିଜଠ ରାମ ଭୁଆୟଙ୍କୁ ହତ୍ୟା କରିବା ଓ କୁଟରୁ ଥାନା ଅଞ୍ଚଳରେ ମାର୍ଚ୍ଚ ୮ ଦିନ ତେଲିପେଠା ଗ୍ରାମର ପୁସୁ ହେମଲା ନାମକ ଗ୍ରାମବାସୀଙ୍କୁ ହତ୍ୟା କରିବା ଘଟଣାରେ ସାମିଲ ଥିଲେ।

# ବାଇକ୍‌କୁ ଧକ୍କା ଦେଲା ଟ୍ରକ୍: ଯବାନଙ୍କ ମୃତ୍ୟୁ

ନୂଆପଡ଼ା,୧୯।୫(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟ ଜାତୀୟ ରାଜପଥ ଉପରେ ରବିବାର ଏକ ସଡକ ଦୁର୍ଘଟଣାରେ ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୋଡେନ ଥାନା ରୋକାଲ ପଞ୍ଚାୟତ କ୍ଷିରମାଳ ଗାଁର ଚୈତନ୍ୟ ଶବର (୪୦)। ପ୍ରାପ୍ତ ସୂଚନା ମୁତାବକ ଚୈତନ୍ୟ କୋମନା ଥାନା ସୁନାବେଡା ଅଭୟାରଣ୍ୟ ଦାଥୁନାମା ସିଆର୍‌ପିଏଫ୍ କ୍ୟାମ୍ପରେ ଯବାନ ଭାବେ ନିୟୋଜିତ ଥିଲେ। କୌଣସି କାମରେ ସେ ଗାଁକୁ ଯାଇ ଏକ ବାଇକ୍‌ରେ ଫେରୁଥିବା ସମୟରେ କୋମନା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟ ୩୫୩ନଂ. ଜାତୀୟ ରାଜପଥ ଉପରେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର, ସଦର ଥାନା ଅଧିକାରୀ ଦିଲୀପ ସାହୁ ପ୍ରମୁଖ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ରାତ୍ରି ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସଠାରୁ ସୂଚନା ମିଳିଛି।

# ଲାଠିଗୁଡ଼ାରେ ମାଟି ଅତଡ଼ା ଖସି ଜଣେ ମୃତ, ଜଣେ ଗୁରୁତର

କୋରାପୁଟ,୧୯।୫
(ଅମିତାଭ ବେହେରା)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲାଠିଗୁଡ଼ା ଗ୍ରାମ ନିକଟରେ ଏକ ପାହାଡ଼ରୁ ମାଟି ଅତଡ଼ା ଖସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ଲାଠିଗୁଡା ଗ୍ରାମର ମଧୁ ବଡ଼ନାୟକ (୩୫)। ଗୁରୁତର ବ୍ୟକ୍ତି ଜଣକ ଡମ୍ବରୁଧର ବଡ଼ନାୟକ (୩୦) ବୋଲି ଜଣାପଡିଛି।

ଖବରରୁ ଜଣାପଡିଛି କୋରାପୁଟ ସଦର ଥାନା ଅନ୍ତର୍ଗତ ମୁଜାଙ୍ଗ ପଞ୍ଚାୟତର ଲାଠିଗୁଡା ଗ୍ରାମର ମଧୁ ଓ ଡମ୍ବରୁଧର ଶନିବାର ଅପରାହ୍ନରେ ଗ୍ରାମ ନିକଟରେ ଥିବା ନିଜ ଜମିକୁ ପାଣି ମଡ଼ାଇବା ନେଇ ନିକଟରେ ଥିବା ଏକ ମାଟି ପାହାଡ଼ରୁ ମାଟି ଆଣି ଜମି ହୁଡାରେ ପକାଉଥିଲେ। ଏହି ସମୟରେ ଏକ ବଡ ମାଟି ଅତଡ଼ା ସେମାନଙ୍କ ଉପରେ ପଡିଯିବାରୁ ଉଭୟେ ମାଟି ଭିତରେ ପୋତିହୋଇଯାଇଥିଲେ। ନିକଟରେ ଥିବା କେତେଜଣ ଗ୍ରାମବାସୀ ଏହା ଦେଖି ସଦର ଥାନା ଓ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଖବର ପାଇ କୋରାପୁଟ ଅଗ୍ନିଶମ ବାହିନୀର ହାବିଲଦାର ସନ୍ଦୀପ ସାମନ୍ତରାୟଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମାଟି ଅତଡ଼ା ହଟାଇ ପ୍ରଥମେ ସଂଜ୍ଞାହୀନ ଭାବେ ଥିବା ଡମ୍ବରୁଧରଙ୍କୁ ଉଦ୍ଧାରକରି ତାଙ୍କୁ ଜରୁରୀ ଚିକିତ୍ସା ପାଇଁ କୋରାପୁଟ ମେଡିକାଲକୁ ପଠାଇଥିଲେ। ପରେ ମୃତ ମଧୁ ବଡ଼ନାୟକଙ୍କୁ ଉଦ୍ଧାରକରି କୋରାପୁଟ ମେଡିକାଲକୁ ପଠାଇଥିଲେ। ଏହି ଉଦ୍ଧାର କାର୍ଯ୍ୟ ଶନିବାର ରାତିଯାଏ ଚାଲିଥିଲା। ରବିବାର ମଧୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ମେଡିକାଲରେ ଚିକିତ୍ସାଧୀନ ଡମ୍ବରୁଧରଙ୍କ ଅବସ୍ଥା ସ୍ଥିର ରହିଥିବା ଜଣାପଡିଛି।

**DIRECTORATE OF MEDICAL EDUCATION & TRAINING, ODISHA**
NO 519// BBSR, Date 18.05.2024

**ADMISSION FOR ANM,GNM, BASIC B.SC, P.B.B.SC, M.SC&P.B.DIPLOMA NURSING COURSES- 2024-25**

NO.E-19:- Online Applications are invited from the eligible candidates for admission to ANM, GNM, BASIC B.Sc, P.B.B.Sc, M.Sc & P.B.Diploma Nursing courses in all the ONMRC(Odisha Nurses & Midwives Registration Council) recognised Government and Private Nursing Institutions of the state for the academic session 2024-25. Intending candidates must submit their online application from dt.22.05.2024 to dt. 19.06.2024 by 11:59P.M. by paying Application fee amounting **Rs. 300/- (Rupees Three Hundred only) for ANM course, Rs. 500/- (Rupees Five Hundred only) for GNM course & Rs. 1000/- (Rupees One Thousand only) for Basic B.Sc, P.B.B.Sc, M.Sc & P.B.Diploma Nursing course** excluding bank charges (to be borne by the applicants themselves) as applicable through Net Banking/ Card payments/ Other payment modes (UPI).For details go through the prospectus. The prospectus will be available in the website www.dmetodisha.gov.in and https://dohodisha.nic.in from dt. 22.05.2024.

**ADMISSION CALENDAR FOR ANM, GNM, BASIC B.SC, P.B.B.SC, M.SC & P.B.DIPLOMA NURSING COURSES FOR THE ACADEMIC SESSION 2024-25**

| Counseling & Admission Process | P.B. Diploma /M.Sc. / Post Basic B.Sc. Nursing | Basic B.Sc. Nursing | GNM/ANM |
|---|---|---|---|
| Availability of Prospectus in official website: www.dmetodisha.gov.in dohodisha.nic.in | 22.05.2024 | 22.05.2024 | 22.05.2024 |
| Availability of Online Application form & payment of Application fee in official website: dohodisha.nic.in | 22.05.2024 5:00 P.M. | 22.05.2024 5:00 P.M. | 22.05.2024 5:00 P.M. |
| Last date of online registration form | 17.06.2024 11:59 P.M. | 17.06.2024 11:59 P.M. | 17.06.2024 11:59 P.M. |
| Last date for submission of online application form & Application fee | 19.06.2024 11:59 P.M. | 19.06.2024 11:59 P.M. | 19.06.2024 11:59 P.M. |

OIPR-10016/11/0001/2425
Sd./- DMET, Odisha, Chairman, SNSC

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

No.RDM–LAA–MBJ–0002–2024–7856 / R&DM, Dated 15.03.2024

No. XXI-05:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ କୁସୁନପୁର ସବ୍–ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା– କୁସୁନପୁର, ଥାନା– ବୈଶିଙ୍ଗା, ନଂ. ୧୧୧, ତହସିଲ– ବେତନଟୀ, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୪୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ କୁସୁନପୁର ସବ୍–ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | କୁସୁନପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୩.୮୯ | ଏ.୧.୪୪ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୫୮ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.୨, ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ଭୂମି ଅନୁସୂଚୀ**

ଭୂ-ଅର୍ଜନ ମାମଲା ସଂଖ୍ୟା ୩୯/୨୦୨୨
ଏ.୧.୪୪ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ କୁସୁନପୁର ସବ୍-ମାଇନର ନିମନ୍ତେ ମୌଜା- କୁସୁନପୁର, ଥାନା- ବୈଶିଙ୍ଗା ନଂ.୧୧୧, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୨ | ୫୫ | ୦.୨୫ | ୦.୨୦ | ପତିତ | ଗୁଜେଇ ମାଝୀ, ପି– ବାଡ଼ା ମାଝୀ, ବାଡ଼ା ମାଝି, ପି– ନରସିଂହ ମାଝୀ, ଜା– ସାନ୍ତାଳ, ବା– ନିଜଗାଁ |
| | ୬୫ | ୦.୨୬ | ୦.୦୫ | ଡାହି ଏକ | |
| ୧୩ | ୬୮ | ୦.୦୮ | ୦.୦୩ | ଡାହି ଏକ | ସାନ ଗୁଜେଇ ମାଝୀ, ପି– ସାଉଣା ମାଝୀ, ଜା– ସାନ୍ତାଳ, ବା– ନିଜଗାଁ |
| ୧୪ | ୬୬ | ୦.୪୮ | ୦.୧୬ | ଡାହି ଏକ | ସାନ ଗୁଜେଇ ମାଝୀ, ପି– ସାଉଣା ମାଝୀ, ଲସ ମାଝୀ, କୁସାଲ ମାଝୀ, ପି– ବାଡ଼ା ମାଝୀ, ଜା– ସାନ୍ତାଳ, ବା ନିଜଗାଁ |
| | ୬୯ | ୦.୭୦ | ୦.୧୨ | ଡାହି ଏକ | |
| ୩୮ | ୨୪୮ | ୦.୯୮ | ୦.୦୫ | ଶାରଦ ଦୁଇ | ଭୁଟା ମାଝୀ, ପି– ଫାଗୁ ମାଝୀ, ଜା– ସାନ୍ତାଳ, ବା– ନିଜଗାଁ |
| ୫୯ | ୭୩ | ୦.୭୦ | ୦.୦୩ | ଡାହି ଏକ | ଲସ ମାଝୀ, ପି– ସୁରାଇ ମାଝୀ, ଜା– ସାନ୍ତାଳ, ବା– ନିଜଗାଁ |
| ୭୨/୩ | ୬୨ | ୦.୪୪ | ୦.୨୨ | ଶାରଦ ଦୁଇ | ବିଜୟ କୁମାର ପାତ୍ର, ଅଜୟ କୁମାର ପାତ୍ର, ପି– ପହଲି ପାତ୍ର, ଜା– ପାତ୍ର ତନ୍ତି, ବା– ମେରଦା |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| ୧୨ | ୫୫ | | ୦.୦୫ | ପତିତ | ଗୁଜେଇ ମାଝୀ, ପି– ବାଡ଼ା ମାଝୀ, ବାଡ଼ା ମାଝୀ, ପି– ନରସିଂହ ମାଝୀ, ଜା– ସାନ୍ତାଳ, ବା– ନିଜଗାଁ |
| | ୬୫ | | ୦.୨୧ | ଡାହି ଏକ | |
| ୧୪ | ୬୬ | | ୦.୩୨ | ଡାହି ଏକ | ସାନ ଗୁଜେଇ ମାଝୀ, ପି– ସାଉଣା ମାଝୀ, ଲସ ମାଝୀ, କୁସାଲ ମାଝୀ, ପି– ବାଡ଼ା ମାଝୀ, ଜା– ସାନ୍ତାଳ, ବା– ନିଜଗାଁ |
| ମୋଟ | ୮ ପ୍ଲଟ୍‌କୁ | ଏ.୩.୮୯ ଡେ.ମି. | ଏ.୧.୪୪ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ନୃସିଂହ ଚରଣ ସ୍ୱାଇଁ), ସ୍ୱତନ୍ତ୍ର ଶାସନ ସଚିବ

OIPR–24001/14/0011/2425

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ** ଅଧିସୂଚନା **

No RDM–LAA–MBJ–0016–2023–5036/ R & DM. Dated – 23.02.2024

No.XX1–02 : ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରି ଓ ପାଇକସାହି ସବ୍–ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା – ହାଟସାହି, ଥାନା – ବୈଶିଙ୍ଗା, ନଂ. ୨୧୮, ତହସିଲ – ରାସଗୋବିନ୍ଦପୁର, ଜିଲ୍ଲା – ମୟୂରଭଞ୍ଜ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧.୯୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧ (୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧ (୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରି ଓ ପାଇକସାହି ସବ୍–ମାଇନର ନିର୍ମାଣ ନିମନ୍ତେ।
୨. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** – ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. **କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ** – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. **ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ** – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. **ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ** – ଉପଜିଲ୍ଲାପାଳ, ବାରିପଦା।
୬. **ଜମିର ବିବରଣୀ** –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ହାଟସାହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୨.୨୮ | ଏ. ୧.୯୮ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ ୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**– ଭୂମି ଅନୁସୂଚୀ –**

ଭୂଅର୍ଜନ ମାମଲା ସଂଖ୍ୟା – ୧୦୪/୨୩
ଏ. ୧. ୯୮ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରି ଓ ପାଇକସାହି ସବ୍–ମାଇନର ନିମନ୍ତେ ମୌଜା – ହାଟସାହି, ଥାନା – ବୈଶିଙ୍ଗା, ନଂ – ୨୧୮, ତହସିଲ – ରାସଗୋବିନ୍ଦପୁର, ଜିଲ୍ଲା – ମୟୂରଭଞ୍ଜ

| ଖାତା ନଂ ଓ ସ୍ୱତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 7 | 207/298 | 0.35 | 0.08 | ଶାରଦ ଦୁଇ | କମଳାକାନ୍ତ ଦାସ, ପି : ରାମଚନ୍ଦ୍ର ଦାସ, ଜା : ଖଣ୍ଡାୟତ କୁଳବୈଷ୍ଣବ, ବା : ନିଜଗାଁ |
| 12 | 183 | 0.93 | 0.14 | ଶାରଦ ଦୁଇ | କୈଳାସ ଚନ୍ଦ୍ର ନାଏକ, ପି : ଉଦୟ ନାଏକ, ଜା : ଖଣ୍ଡାୟତ, ବା : ଅସନଖାଲି |
| 18 | 176 | 0.28 | 0.05 | ଶାରଦ ଦୁଇ | ଜମୁନା ଦାସ, ଯଶୋଦା ଦାସ, ପି : କାଙ୍ଗାଳି ଦାସ, ଜା : ବୈଷ୍ଣବ, ବା : ନିଜଗାଁ, ଯଶୋଦା ଦାସ ନିଃସନ୍ତାନ ମୃତ ପକ୍ଷେ ଜବରଦଖଲ ବା : ରାମକୃଷ୍ଣ ଦାସ, ପି : ଯ୍ରଜେଷ୍ଠି ଦାସ, ଜା : ବୈଷ୍ଣବ, ବା : ନିଜଗାଁ |
| 24 | 223 | 0.66 | 0.06 | ଶାରଦ ଏକ | ଦାଶରଥି ରାଉତ, ପି : କହ୍ନେଇ ରାଉତ, ଜା : ଖଣ୍ଡାୟତ, ବା : ପାଇକ ସାହି |
| 36 | 253 | 0.32 | 0.06 | ଶାରଦ ଏକ | ପଦ୍ମ ଲୋଚନ ନାୟକ, ପି : ମାଧବ ନାୟକ, ଜା : ଖଣ୍ଡାୟତ, ବା : ପାଇକ ସାହି |
| 40 | 243 | 0.17 | 0.07 | ଶାରଦ ଦୁଇ | ବନମାଳୀ ନାୟକ, ପି : କାଦୁ ନାୟକ, ଜା : ଖଣ୍ଡାୟତ, ବା : ପାଇକ ସାହି |
| 47 | 114 | 1.72 | 0.24 | ଶାରଦ ଦୁଇ | ଭଗବାନ ଜେନା, ପି : ଚେମା ଜେନା, ଜା : ଖଣ୍ଡାୟତ, ବା : ଶ୍ୟାମନନ୍ଦପୁର |
| 59 | 184 | 0.43 | 0.13 | ଶାରଦ ଦୁଇ | ରାଧାକୃଷ୍ଣ ନାଏକ, ହରେକୃଷ୍ଣ ନାଏକ, ପି – ସଦାଶିବ ନାଏକ, ଆଶାମଣି ନାଏକ, ସ୍ୱା – ସଦାଶିବ ନାଏକ, ଜା : ଖଣ୍ଡାୟତ, ବା : ଅସନଖାଲି |
| 61 | 180 | 0.22 | 0.08 | ଶାରଦ ଦୁଇ | ରାମଚନ୍ଦ୍ର ବାରିକ, ଲକ୍ଷ୍ମଣ ବାରିକ, ପି : ମାଧ ବାରିକ, ଜା : ଖଣ୍ଡାୟତ, ବା : ଅସନଖାଲି |
| | 181 | 0.25 | 0.08 | ଶାରଦ ଦୁଇ | |
| 77 | 243/306 | 0.17 | 0.05 | ଶାରଦ ଏକ | ଶିବଚରଣ ନାଏକ, ଶମ୍ଭୁଚରଣ ନାଏକ, ପି : ମଧୁ ନାଏକ, ଜା : ଖଣ୍ଡାୟତ, ବା : ପାଇକ ସାହି |
| 83 | 191 | 0.26 | 0.04 | ଶାରଦ ଦୁଇ | ହରେକୃଷ୍ଣ ନାଏକ, ପି – ସଦାଶିବ ନାଏକ, ଜା : ଖଣ୍ଡାୟତ, ବା : ଅସନଖାଲି |
| | 192 | 0.44 | 0.12 | ଶାରଦ ଦୁଇ | |
| 85 | 250 | 0.74 | 0.07 | ଶାରଦ ଏକ | ହରେକୃଷ୍ଣ ରାଉତ, ପି : ମହେଶ୍ୱର ରାଉତ, ଜା : ଖଣ୍ଡାୟତ, ବା : ନିଜଗାଁ |
| 87 | 174 | 0.18 | 0.06 | ଶାରଦ ଦୁଇ | ହାଡି ନାୟକ, ପି : ଧନୁ ନାୟକ, ଶମ୍ଭୁ ନାୟକ, ପି : ଭୋଳା ନାୟକ, ଜା : ଭୂୟାଁ, ବା : ପାଇକ ସାହି |
| 89/11 | 255/308 | 0.52 | 0.06 | ଶାରଦ ଏକ | ଅଜୟ କୁମାର ପଣ୍ଡିତ, ରବିନାରାୟଣ ପଣ୍ଡିତ, ଅଭିମନ୍ୟୁ ପଣ୍ଡିତ, ପି : ଗଜେନ୍ଦ୍ର ପଣ୍ଡିତ, ଜା : ଖଣ୍ଡାୟତ, ବା : ପାଇକ ସାହି |
| 89/20 | 182/299 | 0.08 | 0.02 | ଶାରଦ ଦୁଇ | କାହ୍ନୁଚରଣ ଗୋଛାୟତ, ପି : ଭୀମଚରଣ ଗୋଛାୟତ, ଜା : ଖଣ୍ଡାୟତ, ବା : ଅସନଖାଲି |
| 89/35 | 256 | 0.79 | 0.07 | ଶାରଦ ଏକ | ସତ୍ୟରଞ୍ଜନ ସାହୁ, ପି : ତ୍ରିଲୋଚନ ସାହୁ, ଜା : କୁବେର, ବା : ନିଜଗାଁ |
| 89/37 | 182 | 0.85 | 0.06 | ଶାରଦ ଦୁଇ | ହିନ୍ଦୁ ମାରାଣ୍ଡି, ମନୋରଞ୍ଜନ ମାରାଣ୍ଡି, ପି : ରେଣ୍ଡା ମାରାଣ୍ଡି, ଜା : ସାନ୍ତାଳ, ବା : ନିଜଗାଁ |
| 89/66 | 254/355 | 0.52 | 0.06 | ଶାରଦ ଏକ | କୈଳାସ ରାଉତ, ପି : ଚିନ୍ତାମଣି ରାଉତ, ଜା : ଖଣ୍ଡାୟତ, ବା : କସିପଦା, ଥା : ବସ୍ତା, ଜି : ବାଲେଶ୍ୱର |
| 89/77 | 170 | 0.03 | 0.03 | ଶାରଦ ଦୁଇ | ପ୍ରଦୀପ କୁମାର ଦାସ, ପି : କମଳାକାନ୍ତ ଦାସ, ଜା : ବୈଷ୍ଣବ, ବା : ନିଜଗାଁ |
| 89/79 | 169 | 1.45 | 0.20 | ଶାରଦ ଦୁଇ | ଧୀରେନ ମହାନ୍ତ, ପି : ରହିନା ମହାନ୍ତ, ଜା : କୁଡୁମି, ବା : ମଗୁସିରିଆ, ଥା : ବୈଶିଙ୍ଗା |
| 93/1 | 172 | 0.92 | 0.15 | ଶାରଦ ଦୁଇ | ଶ୍ରୀ ଶ୍ରୀ ଚୈତନ୍ୟ ଦେବ ମହାପ୍ରଭୁ ବିଜେ ହାଟସାହି, ମାରଫତ : ପ୍ରେସିଡେଣ୍ଟ ମେନେଜିଂ ଟ୍ରଷ୍ଟି ବୋର୍ଡ଼, ହାଟସାହି, ବା : |
| ମୋଟ | ୨୩ ପ୍ଲଟ୍‌କୁ | ଏ. ୧୨.୨୮ ଡେ.ମି. | ଏ. ୧.୯୮ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

OIPR-24001/14/0008/2425




କେନ୍ଦୁଝର ଲୋକ ସଭା କ୍ଷେତ୍ର ସଦର ବ୍ଲକ୍ ଅଧୀନ ରାଇସୁଆଁଠାରେ ଅନୁଷ୍ଠିତ ବିଜେଡି ନିର୍ବାଚନୀ ସଭାରେ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ସ୍ୱାଗତ କରାଯାଉଛି।




କେନ୍ଦୁଝର ଲୋକ ସଭା କ୍ଷେତ୍ର ପାଟଣା ନିର୍ବାଚନମଣ୍ଡଳୀର ଅସନପାଟଠାରେ ଅନୁଷ୍ଠିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଦଳୀୟ କର୍ମକର୍ତ୍ତାମାନେ ସ୍ୱାଗତ କରୁଛନ୍ତି।

# ରାସ୍ତାକଡ଼ରେ ବେଆଇନ ଟ୍ରକ୍ ପାର୍କିଂ

## ଦୁର୍ଘଟଣା ପରେ ବି ଚେତୁନି ପ୍ରଶାସନ

ଯୋଡ଼ା,୧୯।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ରିମୁଳୀ ବାଇପାସଠାରେ ଗତ ବୁଧବାର ରାତିରେ ମର୍ମନ୍ତୁଦ ସଡ଼ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୫ ସମେତ ୬ ଜଣଙ୍କ ଜୀବନ ଯାଇଥିଲା। ଦୁଇ ଟ୍ରକ୍ ମଧ୍ୟରେ କାର ଚାପିହୋଇ ଏହି ଦୁର୍ଘଟଣା ଘଟିଥିଲା। ବେପରୁଆ ଟ୍ରକ୍ ପାର୍କିଂ ଦୁର୍ଘଟଣାର ପ୍ରଥମ କାରଣ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେ ଦିନର ହୃଦୟ ବିଦାରକ ଘଟଣା ପରେ ଜନମନରେ ଆକ୍ରୋଶ ବଢ଼ିଥିବା ବେଳେ ପ୍ରଶାସନର ନିଘା ନାହିଁ। ଏବେ ବି ରାସ୍ତାରେ ବେଆଇନ ପାର୍କିଂ ହେଉଥିବାରୁ ଅସନ୍ତୋଷ ବଢ଼ୁଛି।

ପ୍ରକାଶ ଯେ, ୫୨୦ ନଂ. ଜାତୀୟ ରାଜପଥ ରିମୁଳୀ ବାଇପାସ ଏକ ବ୍ୟସ୍ତ ବହୁଳ ସ୍ଥାନ। ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଦ୍ୱାରା ନିର୍ମିତ ରାଜପଥ ନିମ୍ନମାନର କାର୍ଯ୍ୟ ହେତୁ ନଷ୍ଟ ହୋଇଯାଇଛି। ବିଭିନ୍ନ ସ୍ଥାନରେ ରାସ୍ତା ଉଚ୍ଚ ନିଚ ହୋଇରହିଛି। ଅଙ୍ଗୁଳିଆରେ ଥିବା ପାର୍କିଂକୁ ପ୍ରଶାସନ ପକ୍ଷରୁ ଉଠାଇ ଦିଆଯାଇଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ରାଜପଥରେ ଆଲୋକ ବ୍ୟବସ୍ଥା ନାହିଁ, ସିସି କ୍ୟାମେରା ବ୍ୟବସ୍ଥା ନାହିଁ, ଏହା ସହିତ ଗତି ନିୟନ୍ତ୍ରକ ବ୍ୟବସ୍ଥା ମଧ୍ୟ ନାହିଁ। ଏଣୁ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଅଞ୍ଚଳର ପ୍ରସନ୍ନ କୁମାର ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ରାଜପଥ ପ୍ରାଧିକରଣ ପକ୍ଷରୁ ରିମୁଳୀରୁ ଯୋଡ଼ା ଦେଇ ରାଉରକେଲା ଯାଇଥିବା ରାଜପଥର ନାରଦପୁରଠାରେ ବହୁ ଅର୍ଥ ବିନିଯୋଗରେ ଟ୍ରକ୍ ପାର୍କିଂସ୍ଥଳ ନିର୍ମିତ ହୋଇଛି। ମାତ୍ର ଏହା ଏବେ ଅଲୋଡ଼ା ହୋଇ ପଡ଼ି ରହିଛି। ବେପରୁଆ ଟ୍ରକ୍



ପାର୍କିଂ ରାଜପଥକୁ ଅକ୍ତିଆର କରୁଛି। ଏହା ଦୁର୍ଘଟଣାର ପ୍ରଥମ କାରଣ ବୋଲି ଆଙ୍ଗୁଳିଆ ଅଞ୍ଚଳର ଟଙ୍କଧର ପାତ୍ର, ମାଧବ ଚନ୍ଦ୍ର ବେହେରା, ପ୍ରକାଶିତ ବେହେରା କହିଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ୨ ବର୍ଷ ହେଲା ପାର୍କିଂ ସ୍ଥଳରେ ଗାଡ଼ି ପାର୍କିଂକୁ ଅନୁମତି ମିଳୁନାହିଁ। ଫଳରେ ଡ୍ରାଇଭର ରାସ୍ତା କଡ଼ରେ ପାର୍କିଂ କରିବାକୁ ବାଧ୍ୟ ହେଉଛନ୍ତି। ସମ୍ପୂର୍ଣ୍ଣ ଭାବେ ରାଜପଥ ନିର୍ମାଣ ନ କରି ମନ ଇଚ୍ଛା ଟୋଲ ଆଦାୟ ହେଉଛି। ଏପରିକି ଟୋଲ ପ୍ଲାଜା କର୍ମଚାରୀ ଅନେକ ସମୟରେ ମାଡ ପିଟ ମଧ୍ୟ କରୁଥିବା ଅଭିଯୋଗ କରିଛନ୍ତି। ଅସମ୍ପୂର୍ଣ୍ଣ ରାସ୍ତାରେ କେନ୍ଦୁଝରରୁ ବଡ଼ବିଲ ଆସିବା ପାଇଁ ୨ ସ୍ଥାନରେ ଟୋଲ ଟ୍ୟାକ୍ସ ଦେବାକୁ ପଡୁଛି। ସ୍ଥାନୀୟବାସିନ୍ଦା ନରେଶ ରାଉତ ଓ ଆର୍ତ୍ତତ୍ରାଣ ସେଠୀ କହିଛନ୍ତି, ଜାତୀୟ ରାଜପଥ ପକ୍ଷରୁ ପାଟ୍ରୋଲିଂ ହେଉନାହିଁ, ଏଣୁ ଟ୍ରକ୍ ଗୁଡ଼ିକ ମନ ଇଚ୍ଛା ରାସ୍ତା କଡ଼ରେ ପାର୍କିଂ କରୁଛନ୍ତି। ଯଦିଓ ପୋଲିସ ପକ୍ଷରୁ ଯାଞ୍ଚ ହେଉଛି। ଏହାକୁ ଦିନେ ଦୁଇ ଦିନ ମାନିବା ପରେ ପୁନଃ ରାସ୍ତାକଡ଼ରେ ପାର୍କିଂ କରୁଛନ୍ତି। ଏଥିପ୍ରତି ରାଜପଥ ପ୍ରାଧିକରଣ ଦୃଷ୍ଟି ଦେବାକୁ ଦାବି କରିବା ସହିତ ଏହା ନ ହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ନିର୍ବାଚନୀ ସଭାରେ ଇସ୍ପାତ କାରଖାନା, ରେଳ ସଂଯୋଗ ଦାବି କଲେ ପ୍ରାର୍ଥୀ

କେନ୍ଦୁଝର,୧୯।୫ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ବ୍ଲକ୍ ରାଇସୁଆଁ ନିକଟରେ ଅନୁଷ୍ଠିତ ସାଧାରଣ ସଭାରେ ଉପସ୍ଥିତ ବିଜେଡି ପ୍ରାର୍ଥୀମାନେ ସେମାନଙ୍କ ଦଳର ଉପଲବ୍ଧି କହିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। କ୍ଷମତାକୁ ଆସିଲେ କ'ଣ କରିବେ ସେ ନେଇ କେହି କିଛି କହି ନ ଥିଲେ। ଚମ୍ପୁଆ ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ଼ଙ୍କ ସମେତ ଅନ୍ୟମାନେ କେନ୍ଦୁଝର ଜିଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ଓ ଚମ୍ପୁଆରୁ ଆନନ୍ଦପୁର ଦେଇ ଧାମରାକୁ ରେଳ ଲାଇନ୍ ସଂଯୋଗ କରିବା ନେଇ ଦାବି ରଖିଥିଲେ। ଏହାକୁ ନେଇ ଅନେକଙ୍କ ମଧ୍ୟରେ କୌତୁହଳ ସୃଷ୍ଟି କରିଥିଲା। ତେବେ ଏ ନେଇ ମୁଖ୍ୟମନ୍ତ୍ରୀ କିଛି ଉତ୍ତର ରଖି ନ ଥିଲେ।

### ଭାଜପା ନମୁନା ଦେଲେ ମୁଁ ତାଙ୍କ ପାଖରେ ଚାକର ରହିବି

ଭାଜପା ଦଳ ଦେଶରେ ୧୦ ବର୍ଷ ହେଲା ଶାସନରେ ରହିଛି। ଖଣିଖାଦାନରୁ ବହୁ ପରିମାଣରେ ରାଜସ୍ୱ ନେଇଛି। ତେବେ କେନ୍ଦୁଝର ଜିଲା ପାଇଁ କ'ଣ କରିଛି। ଗୋଟିଏ ନମୁନା ଦେଇ ଦିଅନ୍ତୁ, ମୁଁ ତାଙ୍କ ପାଖରେ ଚାକର ହୋଇ ରହିବି ବୋଲି ଉଦ୍‌ବୋଧନ ଦେବା ସମୟରେ ଚମ୍ପୁଆ ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ କହିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତେବେ କେନ୍ଦ୍ର ସରକାର ଜିଲା ଦେଇ ରେଳପଥର ଦୋହରୀ କରଣ, ନୂଆ ଟ୍ରେନ୍ ଚଳାଚଳ ଭଳି ଅନେକ କାମ କରିଥିବା ବେଳେ ବିଧାୟକଙ୍କ ଏଭଳି ବକ୍ତବ୍ୟକୁ ନେଇ ଚର୍ଚ୍ଚାର ଖୋରାକ ଯୋଗାଇଥିଲା।

# କେନ୍ଦୁଝରଗଡ଼ ଲୋକ ପାଇଲଟ ପୁରସ୍କୃତ




ଲୋକ ପାଇଲଟ ନବୀନ ପଲେଇ ମାନପତ୍ର ଗ୍ରହଣ କରୁଛନ୍ତି।

କେନ୍ଦୁଝର,୧୯।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ମଣ୍ଡଳର ଜଟଣୀଠାରେ ୬୮ତମ ରେଳବାଇ ପୁରସ୍କାର ଉତ୍ସବ ଗତ ଶୁକ୍ରବାର ଜଟଣୀ ରେଳବାଇ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ମଣ୍ଡଳର ରେଳ ପ୍ରବନ୍ଧକ ଏଚ୍‌ଏସ୍ ବାଜାଙ୍କ ସମେତ ବରିଷ୍ଠ ରେଳ ଅଧିକାରୀମାନେ ଯୋଗଦେଇ ୨୦୨୩ରେ ରେଳବାଇ ପାଇଁ ସର୍ବଶ୍ରେଷ୍ଠ କର୍ମ ପ୍ରତିପାଦନ କରିଥିବା ରେଳ କର୍ମଚାରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଉତ୍ସବରେ କେନ୍ଦୁଝରଗଡ଼ରେ କାର୍ଯ୍ୟରତ ଥିବା ଲୋକ ପାଇଲଟ ନବୀନ ପଲେଇ ଓ ଅଜୟ ଯୋଗଦେଇ ଡିଆରଏମଏଚଏସ ବାଜାଙ୍କଠାରୁ ପୁରଷ୍କାର ଓ ମାନପତ୍ର ଗ୍ରହଣ କରିଥିଲେ। ତାଙ୍କର ଏହି ସଫଳତା ପରେ କେନ୍ଦୁଝରଗଡ଼ରେ କାର୍ଯ୍ୟରତ ଥିବା ରେଳ ଚାଳକ, ସହ ଚାଳକ, ଟ୍ରେନ ମ୍ୟାନେଞ୍ଜରଙ୍କ ସମେତ ଅନ୍ୟ ରେଳ କର୍ମଚାରୀ ମାନେ ଅଭିନନ୍ଦନ ଜଣାଇଥିଲେ।

# ଟାଏକୋଣ୍ଡୋ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର


ଯୋଡ଼ା,୧୯।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା କୁନ୍ଦୁରୁ ନାଳାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ୩ ଦିନ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ଟାଏକୋଣ୍ଡୋ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଯୋଡ଼ା ଅଞ୍ଚଳର ଛାତ୍ରୀଛାତ୍ର, ଅନେକ ଗୃହିଣୀ, କର୍ମଜୀବୀ ମହିଳା, ପୁରଷ ବର୍ଗର ଶତାଧିକ ଶିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ। କେନ୍ଦୁଝରର ୬ ଜଣ ଦକ୍ଷ ପ୍ରଶିକ୍ଷକ ମାଷ୍ଟର ମଧୁସୂଦନ ରାଉତ, ଅଜୟ ପୃଷ୍ଟି, ସୁନିଲ ମହାନ୍ତ, ବିଭୁଜ୍ୟୋତି ଦାସ, ଲୋପାମୁଦ୍ରା ପଣ୍ଡା, ଆଜଶ୍ରୀ ସାହୁ ପ୍ରମୁଖ ତାଲିମ ଦେଇଥିଲେ। ପ୍ୟାନ୍ଥର ସ୍କୁଲ ଅଫ ଟାଏକୋଣ୍ଡୋ ଦ୍ୱାରା ଆୟୋଜିତ ଶିବିରରେ ପ୍ରଥମ ଦିନରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର କମ୍ପାନୀର କର୍ପୋରେଟ କମ୍ୟୁନିକେସନ ଅଧିକାରୀ ପ୍ରଣବାନନ୍ଦ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଟାଟା କମ୍ପାନୀ ଯୋଡା ମୁଖ୍ୟ ରାଜେଶ କୁମାର, ସମ୍ମାନିତ ଅତିଥିଭାବେ କୁନ୍ଦୁରନାଲା ଶିଶୁ ମନ୍ଦିରରର ସଭାପତି ଅଜୟ ଗୋପାଲ ଦାସ, ଖବରଦାତା ପ୍ରକାଶ ମହାନ୍ତି ଯୋଗଦେଇଥିଲେ। ପ୍ରଥମଥର ପାଇଁ ଏହି ଶିବିରଟି ଯୋଡ଼ାରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ୫ବର୍ଷରୁ ୫୦ ବର୍ଷ ପର୍ଯ୍ୟନ୍ତ ଶତାଧିକ ଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଟାଟା କମ୍ପାନୀ, ଜିନ୍ଦଲ କମ୍ପାନୀ ଓ ଟେକ୍କୋ କେୟାର ସହାୟତାରେ ଶିବିରଟି ଅନୁଷ୍ଠିତ ହୋଇଥିଲା। ଏଥିରେ ଅନେକ ଅଭିଭାବକ, ଦର୍ଶକ ଉପସ୍ଥିତ ଥିଲେ।




ଛାତ୍ରୀଛାତ୍ର, ପ୍ରଶିକ୍ଷକ ଓ ଅତିଥିମାନେ।

# ବିଜେଡିରେ ମିଶିଲେ ଅନ୍ୟଦଳର କର୍ମୀ



ହାଟଡିହୀ,୧୯।୫( ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରର ବିଭିନ୍ନ ପଞ୍ଚାୟତର ଅନ୍ୟ ଦଳର କର୍ମୀମାନେ ପୃଥକ ଭାବେ ବିଜେଡିରେ ସାମିଲ ହୋଇଛନ୍ତି । ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଏବଂ ଲୋକସଭା ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ କରିଥିଲେ।

# ଯୁବକଙ୍କ ମୃତଦେହ ଜବତ, ଜଣେ ଅଟକ

କେନ୍ଦୁଝର,୧୯।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା କାଞ୍ଜିପାଣି ଥାନା ହଳଦୀ ପାଣି ଗ୍ରାମ ଛକ ସନ୍ନିକଟ ଏକ ଗଛ ମୂଳରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ସେହି ଗ୍ରାମର ଅଖିଳ ଦେହୁରୀ(୫୮)। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକ ଅଭିଯୋଗ ଆଣିଛନ୍ତି। ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଶନିବାର ଅପରାହ୍ନରେ ହଳଦୀ ପାଣି ଗ୍ରାମର ଅଖିଳ ଦେହୁରୀ ଓ ହୀନ ଦେହୁରୀ(୪୫) ନିକଟସ୍ଥ ପିଟାନାଳି ଗ୍ରାମକୁ ଆସିଥିଲେ। ହୀନ ସନ୍ଧ୍ୟାରେ ଘରକୁ ଫେରିଥିଲେ ମାତ୍ର ଅଖିଳ ଫେରି ନ ଥିଲେ। ଅଖିଳଙ୍କ ପରିବାର ଲୋକ ଖୋଜା ଖୋଜି କରି ପାଇ ନ ଥିଲେ। ରବିବାର ସକାଳେ ହଳଦୀ ପାଣି ଛକ ସନ୍ନିକଟ ଏକ ଗଛ ମୂଳେ ଅଖିଳଙ୍କ ବେକରେ ଗାମୁଛା ବନ୍ଧା ହୋଇ ପଡ଼ିଥିବା ଅବସ୍ଥାରେ ଲୋକେ ଦେଖି ତାଙ୍କ ଘରକୁ ଖବର ଦେଇଥିଲେ। ପରିବାର ଲୋକେ କାଞ୍ଜିପାଣି ଥାନାରେ ଏକ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ପୂର୍ବରୁ ଅଖିଳଙ୍କୁ ଗ୍ରାମର ଜଣେ ଯୁବକ ମାରିବାକୁ ଉଦ୍ୟମ କରି କରିଥିବା ବେଳେ ତାଙ୍କ ଘରକୁ ମଧ୍ୟ ନିଆଁ ଲଗାଇ ଦେଇଥିଲେ। ପୋଲିସ ଏହି ସବୁ ବିଷୟରେ ଜାଣିବା ପରେ ଉକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ମାମାଲା(ନଂ.୧୦୪/୨୪)ରେ ରୁଜୁ ହୋଇ ତଦନ୍ତ ଚାଲିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ପଇଦାପାଟଣାରେ ବିଜେଡିର ମିଶ୍ରଣ ପର୍ବ



ବିଜେଡିରେ ଯୋଗଦେଇଥିବା ଅନ୍ୟଦଳର କର୍ମକର୍ତ୍ତାମାନେ।

ଢେଙ୍କିକୋଟ,୧୯।୫(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘସିପୁରା ନିର୍ବାଚନ ମଣ୍ଡଳୀର ଘଟଗାଁ ବ୍ଲକ୍ ପଇଦାପାଟଣା ପଞ୍ଚାୟତ ପଇଦାପାଟଣା ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ରବିବାର ବିଜେଡିରେ ମିଶିଛନ୍ତି। ଏହି ସମୟରେ ବିଜେଡିର ଏମ୍‌ପି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ଘସିପୁରା ବିଧାୟକ ପ୍ରାର୍ଥୀ ବ୍ରଦୀ ନାରାୟଣ ପାତ୍ର ଉପସ୍ଥିତ ଥିଲେ। ସଭାରେ ଘଟଗାଁ ବ୍ଲକ୍ ବିଜେଡି ସଭାପତି ଦୋଳଗୋବିନ୍ଦ ବେହେରା ସଭାପତିତ୍ୱ କରିଥିଲେ। ସମ୍ମାନୀୟ ଅତିଥିଭାବେ ସରପଞ୍ଚ ଖଇର ନାଏକ, ଘଟଗାଁ ବ୍ଲକ୍ ଅଧ୍ୟକ୍ଷା କମଳିନୀ ନାୟକ, ପୂର୍ବତନ ଜିଲାପରିଷଦ ପ୍ରାର୍ଥିନୀ ସୁମିତ୍ରା ମହାନ୍ତ, ଏସ.କେ ମୋବୀନ ଏବଂ ବିଜେଡିର କର୍ମକର୍ତ୍ତା ଯୋଗଦେଇଥିଲେ। ସଭାରେ ଏମ୍‌ପି ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀ ବିଜୁ ଜନତା ଦଳର ଶଙ୍ଖ ଚିହ୍ନରେ ୨ ଥର ଭୋଟ ଦେବା ପାଇଁ କହିଥିଲେ।

# ଆଟୋପୁରରେ ଜଳକଷ୍ଟ

- ୬୦୦ ଲୋକଙ୍କ ପାଇଁ ଗୋଟିଏ ନଳକୂପ
- ଗୋଟିଏ ବାଲ୍‌ଟି ପରେ ପାଣି ବାହାରୁନି

କେନ୍ଦୁଝର,୧୯।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରସଦର ବ୍ଲକ୍‌ଅନ୍ତର୍ଗତ ରଘୁନାଥପୁର ପଞ୍ଚାୟତ ଡୁମୁରିଆ ଗ୍ରାମର ଆଟୋପୁର ସାହିରେ ଜଳକଷ୍ଟ ଦେଖାଯାଇଛି। ସାହିରେ ଗୋଟିଏ ନଳକୂପ ଥିବା ବେଳେ ସେଥିରୁ ନିୟମିତ ପାଣି ବାହାରୁନାହିଁ। ଫଳରେ ପିଇବା ଓ ନିତ୍ୟବ୍ୟବହାର୍ଯ୍ୟ ପାଇଁ ପାଣି ଟିକିଏ ମିଳୁ ନ ଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁଯାୟୀ, ସାହିରେ ୭୦ ପରିବାରର ପାଖାପାଖି ୬୦୦ ଲୋକ ବସବାସ କରୁଛନ୍ତି। ସାହିରେ ଥିବା ଗୋଟିଏ ମାତ୍ର ନଳକୂପ ଉପରେ ସାହିବାସୀ ନିର୍ଭର କରିଥାନ୍ତି। ଲୋକେ ଗାଧୋଇବା, ବାସନ ସଫା, ରୋଷେଇ ପାଇଁ ନଳକୂପ ପାଣି ବ୍ୟବହାର କରିଥାଆନ୍ତି। ସାହିରେ କୂପ, ବନ୍ଧ, ନଦୀ, ନାଳ ନ ଥିବାରୁ ଗୃହପାଳିତ ପ୍ରାଣୀଙ୍କୁ ମଧ୍ୟ ସେଠାରେ ଗାଧୋଇବାକୁ ବାଧ୍ୟ ହେଉଛନ୍ତି। ପରିତାପର ବିଷୟ ଏକ ବାଲ୍‌ଟି କିମ୍ବା ଏକ ଗରା ପାଣି ବାହାରିବା ପରେ ନଳକୂପରୁ ଆଉ ପାଣି ବାହାରୁ ନାହିଁ। ପୁଣି କିଛି ସମୟ ପରେ ଏକ ବାଲ୍‌ଟି ପାଣି ବାହାରି ପୁଣି ବନ୍ଦ ହୋଇଯାଉଛି। ଅନ୍ୟପକ୍ଷେ ଡୁମୁରିଆ ଗ୍ରାମରେ ଥିବା ଗଭୀର ନଳକୂପରୁ ସାହିକୁ ପାଇପ ସଂଯୋଗ କରାଯାଇଛି। ମାତ୍ର ପାଣି ଉଠୁ ନ ଥିବା ସାହି ଲୋକେ କହିଛନ୍ତି । ଫଳରେ ଅନ୍ୟ ସାହି କିମ୍ବା ମାଇଲ ବାଟ ଯାଇ ପାଣି ସଂଗ୍ରହ କରିବାକୁ ପଡୁଛି। ଉକ୍ତ ଗ୍ରାମକୁ ଯୁବ ଓ ଶ୍ରମ ବିକାଶ ମଞ୍ଚର ଉପ ସଭାପତି ଜୟକୃଷ୍ଣ ନାଏକଙ୍କ ସମେତ ସାହିର ରମ୍ଭା ମହାକୁଡ଼, ଆଶାମଣି ମହାକୁଡ଼, ମନ୍ଦଦୋରୀ ମହାକୁଡ଼, ପାର୍ବତୀ ମହାକୁଡ଼, ସସ୍ମିତା ମହାକୁଡ଼ ପ୍ରମୁଖ ଜିଲା ପ୍ରଶାସନଙ୍କୁ ସମସ୍ୟା ସମାଧାନ ପାଇଁ ନିବେଦନ କରିଛନ୍ତି।



ଯୁବକ ଓ ଶ୍ରମ ବିକାଶ ମଞ୍ଚର ଉପ ସଭାପତି ଓ ଅଭିଯୋଗକାରୀ ମହିଳାମାନେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ମୋରଡ଼ା,୧୯।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ତହସିଲ ଅଞ୍ଚଳରେ ଦୈନିକ ଶହ ଶହ ଟ୍ରିପ୍ ବାଲି ଚୋରାଚାଲାଣ ହେଉଛି। ତେବେ ରବିବାର ମୋରଡ଼ା ପୋଲିସ ଏକ ବେଆଇନ ବାଲି ଟ୍ରାକ୍ଟରକୁ ଜବତ କରିଛି। ସୂଚନା ଅନୁଯାୟୀ, ଠେଙ୍ଗାଡାଣ୍ଡି ଘାଟରୁ ବାଲି ଉତ୍ତୋଳନ ହୋଇ ଏକ ଟ୍ରାକ୍ଟରରେ(ଓଡି୧୧ଏକ୍ସ-୭୦୧୭) ଚୋରାଚାଲାଣ ହେଉଥିବା ବେଳେ ଭୋଳଘାଟି-ମୋହନପୁର ରାସ୍ତାରେ ମୋରଡ଼ା ଥାନା ଏସ୍‌ଆଇ ବିଦ୍ୟାଧର ବେହେରା ଓ ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ଉକ୍ତ ଟ୍ରାକ୍ଟରକୁ ଜବତ କରି ମୋରଡ଼ା ଥାନାକୁ ଆଣିଥିଲେ। ଏ ନେଇ ଏକ ମାମଲା(ନଂ.୧୪୯/୨୫) ରୁଜୁ ହୋଇଥିବା ବେଳେ ଟ୍ରାକ୍ଟର ଡ୍ରାଇଭର ଲକ୍ଷ୍ମଣ ଟୁଡୁଙ୍କୁ ଗିରଫ କରାଯାଇଛି ।



# ସୁଧୁରୁନି ରୂପ୍‌ସା ରେଳ ଜଙ୍କଶନ ସମସ୍ୟା

## ନିର୍ବାଚନରେ ପଡ଼ିପାରେ ପ୍ରଭାବ

ରୂପସା,୧୯।୫(ବାଞ୍ଛାନିଧି ଦେ)

ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପ୍‌ସା ରେଳ ଜଙ୍କଶନ ଓ ଷ୍ଟେଶନରେ ଦୀର୍ଘ ଦିନ ଧରି ସମସ୍ୟା ଲାଗି ରହିଛି। ଏ ସମ୍ପର୍କରେ ବାରମ୍ବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଏଯାବତ୍ ସମସ୍ୟାର ସମାଧାନ ହୋଇପାରି ନାହିଁ। ଚଳିତ ନିର୍ବାଚନରେ ଏହାର ପ୍ରଭାବ ପଡ଼ିପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ରୂପ୍‌ସା ଷ୍ଟେଶନରେ ପୂର୍ବ ଭଳି ଡାଉନ ଜଗନ୍ନାଥ ଏକ୍ସପ୍ରେସ ଟ୍ରେନର ରହଣି, ବାରିପଦା-ରୂପ୍‌ସା ପାସେଞ୍ଜର ଟ୍ରେନ ପୂର୍ବଭଳି ବାଲେଶ୍ୱର ଷ୍ଟେଶନ ପର୍ଯ୍ୟନ୍ତ ଚଳାଚଳ କରିବା, ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଷ୍ଟେଶନର ଉତ୍ତର କ୍ୟାବିନଠାରେ ଖୁବ୍‌ଶୀଘ୍ର ପ୍ରସ୍ତାବିତ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ଦିଲ୍ଲୀ ଯାଉଥିବା କୌଣସି ଏକ ଟ୍ରେନର ରହଣି ହେବା, ଚାରି ନମ୍ବର ପ୍ଲାଟଫର୍ମରେ ନୂତନ ଟିକଟ ଭେଣ୍ଡିଂ ମେଶିନ ସ୍ଥାପନ କରିବା, କୋଭିଡ୍ ପୂର୍ବ ସମୟ ସାରଣୀ ମୁତାବକ ମେମୋ ଟ୍ରେନ ଚଳାଚଳ କରିବା, ପାସେଞ୍ଜର ଟ୍ରେନର ଭଡ଼ା ପୂର୍ବ ଭଳି ଲାଗୁ ହେବା, ଭଗବାନପୁର ରେଳ ଫାଟକଠାରୁ ବାମଡ଼ା ଫାଟକ ପର୍ଯ୍ୟନ୍ତ ଉତ୍ତର ପାର୍ଶ୍ୱରେ ସ୍ଥାୟୀ ରାସ୍ତା ନିର୍ମାଣ ହେବା ସମ୍ପର୍କିତ ଏକ ଦାବିପତ୍ର ରୂପ୍‌ସା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରେଳମନ୍ତ୍ରୀ, ବାଲେଶ୍ୱର ଏମ୍‌ପି, ରେଳବାଇ ଜେନେରାଲ ମ୍ୟାନେଜର ଓ ଡିଆରଏମ୍‌ଙ୍କୁ ବାରମ୍ବାର ପ୍ରଦାନ କରାଯାଇଥିଲା। ରେଳମନ୍ତ୍ରୀ ଓ ବାଲେଶ୍ୱର ଏମ୍‌ପିଙ୍କ ଅପାରଗତା ଯୋଗୁ ଅଦ୍ୟାବଧି କୌଣସି ସମସ୍ୟାର ସମାଧାନ ହେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପରିଷଦ ତରଫରୁ ପୂର୍ବରୁ ଚେତାବନୀ ଦିଆଯାଇଥିଲା। ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ପନ୍ଥା ଗ୍ରହଣ କରାଯାଇ ନ ଥିବା ବେଳେ ଆଗାମୀ ଦିନରେ ଭୋଟ୍‌ରେ ପ୍ରଭାବ ପଡ଼ିବ ବୋଲି ଆଶଙ୍କା ଦେଖାଦେଇଛି।



ରୂପ୍‌ସା ରେଳ ଜଙ୍କଶନ।

## ବାଲି ବୋଝେଇ ୪ ଟ୍ରାକ୍ଟର ଜବତ, ୩ ଅଟକ



କାଳିପଦା,୧୯।୫(ରାଜଶ୍ରୀ ପାଣିଗ୍ରାହୀ)- ବାଲିଆପାଳ ପୋଲିସ ରବିବାର ୪ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ୩ ଡ୍ରାଇଭରଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ପାରୁଳିଆ, ବଡ଼ାପାଳ, ଛୋଟଖାନପୁର, କଣ୍ଠାପାଳ ଆଦି ସ୍ଥାନରେ ଥିବା ସୁବର୍ଣ୍ଣରେଖା ନଦୀ ପଠାରୁ ଦିନରାତି ଦେଶୀ ଡଙ୍ଗା ମାଧ୍ୟମରେ ବେଆଇନ ଭାବେ ବାଲି ଉତ୍ତୋଳନ କରି ବାଲି ଚାଲାଣକାରୀ ମାଲାମାଲ ହେଉଛନ୍ତି। ତହସିଲ ପ୍ରଶାସନ ସବୁକିଛି ଜାଣି ମଧ୍ୟ ନୀରବ ରହିଆସୁଥିଲା। ରବିବାର ସକାଳେ ବାଲିଆପାଳ ଥାନା ଆଇଆଇସି ସଦାନନ୍ଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ାଉ କରାଯାଇ ୪ ଟ୍ରାକ୍ଟର ଜବତ କରାଯାଇଛି।

## ପଦ୍ମଲୋଚନଙ୍କ ପାଇଁ ପ୍ରଚାର କଲେ ମଧ୍ୟପ୍ରଦେଶ କ୍ରୀଡ଼ାମନ୍ତ୍ରୀ


ବାଉଁଶଗଡ଼ିଆରେ ମଧ୍ୟପ୍ରଦେଶ ମନ୍ତ୍ରୀ ବିଶ୍ୱଭାଷ କୈଳାସ ସାରଙ୍ଗ ପ୍ରଚାର କରୁଛନ୍ତି।

ଖଇରା,୧୯।୫(ଉତ୍କଳବନ୍ଧୁ ପଣ୍ଡା)

ବିଜେଡିର ମିଶ୍ରଣ ପର୍ବକୁ ଟକ୍କର ଦେବା ପାଇଁ ସିମୁଳିଆ ଭାଜପା ଏବେ ଷ୍ଟାର ପ୍ରଚାରକଙ୍କୁ ସାମିଲ କରିଛି। ମଧ୍ୟପ୍ରଦେଶର କ୍ରୀଡ଼ା ଓ ଯୁବ ବିକାଶ ମନ୍ତ୍ରୀ ବିଶ୍ୱଭାଷ କୈଳାସ ସାରଙ୍ଗ ରବିବାର ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡାଙ୍କ ପାଇଁ ପ୍ରଚାର କରିଛନ୍ତି। ପ୍ରଥମେ ଏକ ବାଇକ୍ ରାଲି କୁପାରୀ ଅମ୍ବିକା ମନ୍ଦିରରୁ ବାହାରି ବାଉଁଶଗଡ଼ିଆ ପଞ୍ଚାୟତରେ ପହଞ୍ଚିଥିଲା। ଏହି ଅବସରରେ ବାଉଁଶଗଡ଼ିଆଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ ମନ୍ତ୍ରୀ ସାରଙ୍ଗ ବକ୍ତବ୍ୟ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ବିଶ୍ୱ ଦରବାରରେ ଭାରତ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଣୁ ଭୋଟର ଡବଲ ଇଞ୍ଜିନ ସରକାର ଗଠନ ପାଇଁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଉକ୍ତ ସଭାରେ ବିଧାୟକ ପ୍ରାର୍ଥୀଙ୍କ ସମେତ ସ୍ଥାନୀୟ ସରପଞ୍ଚ ବିଚିତ୍ର ପାତ୍ର, ଜୋନ ସଭାପତି ପତିତପାବନ କର, ସିମୁଳିଆ ବ୍ଲକ ଅଧ୍ୟକ୍ଷ ବାବାଜୀ ମଲ୍ଲିକ, ଶ୍ରୀକାନ୍ତ ବେହେରା, ଶିବଶଙ୍କର ଖିଲାର, ନୀଳମାଧବ ପଣ୍ଡା, ଭାରତୀ ମଲ୍ଲିକ, ଗୋଲାପ ଜେନା, କୈଳାସ ମାଝୀ, ହୃଦୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କ୍ୟାନସର ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୧୯।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱର ଶାଖା ଆନୁକୂଲ୍ୟରେ ସଂଘ ବିଶ୍ରାମଗୃହ ପରିସରରେ କ୍ୟାନସର୍ ସଚେତନତା, ଚିକିତ୍ସା ସମ୍ବନ୍ଧୀୟ ଆଲୋଚନା ଓ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ସଂଘର ସଭାପତି ଇଂ. ବନମାଳୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ କଟକ ତେଲେଙ୍ଗାପେଣ୍ଠସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର୍ ହସପିଟାଲ୍‌ର ଡା. ରଣଜିତ କର ଯୋଗଦେଇ କ୍ୟାନସର ରୋଗର ପ୍ରାରମ୍ଭିକ ଲକ୍ଷଣ, ବିଭିନ୍ନ ପରୀକ୍ଷା ଦ୍ୱାରା ରୋଗ ନିରୂପଣ, ଚିକିତ୍ସା ପଦ୍ଧତି ସମ୍ବନ୍ଧରେ ବିଶଦ ଆଲେଚନା କରିଥିଲେ। ସଚେତନତା ହିଁ ପ୍ରାରମ୍ଭିକ ଅବସ୍ଥାରେ ରୋଗ ଚିହ୍ନଟରେ ସହାୟକ ହୋଇଥାଏ ଓ ଏହି ଅବସ୍ଥାରେ ଚିକିତ୍ସା ହେଲେ କ୍ୟାନସର ଭଲ ହେବାର ସମ୍ଭାବନା ଅଧିକ ବୋଲି ମତବ୍ୟକ୍ତ କରିଥିଲେ। ତାଙ୍କ ସହିତ ତାଙ୍କର ସହଯୋଗୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂଘର ସମ୍ପାଦକ ବସନ୍ତ କୁମାର ନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ବୀରେନ୍ଦ୍ର କୁମାର ମହାନ୍ତ ଧନ୍ୟବାଦ ଦେଇଥିଲେ। ଦାମୋଦର ନାୟକ, ଅଭିମନ୍ୟୁ ଆଚାର୍ଯ୍ୟ, ଭବେଶ ଚନ୍ଦ୍ର ପଣ୍ଡା, ପୁଷ୍ପଲତା ମହାନ୍ତି, କାର୍ତ୍ତିକ ପାତ୍ର, ଗୌରାଙ୍ଗ ଚନ୍ଦ୍ର ସାହୁ, ସୁରେନ୍ଦ୍ର ପ୍ରସାଦ ନାୟକ, ରବି ନାରାୟଣ ବେହେରା, କେଶବ ଚନ୍ଦ୍ର ମହାନ୍ତି, କାମିନୀ କାନ୍ତ ପାଢ଼ୀ, ଚିତ୍ତରଞ୍ଜନ ଜେନା, କ୍ଷେତ୍ରମୋହନ ନାୟକ, ଅକ୍ଷୟ କୁମାର କର, ସୁରେନ୍ଦ୍ର ପ୍ରସାଦ ଧଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରୁ ୩ ମନୋନୀତ


ଦୃଷ୍ଟିବାଧିତ ବାଲେଶ୍ୱର ଦଳର କ୍ରିକେଟ ଖେଳାଳି।

### ଜାତୀୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ ପ୍ରତିଯୋଗିତା

ବାଲେଶ୍ୱର,୧୯।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ୩ ଜଣ ଛାତ୍ର ଜାତୀୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଭୁବନେଶ୍ୱର କିଟ୍ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ଦୃଷ୍ଟି ବାଧିତ କ୍ରିକେଟ ପ୍ରତିଯୋଗିତା 'ଉତ୍କଳ କପ୍' ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ଦୃଷ୍ଟି ବାଧିତ କ୍ରିକେଟ ଖେଳାଳିମାନେ ଯୋଗ ଦେଇଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି କ୍ରିକେଟ ପ୍ରତିଯୋଗିତାରେ ବାଲେଶ୍ୱର ଦଳ ସେମିଫାଇନାଲରୁ କଟି ଯାଇଥିଲେ ହେଁ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟରୁ ୩ ଜଣ ଜାତୀୟସ୍ତରର ଖେଳ ପାଇଁ ମନୋନୀତ ହୋଇଛନ୍ତି। ବି-୧ କାଟାଗୋରିରୁ ଦେବଦତ୍ତ ବେହେରା, ବି-୨ରୁ ସର୍ମଜିତ ବେହେରା, ବି-୩ରୁ ଗୁରୁବା ମୁର୍ମୁ ଆଗାମୀ ଜାତୀୟସ୍ତରରେ ହେବାକୁ ଥିବା ଦୃଷ୍ଟି ବାଧିତ କ୍ରିକେଟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ କଟକ ବିଜେତା ହୋଇଥିବା ବେଳେ ଅନୁଗୋଳ ଉପ-ବିଜେତା ହୋଇଛନ୍ତି।

## ରିପୋର୍ଟ କାର୍ଡ ଜାରି କଲେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ବିକ୍ରମ


ସ୍ୱାଧୀନ ପ୍ରାର୍ଥୀ ବିକ୍ରମ ଓ ଅନ୍ୟମାନେ ରିପୋର୍ଟ କାର୍ଡ ଉନ୍ମୋଚନ କରୁଛନ୍ତି।

ବାଲେଶ୍ୱର,୧୯।୫(ମାନସ ବିଶ୍ୱାଳ)

ବାଲେଶ୍ୱର ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡା ନିଜର ରିପୋର୍ଟ କାର୍ଡ ରବିବାର ଜାରି କରିଛନ୍ତି। ସେହିପରି ସହରର ନିଜର ପ୍ରଚାର ଗାଡ଼ି ସହ ବଟେଶ୍ୱରଠାରେ ନିର୍ବାଚନୀ କାର୍ଯ୍ୟାଳୟର ମଧ୍ୟ ଶୁଭାରମ୍ଭ କରିଛନ୍ତି। ବିକ୍ରମଙ୍କ ବାପା ହୃଷିକେଷ ପଣ୍ଡା ନୂତନ କାର୍ଯ୍ୟାଳୟକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିକ୍ରମଙ୍କ ରିପୋର୍ଟ କାର୍ଡ ଉନ୍ମୋଚିତ ହୋଇଥିଲା। ବିକ୍ରମ ନିଜେ ନିଜର ନିର୍ବାଚନୀ ପ୍ରସଙ୍ଗ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେ ଜିତିଲେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ବିକାଶ, ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର, ପିଇବା ପାଣି, ଗମନାଗମନର ସୁବିଧା, କୃଷି, ଶିକ୍ଷା, ଆଲୋକୀକରଣ ସାଙ୍ଗକୁ ମହିଳାଙ୍କ ସୁରକ୍ଷା, ଦକ୍ଷତା ବିକାଶ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପ୍ରତି ଗୁରୁତ୍ୱ ଦେବେ ବୋଲି ଘୋଷଣା କରିବା ସହ ଏହା ଜନସାଧାରନଙ୍କ ନିର୍ବାଚନ ଓ ସେମାନେ ନିର୍ବାଚନ ଲଢୁଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଦୁଇ ଜଣ ନବାଗତ କର୍ମୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ହୃଷିକେଷ ପଣ୍ଡା, ସଂଗ୍ରାମ ପଣ୍ଡା, ଅନିନ୍ଦ୍ୟ ପଣ୍ଡା, ରମେଶ ମାଝୀ, ଜ୍ଞାନେନ୍ଦ୍ର ମହାନ୍ତି, ଅନୀଲ ସୂର୍ଯ୍ୟ ଓ ସବିନା ଅଖତାର ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପାରେ ମିଶିଲେ ଘଣ୍ଟୁଆ ସରପଞ୍ଚ


ଭାଜପାର ମିଶ୍ରଣ ପର୍ବ।

ବାଲିଆପାଳ,୧୯।୫(ଗୋପାଳ ଚନ୍ଦ୍ର ସାହୁ)

ବସ୍ତା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆଙ୍କ ବାଲିଆପାଳ ବାସଭବନ ତଥା ବାଲିଆପାଳ ଭାଜପା କାର୍ଯ୍ୟାଳୟରେ ଘଣ୍ଟୁଆ ପଞ୍ଚାୟତର ସରପଞ୍ଚ ସୁଶିଲ କୁମାର ପ୍ରଧାନ ଏବଂ ଦେଭୋଗ ପଞ୍ଚାୟତ ବିଜେଡି ସଭାପତି ଧନଞ୍ଜୟ ଗିରି ରବିବାର ଭାଜପାରେ ସାମିଲ ହୋଇଛନ୍ତି। ସେମାନଙ୍କର ସମର୍ଥକ ଘଣ୍ଟୁଆ ପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମର ବରେନ୍ଦ୍ର ପଣ୍ଡା, ସୃଷ୍ଟିଧର ଧଳ, ବଡ଼କସବା ଗ୍ରାମର ମହେଶ୍ୱର ପାତ୍ରଙ୍କ ସହିତ ବହୁ ସମର୍ଥକ ବିଜେଡି ଛାଡ଼ି ଭାଜପାର ସଦସ୍ୟତା ଗ୍ରହଣ କରିଛନ୍ତି। ବିଧାୟକ ପ୍ରାର୍ଥୀ ଅଣ୍ଡିଆ ସମସ୍ତ ନବାଗତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।

## ୧୧ରେ ଦେବ ଦମ୍ପତିଙ୍କ ବିବାହ

### ବାବା ଚିତ୍ରେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ଲଗ୍ନଧରା

ବାହାନଗା,୧୯।୫(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ା ପଞ୍ଚାୟତର ଚିତ୍ତାପଦା ଗ୍ରାମର ଥିବା ବାବା ଚିତ୍ରେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ନିମନ୍ତେ ଲଗ୍ନଧରା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଆସନ୍ତା ଜୁନ୍ ୧୧ରେ ଦେବଦମ୍ପତିଙ୍କ ବିବାହ ନିମନ୍ତେ ଦିନ ଧାର୍ଯ୍ୟ ହୋଇଛି। ମନ୍ଦିର ପରିଚାଳନା କମିଟିର ଆବାହକ ଦିଲ୍ଲୀପ୍ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଲଗ୍ନଧରା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ଦୀର୍ଘ ୧୫ ବର୍ଷ ହେଲା ଗ୍ରାମରେ ପାଳନ ହୋଇଆସୁଛି। ମହାଦେବଙ୍କ ପିତା ଭାବେ ଚିତ୍ତାପଦା ଗ୍ରାମର ବିଜୟ କୁମାର ଦାସ ଓ ମାତା ପାର୍ବତୀଙ୍କ ପିତା ଭାବେ ଗଣେଶ ଚନ୍ଦ୍ର ପରିଡ଼ା କାର୍ଯ୍ୟ ତୁଲାଇ ଥିଲେ। ଉଭୟ କନ୍ୟା ଓ ବର ପିତା ବିଧି ଅନୁଯାୟୀ ବ୍ରାହ୍ମଣଙ୍କ ଦ୍ୱାରା ମନ୍ଦିର ପ୍ରାଙ୍ଗଣରେ ଲଗ୍ନଧରା କାର୍ଯ୍ୟ ସମାପନ କରିଥିଲେ। ବରଧରା କାର୍ଯ୍ୟ ନିମନ୍ତେ ୧୧ଜଣ ଯାତ୍ରୀ ଆସିବା ନିମନ୍ତେ ସ୍ଥିରିକୃତ ହୋଇଛି। ବିବାହ ସମୟରେ ୨୦୦୦ ଜଣ ବରଯାତ୍ରୀ ଯିବେ ବୋଲି ବରପିତା କନ୍ୟାପିତାଙ୍କୁ ଜଣାଇଛନ୍ତି। ଯୌତୁକ ବାବଦକୁ ୫ ହଳ ନାଗ ଓ ନାଗୁଣୀ, ୧୦ ହଳ ବୃଷଭ, ୫ ଏକର ଶ୍ମଶାନ ଜମି ଦେବା ପାଇଁ କନ୍ୟାପିତା ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ କେଦାର ନାଥ ପଣ୍ଡା, ଶରତ ପାଣିଗ୍ରାହୀ, ଧିରେନ୍ଦ୍ର ଶ, ବସନ୍ତ ବେହେରା, ନିରଞ୍ଜନ ମହାପାତ୍ର, ବିଷ୍ଣୁପ୍ରିୟା ଶ ଓ ଜିତେନ୍ଦ୍ର ଦାସ ପ୍ରମୁଖ ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ। ପଣ୍ଡିତ ଆଦିତ୍ୟ ହୋତା, ରତ୍ନାକର ହୋତା ପୂଜା କାର୍ଯ୍ୟ ସମାପନ କରିଥିଲେ।

## ବାଲିଆପାଳରେ ବିଜେଡିର ନିର୍ବାଚନୀ ସଭା

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ),୧୯।୫

ବସ୍ତା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ,ବିଷ୍ଣୁପୁର, ପଞ୍ଚୁପାଲି ଓ ଦେଭୋଗ ପଞ୍ଚାୟତରେ ବିଜେଡିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ପଞ୍ଚାୟତରେ ବରିଷ୍ଠ ନେତା ଭାସ୍କର ଚନ୍ଦ୍ର ସାହୁଙ୍କ ବାସଭବନରେ ଅନୁଷ୍ଠିତ ଏହି ସଭାରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗଦେଇ ଶଙ୍ଖ ଚିହ୍ନରେ ଦୁଇଥର ଭୋଟ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଭୋଟ୍ ଭିକ୍ଷା କରିଥିଲେ। ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଜୟ ପାତ୍ର, ଜିଲା ପରିଷଦ ସଦସ୍ୟ ବେଣୁଧର ଜେନା, ବାଲିଆପାଳ ପଞ୍ଚାୟତର ସଦସ୍ୟା ଝୁନାରାଣୀ ପାତ୍ର, ବାଲିଆପାଳ ପଞ୍ଚାୟତର ବିଜେଡି ସଭାପତି ରଘୁନାଥ ଜେନା, ବିଷ୍ଣୁପୁର ପଞ୍ଚାୟତର ବରିଷ୍ଠ ବିଜେଡି ନେତା ନବୀନ ପାତ୍ର, ସୌମ୍ୟଦୀପ ଚକ୍ରବର୍ତ୍ତୀ, ସେକ୍ ଦାଦୁ ପ୍ରମୁଖ ଯୋଗଦେଇ ବିଜେଡି ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଏହି ନିର୍ବାଚନୀ ସଭାରେ ଅନ୍ୟ ଦଳର ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

ସେହିପରି ବିଷ୍ଣୁପୁର ପଞ୍ଚାୟତର ବିଷ୍ଣୁପୁର ଗ୍ରାମରେ ଅନୁଷ୍ଠିତ ସମାବେଶରେ ବ୍ଲକ ବିଜେଡି ସଭାପତି ଦାସ ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗଦେଇ ଭୋଟ୍ ଭିକ୍ଷା କରିଥିଲେ। ବସ୍ତା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶଧର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଜୟ କୁମାର ପାତ୍ର, ବିଜୁ ଜନତା ଦଳର ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ବିଜୁ ଜନତା ଦଳର ଜିଲା ଛାତ୍ର ସଭାପତି ସିମନ ଦାସ, ବାଲିଆପାଳ ପଞ୍ଚାୟତର ବିଜେଡି ନେତା ଭାସ୍କର ଚନ୍ଦ୍ର ସାହୁ, ଜିଲା ପରିଷଦ ସଦସ୍ୟ ବେଣୁଧର ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଷ୍ଣୁପୁର ପଞ୍ଚାୟତର ବିଜେଡି ନେତା ସରୋଜ ଦାସ, ଚନ୍ଦ୍ରମୋହନ ଦାସ, ସୁଶାନ୍ତ ଦାସ, ସନ୍ତୋଷ ବେହେରା, ଭାନୁଚରଣ ଗିରି, ପୀତାମ୍ବର ପ୍ରଧାନ, ଦିଗାମ୍ବର ପ୍ରଧାନ, ଗୋପୀନାଥ ସେଠୀ, ପାଞ୍ଚୁ ପାଳଙ୍କ ସହିତ ବିଷ୍ଣୁପୁର ପଞ୍ଚାୟତର ବହୁ ଆଗଧାଡ଼ିର ନେତୃମଣ୍ଡଳୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

ବିଷ୍ଣୁପୁର ପଞ୍ଚାୟତରେ ଅନୁଷ୍ଠିତ କର୍ମୀ ସମ୍ମିଳନୀ ଏବଂ ନିର୍ବାଚନୀ ସଭାରେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗ ଦେଇଥିଲେ। ପଞ୍ଚୁପାଲିରେ ବିଜେଡି ସଭାପତି ଅଶୋକ ବେହେରା ସଭାପତିତ୍ୱ କରିଥିଲେ। ୨୨ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ବରିଷ୍ଠ ନେତା ଚକ୍ରଧର ଗିରି, ପୂର୍ବତନ ସରପଞ୍ଚ ବଟକୃଷ୍ଣ ଗିରି, ଧର୍ମପଦ ଗିରି, ଯୁବନେତା ପ୍ରଦୀପ କୁମାର ଜେନା, ନାରୀନେତ୍ରୀ ସାରଦା ଗିରି, ଭରତ ବେହେରା, ଅନାଦି ବେହେରା, ବେଣୁଧର ଗିରି, ବାଦଲ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଦେଭୋଗ ପଞ୍ଚାୟତର ଦେଭୋଗ ଗାଁରେ ଶିବ ମନ୍ଦିର ପ୍ରାଙ୍ଗଣରୁ ରୋଡ୍ ଶୋ' କରି ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଆଶୀର୍ବାଦ ଭିକ୍ଷା କରିଥିଲେ। ଏହା ପରେ ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ସରପଞ୍ଚ ଝରଣା ଦାସ, ୨୧ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା କାଞ୍ଚନ ଜେନା, ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ପ୍ରଫୁଲ୍ଲ ଦଲାଲ, ସୁଧାଂଶୁ ମାଣିକ, ଗୋପାଳକୃଷ୍ଣ ନାୟକ, ଦୁର୍ଜୟ ନାୟକ, ସବିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ।


ବାଲିଆପାଳ ନିର୍ବାଚନୀ ସଭାରେ ବିଜେଡି ବିଧାୟକ ପ୍ରାର୍ଥିନୀଙ୍କ ସମେତ ଅନ୍ୟମାନେ।


**Format C-1**

(for candidate to publish in Newspapers, TV)

**Declaration about criminal cases**

(As per the judgement dated 25th September, 2018, of Hon 'ble Supreme Court in WP (Civil) No. 536 of 2011 (Public Interest Foundation & Ors Vs. Union of India & Anr.)

Name and address of candidate: **SANATAN BIJULI**

Name of political party: **BHARATIYA JANATA PARTY**

(Independent candidates should write "Independent " here)

Name of Election: **ODISHA LEGISLATIVE ASSEMBLY FROM 32-(S.C.) BADASAHI CONSTITUENCY**

*Name of Constituency: **32-(S.C.) BADASAHI CONSTITUENCY**

**I, Sanatan Bijuli,** a candidate for the above mentioned election, declare for public information the following details about my criminal antecedents:

(A)

| Sl. No. | Name of Court | Case No. and dated | Status of case(s ) | Section(s) of Acts concerned and brief description of offence(s) |
|---|---|---|---|---|
| 1 | J.M.F.C.-1 (Cog. Taking), Baripada | Baisinga P.S. Case No.263, dated 18.12.18 | Charge has not been framed | U/s. 143/341/294/283/506/109 I.P.C. |
| 2 | J.M.F.C.-1 (Cog. Taking), Baripada | Baisinga P.S. Case No.107, dated 11.06.18 | Charge has been framed | U/s-143/186/187/149 I.P.C. |
| 3 | J.M.F.C. Betnoti | Baisinga P.S. Case No.234, dated 05.08.21 | Charge has not been framed | U/s. 353/341/294/186/506/336/269/ 270/143 IPC & 7 CRLA Act |
| 4 | J.M.F.C. Betnoti | Baisinga P.S. Case No.309, dated 25.10.21 | Charge has not been framed | U/s-341/283/143/ I.P.C. and 7 CRLA Act & 4 PDPP Act |

(B) Details about cases of conviction for criminal offences

| Sl No. | Name of Court & Date(s) of Order(s) | Description of offence(s) & punishment imposed | Maximum Punishment Imposed |
|---|---|---|---|
| N.A. | N.A. | N.A. | N.A. |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

# ସନରାଇଜର୍ସ-କେକେଆର୍ କ୍ୱାଲିଫାୟର-୧

**ହାଇଦ୍ରାବାଦ,୧୯।୫**


ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ର କ୍ୱାଲିଫାୟର ଓ ଏଲିମିନେଟର ଚୂଡ଼ାନ୍ତ ହୋଇଛି। ରାଜସ୍ଥାନ ଓ କୋଲକାତା ମଧ୍ୟରେ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହେବା ଫଳରେ କେକେଆର ଓ ସନରାଇଜର୍ସ ହାଇଦ୍ରାବାଦ ଯଥାକ୍ରମେ ପ୍ରଥମ ଦୁଇ ସ୍ଥାନରେ ରହି ମେ ୨୧ରେ ଖେଳାଯିବାକୁ ଥିବା କ୍ୱାଲିଫାୟର-୧ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟ ପକ୍ଷରେ ତୃତୀୟ ସ୍ଥାନରେ ଥିବା ରାଜସ୍ଥାନ ଓ ଚତୁର୍ଥ ସ୍ଥାନରେ ଥିବା ଆରସିବି ମଧ୍ୟରେ ମେ ୨୨ ତାରିଖରେ ଏଲିମିନେଟର ଖେଳାଯିବ। ଉଭୟ କ୍ୱାଲିଫାୟର୍ସ ଓ ଏଲିମିନେଟର ଗୁଜରାଟର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ। କ୍ୱାଲିଫାୟର-୧ର ବିଜେତା ସିଧାସଳଖ ଫାଇନାଲରେ ପ୍ରବେଶ କରିବ। ଅନ୍ୟ ପକ୍ଷରେ ପରାଜିତ ଦଳ ଏଲିମିନେଟରର ବିଜେତା ଦଳକୁ ଭେଟିବା ପରେ ଦ୍ୱିତୀୟ ଫାଇନାଲିଷ୍ଟ ନିର୍ଦ୍ଧାରଣ କରାଯିବ। ରବିବାରର ହାଇସ୍କୋରିଂ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସକୁ ୪ ଉଇକେଟରେ ପରାସ୍ତ କରଥିଲା ସନରାଇଜର୍ସ ହାଇଦ୍ରାବାଦ। ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ୨୦ ଓଭରରେ ୫ ଉଇକେଟ ହରାଇ ୨୧୪ ରନ୍ କରିଥିଲା। ଜବାବରେ ହାଇଦ୍ରାବାଦ ୧୯.୧ ଓଭରରେ ୬ ଉଇକେଟ ହରାଇ ୨୧୫ ରନ୍ କରି ବିଜୟୀ ହୋଇଥିଲା।

ଅଥର୍ବ ତାଇଡେ(୪୬) ଓ ପ୍ରଭସିମରନ୍ ସିଂ(୭୧) ପଞ୍ଜାବ ପକ୍ଷରୁ ଇନିଂସ ଓପନ କରିଥିଲେ। ଉଭୟ ଖେଳାଳି ୯.୧ ଓଭରରେ ୯୭ ରନ୍ ଯୋଡି ଏକ ଦୃଢ ଆରମ୍ଭ ଦେଇଥିଲେ। ଚଳିତ ସିଜନରେ ପ୍ରଥମ ଥର ଖେଳୁଥିବା ତାଇଡେ ୨୭ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟ ପକ୍ଷରେ ପ୍ରଭସିମରନ୍ ସିଂ ୪୫ ବଲ୍ ଖେଳି ୭୧ ରନ୍ ସ୍କୋର କରିଥିଲେ। ଏହି ଇନିଂସରେ ୭ ଚୌକା ଓ ୪ ଛକା ସାମିଲ ଥିଲା। ତାଇଡେ ଆଉଟ ହେବା ପରେ ପ୍ରଭସିମରନଙ୍କ ସହ ଯୋଗ ଦେଇଥିଲେ ରାଇଲି ରୋଷୋ। ଦ୍ୱିତୀୟ ଉଇକେଟରେ ୫୫ ରନ୍ ଯୋଡିବା ପରେ ପ୍ରଭସିମରନ୍ ଆଉଟ ହୋଇଥିଲେ। ରାଇଲି ରୋଷୋ ଚମତ୍କାର ବ୍ୟାଟିଂ କରି ୨୪ ବଲ୍‌ରୁ ୪୯ ରନ୍ ସ୍କୋର କରିଥିଲେ। ଏହି ଇନିଂସରେ ୩ ଚୌକା ଓ ୪ ଛକା ସାମିଲ ଥିଲା। ମଧ୍ୟକ୍ରମରେ ଶଶାଙ୍କ ସିଂ(୨), ଆଶୁତୋଷ ଶର୍ମା(୨) ବିଫଳ ହେବା ଦ୍ୱାରା ପଞ୍ଜାବର ରନ୍ ଗତି ଧୀମେଇ ଯାଇଥିଲା। ଏକଦା ୨୫୦ ରନ୍ ଟାର୍ଗେଟ କରୁଥିବା ପଞ୍ଜାବ ୬ ଉଇକେଟରେ ୨୧୫ ରନ୍ କରିଥିଲା। ଅଧିନାୟକ ଜୀତେଶ ଶର୍ମା ୧୫ ବଲ୍‌ରୁ ୩୨ ରନ୍ କରି ଅପରାଜିତ ରହିଥିଲେ। ହାଇଦ୍ରାବାଦ ପକ୍ଷରୁ ଟି ନଟରାଜନ ୨, ପ୍ୟାଟ କୁମିନ୍ସ ଓ ବିଜୟକାନ୍ତ ବିୟସକାନ୍ତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୧୬ ରନ୍ ଲକ୍ଷ୍ୟରେ ଆରମ୍ଭ କରିଥିବା ସନରାଇଜର୍ସ ପ୍ରଥମ ବଲ୍‌ରେ ଓପନର ଟ୍ରାଭିସ ହେଡ୍‌ଙ୍କ ଉଇକେଟ ହରାଇଥିଲା। ଅର୍ଶଦୀପ ଏକ ଚମତ୍କାର ଆଉଟ ସ୍ୱିଙ୍ଗର ଜରିଆରେ ତାଙ୍କୁ ବୋଲ୍ଡ କରିଥିଲେ। ତେବେ ଅଭିଷେକ ଶର୍ମା(୬୬) ଓ ରାହୁଲ ତ୍ରିପାଠୀ(୩୩) ଦ୍ୱିତୀୟ ଉଇକେଟରେ ଦ୍ରୁତ ୭୨ ରନ୍ ଯୋଡିଥିଲେ। ରାହୁଲ ୧୮ ବଲ୍ ଖେଳି ୪ ଚୌକା ଓ ୨ ଛକା ମାରିଥିଲେ। ରାହୁଲ ଆଉଟ ହେବା ପରେ ଅଭିଷେକଙ୍କ ସହ ଯୋଗ ଦେଇଥିଲେ ନୀତୀଶ ରେଡ୍ଡୀ। ସେ ୩୭ ରନ୍ ର ଇନିଂସ ଖେଳିବା ସହ ତୃତୀୟ ଉଇକେଟରେ ୫୭ ରନ୍ ଯୋଡିଥିଲେ। ଅଭିଷେକ ଚମତ୍କାର ବ୍ୟାଟିଂ କରି ୨୮ ବଲ୍‌ରୁ ୫ ଚୌକା ଓ ୬ ଛକା ସହ ୬୬ ରନ୍ କରି ଆଉଟ ହୋଇଥିଲେ। ହେନରିଚ୍ କ୍ଲାସେନ୍ ୪୨ ରନ୍‌କରିଥିବା ବେଳେ ନୀତୀଶଙ୍କ ସହ ୪୭ ରନ୍ ଯୋଡିଥିଲେ। ନୀତୀଶ ୨୫ ବଲ୍ ଖେଳି ୧ ଚୌକା ଓ ୩ ଛକା ମାରିଥିଲେ। ଅପର ପକ୍ଷରେ କ୍ଲାସେନ୍ ୨୬ ବଲ୍ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। ଶେଷ ଭାଗରେ କ୍ଲାସେନ୍ ଆଉଟ ହୋଇଥିବା ବେଳେ ଅବଦୁଲ ସମଦ(୧୧*) ଓ ସନଭୀର ସିଂ (୬*) ଦଳକୁ ବିଜୟୀ କରିଥିଲେ। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ଓ ହର୍ଷଲ ପଟେଲ ୨ଟି ଲେଖାଏ, ହରପ୍ରୀତ ବ୍ରାର ଓ ଶଶାଙ୍କ ସିଂ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୨୧୪/୫ (ପ୍ରଭସିମରନ୍‌ସିଂ-୭୧, ରାଇଲି ରୋଷୋ-୪୯, ଅଥର୍ବ ତାଇଡେ-୪୬, ଟି. ନଟରାଜନ-୨/୩୩, ପ୍ୟାଟ କୁମିନ୍ସ-୧/୩୬, ବିଜୟକାନ୍ତ ବିୟସକାନ୍ତ-୧/୩୭)। ସନରାଇଜର୍ସ ହାଇଦ୍ରାବାଦ ୧୯.୧ ଓଭରରେ ୨୧୫/୬ (ଅଭିଷେକ ଶର୍ମା-୬୬, ହେନରିଚ୍ କ୍ଲାସେନ୍-୪୨, ନୀତୀଶ ରେଡ୍ଡୀ-୩୭, ଅର୍ଶଦୀପ ସିଂ-୨/୩୭, ହର୍ଷଲ ପଟେଲ-୨/୪୯, ଶଶାଙ୍କ ସିଂ-୧/୫)।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଅଭିଷେକ ଶର୍ମା।



ଇମିଲିଆ ରୋମାଗ୍ନା ଗ୍ରାଁ ପ୍ରି ବିଜେତା ମାକ୍ସ ଭର୍ଷ୍ଟାପେନ।

# ଭର୍ଷ୍ଟାପେନ୍ ଜିତିଲେ ଇମିଲିଆ ରୋମାଗ୍ନା ଗ୍ରାଁ ପ୍ରି

**ଇମୋଲା, ୧୯।୫ (ଏପି)**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଏଠାରେ ରବିବାର ଅନୁଷ୍ଠିତ ଇମିଲିଆ ରୋମାଗ୍ନା ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ତେବେ ମ୍ୟାକଲରେନର ଲାଣ୍ଡୋ ନୋରିସଙ୍କଠାରୁ ତାଙ୍କୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏଠାରେ ବିଜୟ ଦ୍ୱାରା ଫର୍ମୁଲା ୱାନ ଚାମ୍ପିୟନଶିପ୍‌ରେ ସେ ତାଙ୍କ ଅଗ୍ରଣୀ ବ୍ୟବଧାନ ବୃଦ୍ଧି କରିପାରିଛନ୍ତି। ଭର୍ଷ୍ଟାପେନ୍ ପୋଲ୍ ପୋଜିଶନରୁ ତାଙ୍କ ରେସ୍ ଆରମ୍ଭ କରିଥିଲେ। ଆରମ୍ଭରେ ସେ ନୋରିସଙ୍କ ଆଗରେ ରହିଥିଲେ। କିନ୍ତୁ ରେସ୍‌ର ଅନ୍ତିମ ପର୍ଯ୍ୟାୟରେ ମ୍ୟାକଲରେନଙ୍କଠାରୁ ତାଙ୍କୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଯାହାଫଳରେ ଶେଷରେ ସେ ଏକ ସେକେଣ୍ଡରୁ କମ୍ ସମୟ ବ୍ୟବଧାନରେ ରେସ୍ ଜିତିଥିଲେ। ଚଳିତ ବର୍ଷ ଏପର୍ଯ୍ୟନ୍ତ ଅନୁଷ୍ଠିତ ହୋଇସାରିଥିବା ୭ଟି ଗ୍ରାଁ ପ୍ରି ରେସ୍‌ରେ ଗତଥରର ଚାମ୍ପିୟନଙ୍କର ଏହା ହେଉଛି ୫ମ ବିଜୟ। ଏଥି ସହିତ ସେ ତାଙ୍କର ଚତୁର୍ଥ ବିଶ୍ୱ ଟାଇଟଲ ଆଡକୁ ଅଗ୍ରସର ହୋଇଛନ୍ତି। ଚାମ୍ପିୟନଶିପ୍ ଟେବୁଲରେ ଫେରାରିର ଚାର୍ଲ୍ସ ଲେକରେକ ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରିଙ୍କୁ ପରାସ୍ତ କରି ଭର୍ଷ୍ଟାପେନ୍‌ଙ୍କ ଟିମ୍‌ମେଟ୍ ସର୍ଗିଓ ପେରେଜଙ୍କୁ ପଛରେ ପକାଇ ଦ୍ୱିତୀୟ ସ୍ଥାନ ଅଧିକାର କରିନେଇଛନ୍ତି। ରବିବାର ରେସ୍‌ରେ ତୃତୀୟରୁ ୧୦ମ ସ୍ଥାନରେ ରହିଥିବା ଅନ୍ୟ ଡ୍ରାଇଭରମାନେ ଯଥାକ୍ରମେ ହେଲେ ଚାର୍ଲ୍ସ ଲେକରେକ୍ (ଫେରାରି), ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ), କାର୍ଲୋସ ସେଞ୍ଜ ଜୁନିୟର (ଫେରାରି), ଲୁଇସ୍ ହାମିଲଟନ (ମର୍ସିଡିଜ), ଜର୍ଜ ରସେଲ (ମର୍ସିଡିଜ), ସର୍ଗିଓ ପେରେଜ (ରେଡ୍‌ବୁଲ), ଲାନ୍ସ ଷ୍ଟ୍ରୋଲ (ଆଷ୍ଟନ ମାର୍ଟିନ) ଓ ୟୁକି ଟିସୁନୋଡା (ଆର୍‌ବି)। ଚଳିତ ସଜିନର ପରବର୍ତ୍ତୀ ରେସ୍ ମେ ୨୪ରେ ମୋନାକୋରେ ହେବ।



ରାଜସ୍ଥାନ ଓ କୋଲ୍‌କାତା ଆଇପିଏଲ୍ ମ୍ୟାଚ୍ ପୂର୍ବରୁ ଶର୍ଫେନ ରଦରଫୋର୍ଡ, ଆନ୍ଦ୍ରେ ରସେଲ, ରୋଭମାନ ପାଓ୍ୱେଲ, ସିମରନ ହେଟ୍‌ମେୟର, ସୁନୀଲ ନାରିନ ଓ ୟୁଜବେନ୍ଦ୍ର ଚହଲ।






# ଗାନ୍ନା ଜିତିଲେ ୧୪ତମ ଷ୍ଟେଜ୍

**ଗିରୋ ଡି' ଇଟାଲିଆ**

**ରୋମ୍, ୧୯।୫**

ଇଟାଲୀର ଫିଲିପ୍ପୋ ଗାନ୍ନା ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ୧୪ତମ ଷ୍ଟେଜ୍‌ରେ ୨୦୨୧ ପରେ ପ୍ରଥମ ଥର ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ ଜିତିଥିବା ବେଳେ ସ୍ଲୋଭେନିଆର ଟାଡେଜ ପୋଗାକାର ତାଙ୍କ ଓଭର ଅଲ୍ ଅଗ୍ରଣୀ ବ୍ୟବଧାନ ୬୧ ସେକେଣ୍ଡ ବୃଦ୍ଧି କରିପାରିଛନ୍ତି। ବିଜୟ ଉତ୍ସବ ପାଳନ ପାଇଁ ଇନୋସ ଗ୍ରେନାଡିଅର୍ସ ରାଇଡର ଗାନ୍ନାଙ୍କୁ ୨ ଘଣ୍ଟାରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା। ପୂର୍ବରୁ ଷ୍ଟେଜ ୭ ଟାଇମ ଟ୍ରାଏଲ ବେଳେ ଗାନ୍ନାଙ୍କୁ ପରାସ୍ତ କରିଥିବା ୟୁଏଇ- ଟିମ୍ ଏମିରେଟ୍ସ ରାଇଡର ପୋଗାକାର ସ୍ଥାନୀୟ ଫେଭରାଇଟଙ୍କଠାରୁ ୨୯ ସେକେଣ୍ଡ ପଛରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଥାଇମେନ ଆରେନ୍ସମାନ ତୃତୀୟ ହୋଇଥିଲେ। ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ଦ୍ୱାରା ପୋଗାକାର ପିଙ୍କ୍ ଜର୍ସିରେ ତାଙ୍କ ସ୍ଥିତିକୁ ଅଧିକ ସୁଦୃଢ଼ କରିପାରିଛନ୍ତି। ଅନ୍ୟପକ୍ଷରେ ଇନୋସ ଗ୍ରେନାଡିଅର୍ସର ଓ୍ୱେଲ୍ସମାନ ଜରେଣ୍ଟ ଥୋମାସ କଲମ୍ବିଆନ ରାଇଡର ଡାନି ମାର୍ଟିନେଜ (ବୋରା-ହାନ୍ସଗ୍ରୋ)ଙ୍କ ଆଗରେ ଅର୍ଥାତ୍ ଓଭର ଅଲ୍ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଷ୍ଟେଜ୍ ୧୪ରେ ଜରେଣ୍ଟ ଥୋମାସ (ଗ୍ରେଟ ବ୍ରିଟେନ/ଇନୋସ ଗ୍ରେନାଡିଅର୍ସ) ଓ ଲ୍ୟୁକ୍ ପ୍ଲାପ୍ (ଅଷ୍ଟ୍ରେଲିଆ/ଜେକୋ ଅଲ୍‌ଉଲା) ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଥିଲେ।



ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ଟାଇମ୍ ଟ୍ରାଏଲ ବିଜେତା ଫିଲିପ୍ପୋ ଗାନ୍ନା।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୪ | ୯ | ୩ | ୨ | ୨୦ | +୧.୪୨୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୪ | ୮ | ୫ | ୧ | ୧୭ | +୦.୪୧୪ |
| ରାଜସ୍ଥାନ ରୟାଲ୍ସ | ୧୪ | ୮ | ୫ | ୧ | ୧୭ | +୦.୨୭୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୪ | ୭ | ୭ | ୦ | ୧୪ | +୦.୪୫୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୭ | ୭ | ୦ | ୧୪ | +୦.୩୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୭ | ୦ | ୧୪ | -୦.୩୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୪ | ୭ | ୭ | ୦ | ୧୪ | -୦.୬୬୭ |
| ଗୁଜରାଟ ଟାଇଟନ୍ସ | ୧୪ | ୫ | ୭ | ୨ | ୧୨ | -୧.୦୬୩ |
| ପଞ୍ଜାବ କିଙ୍ଗ୍ସ | ୧୪ | ୫ | ୯ | ୦ | ୧୦ | -୦.୩୫୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୪ | ୪ | ୧୦ | ୦ | ୮ | -୦.୩୧୮ |

# ନିଶାଦଙ୍କୁ ରୌପ୍ୟ, ପ୍ରୀତିଙ୍କୁ ବ୍ରୋଞ୍ଜ

**କୋବ୍, ୧୯।୫(ପି.ଟି.)**

ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ ଭାରତୀୟ ହାଇଜମ୍ପର ନିଶାଦ କୁମାର ରୌପ୍ୟ ପଦକ ହାସଲ କରିଥିବା ବେଳେ ମହିଳା ୨୦୦ ମିଟରରେ ପ୍ରୀତି ପାଲ୍ ଏକ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ଟି୪୭ ହାଇଜମ୍ପ ଫାଇନାଲରେ ଟୋକିଓ ପାରାଅଲିମ୍ପିକ୍ସ ରୌପ୍ୟ ବିଜେତା ନିଶାଦ ୧.୯୯ମିଟର କ୍ଲିୟର କରି ଦ୍ୱିତୀୟ ସ୍ଥାନ ଅଧିକାର କରି ପ୍ରତିଯୋଗିତାର ତୃତୀୟ ଦିବସରେ ଭାରତ ପାଇଁ ପ୍ରଥମ ପଦକ ଆଣିଦେଇଥିଲେ। ପ୍ରୀତି ପାଲ୍ ଟି୩୫ ମହିଳା ୨୦୦ମିଟର ଫାଇନାଲରେ ୩୦.୪୯ ସେକେଣ୍ଡ ଟାଇମିଂ ସହ ତୃତୀୟ ସ୍ଥାନ ଅଧିକାର କରି ଭାରତ ପାଇଁ ଏକ ବ୍ରୋଞ୍ଜ ଜିତିଥିଲେ। ଯେଉଁ ଆଥ୍‌ଲେଟମାନଙ୍କର ସମନ୍ୱୟ ସମ୍ପର୍କିତ ବିକାର ରହିଥିବ ସେମାନେ ଟି୩୫ କାଟେଗୋରିରେ ଭାଗ ନେଇଥାନ୍ତି। ଅନ୍ୟପକ୍ଷରେ ଦୀପ୍ତି ଦିବାଞ୍ଜି ଟି-୨୦ ମହିଳା ୪୦୦ମିଟର ହିଟ୍ ଫାଇନାଲ ଏସିଆନ ରେକର୍ଡ ଟାଇମିଂ ୫୬.୧୮ରେ ଜିତି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ